ISSN-0971-8397

# ଯୋଜନା

ଡିସେମ୍ବର ୨୦୧୭ | ବିକାଶମୂଳକ ମାସିକ ପତ୍ରିକା | ୩୦ ଟଙ୍କା

ବିଶେଷାଙ୍କ

## ଖାଉଟି ସଚେତନତା

ଖାଉଟିର ଅଧିକାର ଓ ସଚେତନତା ଏକ ନୀତିଗତ ପରିଦୃଶ୍ୟ
ଅବିନାଶ କେ. ଶ୍ରୀବାସ୍ତବ

ଭାରତରେ ଖାଉଟି ସୁରକ୍ଷାର ଭିତ୍ତି ଓ ସ୍ଥିତି
ଡି.ପି.ଏସ୍ ବର୍ମା

ଖାଉଟିର ସୁଖ ସ୍ୱାସ୍ଥ୍ୟ ଓ ଡିଜିଟାଲ ଇଣ୍ଡିଆର ସଫଳତା
ସୀତାରାମ ଦୀକ୍ଷିତ

ଖାଉଟି ସୁରକ୍ଷା ଆଇନ: ନୂଆକୁ ବାଟଛାଡୁଛି ପୁରୁଣା
ପୁଷ୍ପ ଗିରିମାଜି



ବିଶେଷ ପ୍ରବନ୍ଧ
ଖାଉଟି ବିବାଦର
ସମାଧାନ: ପଦ୍ଧତି ଓ ଭବିଷ୍ୟତ
ବି. ସି. ଗୁପ୍ତ

ଫୋକସ୍
ଆର୍ଥିକ ସେବାରେ ଖାଉଟିଙ୍କ ସଂପୃକ୍ତି: ସମସ୍ୟା ଓ ସମାଧାନ
କି.ସୁନ୍ଦରମ୍

### ବିକାଶର ନକ୍ସା

# ଭାରତ-ବାଂଲାଦେଶ ମଧ୍ୟରେ ନୂଆ ଟ୍ରେନ୍ ଚଳାଚଳ

୨୦୧୭ ନଭେମ୍ବର ୯ ତାରିଖରେ ବାଂଲାଦେଶ ଓ ଭାରତ ମଧ୍ୟରେ ଏକ ସୀମାପାର ଯାତ୍ରୀ ରେଳ ସେବା ଚଳାଚଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ବନ୍ଧନ ଏକ୍ସପ୍ରେସ୍ ନାମରେ ନାମିତ ଏହି ଟ୍ରେନ୍‌ଟି କଲକତା ଓ ବାଂଲାଦେଶର ଖୁଲନା ସହର ମଧ୍ୟରେ ଚଳାଚଳ କରିବ। ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥାରେ କଲକାତାରେ ଆୟୋଜିତ ଏହି ଉତ୍ସବରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ସାମିଲ ହୋଇଥିଲେ। ଏହି ଅବସରରେ ମଧ୍ୟ ବାଂଲାଦେଶରେ ମେଘନା ନଦୀ ଉପରେ ନିର୍ମିତ ଦ୍ୱିତୀୟ ଭୈରବ ଓ ତିତାଶ ରେଳ ସେତୁ ଉଦ୍‌ଘାଟିତ ହୋଇଥିଲା। ଏହାଛଡ଼ା ଦୁଇ ପ୍ରଧାନମନ୍ତ୍ରୀ କଲକାତାଠାରେ ଏକ ଆନ୍ତର୍ଜାତିକ ରେଳଯାତ୍ରୀ ଟର୍ମିନସ୍ ଲୋକାର୍ପିତ କରିଥିଲେ। ଏହି ଟର୍ମିନସ୍‌ରେ ପ୍ରବାସନ (ଇମିଗ୍ରେସନ) ଓ ସୀମାଶୁଳ୍କ ଅନୁମତି ବ୍ୟବସ୍ଥା ଉପଲବ୍ଧ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କ ଭାଷଣରେ କହିଥିଲେ ଯେ ମୈତ୍ରୀ ଓ ବନ୍ଧନ ଏକ୍ସପ୍ରେସର ଚଳାଚଳ ଫଳରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସମ୍ପର୍କ ଅଧିକ ସୁଦୃଢ଼ ହେବା ସହ ଉଭୟ ଦେଶର ଲୋକ ଯାତାୟତର ସୁବିଧା ଲାଭ କରିବେ। ବାଂଲାଦେଶରେ ଏକାଧିକ ବିକାଶମୂଳକ କାର୍ଯ୍ୟ ଭାରତ ହାତକୁ ନେଇ ତାହାକୁ ସଫଳତାର ସହ ସମ୍ପନ୍ନ କରିବା ସହିତ ସେ ଦେଶର ବିଶ୍ୱସ୍ତ ବନ୍ଧୁ ଓ ସହଯୋଗୀ ଭାବେ ନିଜକୁ ପ୍ରମାଣିତ କରିପାରିଛି।

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭାରତର ପ୍ରୟାସ ଓ ସହଯୋଗକୁ ପ୍ରଶଂସା କରିବା ସହ ଦୁଇ ଦେଶ ମଧ୍ୟରେ ଅଧିକ ରେଳ ସଂଯୋଗ ପ୍ରତିଷ୍ଠା କ୍ଷେତ୍ରରେ ଭାରତ ସାହାଯ୍ୟ ସହଯୋଗ କରିବ ବୋଲି ଆଶା ପ୍ରକଟ କରିଥିଲେ। ଏହି ରେଳ ସେବା ଦ୍ୱାରା ଦୁଇଦେଶର ଯାତ୍ରୀମାନେ ସୁବିଧାରେ ନିଜନିଜର ଗନ୍ତବ୍ୟକୁ ଶୀଘ୍ର ଯାଇ ପାରିବେ ଏବଂ ଦୂରତ୍ୱ ହ୍ରାସରେ ଏହା ସହାୟକ ହେବ।

୨୦୦୫ ଏପ୍ରିଲରେ କଲକାତା ଓ ଢାକା ମଧ୍ୟରେ ପ୍ରଥମ କରି ମୈତ୍ରୀ ଏକ୍ସପ୍ରେସ ଚଳାଚଳ ଆରମ୍ଭ କରିଥିଲା। ଏହାପରେ ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ଟ୍ରେନ୍ ଭାବେ ବନ୍ଧନ ଏକ୍ସପ୍ରେସ୍ ଚାଲିଲା। ଏହି ଟ୍ରେନ୍‌ଟି କଲକାତା ଓ ଖୁଲନା ମଧ୍ୟରେ ପେଟ୍ରାପୋଲ ଓ ବେନାପୋଲ ରୁଟ୍‌ରେ ସପ୍ତାହରେ ଥରେ ପ୍ରତି ଗୁରୁବାର ଚଳାଚଳ କରୁଛି। କଲକାତା ଓ ପେଟ୍ରୋପୋଲ ଷ୍ଟେସନରେ କଷ୍ଟମ ଓ ଇମିଗ୍ରେସନ୍ ଅନୁମତିର ବ୍ୟବସ୍ଥା ଉଭୟ ଦେଶ ପାଇଁ କରାଯାଇଛି। ଫଳରେ ଯାତ୍ରା ପାଇଁ ଅନୁମତି ପାଇବାରେ ଯାତ୍ରୀଙ୍କୁ ଅସୁବିଧା ଭୋଗ କରିବାକୁ ପଡ଼ିବ ନାହିଁ। ଏହା ଫଳରେ ଉଭୟ ଦେଶର ଯାତ୍ରୀମାନେ ବିଶେଷ ଉପକୃତ ହେବେ।

ଦ୍ୱିତୀୟ ଭୈରବ ସେତୁ ଓ ତିତାଶ ସେତୁ ଭାରତ ସରକାରଙ୍କ ସହାୟତାରେ ନିର୍ମିତ ହୋଇଛି। ଏହି ପ୍ରକଳ୍ପ ପାଇଁ ଭାରତ ଭିତ୍ତିଭୂମି, ଟ୍ରେନ୍ ଇଂଜିନ୍ ଓ ଡବା ମଧ୍ୟ ଯୋଗାଇ ଦେଇଛି। ଦ୍ୱିତୀୟ ଭୈରବ ସେତୁର ଲମ୍ବ ଏକ କିଲୋମିଟର। ମେଘନା ନଦୀ ଉପରେ ୭୫ନିୟୁତ ଆମେରିକୀୟ ଡଲାର ବ୍ୟୟରେ ଏହି ସେତୁ ଭାରତୀୟ ଠିକାଦାର ଓ ପରାମର୍ଶଦାତାଙ୍କ ଦ୍ୱାରା ନିର୍ମିତ। ସେହିଭଳି ପୂର୍ବବାଂଲାଦେଶର ତିତାଶ ନଦୀ ଉପରେ ନିର୍ମିତ ରେଳସେତୁ ପାଇଁ ଭାରତ ୨୫ ନିୟୁତ ଡଲାର ଖର୍ଚ୍ଚ କରିଛି। ଏହି ଦୁଇଟିଯାକ ସେତୁ ଢାକା-ଚିଟାଗଙ୍ଗ ମୁଖ୍ୟ ଟ୍ରେନ୍ ଲାଇନରେ ରହିଛି। ଏହାଫଳରେ ବାଂଲାଦେଶରେ ଟ୍ରେନ୍ ଚଳାଚଳ ବ୍ୟବସ୍ଥା ସୁଗମ ଓ କ୍ଷୀପ୍ରତର ହୋଇପାରିବ।

ଡିସେମ୍ବର ୨୦୧୭

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ଦ୍ୱିତୀୟ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ / ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୦୪ |
| ଖାଉଟିର ଅଧିକାର ଓ ସଚେତନତା: ଏକ ନୀତିଗତ ପରିଦୃଶ୍ୟ<br>*ଅବିନାଶ କେ. ଶ୍ରୀବାସ୍ତବ* | ୦୫ |
| ଭାରତରେ ଖାଉଟି ସୁରକ୍ଷାର ଭିତ୍ତି ଓ ସ୍ଥିତି<br>*ଡି.ପି.ଏସ୍ ବର୍ମା* | ୧୦ |
| ଖାଉଟିର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଡିଜିଟାଲ ଇଣ୍ଡିଆର ସଫଳତା<br>*ସୀତାରାମ ଦୀକ୍ଷିତ* | ୧୬ |
| ଖାଉଟି ସୁରକ୍ଷା ଆଇନ: ନୂଆକୁ ବାଟଛାଡୁଛି ପୁରୁଣା<br>*ପୁଷ୍ପା ଗିରିମାଜି* | ୨୨ |
| ଭାରତମାଳା: ଦେଶକୁ ଯୋଡ଼ିବାର ପ୍ରୟାସ<br>*ଜି. ରଘୁରାମ* | ୩୬ |
| 'ଇନ୍‌ଭେଷ୍ଟ ଇଣ୍ଡିଆ'-'ନ୍ୟୁ ଇଣ୍ଡିଆ'ର ଉଦାହରଣ<br>*ଅଜୟ ଶଙ୍କର* | ୪୦ |
| ଖାଉଟି ସ୍ୱାର୍ଥ ରକ୍ଷାରେ ଭାରତୀୟ ମାନକ ସଂସ୍ଥା 'ବିସ୍' | ୪୪ |
| ଖାଉଟିଙ୍କ ପାଇଁ ଜିଏସ୍‌ଟିର ଭଲମନ୍ଦ<br>*ଟି. ଏନ୍. ଅଶୋକ* | ୪୮ |
| ଗ୍ରାମାଞ୍ଚଳ ଖାଉଟିଙ୍କୁ ଶିଖାଇବାର ସମୟ<br>*ରାହୁଲ ସିଂହ* | ୫୩ |
| ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଉଟି ସୁରକ୍ଷା<br>*ଚନ୍ଦ୍ରକାନ୍ତ ଲହରିୟା* | ୫୯ |
| ଆପଣ ଜାଣନ୍ତି କି ? | ୬୩ |
| ସାମ୍ପ୍ରତିକୀ | ୬୭ |

**ଫୋକସ୍**
ଆର୍ଥିକ ସେବାରେ ଖାଉଟିଙ୍କ ସଂପୃକ୍ତି: ସମସ୍ୟା ଓ ସମାଧାନ
ଜି.ସୁନ୍ଦରମ୍: ୩୨


**ବିଶେଷ ପ୍ରବନ୍ଧ**
ଖାଉଟି ବିବାଦର ସମାଧାନ: ପଦ୍ଧତି ଓ ଭବିଷ୍ୟତ
ବି.ସି.ଗୁପ୍ତା: ୨୭

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସ ମ୍ପା ଦ କୀ ୟ



# ଖାଉଟି ହିଁ ରାଜା

ଜିନିଷ କିଣୁଥିବା ଲୋକଟି ପ୍ରଥମେ ଏହାର ମୂଲ୍ୟ ପରଖେ। ଏହା ତା'ର କ୍ରୟ ଶକ୍ତିର ଭିତରେ କି ବାହାରେ ତାହା ସେ ମୂଲ୍ୟରୁ ନିର୍ଣ୍ଣୟ କରେ। ଜିନିଷ କିଣିବା ବେଳେ ମୂଲ୍ୟ ଉପରେ ଆମେ ବିଶେଷ ଗୁରୁତ୍ୱ ଦେଉଥିବାବେଳେ ସାମଗ୍ରୀର ମାନ, ଏହା କେତେକାଳ ତିଷ୍ଠିବ ସେ ନେଇ ତାହାର ଦୃଢ଼ତା ଓ ତମାଦିକାଳ ଆଦି ବିଷୟରେ ବିଶେଷ ଧାନ ଦେଇ ନଥାଉ। ଏହି ସବୁ କଥାରୁ ଖାଉଟି ସଚେତନତା ଆରମ୍ଭ ହୁଏ। ଉପଭୋକ୍ତା ବା ଖାଉଟି ବିକ୍ରେତାଙ୍କ ଦ୍ୱାରା ନାନା ଭାବେ ଶୋଷିତ ହୋଇଥାଏ। ବିକ୍ରେତା ଅନେକ ସମୟରେ ଜିନିଷ / ଦ୍ରବ୍ୟ ସମ୍ପର୍କରେ ଅସଂପୂର୍ଣ୍ଣ କିମ୍ବା ମିଥ୍ୟା ସୂଚନା ଦେଇଥାନ୍ତି, ଓଜନ ଓ ମାନରେ ଠକିବା ସହ ଅଧିକ ଦାମ ନେଇଥାନ୍ତି। ଏଭଳି ଅସାଧୁ ବ୍ୟବସାୟ କାରବାର ଦ୍ୱାରା ଖାଉଟି ସାମୟିକ ଭାବେ କେବଳ କ୍ଷତିର ସମ୍ମୁଖୀନ ହୁଏ ନାହିଁ, ସେ ଶାରୀରିକ କ୍ଷତି ଓ ମାନସିକ ଚାପର ସମ୍ମୁଖୀନ ହୋଇଥାଏ।

ଆଜିର ତୀବ୍ର ପ୍ରତିଯୋଗିତା ଓ ବିଶ୍ୱାୟନ ଯୁଗରେ ପ୍ରତ୍ୟେକ ଉତ୍ପାଦକ ତାହାର ଲାଭ ଆଶାତୀତ ବଢ଼ାଇବାକୁ ପ୍ରୟାସୀ। ତେଣୁ ଉତ୍ପାଦକମାନେ ନିଜ ସାମଗ୍ରୀର ଭଲ ବିକ୍ରିବଟା ପାଇଁ ମନଲୋଭା ବିଜ୍ଞାପନମାନ ଦେଇ ଖାଉଟିଙ୍କୁ ବିଭ୍ରାନ୍ତ କରିବା ସହ ସେମାନଙ୍କ ସ୍ୱାର୍ଥ ପ୍ରତି ଆଖିବୁଜି ଦେଉଛନ୍ତି। ଅତଏବ ଏଭଳି ଅସାଧୁ ଓ ଅନୈତିକ ବ୍ୟବସାୟ ପରିବେଶରେ ସାମଗ୍ରୀ ବା ସେବା କିଣୁଥିବା ଗ୍ରାହକଙ୍କୁ ଅଧିକ ସଚେତନ ହୋଇ ନିଜ ସ୍ୱାର୍ଥ ସୁରକ୍ଷିତ ରଖିବାକୁ ହେବ। ଖାଉଟି ହିସାବରେ ନିଜ ଅଧିକାର ପ୍ରତି ସଚେତନ ରହି ପ୍ରଥମେ ଜିନିଷର ସର୍ବାଧିକ ବିକ୍ରି ମୂଲ୍ୟକୁ ତନଖିବାକୁ ପଡ଼ିବ। ସେହିଭଳି ସମ୍ପତ୍ତି ବା ବଡ଼ ବଡ଼ ସାମଗ୍ରୀ କିଣିବା ସମୟରେ ରାଜିନାମା ପତ୍ରର ବୈଧାନିକ ଦିଗଗୁଡ଼ିକୁ ପଢ଼ି, ବୁଝି ସେଥିରେ ଦସ୍ତଖତ କରିବା ଦରକାର। ଖାଦ୍ୟ ପଦାର୍ଥ, ତେଜରାତି ଜିନିଷ ଭଳି ସାମଗ୍ରୀ କ୍ରୟ ବେଳେ ଏହାର ତିଆରି ଓ ତମାଦି ତାରିଖକୁ ଭଲଭାବେ ପରଖିବା ସହିତ ଏଥିରେ ଥିବା ଉପାଦାନ କ'ଣ ତାହା ମଧ୍ୟ କମ୍ପାନୀର ସୂଚୀରୁ ବୁଝିବା ଦରକାର। ତା' ନହେଲେ ନିମ୍ନମାନର ସାମଗ୍ରୀ ବ୍ୟବହାର ଦ୍ୱାରା ଖାଦ୍ୟ ବିଷାକ୍ତ ହୋଇ ଖାଉଟି ଅସୁବିଧାର ସମ୍ମୁଖୀନ ହୋଇପାରେ।

ବିଭିନ୍ନ ସେବାରେ ଦିଆଯାଉଥିବା ଖାଉଟି ସଚେତନା ସଂକ୍ରାନ୍ତ ତଥ୍ୟ ଟିକେ ଅଧିକ ଜଟିଳ। ଏ ସଂକ୍ରାନ୍ତରେ ଅଧିକାଂଶ ଲୋକଙ୍କର କୌଣସି ଧାରଣା ନ ଥାଏ। ଆପଣ ଜାଣନ୍ତି କି, ହସପିଟାଲରେ ପ୍ରାୟତଃ ରୋଗୀ ଓ ସହାୟକଙ୍କଠାରୁ ଫାଙ୍କା ଫର୍ମରେ ଦସ୍ତଖତ ନିଆଯାଇଥାଏ। ଏହି ଫର୍ମରେ ଯାହାସବୁ ଲେଖାଯାଇଥାଏ ତାହାର ଭାଷା ସାଧାରଣ ଲୋକ ପକ୍ଷେ ବୁଝିବା ଅବୋଧ। ରୋଗୀ ବା ତାଙ୍କର ସହାୟକ ଚିକିତ୍ସା ପାଇଁ ଉତ୍କଣ୍ଠିତ ଓ ବିକଳ ଅବସ୍ଥାରେ ଥିବାରୁ ସେମାନେ କିଛି ନ' ପଢ଼ି ନ ବୁଝି ଫର୍ମରେ ସ୍ୱାକ୍ଷର କରିଦିଅନ୍ତି। ପରେ ଚିକିତ୍ସାରେ ତ୍ରୁଟି ବିଚ୍ୟୁତି ବା ଶୋଷଣ ହେଲେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଗଲାବେଳେ ସେତେବେଳେ ତାହା କିଛି କାମରେ ଲାଗି ନ ଥାଏ; କାରଣ ବାସ୍ତବରେ ରୋଗୀ ବା ତାଙ୍କ ସହାୟକ ଏହି ଫର୍ମରେ ସମ୍ମତି ପ୍ରଦାନ କରିବା ସର୍ତ୍ତରେ ହିଁ ସ୍ୱାକ୍ଷର କରିଥାନ୍ତି। ଆର୍ଥିକ କମ୍ପାନୀ ଦେଉଥିବା ଋଣ ଓ ବିଲଡରଙ୍କ ସହ ଘର ବିକ୍ରି ବୁଝାମଣା ତଥା ସେହିଭଳି ସଂସ୍ଥାମାନେ ମଧ୍ୟ ଆଗତୁରା ଫର୍ମ ପୂରଣ କରିନେଇ ଗ୍ରାହକଙ୍କୁ ଠକିଥାନ୍ତି। ସେ ଫର୍ମର ଭାଷା ଏଭଳି ଲେଖାଯାଇଥାଏ ଯେ ଯେଉଁଥିରୁ କୌଣସି ନିର୍ଦ୍ଦିଷ୍ଟ ଅର୍ଥ କରି ନିଜର ଦାବି ଉପସ୍ଥାପନ କରିବା ଖାଉଟି ପକ୍ଷେ କଷ୍ଟ ସାଧ୍ୟ ହୋଇଥାଏ। ବାସ୍ତବରେ ଏସବୁ ବୁଝାମଣା ବା ଚୁକ୍ତିପତ୍ର ସବୁ ଗ୍ରାହକଙ୍କୁ ଠକିବାକୁ ନିର୍ଦ୍ଦିଷ୍ଟ ଭାବେ ପ୍ରସ୍ତୁତ କରାଯାଇଥାଏ। ଏହାକୁ ପଢ଼ି ଭଲଭାବେ ନ'ବୁଝି ଏଥିରେ ଦସ୍ତଖତ କଲେ ଠକାମୀରେ ପଡ଼ିବା ନିଶ୍ଚିତ।

ଏଭଳି ସ୍ଥିତିରେ ଖାଉଟିର ଅଧିକାର ଓ ସୁରକ୍ଷା ବିଶେଷ ଗୁରୁତ୍ୱ ରଖେ। ଖାଉଟି ସୁରକ୍ଷା ଏକ ନୂଆ ବିଚାର ବା ମତବାଦ ନୁହେଁ। ଏହା ଆମ ପ୍ରାଚୀନ ଗ୍ରନ୍ଥ ଓ ନୀତି ଶାସ୍ତ୍ରରେ ଉଲ୍ଲେଖ ଅଛି ବୋଲି ପ୍ରଧାନମନ୍ତ୍ରୀ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆନ୍ତର୍ଜାତିକ ଖାଉଟି ସୁରକ୍ଷା ସମ୍ମେଳନରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ପ୍ରାୟ ୨୫୦୦ ବର୍ଷ ତଳେ କୌଟିଲ୍ୟଙ୍କ ସମୟରେ ବ୍ୟବସାୟ ବାଣିଜ୍ୟର ନୀତି କ'ଣ ହେବ ସରକାରୀ ଭାବେ ସେନେଇ ନିର୍ଦ୍ଦେଶାବଳୀ ପ୍ରଣିତ ହୋଇ ତାହା କାର୍ଯ୍ୟକାରୀ ହୋଇଥିଲା। ଏହାର ପ୍ରଥମ ଲକ୍ଷ୍ୟ ଥିଲା ଖାଉଟି ସ୍ୱାର୍ଥର ସୁରକ୍ଷା।

ଆଧୁନିକ ଭାରତରେ ୧୯୮୬ରେ ପ୍ରଣୀତ ଖାଉଟି ସୁରକ୍ଷା ଆଇନ ଫଳରେ ଦେଶରେ ଖାଉଟି ସୁରକ୍ଷା ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ଆଇନରେ ଦ୍ରବ୍ୟ ଓ ସେବା କ୍ରୟ କ୍ଷେତ୍ରରେ ଖାଉଟିର ସ୍ୱାର୍ଥ ସୁରକ୍ଷିତ କରିବାକୁ ଅନେକ ଧାରା ଉପଧାରା ରହିଲା। ଏବେ ଏହି ଆଇନର ସଂଶୋଧନ କରି ଏହାକୁ ବ୍ୟାପକ ଏବଂ ପୂର୍ଣ୍ଣାଙ୍ଗ କରିବାକୁ ଖାଉଟି ସୁରକ୍ଷା ବିଲ୍ ପ୍ରସ୍ତୁତ ହୋଇଛି ଯାହା ସଂସଦର ଶୀତକାଳୀନ ଅଧିବେଶନରେ ଆଗତ ହେବ। ଦ୍ରବ୍ୟ ଓ ସେବାର ମାନ ଏବଂ ଗୁଣବତ୍ତାକୁ ଖାଉଟିର ସ୍ୱାର୍ଥ ଅନୁକୂଳ କରିବା ସହ ସମ୍ଭାବ୍ୟ ଠକେଇ ଓ ଶୋଷଣରୁ ତାଙ୍କୁ ସୁରକ୍ଷିତ ରଖିବାକୁ ସରକାର ନାନାବିଧ ବ୍ୟବସ୍ଥା ହାତକୁ ନେଇଛନ୍ତି। ଆଇଏସ୍ଆଇ ମାର୍କ, ହଲ ମାର୍କ, ସିଲ୍କ ମାର୍କ ଓ ରେରା ଆଦି ସେଥିମଧ୍ୟରୁ ଅନ୍ୟତମ। ଜମି ଓ ଘର (ରିୟଲ ଇଷ୍ଟେଟ) କାରବାରରେ ସର୍ବାଧିକ ଠକେଇ ଓ ଶୋଷଣ ହେଉଥିବାରୁ ତାହାକୁ ନିୟନ୍ତ୍ରିତ କରିବା ପାଇଁ ପ୍ରସ୍ତୁତ ରେରା ଆଇନ ଏକ ଉଲ୍ଲେଖନୀୟ ପଦକ୍ଷେପ। ସେହିଭଳି ଡିବିଟି, ଉଜ୍ଜ୍ୱଳା ଆଦି ବ୍ୟବସ୍ଥା ଦ୍ୱାରା ସରକାର ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କ ସ୍ୱାର୍ଥ ସୁରକ୍ଷିତ କରିବାର ବ୍ୟବସ୍ଥା କରିଛନ୍ତି।

ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ବିଭିନ୍ନ ଆଇନ ଓ ଯୋଜନାମାନ ପ୍ରଣୟନ କରୁଥିବାବେଳେ ଏହାର ସର୍ବାଧିକ ଲାଭ ଉଠାଇବା ଖାଉଟିଙ୍କର ଦାୟିତ୍ୱ। ଜିନିଷପତ୍ର / ସେବା କିଣିବା ସମୟରେ ଖାଉଟିଙ୍କୁ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏହା ସତ୍ତ୍ୱେ ଠକାମିର ସମ୍ମୁଖୀନ ହେଲେ ଲୋକ ଅଦାଲତ, ଜିଲା ଖାଉଟି ମଞ୍ଚ, ରାଜ୍ୟ ଖାଉଟି ଅଦାଲତ ଓ ଜାତୀୟ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇ ଗ୍ରାହକ ନ୍ୟାୟ ହାସଲ କରିବା ଉଚିତ। ନିଜର ଅଧିକାରକୁ ସାବ୍ୟସ୍ତ କରିପାରିଲେ ଏବଂ ଅଧିକରୁ ଅଧିକ ସଚେତନ ହେଲେ ଖାଉଟି ସୁବିଧାଜନକ ସ୍ଥିତିରେ ରହିପାରିବେ। ଖାଉଟି ସୁରକ୍ଷା ଓ ସଚେତନତା ପ୍ରଥମେ ପ୍ରତ୍ୟେକ ଉପଭୋକ୍ତା ପାଖରୁ ଆରମ୍ଭ ହେବା ଉଚିତ।

# ଖାଉଟିର ଅଧିକାର ଓ ସଚେତନତା ଏକ ନୀତିଗତ ପରିଦୃଶ୍ୟ

**ଅବିନାଶ କେ. ଶ୍ରୀବାସ୍ତବ**

ରାଷ୍ଟ୍ର ଶାସନର ନିର୍ଦ୍ଦେଶାବଳୀରେ ଭାରତୀୟ ସମ୍ବିଧାନ ଲୋକ କଲ୍ୟାଣ ପାଇଁ କିଛି ନୀତି ନିର୍ଦ୍ଧାରଣ କରିଛି। ଏହା ସମ୍ପୂର୍ଣ୍ଣ ନ୍ୟାୟୋଚିତ ନ'ହେଲେ ମଧ୍ୟ ଦେଶ ଶାସନରେ ମୌଳିକ ନୀତି ଭାବେ କାର୍ଯ୍ୟ କରିଥାଏ। ତଦନୁସାରେ ସରକାର ଲୋକଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ଦେଇ ସେମାନଙ୍କ ସୁରକ୍ଷା କରିବା ସହ ସାମାଜିକ ସ୍ଥିରତା ଆଣିବାକୁ ପ୍ରଚେଷ୍ଟା କରିଥାନ୍ତି। ଏହା ବସ୍ତୁତଃ ଜାତୀୟ ଜୀବନ ଓ ପ୍ରତିଷ୍ଠାନର ଭିତ୍ତିରେ ପରିଣତ ହୋଇଛି। ଦେଶର ସମ୍ବିଧାନ କିନ୍ତୁ ବ୍ୟକ୍ତିଗତ ଅଧିକାରର ସୁରକ୍ଷା, ନିରାପତ୍ତା, ନାଗରିକଙ୍କ ମର୍ଯ୍ୟାଦା ରକ୍ଷା, ବିକାଶକୁ ପ୍ରୋତ୍ସାହିତ କରିଛି। ସେ ଦୃଷ୍ଟିରୁ ଜଣେ ଉପଭୋକ୍ତା ବା ଖାଉଟି ସବୁ ପ୍ରକାର ସୁରକ୍ଷା ଏବଂ ନିରାପତ୍ତା ପାଇବାକୁ ହକ୍‌ଦାର ଏବଂ ଏହା ଯୋଗାଇଦେବା ରାଷ୍ଟ୍ରର ଏକ ମୌଳିକ ଦାୟିତ୍ୱ।

ମୁକ୍ତ ବାଣିଜ୍ୟ ନୀତି, ସାମଗ୍ରୀର ମାନ, ଦକ୍ଷ ସେବା, ଖାଉଟିକୁ ଦ୍ରବ୍ୟ ଓ ସେବାର ମାନ, ପରିମାଣ, ଦକ୍ଷତା, ଉପାଦାନ ଓ ମୂଲ୍ୟ ସମ୍ପର୍କରେ ପର୍ଯ୍ୟାପ୍ତ ସୂଚନା ପ୍ରଦାନ କରିବା ଖାଉଟି ସୁରକ୍ଷାର ମୂଳ ତତ୍ତ୍ୱ। ଏସବୁ ବିଷୟରେ ଜାଣିପାରିଲେ ଖାଉଟି ତାହାର କ୍ରୟ ଶକ୍ତି ଅନୁସାରେ ଜିନିଷ ପସନ୍ଦ କରି କିଣିବ ଏବଂ ଠକାମିର ସମ୍ମୁଖୀନ ହେବନାହିଁ।

୧୯୮୬ରେ ପ୍ରଣିତ ଖାଉଟି ସୁରକ୍ଷା ଆଇନ ଏକ ଉଲ୍ଲେଖନୀୟ ପଦକ୍ଷେପ। ପ୍ରଥମଥର ପାଇଁ ଏଥିରେ ବିଭିନ୍ନ ଦ୍ରବ୍ୟ ଓ ସେବାକୁ ସାମିଲ କରି ଖାଉଟି ସ୍ୱାର୍ଥ ରକ୍ଷା ପାଇଁ ପ୍ରୟାସ କରାଯାଇଥିଲା। ତେବେ ଅନ୍ୟାନ୍ୟ ଆଇନ ଭଳି ଏହା ମୂଳତଃ ଦଣ୍ଡନୀୟ କିମ୍ବା ନିବାରଣମୂଳକ ନଥିଲା। ଏଥିରେ କ୍ଷତି ପାଇଁ ଖାଉଟିକୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ଥିଲା।

ଖାଉଟି ସୁରକ୍ଷା ଆଇନର ଧାରା ୬ ଅନୁସାରେ ଖାଉଟିକୁ ଛ'ଟି ମୌଳିକ ଅଧିକାର ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବାର ବ୍ୟବସ୍ଥା କରିବାକୁ ହେବ। ସେହି ଅଧିକାରଗୁଡ଼ିକ ହେଲା - ୧) ନିରାପତ୍ତା ଅଧିକାର, ୨) ସୂଚନା ପାଇବାର ଅଧିକାର, ୩) ପସନ୍ଦ କରିବାର ଅଧିକାର, ୪) ଅଭିଯୋଗ ଶୁଣାଣିର ଅଧିକାର, ୫) ପ୍ରତିବିଧାନ ବା ଆପତ୍ତି ଅପନୋଦନର ଅଧିକାର ଏବଂ ୬) ଆବଶ୍ୟକ ଶିକ୍ଷା ଓ ସଚେତନା ଅଧିକାର। ଏସବୁର ସୁବନ୍ଦୋବସ୍ତ କରାଗଲେ ଏବଂ ଖାଉଟି ଶିକ୍ଷିତ ତଥା ସଚେତନ ହେଲେ ସେ ଠକାମିର ସମ୍ମୁଖୀନ ହେବ ନାହିଁ ଏବଂ ଶୋଷଣରୁ ସୁରକ୍ଷିତ ହୋଇପାରିବ। ଏହା ଦ୍ୱାରା ମଧ୍ୟ ଅସାଧୁ ବ୍ୟବସାୟ ଏବଂ ନିମ୍ନମାନର ଜିନିଷ ବିକ୍ରିକୁ ନିୟନ୍ତ୍ରିତ କରି ହେବ।

ସେହିଭଳି ଆଇନରେ ଏକ ତ୍ରିସ୍ତରୀୟ ଆପତ୍ତି ଅଭିଯୋଗ ନିରାକରଣ ବ୍ୟବସ୍ଥା ରହିଛି। ଦେୱାନୀ ଅଦାଲତ ଢାଞ୍ଚାରେ ଖାଉଟି ଅଦାଲତମାନ ପ୍ରତିଷ୍ଠା କରାଯାଇ ଖାଉଟିଙ୍କୁ ସୁରକ୍ଷା ଓ ନିରାପତ୍ତାର ଆଇନଗତ ଅଧିକାର ଦିଆଯାଇଛି। କୌଣସି ଖାଉଟିଠାରୁ ଧାର୍ଯ୍ୟ ମୂଲ୍ୟରୁ ଅଧିକ ଦେୟ ଆଦାୟ, ତ୍ରୁଟିପୂର୍ଣ୍ଣ, ନକଲି ଏବଂ ବିପଜ୍ଜନକ ସାମଗ୍ରୀ ବିକ୍ରୟ ଆଦି କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତି ଖାଉଟି ଅଦାଲତକୁ ଯାଇ କ୍ଷତିପୂରଣ, ନ୍ୟାୟ ପାଇବାର ବ୍ୟବସ୍ଥା ରହିଛି। ଏକ ମୁକ୍ତ ବଜାର ଅର୍ଥନୀତି ଶିକ୍ଷିତ, ସଚେତନ ଖାଉଟିଙ୍କ ଦ୍ୱାରା ସଫଳତାର ସହ କାର୍ଯ୍ୟ କରେ। ଏଥିରେ ଖାଉଟି ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଉତ୍ପାଦକ ଓ ଉପଭୋକ୍ତାଙ୍କ ମଧ୍ୟରେ ଭାରସାମ୍ୟ ରକ୍ଷା କରେ। ଖାଉଟି ଶିକ୍ଷା ଓ





ସଚେତନତା ବଳରେ ଲୋକ ଜିନିଷପତ୍ର କିଣିବାରେ ଉପଯୁକ୍ତ ପସନ୍ଦ କରିବାର ସୁଯୋଗ ପାଇଥାଏ। ଏହା ଫଳରେ ସେ ବ୍ୟାବସାୟିକ ଠକେଇ ଓ ଶଠତାରୁ ସୁରକ୍ଷିତ ରହେ। ମହିଳା, ଶିଶୁ ଛାତ୍ରଛାତ୍ରୀ, ଚାଷୀ, ଶ୍ରମିକ ଦୁର୍ବଳ ଶ୍ରେଣୀର ଲୋକ ଏବଂ ଗ୍ରାମାଞ୍ଚଳ ଲୋକ ସରଳ ସ୍ୱଭାବର ହୋଇଥିବାରୁ ଏବଂ ସେମାନଙ୍କୁ ଅନେକ କଥା ଜଣା ନ ଥିବାରୁ ସେମାନେ ଜିନିଷପତ୍ର କିଣିବା ସମୟରେ ଠକାମିର ସମ୍ମୁଖୀନ ହେବା ସମ୍ଭାବନା ଅଧିକ। ଅତଏବ ଏହି ବର୍ଗର ଲୋକଙ୍କୁ ଖାଉଟି ଶିକ୍ଷା ମାଧ୍ୟମରେ ସଚେତନ କରିବା ଏକ ବଡ଼ ଦାୟିତ୍ୱ। ଲୋକେ ସଚେତନ ନ' ହେଲେ ଏବଂ ସେମାନଙ୍କ ପାଖରେ ତଥ୍ୟର ଅଭାବ ରହିଲେ ଆଇନ ସତ୍ତ୍ୱେ ସେମାନେ ସୁରକ୍ଷିତ ହୋଇପାରିବେ ନାହିଁ।

ଭାରତ ଏକ ବିରାଟ ଦେଶ ଓ ଏଠାରେ ୧୨୫ କୋଟି ଲୋକ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳ ବାସିନ୍ଦା। ତେଣୁ ଖାଉଟିଙ୍କୁ ସଚେତନ କରିବା ପାଇଁ ସରକାର ବିବିଧ ଗଣମାଧ୍ୟମର ଉପଯୋଗ କରିଆସୁଛନ୍ତି। ବିଭିନ୍ନ ବିଷୟରେ ସେମାନଙ୍କୁ ସଚେତନ ଓ ଶିକ୍ଷିତ କରାଯାଉଛି। ଏବେ ଚାଲିଥିବା 'ଜାଗୋ ଗ୍ରାହକ ଜାଗୋ' ଘରେ ଘରେ ପରିଚିତ ଏକ ଖାଉଟି ସଚେତନତା ଅଭିଯାନ। ନିକଟ ଅତୀତରେ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଓ ପ୍ରତିଷ୍ଠାନ ପକ୍ଷରୁ ମିଳିତ ଭାବେ ଗ୍ରାହକ ସଚେତନା ଅଭିଯାନ ଦେଶବ୍ୟାପୀ ଚାଲିଛି। ଉଦାହରଣ ସ୍ୱରୂପ ଖାଦ୍ୟ, ଆର୍ଥିକ ସେବା, ଔଷଧ ଓ ପ୍ରସାଧନ ଆଦି ପାଇଁ ରିଜର୍ଭ ବ୍ୟାଙ୍କ, ଖାଦ୍ୟ ନିରାପତ୍ତା ମାନକ ପ୍ରତିଷ୍ଠାନ ଓ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ ନିଜ ନିଜର ସଂପୃକ୍ତ ବିଭାଗ ଓ ସଂସ୍ଥା ସହ ମିଶି ପ୍ରଚାର ଅଭିଯାନ ଚଳାଇଛନ୍ତି। ଭାରତ ସରକାରଙ୍କ ଦୃଶ୍ୟ ପ୍ରଚାର ନିର୍ଦ୍ଦେଶାଳୟ ଦ୍ୱାରା ଟେଲିଭିଜନ, ରେଡିଓ ଓ ମୁଦ୍ରିତ ଗଣମାଧ୍ୟମରେ ମଧ୍ୟ ଏହି ଅଭିଯାନ ଚାଲିଛି। ଗ୍ରାମାଞ୍ଚଳର ବିଭିନ୍ନ ବଡ଼ ମେଳା, ଯାତ୍ରା ବା ଉତ୍ସବାନୁଷ୍ଠାନରେ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ ପ୍ରଚାର ଅଭିଯାନ କରାଯାଉଛି। ବିଭିନ୍ନ ରାଜ୍ୟ ସରକାର ମଧ୍ୟ ଏ ଦିଗରେ ଉଦ୍ୟମ ଜାରିରଖିଛନ୍ତି।

ଆମେ ସମସ୍ତ ଖାଉଟି। ଆଜିର ଖାଉଟି ଦ୍ରୁତ ଗତିରେ ବଦଳୁଛି। ସଭ୍ୟତାର କ୍ରମ ବିକାଶ, ନୂଆ ସାମାଜିକ, ଆର୍ଥିକ ଓ ବୈଷୟିକ ବ୍ୟବସ୍ଥା, ନୂତନ ସାମଗ୍ରୀ ଓ ସେବାର ପ୍ରବର୍ତ୍ତନ, ବିଭିନ୍ନ ସ୍ଥାନକୁ ଲୋକଙ୍କ ଗଣ ଆତଯାତ ଓ ନୂଆ କ୍ରୟ ବ୍ୟବସ୍ଥା ଆଦି ଯୋଗୁଁ ଖାଉଟିଙ୍କ ବ୍ୟବହାର ଓ ସଂସ୍କୃତି ବଦଳିଛି। ଏ କ୍ଷେତ୍ରରେ ଖାଉଟି ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି ବିଭିନ୍ନ ପ୍ରକାର ଆଧୁନିକ ସାମଗ୍ରୀ ଓ ସେବାର ଉଦ୍ଭାବନ ତଥା ପ୍ରଚଳନ। ଖାଉଟି ଆଗରେ ଏତେ ବିକଳ୍ପ ରହୁଛି ଯେ ସେ ବେଳେବେଳେ ଉପଯୁକ୍ତ ନିଷ୍ପତ୍ତି ନେବାରେ ଭୁଲ କରୁଛି। ଫଳରେ ଠକିବା ସମ୍ଭାବନା ବଢ଼ିଯାଇଛି। ବିଜ୍ଞାପନର ପ୍ରଭାବ, ଦେଖାଶିଖା ନୀତି, ପ୍ରତୀକାତ୍ମକ ପ୍ରଭାବ ଯୋଗୁଁ ଖାଉଟି ବିଭ୍ରାନ୍ତ ହୋଇ ଦ୍ରବ୍ୟ ବା ସେବାର ଉଚିତ ପସନ୍ଦ କରିପାରୁନାହିଁ।

ପ୍ରାଚୀନ ଭାରତରୁ ଏଯାବତ ଦେଶରେ ବଜାର ନିୟନ୍ତ୍ରଣ ଓ ସାମଗ୍ରୀର ଗୁଣମାନ ନିରୀକ୍ଷଣ, ତଦାରଖ ପାଇଁ ବ୍ୟବସ୍ଥା ମାନ ରହିଆସିଛି। ସ୍ୱାଧୀନତା ପରେ ଏ କ୍ଷେତ୍ରରେ ସରକାର ବିଭିନ୍ନ ବୈଧାନିକ ଓ ଆନୁଷ୍ଠାନିକ ପଦକ୍ଷେପ ଗ୍ରହଣ କରିଛନ୍ତି। ମାପ ଓ ଓଜନ ବ୍ୟବସ୍ଥା ସେଥି ମଧ୍ୟରୁ ଅନ୍ୟତମ। ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ସହିତ ଭାରତରେ ନୂଆ ମାପ ଓ ଓଜନ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ବଟକରା, ପଲା ସ୍ଥାନରେ ଇଲେକଟ୍ରୋନିକ ଓଜନ ଯନ୍ତ୍ର ବ୍ୟବହୃତ ହେଉଛି। ମାନକ ମାପ ଓଜନ ବ୍ୟବସ୍ଥା ସହ ଆନ୍ତର୍ଜାତିକ ମାନକକୁ ଅନୁସରଣ କରାଯାଉଛି। ହେଲେ ଏସବୁର ନିୟମିତ ତଦାରଖ ଓ ନିରୀକ୍ଷଣ ନ'ହେଲେ ଖାଉଟି ଠକାମିର ସମ୍ମୁଖୀନ ହେବା ସମ୍ଭାବନା ଅଧିକ। ଏଥିପାଇଁ ନ୍ୟାୟିକ ମାପ ଓଜନ ବ୍ୟବସ୍ଥାର ସୁଦୃଢ଼ୀକରଣ ଲୋଡ଼ା। ଏ କ୍ଷେତ୍ରରେ ରାଜ୍ୟ ସମୂହଙ୍କର ଦାୟିତ୍ୱ ଅଧିକ।



ସାମଗ୍ରୀ / ସେବା ବିଷୟରେ ଭଲ ଭାବେ ଅବଗତ ହେବା ପାଇଁ ମଧ୍ୟ ତା ପାଖରେ ସୁଯୋଗ ସୁବିଧାର ଅଭାବ ରହୁଛି । ବେପାରରେ ଅସାଧୁତା ଓ ଠକାମି ଏକ ସାଧାରଣ କଥା । ତେଣୁ ଉତ୍ପାଦକ ଓ ବ୍ୟବସାୟୀ ଏହାର ସୁଯୋଗ ନିଅନ୍ତି । ଅତଏବ ଖାଉଟି ସୁରକ୍ଷା ପାଇଁ ବଜାର ନିୟନ୍ତ୍ରଣ, ଦ୍ରବ୍ୟ ଓ ସେବାର ମାନନିୟନ୍ତ୍ରଣ ସହିତ କେତେକ ଆଇନଗତ ଦୃଢ଼ ପଦକ୍ଷେପର ଜରୁରୀ ଆବଶ୍ୟକତା ରହିଛି । ଏହା ଫଳରେ ନିମ୍ନମାନର ସାମଗ୍ରୀ ବା ନକଲି ଜିନିଷ ବଜାରକୁ ଆସିପାରିବ ନାହିଁ କିମ୍ବା ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦାମରେ ବିକ୍ରି ହୋଇ ପାରିବ ନାହିଁ । ଖାଉଟି ସୁରକ୍ଷା ଆଇନର ପ୍ରବର୍ତ୍ତନ ଫଳରେ ଭାରତରେ ଏସବୁର ଆଇନଗତ ବ୍ୟବସ୍ଥା ହୋଇ ତାହା କାର୍ଯ୍ୟକାରୀ ହେଉଛି । ତଥାପି ଏହି ନିୟନ୍ତ୍ରଣ ଓ ନିୟାମକ ବ୍ୟବସ୍ଥା ଖାଉଟିଙ୍କ ସ୍ୱାର୍ଥ ରକ୍ଷାରେ ସମ୍ପୂର୍ଣ୍ଣ ସଫଳ ହୋଇପାରୁନାହିଁ । ଏସବୁକୁ ଦୃଷ୍ଟିରେ ରଖି ସରକାର ୧୯୮୬ ଖାଉଟି ସୁରକ୍ଷା ଆଇନରେ ଆବଶ୍ୟକ ସଂଶୋଧନ ଆଣି ଏହାକୁ ଅଧିକ ପ୍ରଭାବଶାଳୀ ଓ ଦକ୍ଷ କରିବାକୁ ପଦକ୍ଷେପ ନେଇଛନ୍ତି । ତିରିଶ ବର୍ଷର ଏହି ପୁରୁଣା ଆଇନର ପରିବର୍ତ୍ତନ କରିବାକୁ ୨୦୧୫ରେ ଏକ ନୂଆ ବିଲ୍ ପ୍ରସ୍ତୁତ ହୋଇଥିଲା, ଯାହା ଆବଶ୍ୟକ ତଦାରଖ ପରେ ଆଇନରେ ପରିଣତ ହେବାକୁ ଯାଉଛି । ଏଥି ସହିତ ୨୦୧୬ରେ ଏକ ନୂଆ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ୍ସ ଆଇନ ପ୍ରଣିତ ହୋଇ ଏହାର କାର୍ଯ୍ୟକାରିତା ଦିଗରେ ମଧ୍ୟ ପ୍ରୟାସ ଜାରି ରହିଛି ।

ଖାଉଟି ସୁରକ୍ଷା ବିଲ୍‌ର ପ୍ରମୁଖ ବିଷୟବସ୍ତୁ ମଧ୍ୟରେ ରହିଛି ଏକ କେନ୍ଦ୍ରୀୟ ଖାଉଟି ସୁରକ୍ଷା ପ୍ରାଧିକରଣ ଗଠନ ନିଷ୍ପତ୍ତି ଯାହା କାର୍ଯ୍ୟନିର୍ବାହୀ ସର୍ବୋଚ୍ଚ ସଂସ୍ଥା ଭାବେ କାର୍ଯ୍ୟ କରିବ । ଏହାକୁ ବିପୁଳ କ୍ଷମତା ପ୍ରଦାନ କରାଯାଇଛି । ସେହିଭଳି ସାମଗ୍ରୀ ବା ଦ୍ରବ୍ୟ ପାଇଁ ଉତ୍ପାଦନକୁ ଉତ୍ତରଦାୟୀ କରାଯାଇଛି । ଦ୍ରବ୍ୟର ଗୁଣ, ମାନ, ମୂଲ୍ୟ ଓ ତ୍ରୁଟି ବିଚ୍ୟୁତି ପାଇଁ ଖାଉଟି କ୍ଷତିଗ୍ରସ୍ତ ହେଲେ ନିର୍ମାତା, ବିକ୍ରେତା ଦୋଷୀ ସାବ୍ୟସ୍ତ ହେବା ସହ ଖାଉଟିଙ୍କୁ କ୍ଷତିପୂରଣ ଦେବାକୁ ବାଧ୍ୟ ହେବେ । ସେହିଭଳି ବିଲ୍‌ରେ ମଧ୍ୟସ୍ଥତାକୁ ଏକ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଭାବେ ମାନ୍ୟତା ଦିଆଯାଇଛି । ଏକ ନୂଆ ଆଇନ ଆଣି ମଧ୍ୟସ୍ଥତା ଭିତ୍ତିରେ ସ୍ୱଳ୍ପ ଖର୍ଚ୍ଚରେ କମ୍ ସମୟରେ ଖାଉଟିର ଆପତ୍ତି ଅଭିଯୋଗ ଶୁଣି ତାକୁ ତୁରନ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି । ଏହାଛଡ଼ା ଖାଉଟି ବିବାଦର ସମାଧାନ ଓ ଖାଉଟି ସୁରକ୍ଷା ପାଇଁ ବିଲ୍‌ରେ ଆହୁରି ଅନେକ ବ୍ୟବସ୍ଥା ରହିଛି ଯାହାର ଲକ୍ଷ୍ୟ ହେଲା ଖାଉଟିଙ୍କୁ ସୁରକ୍ଷିତ କରିବା ଏବଂ ସେ କ୍ଷତିଗ୍ରସ୍ତ ହେଲେ ଯଥାଶୀଘ୍ର ତାକୁ ନ୍ୟାୟ ଓ କ୍ଷତିପୂରଣ ଦେବା ।



ସବୁ ଶିଳ୍ପୋନ୍ନତ ଦେଶରେ ସାମଗ୍ରୀ ଓ ସେବାର ମାନ ତଦାରଖ କରିବାକୁ ସରକାରୀ ପ୍ରତିଷ୍ଠାନ ମାନ ରହିଛି ଏବଂ ଏଥିପାଇଁ ସେସବୁ ଉତ୍ତରଦାୟୀ । ଏହି ସବୁ ସଂସ୍ଥା ଉଦାହରଣୀୟ ପଦକ୍ଷେପ ନେଇ ଦେଶର ଉତ୍ପାଦିତ ସାମଗ୍ରୀର ଗୁଣମାନକୁ ବଜାୟ ରଖିବା ସହ ଏହାର ଚାହିଦା ଓ ବିଶ୍ୱସନୀୟତାକୁ ପ୍ରୋତ୍ସାହିତ କରିଥାନ୍ତି । ଫଳରେ ଦେଶର

ଅର୍ଥନୈତିକ ଓ ସାମାଜିକ ସ୍ୱାର୍ଥ ସୁରକ୍ଷିତ ରହିଥାଏ। ଭାରତ ଏଥିରୁ ଭିନ୍ନ ନୁହେଁ। ପ୍ରାଚୀନ ଭାରତରୁ ଏଯାବତ ଦେଶରେ ବଜାର ନିୟନ୍ତ୍ରଣ ଓ ସାମଗ୍ରୀର ଗୁଣମାନ ନିରୀକ୍ଷଣ, ତଦାରଖ ପାଇଁ ବ୍ୟବସ୍ଥା ମାନ ରହିଆସିଛି। ସ୍ୱାଧୀନତା ପରେ ଏ କ୍ଷେତ୍ରରେ ସରକାର ବିଭିନ୍ନ ବୈଧାନିକ ଓ ଆନୁଷ୍ଠାନିକ ପଦକ୍ଷେପ ଗ୍ରହଣ କରିଛନ୍ତି। ମାପ ଓ ଓଜନ ବ୍ୟବସ୍ଥା ସେଥି ମଧ୍ୟରୁ ଅନ୍ୟତମ। ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ସହିତ ଭାରତରେ ନୂଆ ମାପ ଓ ଓଜନ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ବଟକରା, ପଲା ସ୍ଥାନରେ ଇଲେକଟ୍ରୋନିକ ଓଜନ ଯନ୍ତ୍ର ବ୍ୟବହୃତ ହେଉଛି। ମାନକ ମାପ ଓଜନ ବ୍ୟବସ୍ଥା ସହ ଆନ୍ତର୍ଜାତିକ ମାନକକୁ ଅନୁସରଣ କରାଯାଉଛି। ହେଲେ ଏସବୁର ନିୟମିତ ତଦାରଖ ଓ ନିରୀକ୍ଷଣ ନ'ହେଲେ ଖାଉଟି ଠକାମିର ସମ୍ମୁଖୀନ ହେବା ସମ୍ଭାବନା ଅଧିକ। ଏଥିପାଇଁ ନ୍ୟାୟିକ ମାପ ଓଜନ ବ୍ୟବସ୍ଥାର ସୁଦୃଢ଼ୀକରଣ ଲୋଡ଼ା। ଏ କ୍ଷେତ୍ରରେ ରାଜ୍ୟ ସମୂହଙ୍କର ଦାୟିତ୍ୱ ଅଧିକ। ଲିଗାଲ ମେଟ୍ରୋଲୋଜି (ମାପ ଓଜନ) ବ୍ୟବସ୍ଥାକୁ ସୁସଂହତ କରିବାକୁ ଅହମଦାବାଦ, ଭୁବନେଶ୍ୱର, ବେଙ୍ଗାଲୁରୁ, ଫରିଦାବାଦ, ଗୁଆହାଟି, ନାଗପୁର ଓ ବାରାଣସୀରେ ସାତଟି ଆଞ୍ଚଳିକ ରେଫରେନ୍ସ ଷ୍ଟାଣ୍ଡାର୍ଡ ଲାବୋରେଟରି ସ୍ଥାପନ କରାଯାଇଛି। ଏସବୁ ସଂସ୍ଥା ନିଜ ଅଞ୍ଚଳରେ ଆବଶ୍ୟକ ସେବା ଓ ପରାମର୍ଶ ଯୋଗାଉଛନ୍ତି।



ଆପତ୍ତି ଅଭିଯୋଗର ଶୁଣାଣି ଓ ସମାଧାନ ପାଇଁ ସରକାର ଖାଉଟିଙ୍କୁ ବିକଳ୍ପ ମାଧ୍ୟମ ଯୋଗାଇ ଦେଇଛନ୍ତି। ଏଥିପାଇଁ ଭାରତ ସରକାର ଏକ ଜାତୀୟ ଖାଉଟି ହେଲ୍ପ୍ ଲାଇନ୍ (ଏନ୍‌ସିଏଚ୍) ଖୋଲିଛନ୍ତି। ଏହାର ଟୋଲଫ୍ରି ନମ୍ବର ହେଲା ୧୮୦୦-୧୧-୪୦୦୦ କିମ୍ବା ୧୪୪୦୪। ଏହା ଖାଉଟିଙ୍କୁ ଆବଶ୍ୟକ ପରାମର୍ଶ, ସୂଚନା ଓ ଦିଗଦର୍ଶନ ଦେଇ ସଶକ୍ତ କରାଉଛି। ଏହା ମଧ୍ୟ ବ୍ୟବସାୟୀ ଓ ଉତ୍ପାଦକଙ୍କୁ ଉଚିତ ବ୍ୟାପାର ନୀତି ପାଳନ କରିବାକୁ ବାଧ୍ୟ କରୁଛି।



ପ୍ରାୟ ୩୨୫ଟି କମ୍ପାନୀ ସହ ଏନ୍‌ସିଏଚ୍‌ର ସହଯୋଗ ରହିଛି। ଏନ୍‌ସିଏଚ୍ ଅଭିଯୋଗ ପାଇଲେ ତାହାକୁ ସଂପୃକ୍ତ କମ୍ପାନୀଙ୍କୁ ଅନ୍‌ଲାଇନ୍‌ରେ ଜଣାଇ ସମାଧାନ ବ୍ୟବସ୍ଥା କରିଥାଏ।

ଖାଉଟିଙ୍କ ସ୍ୱାର୍ଥ ରକ୍ଷା ତଥା ଆପତ୍ତି ଅଭିଯୋଗ ବୁଝିବାକୁ ଆହୁରି ଅନେକ ବ୍ୟବସ୍ଥା ରହିଛି। ସେଗୁଡ଼ିକ ହେଲା ସମନ୍ୱିତ ଅଭିଯୋଗ ସମାଧାନ ବ୍ୟବସ୍ଥା (ଇନ୍‌ଗ୍ରାମ), ରାଜ୍ୟ ଖାଉଟି ହେଲ୍‌ପଲାଇନ, ସ୍ମାର୍ଟ ଖାଉଟି ଆବେଦନ ବ୍ୟବସ୍ଥା, ବିଭ୍ରାନ୍ତିକର ବିଜ୍ଞାପନ ବିରୋଧରେ ଆବେଦନ ବ୍ୟବସ୍ଥା ବା 'ଗାମା', ଅନ୍‌ଲାଇନ ବିବାଦ ସମାଧାନ ବ୍ୟବସ୍ଥା, ଅନ୍‌ଲାଇନ୍ ଖାଉଟି ସମୁଦାୟ ଓ ଇଣ୍ଟରନେଟ୍ ନିରାପତ୍ତା ସଂକ୍ରାନ୍ତ ଅଭିଯାନ। ଏ ସମସ୍ତ ବ୍ୟବସ୍ଥାରେ ଅନ୍‌ଲାଇନ୍ ସେବା, ପୋର୍ଟାଲ ଓ ଟୋଲ୍ ଫ୍ରି ନମ୍ବର ଆଦିର ସୁବିଧା ଖାଉଟିଙ୍କ ପାଇଁ ରହିଛି। ଜାତୀୟ ଖାଉଟି ହେଲ୍‌ପଲାଇନ୍ ପକ୍ଷରୁ ଏକ ପାଞ୍ଚଟିକିଆ କୋଡ୍- ୧୪୪୦୪ ଏଥିପାଇଁ ଜାରି କରାଯାଇଛି।

ସ୍ମାର୍ଟ ଗ୍ରାହକମାନେ ଦ୍ରବ୍ୟ / ସାମଗ୍ରୀର ବାରକୋଡ୍‌କୁ ସ୍କାନ୍ କରି ସମସ୍ତ ସବିଶେଷ ତଥ୍ୟ ପାଇପାରିବେ। ଅନ୍‌ଲାଇନ୍ ମଧ୍ୟସ୍ଥତା ପାଇଁ ବେଙ୍ଗାଲୁରୁସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ଏକ କେନ୍ଦ୍ର ଖୋଲାଯାଇଛି। କେନ୍ଦ୍ର

ଖାଉଟି ସୁରକ୍ଷା ବିଲ୍‌ର ପ୍ରମୁଖ ବିଷୟବସ୍ତୁ ମଧ୍ୟରେ ରହିଛି ଏକ କେନ୍ଦ୍ରୀୟ ଖାଉଟି ସୁରକ୍ଷା ପ୍ରାଧିକରଣ ଗଠନ ନିଷ୍ପତ୍ତି ଯାହା କାର୍ଯ୍ୟନିର୍ବାହୀ ସର୍ବୋଚ୍ଚ ସଂସ୍ଥା ଭାବେ କାର୍ଯ୍ୟ କରିବ। ଏହାକୁ ବିପୁଳ କ୍ଷମତା ପ୍ରଦାନ କରାଯାଇଛି। ସେହିଭଳି ସାମଗ୍ରୀ ବା ଦ୍ରବ୍ୟ ପାଇଁ ଉତ୍ପାଦନକୁ ଉତ୍ତରଦାୟୀ କରାଯାଇଛି। ଦ୍ରବ୍ୟର ଗୁଣ, ମାନ, ମୂଲ୍ୟ ଓ ତ୍ରୁଟି ବିଚ୍ୟୁତି ପାଇଁ ଖାଉଟି କ୍ଷତିଗ୍ରସ୍ତ ହେଲେ ନିର୍ମାତା, ବିକ୍ରେତା ଦୋଷୀ ସାବ୍ୟସ୍ତ ହେବା ସହ ଖାଉଟିଙ୍କୁ କ୍ଷତିପୂରଣ ଦେବାକୁ ବାଧ୍ୟ ହେବେ। ସେହିଭଳି ବିଲ୍‌ରେ ମଧ୍ୟସ୍ଥତାକୁ ଏକ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଭାବେ ମାନ୍ୟତା ଦିଆଯାଇଛି। ଏକ ନୂଆ ଆଇନ ଆଣି ମଧ୍ୟସ୍ଥତା ଭିତ୍ତିରେ ସ୍ୱଳ୍ପ ଖର୍ଚ୍ଚରେ କମ୍ ସମୟରେ ଖାଉଟିର ଆପତ୍ତି ଅଭିଯୋଗ ଶୁଣି ତାକୁ ତୁରନ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ଏହାଛଡ଼ା ଖାଉଟି ବିବାଦର ସମାଧାନ ଓ ଖାଉଟି ସୁରକ୍ଷା ପାଇଁ ବିଲ୍‌ରେ ଆହୁରି ଅନେକ ବ୍ୟବସ୍ଥା ରହିଛି ଯାହାର ଲକ୍ଷ୍ୟ ହେଲା ଖାଉଟିଙ୍କୁ ସୁରକ୍ଷିତ କରିବା ଏବଂ ସେ କ୍ଷତିଗ୍ରସ୍ତ ହେଲେ ଯଥାଶୀଘ୍ର ତାକୁ ନ୍ୟାୟ ଓ କ୍ଷତିପୂରଣ ଦେବା।

ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ତ୍ୱରିତ ଶୁଣାଣି କରାଯାଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉଛି। ବ୍ୟକ୍ତିଗତ ଭାବେ ଏହି କେନ୍ଦ୍ରକୁ ଆସୁଥିବା ଖାଉଟିଙ୍କୁ ମଧ୍ୟ ନ୍ୟାୟ ମିଳୁଛି।

ଖାଉଟିଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ଭାରତରେ ଅନେକ ଆଇନ ରହିଛି। ସେଗୁଡ଼ିକ ମଧ୍ୟରେ ଭାରତୀୟ ପିଙ୍ଗଳ ଆଇନ-୧୮୬୦, ଭାରତୀୟ ଠିକା ଆଇନ- ୧୮୭୨, ଔଷଧ ନିୟନ୍ତ୍ରଣ ଆଇନ-୧୯୫୦, ଶିଳ୍ପ ଆଇନ (ବିକାଶ ଓ ନିୟନ୍ତ୍ରଣ)-୧୯୫୧, ଆଇଏସ୍ଆଇ (ପ୍ରମାଣନ) ଆଇନ ୧୯୫୨, ଆପତ୍ତିଜନକ ବିଜ୍ଞାପନ (ଔଷଧ ଓ କିମିଆ) ପ୍ରତିକାର ଆଇନ ୧୯୫୪, ଖାଦ୍ୟମାନ ଓ ନିରାପତ୍ତା ଆଇନ, ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ୧୯୫୫। ବ୍ୟବସାୟ ଓ ସାମଗ୍ରୀ ଚିହ୍ନାଙ୍କନ ଆଇନ - ୧୯୫୮, ଭଡ଼ା ଓ କ୍ରୟ ଆଇନ-୧୯୭୨, ସିଗାରେଟ୍ ଉତ୍ପାଦନ ଓ ବିକ୍ରିବଟା ନିୟନ୍ତ୍ରଣ ଆଇନ-୧୯୭୫, ଅତ୍ୟାବଶ୍ୟକ ଦ୍ରବ୍ୟ କଳାବଜାର ଓ ମହଜୁଦ ବିରୋଧୀ ଆଇନ-୧୯୮୦, ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ-୧୯୮୦, ମାପ ଓ ଓଜନ ଆଇନ-୨୦୦୯, ନିଶା ଔଷଧ ଓ ମାନକଦ୍ରବ୍ୟ ନିୟନ୍ତ୍ରଣ ଆଇନ ୧୯୮୫ ଆଦି ଅନ୍ୟତମ। ଏସବୁ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। କୌଣସି ସାମଗ୍ରୀର 'ମାନ' ହିଁ ତାହାର ଉତ୍କର୍ଷକୁ ଦର୍ଶାଏ। ଏଥିରେ ବ୍ୟତିକ୍ରମର ଅର୍ଥ ସାମଗ୍ରୀ / ସେବାର ମାନହାନି ଓ ଖାଉଟିଙ୍କୁ ଠକିବା ସହ ସମାନ। ତେଣୁ ମାନ ରକ୍ଷା ପାଇଁ ସରକାର ବିଭିନ୍ନ ସଂରଚନା ପ୍ରସ୍ତୁତ କରିଛନ୍ତି। ଜିନିଷର ଗୁଣବତ୍ତାକୁ ପରୀକ୍ଷା ନିରୀକ୍ଷା କରି ଏହାର ବିକ୍ରିବଟା ପାଇଁ ପ୍ରମାଣପତ୍ର ଓ ଅନୁମତି ଆଦି ପ୍ରଦାନ କରାଯାଉଛି। ନୀତି ନିୟମ ଓ ବ୍ୟବସ୍ଥା ଯେତେ ଅଧିକ ସୁସଂହତ ଓ ସମର୍ଥ ହେବ ବ୍ୟାବସାୟରେ ଅସାଧୁ କାରବାର ଏବଂ ନିମ୍ନମାନର ସାମଗ୍ରୀ ବିକ୍ରି ସେତେ ହ୍ରାସ ପାଇ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ। ଏକ ସୁସ୍ଥ ଖାଉଟି ସଂସ୍କୃତି ସୃଷ୍ଟି ପାଇଁ ଏହା ଅପରିହାର୍ଯ୍ୟ। ସୁଶାସନ ସହିତ ମଧ୍ୟ ଖାଉଟି ସୁରକ୍ଷା ସଂପୃକ୍ତ। ଶାସନ ବ୍ୟବସ୍ଥା ଦକ୍ଷ ନ'ହେଲେ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ ହୋଇପାରିବ ନାହିଁ। ଏହି ସୁଶାସନ ଖାଉଟି ସୁରକ୍ଷା ଆଇନ, ଏହାର କାର୍ଯ୍ୟକାରିତା ସହ ଜଡ଼ିତ। ଦକ୍ଷତା, ପ୍ରଭାବ, ନୀତି, ଯୁକ୍ତି, ନିରପେକ୍ଷତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସଶକ୍ତୀକରଣ ଓ ସହଯୋଗ ଆଦି ଏ କ୍ଷେତ୍ରରେ ଅପରିହାର୍ଯ୍ୟ ଆବଶ୍ୟକତା। ତେଣୁ କେବଳ ଆଇନ କରିଦେଲେ ଚଳିବ ନାହିଁ; ତାହାର ଉପଯୁକ୍ତ ପରିପାଳନ ଓ ତଦାରଖ ହେଲେ ଯାଇଁ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ ହୋଇପାରିବ।

ସରକାର, ଖାଉଟି, ବ୍ୟବସାୟ ଗୋଷ୍ଠୀ, ଉତ୍ପାଦକ, ବିଭିନ୍ନ ସଂଗଠନ ଓ ନାଗରିକ ସମାଜର ମିଳିତ ସହଯୋଗ ଏବଂ ପ୍ରଚେଷ୍ଟା ଉପରେ ଖାଉଟି ସୁରକ୍ଷା ଆନ୍ଦୋଳନର ସଫଳତା ନିର୍ଭର କରେ। ଖାଉଟିଙ୍କ ସ୍ୱାର୍ଥ ରକ୍ଷା ସହିତ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିରେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ସମୂହର ମଧ୍ୟ ଏକ ସ୍ୱତନ୍ତ୍ର ଭୂମିକା ରହିଛି ଯାହା ସେମାନେ ଉଚିତ ଭାବେ ନିର୍ବାହ କରିବା ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ବିଶେଷର ଏ କ୍ଷେତ୍ରରେ ମଧ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ତା ନ'ହେଲେ ଖାଉଟି ଆନ୍ଦୋଳନ ସଫଳ ହେବ ନାହିଁ। ଭାରତ ସରକାରଙ୍କ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରୁଛି ତାହାର ଉପଯୁକ୍ତ ରୂପାୟନ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଲୋଡ଼ା।

**ଲେଖକ ଭାରତ ସରକାରଙ୍କ ଖାଉଟି କଲ୍ୟାଣ ମନ୍ତ୍ରଣାଳୟର ସଚିବ।**

# ଭାରତରେ ଖାଉଟି ସୁରକ୍ଷାର ଭିତ୍ତି ଓ ସ୍ଥିତି

ଡି.ପି.ଏସ୍ ବର୍ମା

ଖାଉଟି ସୁରକ୍ଷା ତତ୍ତ୍ୱର ସୃଷ୍ଟି ଆମେରିକାରେ ପ୍ରଥମେ ହୋଇଥିଲା। ୧୯୬୦ ଦଶକରେ ସେଠାକାର ବ୍ୟବସାୟ ସଂସ୍ଥା ସମୂହର ଅସାଧୁ ବ୍ୟବସାୟିକ କାରବାରରେ ଅସନ୍ତୁଷ୍ଟ ଜଣେ ଯୁବ ଆଇନଜୀବୀ ରାଲ୍ଫ ନାଡେର ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଆନ୍ଦୋଳନ ଗଢ଼ି ତୋଳିଥିଲେ। ସେ ଖାଉଟିମାନଙ୍କୁ ଏକତ୍ର କରି ସେମାନଙ୍କ ସୁରକ୍ଷା ଦାବିରେ ଉତ୍ପାଦକ ଓ ବ୍ୟବସାୟିଙ୍କ ବିରୋଧରେ ଆନ୍ଦୋଳନକୁ ବ୍ୟାପକ କରିଥିଲେ। ଫଳସ୍ୱରୂପ ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡ଼ୀ ୧୯୬୨ ମାର୍ଚ୍ଚ ୧୫ ତାରିଖରେ ଦେଶର କଂଗ୍ରେସ (ପାର୍ଲାମେଣ୍ଟ)ରେ ଖାଉଟିଙ୍କ ଅଧିକାର ସମ୍ପର୍କରେ ଚାରିଟି ମୌଳିକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କଲେ। ସେ କହିଥିଲେ - ୧) ଖାଉଟିଙ୍କର ନିରାପତ୍ତାର ଅଧିକାର ରହିଛି, ୨) ଖାଉଟିଙ୍କର ଦ୍ରବ୍ୟ ଓ ସାମଗ୍ରୀ ସମ୍ପର୍କରେ ସୂଚନା ପାଇବାର ଅଧିକାର ଅଛି ଓ ତାହା ନିର୍ମାତା, ବିକ୍ରେତା ଦେବାକୁ ବାଧ୍ୟ, ୩) ଖାଉଟିଙ୍କର ଦ୍ରବ୍ୟ ପସନ୍ଦ ଅପସନ୍ଦର ଅଧିକାର ରହିଛି ଓ ୪) ନିଜ ଆପତ୍ତି ଅଭିଯୋଗର ଶୁଣାଣି କରାଯିବାର ଅଧିକାର ଖାଉଟିଙ୍କର ଅଛି। ଏହା କେନେଡ଼ୀଙ୍କ ବିଖ୍ୟାତ ଖାଉଟି ଅଧିକାର ଆଇନ (ବିଲ୍ ଅଫ୍ ରାଇଟ୍ସ) ନାମରେ ପରିଚିତ। ତାହାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୧୫ ତାରିଖକୁ ବିଶ୍ୱ ଖାଉଟି ଅଧିକାର ଦିବସ ଭାବେ ପାଳନ କରାଯାଉଛି।

୧୯୮୫ ଏପ୍ରିଲ ୯ ତାରିଖରେ ଜାତିସଂଘର ସାଧାରଣ ପରିଷଦ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏକ ନିର୍ଦ୍ଦେଶାବଳୀକୁ ଅନୁମୋଦନ କରିଥିଲା। ଏହାକୁ ସମଗ୍ର ବିଶ୍ୱରେ କାର୍ଯ୍ୟକାରୀ କରିବାକୁ ସଭ୍ୟ ରାଷ୍ଟ୍ରମାନଙ୍କୁ ପ୍ରବର୍ତ୍ତାଇ ଆବଶ୍ୟକ ଆଇନପ୍ରଣୟନ କରିବାକୁ ଜାତିସଂଘର ମହାସଚିବଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହାପରେ ବିଶ୍ୱର ପ୍ରାୟ ସବୁ ଦେଶରେ ଖାଉଟି ସୁରକ୍ଷା ଆଇନ ପ୍ରଣୟନ କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଇଛି। ଆମେରିକା, ଇଂଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ସ୍ୱେଡେନ ଓ ନରୱେ ଭଳି ଦେଶରେ ଖାଉଟି ସୁରକ୍ଷା ଆନ୍ଦୋଳନ ଶକ୍ତିଶାଳୀ ଥିବା ଦୃଷ୍ଟିରୁ ସେଠାରେ କଠୋର ଆଇନ ପ୍ରଣୟନ ହୋଇ ତାହା କାର୍ଯ୍ୟକାରୀ ହେଉଛି।

ଭାରତରେ ଖାଉଟି ସୁରକ୍ଷା ଏବଂ ଅସାଧୁ ବ୍ୟାବସାୟିକ କାରବାର ନିବାରଣ ପାଇଁ ଆଇନଗତ ବ୍ୟବସ୍ଥା ସହ ଏହାର ପ୍ରବର୍ତ୍ତନ ଦୀର୍ଘ ଦିନରୁ ଚାଲିଆସୁଛି।


**ଟେବୁଲ -୧**

**ଭାରତରେ ଖାଉଟି ସୁରକ୍ଷା ପାଇଁ ବିଭିନ୍ନ ସମୟରେ ପ୍ରଣିତ ପ୍ରମୁଖ ଆଇନ**

| |
|---|
| ୧) ଖାଉଟି ସୁରକ୍ଷା ଆଇନ - ୧୯୮୬ |
| ୨) ଖାଦ୍ୟ ସୁରକ୍ଷା ଓ ମାନକ ଆଇନ - ୨୦୦୬ |
| ୩) ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିୟାନ ଷ୍ଟାଣ୍ଡାର୍ଡ) ଆଇନ-୧୯୮୬ |
| ୪) ଔଷଧ ଓ ପ୍ରସାଧନ ଆଇନ - ୧୯୪୦ |
| ୫) ଔଷଧ (ନିୟନ୍ତ୍ରଣ) ଆଇନ - ୧୯୫୦ |
| ୬) ଔଷଧ ଓ କିମିଆ ଚିକିତ୍ସା (ଆପତ୍ତିଜନକ ବିଜ୍ଞାପନ) ଆଇନ-୧୯୫୪ |
| ୭) ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ - ୧୯୫୫ |
| ୮) କଳାବଜାର ନିରୋଧୀ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଅବ୍ୟାହତ ଆଇନ - ୧୯୮୦ |
| ୯) କୃଷି ଉତ୍ପାଦ (ବର୍ଗୀକରଣ ଓ ବିପଣନ) ଆଇନ- ୧୯୩୭ |

| |
|---|
| ୧୦) ମାପ ଓ ଓଜନ ମାନକ ଆଇନ - ୧୯୭୬ |
| ୧୧) ମାପ ଓ ଓଜନ ମାନକ (ପ୍ୟାକେଜ ହୋଇଥିବା ସାମଗ୍ରୀ) ଆଇନ- ୧୯୭୭ |
| ୧୨) ବଜାର ପ୍ରତିଯୋଗିତା ଆଇନ - ୨୦୦୨ |
| ୧୩) ଟ୍ରେଡ୍ ମାର୍କ ଆଇନ - ୧୯୯୯ |
| ୧୪) ସିଗାରେଟ ଓ ଅନ୍ୟାନ୍ୟ ତମାଖୁ ପଦାର୍ଥର ବିଜ୍ଞାପନ ନିଷେଧ ଏବଂ ନିୟନ୍ତ୍ରଣ ଆଇନ - ୨୦୦୩ |

*(କାଳର କ୍ରମ ଅନୁସାରେ ଏହି ତାଲିକା ପ୍ରସ୍ତୁତ ହୋଇନାହିଁ।)*





ଏ ସମ୍ପର୍କରେ ଏକ ଡର୍ଜନରୁ ଅଧିକ ଆଇନ (ଟେବୁଲ-୧ ଦ୍ରଷ୍ଟବ୍ୟ) ସତ୍ତ୍ୱେ ଭାରତରେ ଖାଉଟି ସ୍ୱାର୍ଥ ଯଥାର୍ଥ ଭାବେ ସୁରକ୍ଷିତ ହୋଇପାରିନାହିଁ। ଏସବୁ ଆଇନ ବାସ୍ତବରେ 'ଢୋକେ ପିଇ ଦଣ୍ଡେ ଜିଇ' ନ୍ୟାୟରେ କାର୍ଯ୍ୟକାରୀ ହେଉଛି। ଏସବୁ ଆଇନରେ ଖାଉଟି ସୁରକ୍ଷାର ସ୍ୱଭାବ ଓ ପରିସର ଆଦି ସୂଚିତ ହେଉଛି ସିନା ବାସ୍ତବରେ ଏହା ଖାଉଟିଙ୍କ ସ୍ୱାର୍ଥ ରକ୍ଷା କରିପାରୁନାହିଁ। ଉଦାହରଣ ସ୍ୱରୂପ- ଔଷଧ ଓ ପ୍ରସାଧନ ଆଇନକୁ ନିଆଯାଇପାରେ। ଏହି ଆଇନ ଅନୁସାରେ ଉତ୍ତମ ମାନର ଔଷଧ ଓ ପ୍ରସାଧନ ଦେଶରେ ତିଆରି, ବିଦେଶରୁ ଆମଦାନି ଓ ତାହାର ବିକ୍ରିବଟାର ବ୍ୟବସ୍ଥା ରହିଛି। ହେଲେ ଏଥିପାଇଁ ସାମ୍ପୁଲ ବା ନିର୍ଦ୍ଦିଷ୍ଟ ନମୁନା, ଆପତ୍ତି ଅଭିଯୋଗର ଶୁଣାଣି ସହ ଖାଉଟିଙ୍କୁ ନ୍ୟାୟ ଦେବାକୁ କୌଣସି କେନ୍ଦ୍ରୀକୃତ ସଂସ୍ଥାର ବ୍ୟବସ୍ଥା ନାହିଁ। ଅଧିକ ମୂଲ୍ୟରେ ଔଷଧ ବିକ୍ରି, ନିମ୍ନମାନର ଔଷଧ, ଅନୈତିକ କାରବାର ଓ ବିକ୍ରିବଟା, ଦ୍ରବ୍ୟରେ ବିଷାକ୍ତ ସାମଗ୍ରୀର ଉପଯୋଗ ଆଦି ବିଷୟରେ ଶୁଣାଣି କରି ଖାଉଟିଙ୍କୁ ନ୍ୟାୟ ଦେବାକୁ ବିଧିବଦ୍ଧ ବ୍ୟବସ୍ଥାର ଅଭାବ ରହିଛି। ଏ ସମ୍ପର୍କରେ ଯେଉଁ ଆଇନ କାନୁନ୍ ରହିଛି ତାହା ପର୍ଯ୍ୟାପ୍ତ ନୁହେଁ କିମ୍ବା ଖାଉଟି ସ୍ୱାର୍ଥ ରକ୍ଷା କରିବାକୁ ଅସମର୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ।

**ଖାଉଟି ସୁରକ୍ଷା ଆଇନ, ୧୯୮୬:**

ଭାରତରେ ଖାଉଟି ସୁରକ୍ଷା କ୍ଷେତ୍ରରେ ୧୯୮୬ ଡିସେମ୍ବର ୨୪ ତାରିଖରେ ପ୍ରବର୍ତ୍ତିତ ଆଇନ ଏକ ମାଇଲଖୁଣ୍ଟ ସଦୃଶ। ଏହି ଆଇନ ଇତି ମଧ୍ୟରେ ୧୯୯୧, ୧୯୯୩ ଓ ୨୦୦୨ରେ ତିନିଥର ସଂଶୋଧିତ ହୋଇଛି। ଖାଉଟିଙ୍କୁ ଅଧିକ ଓ ଉଚିତ ସୁରକ୍ଷା ପ୍ରଦାନ ଓ ସ୍ୱଳ୍ପ ଖର୍ଚ୍ଚରେ ସେମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି ପୂର୍ବକ ନ୍ୟାୟ ପ୍ରଦାନ ଏହାର ପ୍ରମୁଖ ଲକ୍ଷ୍ୟ। ଏଥିପାଇଁ ଏକ ତିନିସ୍ତରୀୟ ବିଚାର ବ୍ୟବସ୍ଥା କରାଯାଇଛି। ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ଏଥିପାଇଁ ଅଦାଲତର ବ୍ୟବସ୍ଥା ହୋଇ ତାହା କାର୍ଯ୍ୟକାରୀ ହେଉଛି।

**ଖାଉଟି ଅଧିକାର:**

ଖାଉଟିର ଅଧିକାର ସୁରକ୍ଷା ପାଇଁ ଛ'ଟି ବିଷୟ ଅଗ୍ରାଧିକାର ପାଇଛି। ଏହାର ଉଲ୍ଲଙ୍ଘନକୁ ଦଣ୍ଡନୀୟ କରାଯାଇଛି। ସେଗୁଡ଼ିକ ହେଲା - ବିପଜ୍ଜନକ ସାମଗ୍ରୀ ଓ ସେବାର ବିପଣନରୁ ଖାଉଟିଙ୍କୁ ସୁରକ୍ଷିତ ରଖିବା। ଖାଉଟିଙ୍କୁ ସାମଗ୍ରୀ/ଦ୍ରବ୍ୟର ଗୁଣ, ମାନ, ଶୁଦ୍ଧତା, ମୂଲ୍ୟ, ପରିମାଣ ଆଦି ବିଷୟରେ ସୂଚିତ କରିବା, ସାମଗ୍ରୀର ଅସାଧୁ କାରବାର ବା ଠକେଇକୁ ବନ୍ଦ କରି ଏଥି ପାଇଁ ଦଣ୍ଡ ବିଧାନ ବ୍ୟବସ୍ଥା କରିବା, ଖାଉଟିଙ୍କୁ ସୁଲଭ ମୂଲ୍ୟରେ ବିକଳ୍ପ ସାମଗ୍ରୀ ଓ ସେବା ଯୋଗାଇବା, ଖାଉଟିଙ୍କ ଆପତ୍ତି ଅଭିଯୋଗର ଶୁଣାଣି ଉପଯୁକ୍ତ ମଞ୍ଚରେ କରି ସେମାନଙ୍କୁ ନ୍ୟାୟ ଦେବା, ଖାଉଟିଙ୍କୁ ବିଭିନ୍ନ ଶୋଷଣରୁ ସୁରକ୍ଷିତ ରଖିବା ଓ ଖାଉଟିଙ୍କୁ ସଚେତନ କରିବାକୁ ସେମାନଙ୍କ ପାଇଁ ଆବଶ୍ୟକ ଶିକ୍ଷା / ପ୍ରଶିକ୍ଷଣ ବ୍ୟବସ୍ଥା କରିବା।

**ଅଭିଯୋଗ ଦାଖଲ:**

କୌଣସି ଖାଉଟି ଯଦି ତାହାର ସ୍ୱାର୍ଥ ହାନି ହେଉଥିବା ଭାବନ୍ତି ବା ଠକାମିର ଶିକାର ହୁଅନ୍ତି ସେ ଉପଯୁକ୍ତ ମଞ୍ଚରେ ଏହା ବିରୋଧରେ ମାମଲା ଦାଏର କରି ନ୍ୟାୟ ପାଇପାରିବେ। ଏ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ

ଖାଉଟି ନିଜର ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ଆଇନାନୁମୋଦିତ ମଞ୍ଚରେ ନିଜର ଅଭିଯୋଗ ଦାଏର କରିପାରିବେ। ସେସବୁ ହେଲା ଜିଲା ଖାଉଟି ଆୟୋଗ, ରାଜ୍ୟ ଖାଉଟି ଆୟୋଗ ଓ ଜାତୀୟ ଖାଉଟି ଆୟୋଗ। ଜିଲାସ୍ତରରେ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେବା ଓ ସାମଗ୍ରୀର ମାମଲା ଦାଏର କରାଯିବାର ବ୍ୟବସ୍ଥା ଥିବା ବେଳେ ରାଜ୍ୟ ଆୟୋଗରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଓ ଏକକୋଟି ଟଙ୍କା ପର୍ଯ୍ୟନ୍ତ ମାମଲାର ବିଚାର ହୋଇପାରିବ। ସେହିଭଳି ଜାତୀୟ ଆୟୋଗରେ ଏକ କୋଟିରୁ ଅଧିକ ଟଙ୍କାର ମାମଲା ବିଚାର ପାଇଁ ଗୃହୀତ ହେବ। ଏସବୁ ମଞ୍ଚ ଅର୍ଦ୍ଧ-ନ୍ୟାୟିକ, ଅର୍ଥାତ୍ ଏମାନେ କିଛି ନ୍ୟାୟିକ କ୍ଷମତା ଉପଭୋଗ କରନ୍ତି ଓ ସେମାନଙ୍କ ରାୟ ପାଳନ ନ କରିବା ଏକ ଦଣ୍ଡନୀୟ ଅପରାଧ। ଏଥିରେ ଉଭୟ ବିଚାର ବିଭାଗୀୟ ଓ ଅଣ ବିଚାର ବିଭାଗୀୟ ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ଏହାର ମୁଖ୍ୟ ଭାବେ ନ୍ୟାୟିକ ପୃଷ୍ଠଭୂମିର ଜଣେ ବ୍ୟକ୍ତିଙ୍କୁ ଅବସ୍ଥାପିତ କରାଯାଇଥାଏ। ଏହା ସାଧାରଣରେ ଖାଉଟି ଅଦାଲତ ନାମରେ ପରିଚିତ।

ରାୟ ସବୁପକ୍ଷଙ୍କ ପାଇଁ ଚୂଡ଼ାନ୍ତ ଓ ଗ୍ରହଣୀୟ ହେବ। ଯେକୌଣସି ଖାଉଟି, ଖାଉଟି ସଂଗଠନ, କେନ୍ଦ୍ର ବା ରାଜ୍ୟ ସରକାର, ବିଭିନ୍ନ ଖାଉଟିଙ୍କ ପକ୍ଷରୁ ଜଣେ ବା ଏକାଧିକ, କୌଣସି ଖାଉଟିଙ୍କ ଉତ୍ତରାଧିକାରୀ ବା କ୍ଷତିଗ୍ରସ୍ତ ପକ୍ଷଙ୍କ ଦାୟାଦ ଏହି ମାମଲା ଦାଏର କରିପାରିବେ। ଖାଉଟି କିଏ ଓ ତାହାର ସଂଜ୍ଞା କ'ଣ, ଆଇନରେ ତାହାର ପୂର୍ଣ୍ଣାଙ୍ଗ ଓ ସ୍ୱଷ୍ଟ ବ୍ୟାଖ୍ୟା କରାଯାଇଛି।

ଆଇନରେ ଖାଉଟି ଶବ୍ଦର ଅର୍ଥ ଓ ସଂଜ୍ଞା ପୂର୍ଣ୍ଣାଙ୍ଗ ଭାବେ ଉଲ୍ଲେଖ କରାଯାଇଛି। ନିଜ ବ୍ୟବହାର ବା ପରିବାରର ବ୍ୟବହାର ପାଇଁ ଯେକୌଣସି ବ୍ୟକ୍ତି ଯେଉଁ ଦ୍ରବ୍ୟ ବା ସେବା କିଣୁଛି ବା କିଣିବାକୁ ରାଜି ହେଉଛି, ସେ ଖାଉଟିର ପଦବାଚ୍ୟ। ଯେଉଁମାନେ ବ୍ୟାବସାୟିକ ଉଦ୍ଦେଶ୍ୟରେ ଦ୍ରବ୍ୟ ଓ ସାମଗ୍ରୀ କିଣୁଛନ୍ତି ସେମାନେ ଖାଉଟି ନୁହଁନ୍ତି।

କେଉଁ ଆଧାରରେ ଅଭିଯୋଗ ଦାଏର କରିହେବ ?

ଜଣେ ଖାଉଟି ନିମ୍ନୋକ୍ତ ଆଧାର ଭିତ୍ତିରେ ନିଜର ସ୍ୱାର୍ଥ ରକ୍ଷା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଆଣିପାରିବେ।

୧) ଅସାଧୁ ବାଣିଜ୍ୟିକ ନୀତି ବା ବ୍ୟବସ୍ଥା, ୨) କିଣିଥିବା ସାମଗ୍ରୀର କୌଣସି ତ୍ରୁଟି ବିଚ୍ୟୁତି ଥିଲେ, ୩) ଦ୍ରବ୍ୟ ବା ସେବାରେ ଅଭାବ ପରିଲକ୍ଷିତ ହେଲେ, ୪) ନିୟମ ଅନୁସାରେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରେତା ସାମଗ୍ରୀ ବା ସେବା ବିକିଲେ, ୫) ସାମଗ୍ରୀ / ଦ୍ରବ୍ୟରେ ବିପଜ୍ଜନକ ବା କ୍ଷତିକାରକ ଉପାଦାନ ଥିଲେ।

ଦ୍ରବ୍ୟ, ସେବା, ଜିନିଷରେ ତ୍ରୁଟି, ସେବାରେ ତ୍ରୁଟି, ଅସାଧୁ କାରବାର ନିୟନ୍ତ୍ରିତ ବାଣିଜ୍ୟ ବ୍ୟବସ୍ଥା ଆଦି ଶବ୍ଦର ଅର୍ଥ ଆଇନରେ ବ୍ୟାପକ। ଏହା ଫଳରେ ଖାଉଟିଙ୍କୁ ସୁରକ୍ଷିତ କରି ରଖିବାର ଯଥେଷ୍ଟ ପରିସର ସୃଷ୍ଟି କରାଯାଇଛି।

**କେଉଁଠି ଅଭିଯୋଗ କରାଯିବ ?**

ଖାଉଟି ନିଜର ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ଆଇନାନୁମୋଦିତ ମଞ୍ଚରେ ନିଜର ଅଭିଯୋଗ ଦାଏର କରିପାରିବେ। ସେସବୁ ହେଲା ଜିଲା ଖାଉଟି ଆୟୋଗ, ରାଜ୍ୟ ଖାଉଟି ଆୟୋଗ ଓ ଜାତୀୟ ଖାଉଟି ଆୟୋଗ। ଜିଲାସ୍ତରରେ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେବା ଓ ସାମଗ୍ରୀର ମାମଲା ଦାଏର କରାଯିବାର ବ୍ୟବସ୍ଥା ଥିବା ବେଳେ ରାଜ୍ୟ ଆୟୋଗରେ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଓ ଏକକୋଟି ଟଙ୍କା ପର୍ଯ୍ୟନ୍ତ ମାମଲାର ବିଚାର ହୋଇପାରିବ। ସେହିଭଳି ଜାତୀୟ ଆୟୋଗରେ ଏକ କୋଟିରୁ ଅଧିକ ଟଙ୍କାର ମାମଲା ବିଚାର ପାଇଁ ଗୃହୀତ ହେବ।

ଏସବୁ ମଞ୍ଚ ଅର୍ଦ୍ଧ-ନ୍ୟାୟିକ, ଅର୍ଥାତ୍ ଏମାନେ କିଛି ନ୍ୟାୟିକ କ୍ଷମତା ଉପଭୋଗ କରନ୍ତି ଓ ସେମାନଙ୍କ ରାୟ ପାଳନ ନ କରିବା ଏକ ଦଣ୍ଡନୀୟ ଅପରାଧ। ଏଥିରେ ଉଭୟ ବିଚାର ବିଭାଗୀୟ ଓ ଅଣ ବିଚାର ବିଭାଗୀୟ ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ଏହାର ମୁଖ୍ୟ ଭାବେ ନ୍ୟାୟିକ ପୃଷ୍ଠଭୂମିର ଜଣେ ବ୍ୟକ୍ତିଙ୍କୁ ଅବସ୍ଥାପିତ କରାଯାଇଥାଏ। ଏହା ସାଧାରଣରେ ଖାଉଟି ଅଦାଲତ ନାମରେ ପରିଚିତ। ନ୍ୟାୟାଧିକରଣ ବା ଟ୍ରିବ୍ୟୁନାଲ ଭଳି ଏସବୁ ଅଦାଲତ କାର୍ଯ୍ୟ କରିଥାନ୍ତି। ଦେୱାନୀ ଅଦାଲତ (ସିଭିଲ କୋର୍ଟ)ର କ୍ଷମତା ଏହି ଅଦାଲତକୁ ପ୍ରଦାନ କରାଯାଇଛି। ସଂପୃକ୍ତ ଅଦାଲତ ମାମଲା ଶୁଣାଣି କରି ରାୟ ପ୍ରଦାନ ପୂର୍ବକ ତାହାକୁ କାର୍ଯ୍ୟକାରୀ କରିଥାନ୍ତି। ଏହି ଅଦାଲତଗୁଡ଼ିକ ପ୍ରାକୃତିକ ନ୍ୟାୟ ପନ୍ଥା ଅବଲମ୍ବନ କରିଥାନ୍ତି। ଶୁଣାଣି ବେଳେ ଉଭୟ ପକ୍ଷଙ୍କୁ ଯୁକ୍ତି ଉପସ୍ଥାପନ କରିବାକୁ ସୁଯୋଗ ଦିଆଯାଏ। ଏହି ଅଦାଲତଙ୍କର ମଧ୍ୟ ଏକ-ପାକ୍ଷିକ ରାୟ ଓ ରହିତାଦେଶ ପ୍ରଦାନର କ୍ଷମତା ରହିଛି।

**ଅଭିଯୋଗ ଦାଖଲର ପ୍ରଣାଳୀ:**

ଖାଉଟି ଅଦାଲତରେ ଅଭିଯୋଗ ଦାଖଲ କରିବା ପ୍ରଣାଳୀ ଅତି ସରଳ। ଜଣେ ଖାଉଟି ବା ତାଙ୍କର ପ୍ରତିନିଧି କୌଣସି ପ୍ରସଙ୍ଗରେ କ୍ଷତିଗ୍ରସ୍ତ ହୋଇଥିଲେ ସେ ଖାଉଟି ଅଦାଲତରେ ଲିଖିତ ଅଭିଯୋଗ କରିପାରିବେ। ଏଥିପାଇଁ କ୍ୟାସ୍‌ମେମୋ, ୱାରେଣ୍ଟିକାର୍ଡ ଆଦିର ନକଲ ଆବେଦନ ସହ ଦାଖଲ କରିବାକୁ ହେବ। ଏଥିପାଇଁ କୌଣସି ଆଇନଜୀବୀଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ନାହିଁ। ଆବେଦନକାରୀଙ୍କୁ ତାଙ୍କ ଜିନିଷ ବା ଦ୍ରବ୍ୟ ମୂଲ୍ୟର ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଅଭିଯୋଗ ପତ୍ର ସହ ଦାଖଲ କରିବାକୁ ପଡ଼ିଥାଏ। ଖାଉଟିର ଆପତ୍ତି ବା ଅଭିଯୋଗ ନିର୍ଦ୍ଦିଷ୍ଟ ଭାବେ ଆବେଦନପତ୍ରରେ ଉଲ୍ଲେଖ କରିବା ସହ ସେ କ'ଣ ପ୍ରକୃତରେ ଚାହୁଁଛି ତାହା ଦର୍ଶାଇବାକୁ ପଡ଼ିବ।

**କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା:**

ଖାଉଟି ଅଦାଲତ ଆବେଦନକାରୀଙ୍କ ମାମଲା ବିଚାର କରି ଏକ କିମ୍ବା ଏକାଧିକ ରାୟ ପ୍ରଦାନ





କରିପାରନ୍ତି। ସେଥିମଧ୍ୟରେ ତ୍ରୁଟିପୂର୍ଣ୍ଣ ଦ୍ରବ୍ୟର ପରିବର୍ତ୍ତନ, ତ୍ରୁଟି ସଂଶୋଧନ, ଅର୍ଥ ଫେରସ୍ତ, ସାମଗ୍ରୀର ତ୍ରୁଟି ପାଇଁ ଖାଉଟି ଶାରୀରିକ କ୍ଷତିର ସମ୍ମୁଖୀନ ହୋଇଥିଲେ କ୍ଷତିପୂରଣ ପ୍ରଦାନ, ଜୋରିମାନା ପ୍ରଦାନ, କ୍ଷତିକାରକ ସାମଗ୍ରୀ ହୋଇଥିଲେ ବଜାରରୁ ତାହାର ପ୍ରତ୍ୟାହାର ଏବଂ ବିଭ୍ରାନ୍ତିକର ବିଜ୍ଞାପନ ବନ୍ଦ କରିବା ଆଦି ରାୟ ଅନ୍ୟତମ।

ଜିଲା ଅଦାଲତର ରାୟରେ ସନ୍ତୁଷ୍ଟ ନ'ହେଲେ ଅଭିଯୋଗକାରୀ ଓ ପକ୍ଷ ୩୦ ଦିନ ମଧ୍ୟରେ ପ୍ରାଦେଶିକ ଅଦାଲତରେ ନ୍ୟାୟ ପାଇଁ ଆବେଦନ କରିପାରିବେ। ସେଠାରେ ଯଦି ନ୍ୟାୟ ନ ମିଳିଲା ବୋଲି କୌଣସି ପକ୍ଷଙ୍କର ବିଶ୍ୱାସ ହୁଏ, ତେବେ ସେମାନେ ଜାତୀୟ ସ୍ତରର ଅଦାଲତକୁ ଯାଇପାରିବେ, ତେବେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଜାତୀୟ ଅଦାଲତରେ ମାମଲା ଦାଏର କରାଯିବା ବେଳେ ଏକ ସମୟରେ ସର୍ବୋଚ୍ଚ ଅଦାଲତରେ ମଧ୍ୟ ଏକ ମାମଲା ଦାଏର କରିହେବ।

ଦେଶରେ ଖାଉଟି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ସମ୍ପର୍କରେ ଟେବୁଲ-୨ରେ ଉଲ୍ଲେଖ କରାଯାଇଛି।

**ଟେବୁଲ -୨**

**ଭାରତରେ ଖାଉଟି ସୁରକ୍ଷା ପଦକ୍ଷେପର ଏକ ସାରାଂଶ**

| |
|---|
| ୧) ୧୯୮୬ରେ ଭାରତରେ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ କରିବା ପାଇଁ ପ୍ରଥମ ଥର ବୈଧାନିକ ପଦକ୍ଷେପ ଗ୍ରହଣ ପୂର୍ବକ ଖାଉଟି ସୁରକ୍ଷା ଆଇନ ପ୍ରଣୟନ ହୋଇ କାର୍ଯ୍ୟକାରୀ ହେଲା। |
| ୨) ସେହିବର୍ଷ ଡିସେମ୍ବର ମାସରେ ଏହି ଆଇନର ପରିସରକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ବୈଧାନିକ ନିଷ୍ପତ୍ତି ଗ୍ରହଣ କରାଯାଇ ତାହାକୁ କାର୍ଯ୍ୟକାରୀ କରାଗଲା। ପ୍ରଥମ ଥର ପାଇଁ ଖାଉଟିଙ୍କୁ ଆଇନଗତ ମାନ୍ୟତା ମିଳିଲା। |
| ୩) କେନ୍ଦ୍ର ସରକାର ପ୍ରଥମ କରି ଖାଉଟି ବ୍ୟାପାର ମନ୍ତ୍ରଣାଳୟ ଗଠନ କରି ଏ ଦିଗରେ କାର୍ଯ୍ୟକଲେ। |
| ୪) ୧୯୯୨ରେ ଖାଉଟି କଲ୍ୟାଣ ପାଣ୍ଠି ଗଠନ କରାଗଲା ଏବଂ ବିଭିନ୍ନ ଖାଉଟି କଲ୍ୟାଣ ଯୋଜନାକୁ ସରକାର ପ୍ରୋତ୍ସାହନ ଦେବା ଆରମ୍ଭ କଲେ। |
| ୫) ୧୯୯୩ ଜୁନ୍‌ରେ ଖାଉଟି ଅଦାଲତର କ୍ଷମତା ଏବଂ କାର୍ଯ୍ୟ ପରିସର ବୃଦ୍ଧି କରାଗଲା ଏବଂ ଏଥିପାଇଁ ଆଇନଗତ ବ୍ୟବସ୍ଥା ହେଲା। |
| ୬) ୧୯୯୨ରେ ଖାଉଟିଙ୍କ ଅଭିଯୋଗର ଶୁଣାଣି ପୂର୍ବକ ସେମାନଙ୍କୁ ନ୍ୟାୟ ପ୍ରଦାନର ବ୍ୟବସ୍ଥା କରାଗଲା। |
| ୭) ୧୯୯୫ ନଭେମ୍ବର ୧୩ରେ ପ୍ରଥମ କରି ସ୍ୱାସ୍ଥ୍ୟସେବାକୁ ଖାଉଟି ସୁରକ୍ଷା ପରିସରକୁ ଅଣାଗଲା। |
| ୮) ବ୍ୟବସାୟ କ୍ଷେତ୍ରରେ ଅସୁସ୍ଥ ପ୍ରତିଯୋଗିତା ଓ ବଜାରରେ ଅସ୍ଥିରତା ସୃଷ୍ଟିକୁ ରୋକିବା ଉଦ୍ଦେଶ୍ୟରେ ୨୦୦୨ରେ କମ୍ପିଟିସନ କମିଶନ ଗଠନ ଆଇନ ପାରିତ ହୋଇ ୨୦୦୩ ମାର୍ଚ୍ଚ ୩୧ରୁ ଏହା କାର୍ଯ୍ୟକାରୀ ହେଲା। |
| ୯) ସିଗାରେଟ, ଗୁଟ୍‌କା ଓ ତମାଖୁ ଭଳି ହାନିକର ପଦାର୍ଥର ବିଜ୍ଞାପନକୁ ନିଷିଦ୍ଧ କରାଯିବା ସହ ୨୦୦୩ରେ ଏହାର ବିକ୍ରିବଟା ଉପରେ କଟକଣା ଲାଗିଲା। |
| ୧୦) ୨୦୦୬ରେ ଖାଦ୍ୟ ନିରାପତ୍ତା ମାନ ଆଇନ ପ୍ରଣିତ ହେବା ସହ ୨୦୧୧ ଅଗଷ୍ଟ ୫ରୁ ଏହା କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଗଠନ କରାଯାଇଛି। |
| ୧୧) କେନ୍ଦ୍ରୀୟ ଖାଉଟି ସୁରକ୍ଷା ପ୍ରାଧିକରଣ ଗଠନ ପ୍ରସ୍ତାବ ଏ କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ଉପଲବ୍ଧି। ଖାଉଟି ଅଧିକାର ସୁରକ୍ଷା ପାଇଁ ଗଣମାଧ୍ୟମର ଉପଯୋଗ କରାଯାଉଛି। |
| ୧୨) ଦ୍ରବ୍ୟର ମାନ ପରୀକ୍ଷା ପାଇଁ ସରକାର ଅହମଦାବାଦ୍‌ଠାରେ ଏକ ପରୀକ୍ଷାଗାର ପ୍ରତିଷ୍ଠା କରିଛନ୍ତି। ଏହାଛଡ଼ା ଅନେକ ସ୍ୱେଚ୍ଛାକୃତ ଖାଉଟି ସଂଗଠନ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରାଯାଇ ଖାଉଟିଙ୍କ ଅଧିକାର ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯାଉଛି। ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଖାଉଟି ଆପତ୍ତି ପ୍ରକୋଷ୍ଠ ଖୋଲାଯାଇଛି। |

**ପ୍ରସ୍ତାବିତ ନୂଆ ଆଇନ:**

ସରକାର ବର୍ତ୍ତମାନର ଖାଉଟି ସୁରକ୍ଷା ଆଇନକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଏକ ବ୍ୟାପକ ଓ ଅଧିକ ପ୍ରଭାବଶାଳୀ ଆଇନ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଛି। ନୂଆ ଆଇନ ୨୦୧୫ ଖାଉଟି ସୁରକ୍ଷା ବିଲ୍ ଆଧାରରେ ପ୍ରସ୍ତୁତ ହେଉଛି। ଏହା ଫଳରେ ୧୯୮୬ରେ ପ୍ରଣିତ ଆଇନରେ ଯଥେଷ୍ଟ ପରିବର୍ତ୍ତନ ଅଣାଯାଉଛି। ନୂଆ ବିଲ୍‌ଟି ସିଲେକ୍ଟ କମିଟିରୁ ଫେରିବା ପରେ ଏଥିରେ କିଛି ସଂଶୋଧନ କରାଯାଇଛି। ଏବେ ଏହା ସଂସଦର ଶୀତକାଳୀନ ଅଧିବେଶନରେ ଉପସ୍ଥାପିତ ହେବ।

ନୂଆ ଖାଉଟି ସୁରକ୍ଷା ବିଲ୍‌ରେ ଥିବା ପ୍ରମୁଖ ବିଷୟବସ୍ତୁଗୁଡ଼ିକ ହେଲା-

୧) କେନ୍ଦ୍ରୀୟ ଖାଉଟି ସୁରକ୍ଷା ସଂସ୍ଥା ନାମରେ ଏକ ଜାତୀୟ ସ୍ତରର ସଂସ୍ଥା ସ୍ଥାପନ କରାଯିବ। ଖାଉଟିଙ୍କ ସ୍ୱାର୍ଥର ସୁରକ୍ଷା ପ୍ରୟାସକୁ ଅଧିକ ବ୍ୟାପକ କରି ସେମାନଙ୍କୁ ଶୋଷଣରୁ ମୁକ୍ତ ରଖାଯିବ। ଆବଶ୍ୟକ ପଡ଼ିଲେ ଏହି ସଂସ୍ଥା ଅସାଧୁ କାରବାର ଓ ଖାଉଟି ଶୋଷଣରେ ଲିପ୍ତ ଉତ୍ପାଦନକାରୀ, ବ୍ୟବସାୟୀ ଓ ବିତରକଙ୍କ ବିରୋଧରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିପାରିବେ। ପ୍ରଚଳିତ ଆଇନରେ ଖାଉଟି ଅଦାଲତଙ୍କର ଏଭଳି କ୍ଷମତା ନାହିଁ।

୨) ବିଶିଷ୍ଟ ବ୍ୟକ୍ତିବିଶେଷ, ସିନେମା ଷ୍ଟାର୍, ପ୍ରସିଦ୍ଧ ଖେଳାଳିମାନେ ଯଦି କୌଣସି ମିଥ୍ୟା ଓ ବିଭ୍ରାନ୍ତିକର ବିଜ୍ଞାପନରେ ଅଂଶଗ୍ରହଣ କରନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅର୍ଥାତ୍ ଅର୍ଥ ବଳରେ ନିମ୍ନମାନର ସାମଗ୍ରୀର ପ୍ରଚାର ପ୍ରସାରକୁ ରୋକାଯିବ

୧୯୮୫ ଏପ୍ରିଲ ୯ ତାରିଖରେ ଜାତିସଂଘର ସାଧାରଣ ପରିଷଦ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏକ ନିର୍ଦ୍ଦେଶାବଳୀକୁ ଅନୁମୋଦନ କରିଥିଲା। ଏହାକୁ ସମଗ୍ର ବିଶ୍ୱରେ କାର୍ଯ୍ୟକାରୀ କରିବାକୁ ସଭ୍ୟ ରାଷ୍ଟ୍ରମାନଙ୍କୁ ପ୍ରବର୍ତ୍ତାଇ ଆବଶ୍ୟକ ଆଇନପ୍ରଣୟନ କରିବାକୁ ଜାତିସଂଘର ମହାସଚିବଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହାପରେ ବିଶ୍ୱର ପ୍ରାୟ ସବୁ ଦେଶରେ ଖାଉଟି ସୁରକ୍ଷା ଆଇନ ପ୍ରଣୟନ କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଇଛି। ଆମେରିକା, ଇଂଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ସ୍ୱେଡେନ ଓ ନରୱେ ଭଳି ଦେଶରେ ଖାଉଟି ସୁରକ୍ଷା ଆନ୍ଦୋଳନ ଶକ୍ତିଶାଳୀ ଥିବା ଦୃଷ୍ଟିରୁ ସେଠାରେ କଠୋର ଆଇନ ପ୍ରଣୟନ ହୋଇ ତାହା କାର୍ଯ୍ୟକାରୀ ହେଉଛି।

ଭାରତରେ ଖାଉଟି ସୁରକ୍ଷା ଏବଂ ଅସାଧୁ ବ୍ୟାବସାୟିକ କାରବାର ନିବାରଣ ପାଇଁ ଆଇନଗତ ବ୍ୟବସ୍ଥା ସହ ଏହାର ପ୍ରବର୍ତ୍ତନ ଦୀର୍ଘ ଦିନରୁ ଚାଲିଆସୁଛି।

୩) ଏକ ଚୁକ୍ତିନାମାର ଅସାଧୁ ସର୍ତ୍ତ ବା ଅବଧିକୁ ବେଆଇନ କରାଯିବ।

୪) ଖାଉଟି ଅଦାଲତରେ ମଧ୍ୟସ୍ଥତା କେନ୍ଦ୍ର ପ୍ରତିଷ୍ଠା କରାଯିବା ସହିତ ଏହା ମାଧ୍ୟମରେ ମାମଲା ଫୈସଲାର ବିକଳ୍ପ ବ୍ୟବସ୍ଥା କରାଯିବ।

୫) ଉତ୍ପାଦନକାରୀଙ୍କୁ ଉତ୍ପାଦିତ ସାମଗ୍ରୀର ମାନ ପାଇଁ ଉତ୍ତରଦାୟୀ କରାଯିବ।

**ଉପସଂହାର:**

୧୯୮୬ଠାରୁ ଭାରତରେ ଖାଉଟି ସୁରକ୍ଷା କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ ପଦକ୍ଷେପମାନ ସରକାର ଗ୍ରହଣ କରିଆସୁଛନ୍ତି। ଖାଉଟି ସୁରକ୍ଷା ଆଇନ ଫଳରେ ଦେଶର କୋଣ ଅନୁକୋଣରେ ଖାଉଟିଙ୍କ ପାଇଁ ଏକ ସଫଳ ଆନୁଷ୍ଠାନିକ ଭିତ୍ତିଭୂମି ପ୍ରସ୍ତୁତ ହୋଇପାରିଛି। ସର୍ବୋଚ୍ଚ ଅଦାଲତଙ୍କ ବିଭିନ୍ନ ସମୟର ଉଲ୍ଲେଖନୀୟ ରାୟ ଏବଂ ଖାଉଟି ଅଦାଲତଙ୍କ ରାୟ ଫଳରେ ଖାଉଟି ସୁରକ୍ଷାର ଆଇନଗତ ଭିତ୍ତି ଓ ପରିସର କ୍ରମଶଃ ସୁଦୃଢ଼ ହେଉଛି। ସ୍ୱେଚ୍ଛାକୃତ ଭାବେ ମଧ୍ୟ ଅନେକ ଖାଉଟି ସୁରକ୍ଷା ମଞ୍ଚ ଗଢ଼ି ଉଠି ଲୋକଙ୍କ ସ୍ୱାର୍ଥ ଜଗିବାରେ ସହାୟକ ସାବ୍ୟସ୍ତ ହେଉଛନ୍ତି। ବ୍ୟବସାୟୀ, ସେବାପ୍ରଦାନକାରୀ ଓ ଉତ୍ପାଦକ ଆଉ ମନଇଚ୍ଛା କାମ କରିବାର ଅବସର ପାଉନାହାନ୍ତି। ଖାଉଟିଙ୍କ ଅଧିକାରକୁ ସମ୍ମାନ ଦେବାକୁ ସେମାନେ ବାଧ୍ୟ ହେଉଛନ୍ତି। ନୂଆ ଖାଉଟି ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଲେ ଏହା ଦେଶରେ ଖାଉଟି ସୁରକ୍ଷା ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ସହ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଅଧିକ ସହାୟକ ହେବ।

ଲେଖକ ଦିଲ୍ଲୀ ସ୍କୁଲ ଅଫ୍ ଇକନମିକ୍ସର ଜଣେ ପୂର୍ବତନ ପ୍ରଫେସର।


# ଖାଉଟିର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଡିଜିଟାଲ ଇଣ୍ଡିଆର ସଫଳତା

**ସୀତାରାମ ଦୀକ୍ଷିତ**

ବିମୁଦ୍ରାୟନ ଘଟଣାର ଏକ ବର୍ଷ ପରେ ନଗଦ ଅର୍ଥ କାରବାରର ପରିମାଣ ଓ ବ୍ୟାପକତା ବଦଳିଛି। ଭାରତକୁ ଏକ ନଗଦମୁକ୍ତ ଅର୍ଥନୀତି ବା ସ୍ୱଳ୍ପ ନଗଦ ପ୍ରଚଳନର ରାଷ୍ଟ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖି ପ୍ରଧାନମନ୍ତ୍ରୀ ୫୦୦ ଓ ୧୦୦୦ଟଙ୍କିଆ ନୋଟ୍‌କୁ ବର୍ଷକ ତଳେ ନିଷିଦ୍ଧ କରିବା ପରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଖାଉଟି କ୍ରମଶଃ ଅନ୍‌ଲାଇନ୍ ପେମେଣ୍ଟ, ଡିଜିଟାଲ ଟ୍ରାନ୍‌ଜାକସନ୍ ଓ ଅନ୍ୟାନ୍ୟ ନଗଦରହିତ ବ୍ୟବସ୍ଥାର ଉପଯୋଗ କରି ନିଜର ଦେୟ ପୈଠ କରିବା ସଂଖ୍ୟା ବୃଦ୍ଧି ପାଇଛି।

ବଜାରକୁ ପୁନର୍ବାର ନୂଆରୂପରେ ୫୦୦ ଟଙ୍କିଆ ଓ ନୂତନ ୨୦୦୦ଟଙ୍କିଆ ନୋଟ୍ ଆସିବା ପରେ ଲୋକେ ପୁଣି ଥରେ ନଗଦ କାରବାର ପ୍ରତି ଆକୃଷ୍ଟ ହୋଇଛନ୍ତି। ଏହା ସତ୍ତ୍ୱେ ଏହି ମଧ୍ୟବର୍ତ୍ତୀ କାଳରେ ଭିମ୍, ୟୁପିଆଇ, ଆଇଏମ୍‌ପିଏସ୍, ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମ ମାଧ୍ୟମରେ ନଗଦ ରହିତ କାରବାରର ଯେଉଁ ପ୍ରକ୍ରିୟା ଜୋର ଧରିଥିଲା ତାହା ଶିଥିଳ ହୋଇଥିଲେ ହେଁ ଅନାବଶ୍ୟକ ବା ପରିତ୍ୟକ୍ତ ହୋଇନାହିଁ।

ଖାଉଟି ଓ କ୍ଷୁଦ୍ର ବ୍ୟବସାୟୀ ଅନ୍‌ଲାଇନ୍ ପେମେଣ୍ଟ ଛାଡ଼ି ନଗଦ ବ୍ୟବହାର କରିବାର ପ୍ରମୁଖ କାରଣ ହେଲା ଟିକସନମ୍ବର, ଟିକସ ପୈଠକୁ ଏଡ଼ାଇବାକୁ ଚାହୁଁଛନ୍ତି। କାରଣ ଖାଉଟି ଓ ବ୍ୟବସାୟୀ ଅନେକ ସମୟରେ ଟିକସ ଆଦାୟକାରୀ କର୍ତ୍ତୃପକ୍ଷଙ୍କୁ ବିଶ୍ୱାସକୁ ନେଇ ପାରୁନାହାନ୍ତି। କାରଣ ଏହି ବ୍ୟବସ୍ଥାରେ ଅନେକ ତ୍ରୁଟି ବିଚ୍ୟୁତି ରହିଛି। ଆହୁରି ମଧ୍ୟ ଡିଜିଟାଲ କାରବାର ଉପରେ ଲୋକଙ୍କୁ ଦେୟ ଦେବାକୁ ପଡୁଥିବାରୁ ସେମାନେ ଏଥିପାଇଁ ଅନାଗ୍ରହୀ। ତାହାକୁ ଦୃଷ୍ଟିରେ ରଖି ସରକାର ପ୍ରଥମ ତିନିମାସ ଏହି କାରବାରକୁ ଦେୟମୁକ୍ତ କରିଥିଲେ। ଡିଜିଟାଲ ବ୍ୟବସ୍ଥାରେ ଜଣେ ବ୍ୟକ୍ତିର ଗୋପନୀୟ ତଥ୍ୟ ଟିକସ କର୍ତ୍ତୃପକ୍ଷ ବା ସରକାର ଜାଣିପାରିବାର ସମ୍ଭାବନା ରହିଛି। ତେଣୁ ଏହା ଏକ ସୁବିଧାଜନକ ଅର୍ଥ କାରବାର ମାଧ୍ୟମ ହୋଇଥିଲେ ହେଁ ଏ କ୍ଷେତ୍ରରେ ଖାଉଟିର ପସନ୍ଦ, ସନ୍ତୋଷ ଏବଂ ବିଶ୍ୱାସକୁ ବିଚାରକୁ ନେବାକୁ ପଡ଼ିବ। ଖାଉଟି ସବୁବେଳେ ଚାହେଁ ସେ ଯେଉଁ ଟେକ୍‌ନୋଲୋଜି ବା ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରୁଛି ତାହା ଏକାନ୍ତ, ବିଶ୍ୱସ୍ତ, ବ୍ୟକ୍ତିଗତ ହେଉ ଏବଂ ଉତ୍ତମ ମାନର ସେବା ପ୍ରଦାନ କରୁ। ସେ ଯେତେବେଳେ





ଅନୁଭବ କରିବ ଯେ ଏହି ବ୍ୟବସ୍ଥା ବା ଟେକ୍ନୋଲୋଜି ଦ୍ୱାରା ତାହାର କ୍ଷତି ସାଧନ ହେଉଛି, ତାହାକୁ ସେ ବ୍ୟବହାର କରିବାକୁ କୁଣ୍ଠିତ ହେବ।

**ଖାଉଟି ଓ ତାହାର ସୁରକ୍ଷା:**

ନିରାପଦ, ଉତ୍ତମ ମାନଯୁକ୍ତ ସେବା ଓ ସାମଗ୍ରୀ ପାଇବାର ଜନ୍ମଗତ ଅଧିକାର ସବୁ ଲୋକଙ୍କର ରହିଛି। କୌଣସି ତ୍ରୁଟି ବିଚ୍ୟୁତି ଘଟିଲେ ତାହାର ଆଶୁ ସମାଧାନ ଓ କ୍ଷୟକ୍ଷତିର ଭରଣା ସମାନ ଭାବେ ସମସ୍ତଙ୍କୁ ମିଳୁ ଏକଥା ସଭିଏଁ ଆଶା କରନ୍ତି। ଏଥିପାଇଁ ଏକ ଉତ୍ତମ ପରିବେଶ ଓ ବ୍ୟବସ୍ଥା ଲୋଡ଼ା; ଯେଉଁଠି ଉପଯୁକ୍ତ ନୀତି ଓ ଆଇନକାନୁନର ଆବଶ୍ୟକତା ରହିଛି। ଖାଉଟିଙ୍କୁ ସେମାନଙ୍କ ଅର୍ଥ ଅନୁସାରେ ଉତ୍ତମ ମାନର ଦ୍ରବ୍ୟ/ସେବା ଯୋଗାଣ, ସେମାନଙ୍କ ସୁରକ୍ଷା, ଖାଉଟି ଅଧିକାର ସାବ୍ୟସ୍ତ କରିବା ଓ ଅଭିଯୋଗ ଶୁଣାଣି କରି ନ୍ୟାୟ ଦେବା ପାଇଁ ବୈଧାନିକ ସଂସ୍ଥା ଓ ନିୟମର ମଧ୍ୟ ଆବଶ୍ୟକତା ଅପରିହାର୍ଯ୍ୟ। ଏହାର ବ୍ୟତିକ୍ରମରେ ଖାଉଟି ଅଧିକାର ସୁରକ୍ଷିତ ହୋଇପାରିବ ନାହିଁ। ଦେଶର ବୈଚିତ୍ର୍ୟମୟ ବିବିଧତା, ଅନୁପମ ସଂସ୍କୃତି, ସାମାଜିକ ଓ ଭୌଗୋଳିକ ବ୍ୟବସ୍ଥା ପରିବେଶଗତ ଭିନ୍ନତା ଆଦିକୁ ବିଚାରକୁ ନେଇ ଖାଉଟି ନିଜର ଅଧିକାର ଓ ସୁରକ୍ଷା ଲୋଡ଼ିଥାଏ। ତେଣୁ ସେସବୁକୁ ଆଖିଆଗରେ ରଖି ସରକାର ଆବଶ୍ୟକ ଭିତ୍ତିଭୂମି, ନୀତି ଓ ବ୍ୟବସ୍ଥା ନିର୍ମାଣ କରିପାରିଲେ ଖାଉଟି ଅଧିକାର ସୁରକ୍ଷିତ ହୋଇପାରିବ। ଅତଏବ ଏଥିପାଇଁ ସମଗ୍ର ଦେଶରେ ସରକାରଙ୍କୁ ନିରନ୍ତର ଉପଭୋଗ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଆବଶ୍ୟକ ବଜାର ବ୍ୟବସ୍ଥା ସୃଷ୍ଟି କରି ଖାଉଟିଙ୍କୁ ପସନ୍ଦର ବିକଳ୍ପ ସୁଯୋଗ ଦେବାକୁ ହେବ। ଗରିବ, ଅନଗ୍ରସର ଓ ବଂଚିତ ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରିବାକୁ ପଡ଼ିବ। ଅଧିକରୁ ଅଧିକ ଖାଉଟି ଗୋଷ୍ଠୀ ଗଠନ କରି ନିଜର ଅଧିକାରର ସୁରକ୍ଷା ପାଇଁ ସେମାନଙ୍କୁ ସଚେତନ କରାଇବାକୁ ହେବ।

ଡିଜିଟାଲ୍ ଇଣ୍ଡିଆ
ସଶକ୍ତିକରଣର ଶକ୍ତି

**ଡିଜିଟାଲ ଦୁନିଆ:**

ପ୍ରଯୁକ୍ତି ଓ ଯୋଗାଯୋଗର ବିକାଶ ଫଳରେ

ପୃଥିବୀଟି ଏବେ ଅତି କ୍ଷୁଦ୍ର ହୋଇଯାଇଛି । ତଥ୍ୟ ଆଦାନପ୍ରଦାନ, ସାମାଜିକ ଓ ଆର୍ଥିକ ସଂପର୍କ ପ୍ରତିଷ୍ଠା ଅତି ସହଜ ଓ ତ୍ୱରିତ ହୋଇଛି । ଖାଉଟି ଆଗରେ ଅଳ୍ପ ଖର୍ଚ୍ଚରେ ଅନେକ ସୁଯୋଗ, ତଥ୍ୟ, ବିକଳ୍ପ ଓ ପସନ୍ଦ ଉପଲବ୍ଧ ହେଉଛି । ଡିଜିଟାଲ ମାଧ୍ୟମ ଓ ମୋବାଇଲ ଟ୍ରାନ୍‌ଜାକସନ୍ ଖାଉଟିର ଜୀବନକୁ ବଦଳାଇ ଦେଇଛି । ଏହି ଡିଜିଟାଲ ବିକାଶ ବ୍ୟବହାରକାରୀଙ୍କ ପାଇଁ ଏକ ଆସ୍ଥା ଓ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ; କାରଣ ଏହାକୁ ମାଧ୍ୟମ କରି ଖାଉଟି ତା'ର ନିତ୍ୟ ନୈମିତ୍ତିକ ଜୀବନରେ ଦୁନିଆ ସହିତ ସମନ୍ୱିତ ହେବାକୁ ଚାହୁଁଛି । ଅତଏବ ଏହି ଡିଜିଟାଲ ବ୍ୟବସ୍ଥା ଶସ୍ତା, ଭରସାଯୋଗ୍ୟ, ନିରନ୍ତର, ଉତ୍ତମମାନ ଯୁକ୍ତ ହେବା ଆବଶ୍ୟକ । ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇବା ପାଇଁ ମୌଳିକ ସୁବିଧା ସୁଯୋଗ ବା ଭିତ୍ତିଭୂମିର ବିକାଶ ଲୋଡ଼ା । ଏହା ସହିତ ଦେଶର ଆର୍ଥିକ ବିକାଶ ସଂପୃକ୍ତ ଥିବାରୁ ଏ କ୍ଷେତ୍ରରେ ଖାଉଟି ଯେପରି ଅସୁବିଧାର ସମ୍ମୁଖୀନ ନ'ହୁଏ ତାହାକୁ ନିଶ୍ଚିତ କରାଯିବା ଦରକାର ।

ଏବେ ବିଶ୍ୱର ୪୦ଭାଗରୁ ଅଧିକ ଲୋକ ଇଣ୍ଟରନେଟ ବ୍ୟବହାର କରୁଛନ୍ତି । ଅଧିକରୁ ଅଧିକ ଲୋକଙ୍କୁ ଏହି ସେବାର ପରିସରଭୁକ୍ତ କରିବାକୁ ଉଦ୍ୟମ ଚାଲିଛି । ତେଣୁ ଆଗାମୀ ଦିନରେ ଭାରତ ସମେତ ସମଗ୍ର ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଆହୁରି ଯଥେଷ୍ଟ ବୃଦ୍ଧି ପାଇବ । ଏହାର ସିଧାସଳଖ ପ୍ରଭାବ ଡିଜିଟାଲ ଅର୍ଥନୀତି ଉପରେ ଅନୁଭୂତ ହେବ ।

> ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଭାରତ ସରକାର ଓ ଶିଳ୍ପ ବ୍ୟବସାୟ ଗୋଷ୍ଠୀ ଇ-କମର୍ସରେ ପୁଂଜି ବିନିଯୋଗ କରୁଛନ୍ତି । ଏଥିପାଇଁ ଖାଉଟିର ବିଶ୍ୱାସଭାଜନ ହେବା ଭଳି ଅନ୍‌ଲାଇନ୍ ପେମେଣ୍ଟ ବ୍ୟବସ୍ଥା ବାହାର କରିବାକୁ ପଡ଼ିବ । ଡିଜିଟାଲ ବ୍ୟବସ୍ଥାରେ ଖାଉଟିଙ୍କ ତଥ୍ୟ ଚୋରି କରି ସେମାନଙ୍କ ଅର୍ଥ ଓ ତଥ୍ୟ ହଡ଼ପ କରିବାର ଅଭିଯୋଗ ପ୍ରାୟତଃ ଶୁଣାଯାଉଛି । ବହୁ ଲୋକଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଠକମାନେ ଉଠାଇନେଉଛନ୍ତି । ଫଳରେ ଜମାକାରୀ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏହା ଯୋଗୁଁ ପ୍ରଚଳିତ ଟେକ୍‌ନୋଲୋଜି ଓ ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ତୁଟୁଛି । ତେଣୁ ଡିଜିଟାଲ ବିଶ୍ୱରେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟାବଳୀର ସଂଗ୍ରହ ବ୍ୟକ୍ତିଗତ ସୁରକ୍ଷା ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିଛି । ଏହାଦ୍ୱାରା ମହିଳା, ଶିଶୁ ଓ ବୟସ୍କମାନେ ସବୁଠୁ ଅଧିକ ଅସୁରକ୍ଷିତ ହୋଇପଡ଼ିଛନ୍ତି ।

ଅର୍ଥନୀତିର ଚାହିଦା ପାର୍ଶ୍ୱ କଥା ବିଚାରକୁ ନେଲେ ଏହା ଦେଖାଯାଏ ଯେ ପାରମ୍ପରିକ ଖାଉଟି ପ୍ରୟାସ ଇଣ୍ଟରନେଟ୍ ଡିଜିଟାଲ ମୂଳଚାଲ, କ୍ରୟ ନିଷ୍ପତ୍ତି, ତଥ୍ୟ ଆଦାନପ୍ରଦାନ, ବିଷୟବସ୍ତୁ ପ୍ରସ୍ତୁତି, ମତାମତ ସଂଗ୍ରହ, ବର୍ଗ ନିର୍ଦ୍ଧାରଣ, ସମୀକ୍ଷା, ଯୋଗାଯୋଗ ଓ ଡିଜିଟାଲ ପ୍ଲାଟଫର୍ମ ସୃଷ୍ଟିକୁ ଉତ୍ସାହିତ କରିଥାଏ । ଡିଜିଟାଲ ଅର୍ଥନୀତିକୁ ଆକାର ଦେବା ପାଇଁ ସୁଯୋଗର ପ୍ରାଚୁର୍ଯ୍ୟ ମଧ୍ୟରେ ଖାଉଟି ଅନେକ ସମୟରେ ବିଭ୍ରାନ୍ତ ହେବାର କାରଣ ହେଉଛି ଟେକ୍‌ନୋଲୋଜିର ଅତିଶୀଘ୍ର ପରିବର୍ତ୍ତନ । ଏହା ଫଳରେ ଖାଉଟି ଏହି ପରିବର୍ତ୍ତନ ସହ ତାଳ ଦେଇ ଚାଲିପାରେ ନାହିଁ । ଅତଏବ ଏଭଳି ପରିସ୍ଥିତିରେ ଖାଉଟି / ଉପଭୋକ୍ତାର ଅସୁବିଧାକୁ ହୃଦୟଙ୍ଗମ କରି ଡିଜିଟାଲ ମାଧ୍ୟମର ବିଶ୍ୱସନୀୟତା ବଢ଼ାଇବାକୁ ହେବ । ଏହା ନୀତି ନିର୍ଦ୍ଧାରକଙ୍କ ପାଇଁ ଏକ ବଡ଼ ଆହ୍ୱାନ ନିଶ୍ଚିତ । ତେଣୁ ଡିଜିଟାଲ ମାଧ୍ୟମ ଏପରି ହେବା ଉଚିତ ଯେଉଁଥିରେ ଖାଉଟି ସ୍ୱତଃ ପ୍ରବୃତ୍ତ ଭାବେ ସାମିଲ ହେବେ ଏବଂ ଏହା ପରେ ସେମାନଙ୍କର ଅତୁଟ ବିଶ୍ୱାସ ରହିବ । ସେହି ବ୍ୟବସ୍ଥାରେ ଅଭ୍ୟସ୍ତ ଖାଉଟିଙ୍କୁ ନେଇ ପରବର୍ତ୍ତୀ ପିଢ଼ିର ଡିଜିଟାଲ ମାଧ୍ୟମର ବିକାଶ କଥା ଚିନ୍ତା କଲେ ଭଲ ହେବ ।



**ଖାଉଟି ବିଚାର ଓ ବାସ୍ତବତା:**

ଗତ ଦୁଇ ଦଶନ୍ଧିର ଏ ସଂକ୍ରାନ୍ତ କାହାଣୀ ଓ ଅନୁଭୂତି ହେଲା ଖାଉଟିର ଆଶା ନୈରାଶ୍ୟରେ ପରିଣତ ହୋଇଛି । ବିଭିନ୍ନ କାରଣରୁ ଖାଉଟି ନିରାଶ ହୋଇ ବ୍ୟବସାୟ, ବାଣିଜ୍ୟ, ଗଣମାଧ୍ୟମ, ସରକାର ଏପରିକି କିଛି ସ୍ୱେଚ୍ଛାସେବୀ ସଂସ୍ଥାଙ୍କ ଉପରୁ ବିଶ୍ୱାସ ହରାଇଛନ୍ତି । ସେମାନଙ୍କର ଧାରଣା ଏସବୁ ସଂସ୍ଥା



ଓ ବ୍ୟବସ୍ଥା ବିଶ୍ୱାୟନ ଏବଂ ଟେକ୍‌ନୋଲୋଜି ପରିବର୍ତ୍ତନର ପ୍ରଭାବ ପରିପ୍ରେକ୍ଷୀରେ ଖାଉଟି ସ୍ୱାର୍ଥ ସୁରକ୍ଷିତ କରିବାରେ ଅସମର୍ଥ ବୋଲି ଏକ ସାଧାରଣ ଧାରଣା ସୃଷ୍ଟି କରିଛି।

ବିଶ୍ୱସନୀୟତା, ସ୍ୱଚ୍ଛତା, ଖାଉଟିର ସ୍ୱାର୍ଥ ସୁରକ୍ଷାରେ ପ୍ରଚଳିତ ଟେକ୍‌ନୋଲୋଜି ନିର୍ଭରଯୋଗ୍ୟ ନୁହେଁ ବୋଲି ଖାଉଟିଙ୍କର ଧାରଣା ଜନ୍ମିଥିଲା। ଖାଉଟିର ବ୍ୟକ୍ତିଗତ ତଥ୍ୟାବଳୀକୁ ବିଭିନ୍ନ କମ୍ପାନୀ ନେଇ ଅନୈତିକ କାର୍ଯ୍ୟରେ ବିନିଯୋଗ କରିବାର ଏକ ବଦ୍ଧମୂଳ ଧାରଣା ଲୋକମଧ୍ୟରେ ରହିଛି। ଅତଏବ ଏକ ଡିଜିଟାଲ ଅର୍ଥନୀତି ନିର୍ମାଣରେ ସେବାପ୍ରଦାନକାରୀ କମ୍ପାନୀ ଓ ଟେକ୍‌ନୋଲୋଜିକୁ ଖାଉଟିଙ୍କ ବିଶ୍ୱାସ ଜୟ କରିବାକୁ ପଡ଼ିବ। ଖାଉଟିଙ୍କଠାରୁ ସଂଗୃହୀତ ବ୍ୟକ୍ତିଗତ ତଥ୍ୟାବଳୀର ବ୍ୟବହାର ସମ୍ପର୍କରେ ସେମାନଙ୍କର ସ୍ୱଷ୍ଟ ଧାରଣା ଏବଂ ତଥ୍ୟ ରହିବା ଆବଶ୍ୟକ। ଡିଜିଟାଲ ଅର୍ଥନୀତିରେ ଖାଉଟିର ବ୍ୟକ୍ତିଗତ ତଥ୍ୟାବଳୀକୁ ବାଦ ଦେବା ସମ୍ଭବ ନୁହେଁ। ତେବେ ଏସବୁର ଦୁରୁପଯୋଗ ଯେପରି ନ'ହୁଏ ଏବଂ ଆବଶ୍ୟକସ୍ଥଳେ ଏହାର ପ୍ରତ୍ୟାହାର ଓ ତା'ଉପରେ ନିୟନ୍ତ୍ରଣ ରଖିବାର ଆଇନଗତ ଅଧିକାର ଉପଭୋକ୍ତାଙ୍କର ଯେପରି ବଳବତ୍ତର ରହିବ ସେ ବ୍ୟବସ୍ଥା କରିବାକୁ ହେବ। ଏଥିପାଇଁ ଉଭୟ ଆଇନଗତ ଓ ସଂସ୍ଥାଗତ ପ୍ରତିବିଧାନ ତିଆରି କରିବାକୁ ପଡ଼ିବ। ଏହାର ବିରୋଧାଚରଣ ପାଇଁ ଦଣ୍ଡବିଧାନ ଏବଂ କ୍ଷତିଗ୍ରସ୍ତ ଖାଉଟିଙ୍କ ନିମନ୍ତେ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା କରାଯିବା ଆବଶ୍ୟକ। ଏ କ୍ଷେତ୍ରରେ କମ୍ପାନୀଗୁଡ଼ିକୁ ଉପଯୁକ୍ତ ଟେକ୍ନୋଲୋଜି ଓ ଜ୍ଞାନକୌଶଳ ଯୋଗାଇ ଦେବାକୁ ହେବ।


**ଖାଉଟି ସଶକ୍ତୀକରଣ ଓ ବିଶ୍ୱାସ ନିର୍ମାଣ:**

ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଭାରତ ସରକାର ଓ ଶିଳ୍ପ ବ୍ୟବସାୟ ଗୋଷ୍ଠୀ ଇ-କମର୍ସରେ ପୁଂଜି ବିନିଯୋଗ କରୁଛନ୍ତି। ଏଥିପାଇଁ ଖାଉଟିର ବିଶ୍ୱାସଭାଜନ ହେବା ଭଳି ଅନ୍‌ଲାଇନ୍ ପେମେଣ୍ଟ ବ୍ୟବସ୍ଥା ବାହାର କରିବାକୁ ପଡ଼ିବ। ଡିଜିଟାଲ ବ୍ୟବସ୍ଥାରେ ଖାଉଟିଙ୍କ ତଥ୍ୟ ଚୋରି କରି ସେମାନଙ୍କ ଅର୍ଥ ଓ ତଥ୍ୟ ହଡ଼ପ କରିବାର ଅଭିଯୋଗ ପ୍ରାୟତଃ ଶୁଣାଯାଉଛି। ବହୁ ଲୋକଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଠକମାନେ ଉଠାଇନେଉଛନ୍ତି। ଫଳରେ ଜମାକାରୀ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହା ଯୋଗୁଁ ପ୍ରଚଳିତ ଟେକ୍‌ନୋଲୋଜି ଓ ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ତୁଟୁଛି। ତେଣୁ ଡିଜିଟାଲ ବିଶ୍ୱରେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟାବଳୀର ସଂଗ୍ରହ ବ୍ୟକ୍ତିଗତ ସୁରକ୍ଷା ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିଛି। ଏହାଦ୍ୱାରା ମହିଳା, ଶିଶୁ ଓ ବୟସ୍କମାନେ ସବୁଠୁ ଅଧିକ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଅତଏବ ଅନ୍‌ଲାଇନ୍ କାରବାରର ନିରାପତ୍ତା ଓ ସୁରକ୍ଷା ବିଷୟରେ ଖାଉଟି ଯେତେ ନିଶ୍ଚିତ ହେବେ ବ୍ୟବସ୍ଥା ପ୍ରତି ସେମାନଙ୍କର ବିଶ୍ୱସନୀୟତା ସେତେ ବଢ଼ିବ। ଏଥିପାଇଁ ଏକ ନିରାପଦ ଓ ସୁରକ୍ଷିତ ବ୍ୟବସ୍ଥା ତିଆରି ହେଲେ ଖାଉଟିଙ୍କ ବିଶ୍ୱାସ ହାସଲ କରିହେବ। ଡିଜିଟାଲ

ଖର୍ଦ୍ଦି ବିକ୍ରି ଓ କାରବାରର ମାର୍ଗକୁ ଇଣ୍ଟରନେଟ୍ ଏବେ ବୈପ୍ଳବିକ ରୂପ ନେଇଛି। ଏହା ସତ୍ତ୍ୱେ ବାଣିଜ୍ୟରେ ସମସ୍ୟାବଳୀ ରହିବ ଏବଂ ଏହାକୁ ସମୂଳେ ଦୂର କରିବା ସହଜ ବ୍ୟାପାର ନୁହେଁ। ବଜାରରେ ନକଲି, ତ୍ରୁଟିପୂର୍ଣ୍ଣ, ନିମ୍ନମାନର ଓ ବିପଜ୍ଜନକ ସାମଗ୍ରୀ ବହୁଳଭାବେ ବିକ୍ରି ହେଉଛି। ପ୍ରଚାର ଓ ପ୍ରସାର ଯୁଗରେ ଯିଏ ଯେତେ ଆଗରେ ରହୁଛି ସେ ସେତେ ଖରାପ ଜିନିଷକୁ ବିଜ୍ଞାପନ ମାଧ୍ୟମରେ ଶ୍ରେଷ୍ଠ କହି ଅଧିକ ବେପାର କରୁଛି। ଏଥିରୁ ଖାଉଟିଙ୍କୁ ସୁରକ୍ଷିତ ରଖିବା ପ୍ରଥମ ଆବଶ୍ୟକତା। ଇ-କମର୍ସରେ ସଂପୃକ୍ତ ଅନେକ ସଂସ୍ଥା ଓ କମ୍ପାନୀ ଏଭଳି ଠକାମୀରେ ଲିପ୍ତ। ସେମାନଙ୍କୁ ଉତ୍ତରଦାୟୀ କରିବା ସହ କ୍ଷତିପୂରଣ ଆଦାୟର ବ୍ୟବସ୍ଥା କରିବାକୁ ହେବ। ସାମଗ୍ରୀର ମାନ, ଗୁଣ, ଉପାଦାନ, ମୂଲ୍ୟ ଓ ଅନ୍ୟାନ୍ୟ ସମସ୍ତ ତଥ୍ୟକୁ କମ୍ପାନୀ ଓ ବିକ୍ରେତାଙ୍କୁ ଜଣାଇବାକୁ ବାଧ୍ୟ କରାଯିବା ଆବଶ୍ୟକ।

ଅର୍ଥନୀତିରେ ନିୟନ୍ତଣ ବ୍ୟବସ୍ଥା ଖାଉଟିଙ୍କ ବିଶ୍ୱାସ ଜିତିବାର ଶେଷ ମାର୍ଗ ନୁହେଁ। ସରକାର ଏଥିପାଇଁ ସେମାନଙ୍କୁ ସୁରକ୍ଷାର ଗ୍ୟାରେଣ୍ଟି ଦେଲେ ସେମାନେ ଆଶ୍ୱସ୍ତ ହେବେ। ସବୁଠୁ ବଡ଼ କଥା ହେଲା ଏକ ଡିଜିଟାଲ ଟେକ୍‌ନୋଲୋଜି ବିଷୟରେ ଲୋକେ ଭଲ ଭାବେ ଅବଗତ ନ'ହେଲେ ଏବଂ ତାହାର ବିଭିନ୍ନ ଦିଗ, ବିଶେଷତଃ ସୁରକ୍ଷା ଦିଗ ପ୍ରତି ନିଶ୍ଚିତ ନ'ହେଲେ ସେମାନେ ଏହାଠାରୁ ଦୂରେଇ ରହିବାକୁ ଶ୍ରେୟସ୍କର ମଣିବେ।

ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥାରେ ନାନା ପ୍ରକାର ସଫ୍ଟୱେୟାରର ପ୍ରଚଳନ, ଅସଂଖ୍ୟ ଲିଙ୍କ୍, ନେଟ୍‌ୱାର୍କ, ଆପ୍ସ ଓ ଆଇଏସ୍‌ପି ଆଦି ଖାଉଟିଙ୍କୁ କେବଳ ବିଭ୍ରାନ୍ତ କରୁନାହିଁ, ସେମାନେ ଏହାର ବ୍ୟବହାର ନେଇ ମଧ୍ୟ ଭୟ କରୁଛନ୍ତି। ଏସବୁ ବ୍ୟବସ୍ଥା ଲୋକଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ଅଧିକ ଅସୁବିଧା ଓ ବିଭ୍ରାନ୍ତି ମଧ୍ୟକୁ ଠେଲି ଦେଉଛି। ଏ କ୍ଷେତ୍ରରେ ଖାଉଟିଙ୍କ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପ୍ରଥମ ଆବଶ୍ୟକତା। ବିଶ୍ୱର ଅଗ୍ରଣୀ ଓ ବିକଶିତ ରାଷ୍ଟ୍ରମାନଙ୍କର ଡିଜିଟାଲ ଅର୍ଥନୀତିର ମାନ ଯାହା ତାହା ସହିତ ଭାରତ ତୁଳନୀୟ ହେବାର ସ୍ଥିତି ଆସିନାହିଁ। ଏଥିପାଇଁ ଯେଉଁ ସାମାଜିକ, ଶୈକ୍ଷିକ ଓ ସଚେତନ




ପରିବେଶ ପରିସ୍ଥିତି ଲୋଡ଼ା ପ୍ରଥମେ ତାହାକୁ ତିଆରି କରିବାକୁ ପଡ଼ିବ।

**ଡିଜିଟାଲ ଶିକ୍ଷା ଓ ସଚେତନତା:**

ଖର୍ଦ୍ଦି ବିକ୍ରି ଓ କାରବାରର ମାର୍ଗକୁ ଇଣ୍ଟରନେଟ୍ ଏବେ ବୈପ୍ଳବିକ ରୂପ ନେଇଛି। ଏହା ସତ୍ତ୍ୱେ ବାଣିଜ୍ୟରେ ସମସ୍ୟାବଳୀ ରହିବ ଏବଂ ଏହାକୁ ସମୂଳେ ଦୂର କରିବା ସହଜ ବ୍ୟାପାର ନୁହେଁ। ବଜାରରେ ନକଲି, ତ୍ରୁଟିପୂର୍ଣ୍ଣ, ନିମ୍ନମାନର ଓ ବିପଜ୍ଜନକ ସାମଗ୍ରୀ ବହୁଳଭାବେ ବିକ୍ରି ହେଉଛି। ପ୍ରଚାର ଓ ପ୍ରସାର ଯୁଗରେ ଯିଏ ଯେତେ ଆଗରେ ରହୁଛି ସେ ସେତେ ଖରାପ ଜିନିଷକୁ ବିଜ୍ଞାପନ ମାଧ୍ୟମରେ ଶ୍ରେଷ୍ଠ କହି ଅଧିକ ବେପାର କରୁଛି। ଏଥିରୁ ଖାଉଟିଙ୍କୁ ସୁରକ୍ଷିତ ରଖିବା ପ୍ରଥମ ଆବଶ୍ୟକତା। ଇ-କମର୍ସରେ ସଂପୃକ୍ତ ଅନେକ ସଂସ୍ଥା ଓ କମ୍ପାନୀ ଏଭଳି ଠକାମୀରେ ଲିପ୍ତ। ସେମାନଙ୍କୁ ଉତ୍ତରଦାୟୀ କରିବା ସହ କ୍ଷତିପୂରଣ ଆଦାୟର ବ୍ୟବସ୍ଥା କରିବାକୁ ହେବ। ସାମଗ୍ରୀର ମାନ, ଗୁଣ, ଉପାଦାନ, ମୂଲ୍ୟ ଓ ଅନ୍ୟାନ୍ୟ ସମସ୍ତ ତଥ୍ୟକୁ କମ୍ପାନୀ ଓ ବିକ୍ରେତାଙ୍କୁ ଜଣାଇବାକୁ ବାଧ କରାଯିବା ଆବଶ୍ୟକ। ଏଥିରେ ଖିଲାପ କଲେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଏବଂ ଖାଉଟିଙ୍କୁ ସହଜରେ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରାଗଲେ ଇ-କମର୍ସର ଆଦର ବଢ଼ିବ। ସର୍ବୋପରି ଡିଜିଟାଲ କାରବାର ସମ୍ପର୍କରେ ଖାଉଟିଙ୍କୁ ଶିକ୍ଷିତ ଓ ସଚେତନ କରାଗଲେ ସେମାନେ ନିଜ ସ୍ୱାର୍ଥ ସୁରକ୍ଷିତ କରିବାର ସୁଯୋଗ ପାଇବେ।

**ପସନ୍ଦ କରିବାର ଅଧିକାର:**

ବଜାରରେ ନିଜର ପସନ୍ଦ ମୁତାବକ ଦ୍ରବ୍ୟ ବା ସେବା କିଣିବା ଖାଉଟିର ପ୍ରଥମ ଅଧିକାର। ଏ କ୍ଷେତ୍ରରେ ତାକୁ ବିଭ୍ରାନ୍ତ କରିବା ବା ଟେକ୍‌ନୋଲୋଜିର ଝଲକ ମଧ୍ୟରେ ଠକିବା ଏକ

ଖାଉଟି ଆଗରେ ଅଳ୍ପ ଖର୍ଚ୍ଚରେ ଅନେକ ସୁଯୋଗ, ତଥ୍ୟ, ବିକଳ୍ପ ଓ ପସନ୍ଦ ଉପଲବ୍ଧ ହେଉଛି। ଡିଜିଟାଲ ମାଧ୍ୟମ ଓ ମୋବାଇଲ ଟ୍ରାନ୍‌ଜାକସନ୍ ଖାଉଟିର ଜୀବନକୁ ବଦଳାଇ ଦେଇଛି। ଏହି ଡିଜିଟାଲ ବିକାଶ ବ୍ୟବହାରକାରୀଙ୍କ ପାଇଁ ଏକ ଆସ୍ଥା ଓ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ; କାରଣ ଏହାକୁ ମାଧ୍ୟମ କରି ଖାଉଟି ତା'ର ନିତ୍ୟ ନୈମିତ୍ତିକ ଜୀବନରେ ଦୁନିଆ ସହିତ ସମନ୍ୱିତ ହେବାକୁ ଚାହୁଁଛି। ଅତଏବ ଏହି ଡିଜିଟାଲ ବ୍ୟବସ୍ଥା ଶସ୍ତା, ଭରସାଯୋଗ୍ୟ, ନିରନ୍ତର, ଉତ୍ତମମାନ ଯୁକ୍ତ ହେବା ଆବଶ୍ୟକ। ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇବା ପାଇଁ ମୌଳିକ ସୁବିଧା ସୁଯୋଗ ବା ଭିତ୍ତିଭୂମିର ବିକାଶ ଲୋଡ଼ା।



ଅପରାଧ। ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ଯଦି ଖାଉଟି ଏକାଧିକ ସାମଗ୍ରୀର ବିକଳ୍ପ ପାଏ ତା'ହେଲେ ସେ ନିଜ ପସନ୍ଦ ଅନୁସାରେ ତାହା କିଣିପାରିବ। ଏଥିପାଇଁ ଗୋଟିଏ ସାମଗ୍ରୀକୁ ଅଧିକ ମୂଲ୍ୟରେ କିଣିବାକୁ ସେ ବାଧ୍ୟ ହେବ ନାହିଁ। ସରକାର ଏଥିପାଇଁ ଆବଶ୍ୟକ ପ୍ରତିଯୋଗିତାମୂଳକ ବଜାର ଓ ଭିତ୍ତିଭୂମି ସୃଷ୍ଟି କରିବା ଆବଶ୍ୟକ। ଏହାଦ୍ୱାରା ଦେଶର ଇ-ଅର୍ଥନୀତି ଉପକୃତ ହେବ। ଗୋଟିଏ ନେଟ୍‌ୱାର୍କ ପରିବର୍ତ୍ତେ ସେହି ମୂଲ୍ୟରେ ଖାଉଟି ଏକାଧିକ ନେଟ୍‌ୱାର୍କର ବିକଳ୍ପ ପାଇଲେ ନିଜର ଇଚ୍ଛା ଅନୁସାରେ ତାହା ବାଛିପାରିବେ। ସେବା ପ୍ରଦାନରେ ଅସୁବିଧା ଦେଖାଦେଲେ ଏହାକୁ ବଦଳାଇ ପାରିବେ। ଏହାଦ୍ୱାରା ବଜାରରୁ ଏକଚାଟିଆ ବ୍ୟବସ୍ଥାର ଅବସାନ ଘଟିବ। ତେଣୁ ଡିଜିଟାଲ ବିଜିନେସ୍ ପ୍ରୋଭାଇଡରଙ୍କ ବିଷୟରେ ଖାଉଟି ଯେତେ ଅଧିକ ଜାଣିପାରିବେ ସେମାନଙ୍କ ସନ୍ଦେହ ଓ ଦୁର୍ଦ୍ଦଶା ସେତେ ଲାଘବ ହେବ।

ଅଭିନବତା ଓ ପ୍ରଯୁକ୍ତି ସର୍ବଦା ଦ୍ରୁତ ପରିବର୍ତ୍ତନଶୀଳ। ଏହା ଖାଉଟିଙ୍କ ପାଇଁ ଉଭୟ ସୁଯୋଗ ଓ ଜଞ୍ଜାଳ ଆଣେ। ତେଣୁ ଏହି ଦୁଇଟି ଭିତରେ ଭାରସାମ୍ୟ ରଖି ଖାଉଟିକୁ ନୂଆ ଟେକ୍‌ନୋଲୋଜିକୁ ଆପଣେଇବାକୁ ହେବ। ବ୍ୟବସ୍ଥା ସହ ପରିଚିତ ହେଲେ ସେ ନିଜକୁ ନିଜେ ସୁରକ୍ଷିତ କରିବାକୁ ଅନେକାଂଶରେ ସମର୍ଥ ହୋଇପାରିବ। ଖାଉଟିଙ୍କୁ ଶିକ୍ଷିତ, ସଚେତନ ନ'କଲେ ଏବଂ ସେମାନଙ୍କ ବିଶ୍ୱାସ ନ ଜିତିଲେ ଡିଜିଟାଲ-ଅର୍ଥନୀତିର ଲକ୍ଷ୍ୟ ସାଧିତ ହୋଇପାରିବ ନାହିଁ। ଏହା ଫଳରେ ଦେଶର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା କଷ୍ଟ ହେବ। ଅତଏବ ଏ କ୍ଷେତ୍ରରେ ଏକ ବିଶ୍ୱସନୀୟ, ଉତ୍ତରଦାୟୀ, ସ୍ୱଚ୍ଛ ବ୍ୟବସ୍ଥା ନିର୍ମାଣ ପ୍ରଥମ ଆବଶ୍ୟକତା। ତାହାକୁ ଆଖି ଆଗରେ ରଖି ଖାଉଟି ସୁରକ୍ଷା ଓ ଅଧିକାର ଆଇନରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ହେବ। ଏ କ୍ଷେତ୍ରରେ ସରକାର, ଶିଳ୍ପବାଣିଜ୍ୟ ସଂସ୍ଥା, ଖାଉଟି, ଜନସାଧାରଣ, ସ୍ୱେଚ୍ଛାସେବୀ ସଂସ୍ଥା ମିଳିତ ଭାବେ କାମ କରିବାର ଆବଶ୍ୟକତା ରହିଛି।

**ଇନ୍‌ସରସନ୍-୧**

- ଯିଏ ନିଜର, ନିଜ ପରିବାରର ଆବଶ୍ୟକତା ବା ବ୍ୟବହାର ପାଇଁ କୌଣସି ସାମଗ୍ରୀ ବା ସେବା କ୍ରୟ କରେ ସେ ଖାଉଟି।
- ଖାଉଟି ସୁରକ୍ଷା ନୀତିରେ ଜାତୀୟ ଆଇନ, ନିୟମକାନୁନ, ବ୍ୟବସ୍ଥା, କାର୍ଯ୍ୟକ୍ରମ ଓ ଆଚରଣ ବିଧି ଆଦି ଅନ୍ତର୍ଭୁକ୍ତ।

**ଇନ୍‌ସରସନ୍-୨**

- ପରିବର୍ତ୍ତନର ପ୍ରଥମ ପଦକ୍ଷେପ ହେଲା ସଚେତନତା। ଦ୍ୱିତୀୟ ପଦକ୍ଷେପ ହେଲା ଗ୍ରହଣୀୟତା - ନାଥାନିଏଲ ବ୍ରାଣ୍ଡେନ।
- ଆପଣ ଯଦି ଖାଉଟିଙ୍କୁ ସାରାଜୀବନ ବାନ୍ଧି ରଖିବାକୁ ଚାହାନ୍ତି ତେବେ ଦୟାର୍ଦ୍ର ନୀତିରେ ତାଙ୍କୁ ଚମତ୍କୃତ କରନ୍ତୁ କିମ୍ବା ଉଲ୍ଲେଖନୀୟ ସେବା ଅନୁଭବ ଦେଇ ତାଙ୍କ ମନ ଜିଣନ୍ତୁ - ମେଲୋନି ଡୋରାଡୋ।
- ପ୍ରକାର ଯେତେ ଅଧିକ, ସମାଜ ସେତେ ଉତ୍ତମ।

**ଲେଖକ ଭାରତୀୟ ଖାଉଟି ମାର୍ଗଦର୍ଶକ ସମାଜ (ସିଜିଏସ୍‌ଆଇ)ର ଅଧ୍ୟକ୍ଷ)**

# ଖାଉଟି ସୁରକ୍ଷା ଆଇନ: ନୂଆକୁ ବାଟଛାଡୁଛି ପୁରୁଣା

ପୁଷ୍ପା ଗିରିମାଜି

ଚଳିତ ଡିସେମ୍ବରରେ ଆମେ ଖାଉଟି ଅଧିକାର ଦିବସ ପାଳନ କରୁଛୁ । ୧୯୮୬ରେ ପ୍ରଣିତ ଖାଉଟି ସୁରକ୍ଷା ଆଇନର ସ୍ମାରକ ଭାବେ ଏହି ଦିବସ ପାଳିତ ହେଉଥିବାବେଳେ ଏହାର ଅବସାନ ଘଟାଇ ଏକ ନୂଆ ଆଇନ ଆସିବାକୁ ଯାଉଛି ଯାହାକୁ ଆମେ ଆଗ୍ରହର ସହିତ ଅପେକ୍ଷା କରିଛୁ । ଅତଏବ ଏହା ଏକ ବିରଳ ବ୍ୟତିକ୍ରମ ।


ଆଇନ ସର୍ବଦା ଯୁଗ ଉପଯୋଗୀ ହେବା ଆବଶ୍ୟକ । ପ୍ରଥମ ଖାଉଟି ସୁରକ୍ଷା ଆଇନର ପ୍ରବର୍ତ୍ତନ ଦେଶ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବାବେଳେ ଏହା ଏ କ୍ଷେତ୍ରରେ ଅନେକ ଦିଗନ୍ତ ସୃଷ୍ଟି କରିଛି । ଏହି ଆଇନ ବଳରେ ଖାଉଟିର ଅଧିକାର, ସୁରକ୍ଷା, ସ୍ୱତନ୍ତ୍ର ଖାଉଟି ନ୍ୟାୟ ବ୍ୟବସ୍ଥା ଆଦି ଦେଶରେ ପ୍ରବର୍ତ୍ତିତ ହୋଇପାରିଛି । ତେବେ ବଜାର ଅର୍ଥନୀତିର ପ୍ରବର୍ତ୍ତନ ଫଳରେ ଅନେକ ପରିବର୍ତ୍ତନ ଆସିଛି । ଡିଜିଟାଲ ଟେକ୍‌ନୋଲୋଜିରେ ଉଲ୍ଲେଖନୀୟ ପ୍ରଗତି ଘଟିଛି । ନୂଆ ଆବଶ୍ୟକତା ଓ ବ୍ୟବସ୍ଥାକୁ ପୂରଣ କରିବା ପାଇଁ ୧୯୮୬ର ଆଇନରେ ଅନେକ କିଛି ଅଭାବ ରହିଯାଇଛି । ତେଣୁ ତା' ସ୍ଥାନରେ ଏକ ଉନ୍ନତ, ନୂଆ ଓ ସମୟଉପଯୋଗୀ ଆଇନର ଆବଶ୍ୟକତା ରହିଛି ।

ନୂଆ ବା ସଂଶୋଧିତ ଖାଉଟି ସୁରକ୍ଷା ବିଲ୍ ୨୦୧୫ ଅଗଷ୍ଟରେ ଲୋକସଭାରେ ଉପସ୍ଥାପିତ ହୋଇଥିଲା । ବାଚସ୍ପତି ଏହାକୁ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟିକୁ ପରୀକ୍ଷା ନିରୀକ୍ଷା ପାଇଁ ପଠାଇ ଦେଇଥିଲେ । ଏହାକୁ ତର୍ଜମା କରିବା ପରେ ଷ୍ଟାଣ୍ଡିଂ କମିଟି ବିଲ୍‌ରେ କେତେକ ନୂଆ ବ୍ୟବସ୍ଥା ଯୋଡ଼ିବାକୁ ସୁପାରିସ କରି ତାଙ୍କ ରିପୋର୍ଟ ୨୦୧୬ ଏପ୍ରିଲ ୨୬ରେ ସରକାରଙ୍କୁ ଦେଇଥିଲେ । ତଦନୁସାରେ ସରକାର ବିଲରେ ଆବଶ୍ୟକ ସଂଶୋଧନ କରିଛନ୍ତି ଏବଂ ସଂସଦର ଶୀତକାଳୀନ ଅଧିବେଶନରେ ଏହାକୁ ଉପସ୍ଥାପିତ କରିବେ ବୋଲି ଆଶା କରାଯାଉଛି ।

ପ୍ରସ୍ତାବିତ ନୂଆ ଆଇନକୁ ବୁଝିବା ପାଇଁ ଆମକୁ ପ୍ରଥମେ ୧୯୮୬ର ଖାଉଟି ସୁରକ୍ଷା ଆଇନକୁ ବିଚାରକୁ ନେବାକୁ ହେବ । ସେଥିରୁ ଆମେ ପ୍ରଚଳିତ ଆଇନର ସଫଳତା ବିଫଳତା ଜାଣିପାରିବା ।

**୧୯୮୬ର ଆଇନ:**

୧୯୮୬ର ଖାଉଟି ସୁରକ୍ଷା ଆଇନ ଏ କ୍ଷେତ୍ରରେ ଥିଲା ଦେଶର ପ୍ରଥମ ବୈଧାନିକ ବ୍ୟବସ୍ଥା । ଖାଉଟି ଅଧିକାରକୁ ସୁରକ୍ଷିତ କରିବା କ୍ଷେତ୍ରରେ ଏହା ଏକ ବୈପ୍ଳବିକ ପଦକ୍ଷେପ ଥିଲା । ଏହି ଆଇନରେ ପ୍ରଥମ ଥର ପାଇଁ ଖାଉଟିକୁ ଛ'ଟି ଅଧିକାର ମିଳିଥିଲା । ସେଗୁଡ଼ିକ ଥିଲା – ୧) ନିରାପଦ ସାମଗ୍ରୀ / ସେବା ପାଇବାର ଅଧିକାର, ୨) ସୂଚନା ପାଇବାର ଅଧିକାର, ୩) ପସନ୍ଦ କରିବାର ଅଧିକାର, ୪) ଖାଉଟିର ଆପତ୍ତି ଅଭିଯୋଗ ଶୁଣାଣି ହେବାର ଅଧିକାର, ୫) ଖାଉଟି ଶିକ୍ଷାର ଅଧିକାର ଓ ୬) ଖାଉଟିକୁ ଠକେଇ ଓ ଶୋଷଣରୁ ରକ୍ଷା ପାଇଁ ନ୍ୟାୟ ପ୍ରଦାନର ଅଧିକାର । ଏହି ଆଇନରେ କେନ୍ଦ୍ରୀୟ ସ୍ତରରେ ଖାଉଟି ସୁରକ୍ଷା ପରିଷଦ ଏବଂ ରାଜ୍ୟ ଓ ଜିଲ୍ଲାସ୍ତରରେ ଖାଉଟି ଅଦାଲତର ବ୍ୟବସ୍ଥା ଥିଲା ଯାହା ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣି ସେମାନଙ୍କୁ ନ୍ୟାୟ ପ୍ରଦାନ କରି ଆସୁଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏକ ତ୍ରିସ୍ତରୀୟ ନିୟାମକ ବ୍ୟବସ୍ଥା ଦ୍ୱାରା ତ୍ରୁଟିପୂର୍ଣ୍ଣ ସାମଗ୍ରୀ / ସେବା, ନିମ୍ନମାନର ସେବା ବା ସାମଗ୍ରୀ, ମାତ୍ରାଧିକ ମୂଲ୍ୟରେ ସାମଗ୍ରୀ ବିକ୍ରି ଏବଂ ଅସାଧୁ ବ୍ୟବସାୟକୁ






ରୋକିବା ସହ ଖାଉଟିଙ୍କୁ ଶୋଷଣ ଓ ଠକେଇରୁ ସୁରକ୍ଷା ଦେବା। କିଛି ବିଚାର ବିଭାଗୀୟ ଓ ଅଣ ବିଚାରବିଭାଗୀୟ ସଦସ୍ୟଙ୍କ ଦ୍ୱାରା ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣି ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉଥିବା ବେଳେ ଏଥିରେ ଓକିଲଙ୍କ ଭୂମିକା ପ୍ରାୟ ନ ଥିଲା। ପ୍ରାକୃତିକ ନ୍ୟାୟ ଢାଞ୍ଚାରେ ଏଠାରେ ଖାଉଟିଙ୍କୁ ନ୍ୟାୟ ଦିଆଯାଉଥିଲା। ନ୍ୟାୟ ପ୍ରଦାନବେଳେ ଏହି ନିୟାମକ ବା ଖାଉଟି ଅଦାଲତ ଠକାମି ବା ତଞ୍ଚକତାର ସମ୍ମୁଖୀନ ହୋଇଥିବା ଖାଉଟିଙ୍କୁ ଯେଉଁ ନ୍ୟାୟ ଦେଉଥିଲା ସେଥିରେ ତ୍ରୁଟିପୂର୍ଣ୍ଣ ସାମଗ୍ରୀର ପରିବର୍ତ୍ତନ, ସାମଗ୍ରୀ ଓ ସେବା ପାଇଁ ଉଚିତ ମୂଲ୍ୟ ପ୍ରଦାନ, ତ୍ରୁଟିପୂର୍ଣ୍ଣ ସାମଗ୍ରୀ ଫେରସ୍ତ, ବିପଜ୍ଜନକ ସାମଗ୍ରୀର ବିକ୍ରିବଟା ନିଷିଦ୍ଧ, ଏବଂ କ୍ଷତିଗ୍ରସ୍ତ ଖାଉଟିଙ୍କୁ କ୍ଷତିପୂରଣ ପ୍ରଦାନ ଆଦି ଅନ୍ତର୍ଭୁକ୍ତ।

ଏହିସବୁ ଅଦାଲତ ପ୍ରଥମେ ଯେତେବେଳେ କାର୍ଯ୍ୟ ଆରମ୍ଭ କଲା ଏହା ଖାଉଟି ବିବାଦର ଦ୍ୱାର ଉନ୍ମୁକ୍ତ କରିଦେଲା। ଅଗଣିତ ମାମଲା ଖାଉଟି ଅଦାଲତକୁ ଆସିଲା ଏବଂ ଏମିତି କୌଣସି କ୍ଷେତ୍ର ବାକି ରହିଲା ନାହିଁ ଯେଉଁଠି ଖାଉଟି ବିବାଦ ସୃଷ୍ଟି ନ'ହେଲା। ଫଳରେ ଉତ୍ପାଦକ ଓ ବିକ୍ରେତା ଉଭୟ ଅସୁବିଧାରେ ପଡ଼ିଲେ ଏବଂ ଠକାମି, ଭଣ୍ଡାମି, ଖାଉଟି ଶୋଷଣ ବିରୋଧରେ ଏକ ଆନ୍ଦୋଳନ ଗଢ଼ି ଉଠିଲା। ବିଜ୍ଞାପନ ଓ ସେବା କ୍ଷେତ୍ର ମଧ୍ୟ ଏଥିରୁ ବାଦ ପଡ଼ିଲା ନାହିଁ। ବସ୍ତୁତଃ ଏହା ଦେଶରେ ଏକ ଖାଉଟି ସଚେତନତା ଆନ୍ଦୋଳନ ଗଢ଼ିତୋଳିବା ସହ ଉପଭୋକ୍ତାଙ୍କୁ ସଶକ୍ତ ଏବଂ ମଜଭୁତ କଲା। ଡାକ ତାର, ରେଳବାଇ, ହସପିଟାଲ, ଶକ୍ତିଯୋଗାଣ, ବ୍ୟାଙ୍କ, ବୀମା, ବିମାନ ସେବା, ଜଳଯୋଗାଣ, ସ୍କୁଲ କଲେଜ, ଆଇନଜୀବୀ, ନିର୍ମାତା, ସ୍ଥପତି, ଟ୍ରାଭେଲ ଏଜେଣ୍ଟ, ଷ୍ଟକ ବ୍ରୋକର, ଡ୍ରାଏକ୍ଲିନର, ଘଟସୂତ୍ର ଅଫିସ ସବୁ କ୍ଷେତ୍ର ଓ ସଂସ୍ଥାଙ୍କୁ ଲୋକେ ତ୍ରୁଟିପୂର୍ଣ୍ଣ ସେବା ଓ ଠକାମି ପାଇଁ ଖାଉଟି ଅଦାଲତକୁ ଟାଣିଲେ। ସର୍ବୋଚ୍ଚ ଖାଉଟି ଅଦାଲତ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ଐତିହାସିକ ରାୟ ମାନ ଦେଲେ। ଏହା ଖାଉଟି ଅଧିକାରକୁ ସୁଦୃଢ଼ କରିବା ସହ ଖାଉଟି ଆନ୍ଦୋଳନକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇଲା।

**ଖାଉଟି ଅଦାଲତଙ୍କ ବିଫଳତା:**

ଖାଉଟିମାନେ ଆଇନର ସନନ୍ଦ ଲାଭ କରି ବିଜୟ ପାଳନ କରୁଥିବାବେଳେ ସେମାନଙ୍କ ସ୍ୱାର୍ଥ ସୁରକ୍ଷା କରୁଥିବା ଖାଉଟି ଅଦାଲତ ସମୂହ ଜନତାଙ୍କ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇପାରିଲେ ନାହିଁ। ଆବଶ୍ୟକ ବିଚାରକ ଓ ଶୁଣାଣିକାରୀଙ୍କ ଅଭାବରୁ ଅଧିକାଂଶ ମାମଲାର ବିଚାର ଅତି ମନ୍ଥର ଗତିରେ ଚାଲିଲା। ଖାଉଟି ଅଦାଲତର ସଦସ୍ୟ ନିଯୁକ୍ତିରେ ମାତ୍ରାଧିକ ବିଳମ୍ବ ଅଦାଲତଙ୍କ କାର୍ଯ୍ୟକୁ ବ୍ୟାହତ କଲା। ଏହି ବିଚାର ପ୍ରକ୍ରିୟାରେ କାଳକ୍ରମେ କିଛି ଅନାବଶ୍ୟକ ବୈଷୟିକ ଜଟିଳତାକୁ ଜୋଡ଼ି ଦିଆଯିବାରୁ ଅଧିକାଂଶ ମାମଲାର ଶୁଣାଣିକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଲା। ଏଥିରେ ଆଇନଜୀବୀମାନେ ସଂଶ୍ଳିଷ୍ଟ ହୋଇ 'ସରଳ, ଦ୍ରୁତ ଓ ସୁଲଭ' ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଏକ ଫାର୍ସରେ ପରିଣତ କଲେ। ଅଧିକାଂଶ ମାମଲାରେ ତ୍ରୁଟିବିଚ୍ୟୁତିକାରୀଙ୍କୁ ଉଦାହରଣୀୟ ଦଣ୍ଡ ମିଳିଲା ନାହିଁ କିମ୍ବା ବାଦୀ ଆବଶ୍ୟକ ନ୍ୟାୟ ବା କ୍ଷତିପୂରଣ ପାଇଲେ ନାହିଁ। ଫଳରେ ଏହି ଅଦାଲତ ଉପରୁ ଖାଉଟିଙ୍କ ବିଶ୍ୱାସ ତୁଟିବାକୁ ଲାଗିଲା ଏବଂ ଲୋକେ ଆଉ ସେଠାକୁ ଗଲେ ନାହିଁ।

୨୦୧୩ ଜାନୁୟାରୀରେ ଭାରତୀୟ ଲୋକପ୍ରଶାସନ ପ୍ରତିଷ୍ଠାନ (ଆଇଆଇପିଏ) ଖାଉଟି ସୁରକ୍ଷା ଆଇନ ଓ ଦେଶର ଖାଉଟି ଅଦାଲତଙ୍କ

> କେତେକ ରାଜ୍ୟରେ ଖାଉଟିଙ୍କୁ ନ୍ୟାୟ ପାଇଁ ବହୁ ଅର୍ଥ ଓ ଶ୍ରମ ସ୍ୱୀକାର କରିବାକୁ ପଡୁଥିବା କେତେକ ସର୍ଭେ ରିପୋର୍ଟରୁ ଜଣାପଡ଼ିଲା। ଓକିଲ ନିଯୁକ୍ତି ଦ୍ୱାରା ଖାଉଟି ଅଧିକ ଖର୍ଚ୍ଚାନ୍ତ ହେଉଥିବା ସର୍ଭେରୁ ଜାଣିବାକୁ ମିଳିଲା।
>
> ସରକାର ବିଭିନ୍ନ ସମୟରେ ଖାଉଟି ସ୍ୱାର୍ଥକୁ ସୁରକ୍ଷିତ କରିବାକୁ ୧୯୮୬ ଆଇନରେ ଏକାଧିକ ସଂଶୋଧନ ଆଣିଥିଲେ ମଧ୍ୟ ତାହା ଇପ୍ସିତ ଫଳ ପ୍ରଦାନରେ ବିଫଳ ହୋଇଛି। ୧୯୯୧, ୧୯୯୩ ଓ ୨୦୦୨ର ସଂଶୋଧନ ଏହି ଅସୁବିଧା ଦୂର କରିବାରେ ସମର୍ଥ ହୋଇନାହିଁ।

ଭୂମିକା ସମ୍ପର୍କରେ ଅନୁଧ୍ୟାନ କରି ଏକ ରିପୋର୍ଟ ଦେଲା। ଏହି ରିପୋର୍ଟ ଏହାର ୧୯୯୪ ରିପୋର୍ଟ ଭଳି ଥିଲା। ସେହିଭଳି ୨୦୦୪ରେ କଂପଟ୍ରୋଲର ଓ ଅଡିଟର ଜେନେରାଲ ମଧ୍ୟ ଏହି ଅଦାଲତଙ୍କ କାର୍ଯ୍ୟର ସମୀକ୍ଷା କରି ଏକ ରିପୋର୍ଟ ଦେଲେ। ଏ ସମସ୍ତ ରିପୋର୍ଟ ଖାଉଟି ଅଦାଲତ ସମୂହଙ୍କ ବିକଳ ସ୍ଥିତିକୁ ଦର୍ଶାଇଥିଲା। ଏହି ଅଦାଲତ ସ୍ୱଳ୍ପମୂଲ୍ୟରେ ଖାଉଟିଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନରେ ବିଫଳ ହୋଇଛି ବୋଲି ଦର୍ଶାଇ ଏହାର ସାମଗ୍ରିକ ସଫଳତା ଅତି ସୀମିତ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଆହୁରି ମଧ୍ୟ ଖାଉଟିଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳୁ ନ ଥିବାରୁ ଲୋକ ଅଦାଲତ ଉପରୁ ଜନତାଙ୍କ ବିଶ୍ୱାସ ତୁଟୁଛି ବୋଲି ସବୁ ରିପୋର୍ଟରେ କୁହାଯାଇଥିଲା। କେତେକ ରାଜ୍ୟରେ ଖାଉଟିଙ୍କୁ ନ୍ୟାୟ ପାଇଁ ବହୁ ଅର୍ଥ ଓ ଶ୍ରମ ସ୍ୱୀକାର କରିବାକୁ ପଡୁଥିବା କେତେକ ସର୍ଭେ ରିପୋର୍ଟରୁ ଜଣାପଡ଼ିଲା। ଓକିଲ ନିଯୁକ୍ତି ଦ୍ୱାରା ଖାଉଟି ଅଧିକ ଖର୍ଚ୍ଚାନ୍ତ ହେଉଥିବା ସର୍ଭେରୁ ଜାଣିବାକୁ ମିଳିଲା। ସରକାର ବିଭିନ୍ନ ସମୟରେ ଖାଉଟି ସ୍ୱାର୍ଥକୁ ସୁରକ୍ଷିତ କରିବାକୁ ୧୯୮୬ ଆଇନରେ ଏକାଧିକ

# ଖାଉଟି ଅଧିକାର




ସଂଶୋଧନ ଆଣିଥିଲେ ମଧ୍ୟ ତାହା ଇପ୍ସିତ ଫଳ ପ୍ରଦାନରେ ବିଫଳ ହୋଇଛି। ୧୯୯୧, ୧୯୯୩ ଓ ୨୦୦୨ର ସଂଶୋଧନ ଏହି ଅସୁବିଧା ଦୂର କରିବାରେ ସମର୍ଥ ହୋଇନାହିଁ।

**୧୯୮୬ ଆଇନର ତ୍ରୁଟି ବିଚ୍ୟୁତି:**

୧୯୮୬ ଖାଉଟି ସୁରକ୍ଷା ଆଇନର ସବୁଠୁ ବଡ଼ ତ୍ରୁଟି ହେଲା ଉପଭୋକ୍ତାଙ୍କ ଅଧିକାରକୁ ସୁରକ୍ଷିତ କରିବା ପାଇଁ ଏହାକୁ କାର୍ଯ୍ୟକାରୀ କରିବାରେ ନିୟନ୍ତ୍ରକ ବ୍ୟବସ୍ଥାର ଅଭାବ। ଖାଉଟିଙ୍କୁ ସୁରକ୍ଷିତ କରିବା ପରିବର୍ତ୍ତେ ଏହି ଆଇନ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ଓ ନ୍ୟାୟ ପ୍ରଦାନ ପାଇଁ ଅଧିକ ଉଦ୍ଦିଷ୍ଟ। ଖାଉଟି ଶୋଷଣରୁ ମୁକ୍ତ ରହିବା ପ୍ରଥମ ଆବଶ୍ୟକତା ଥିବାବେଳେ ୧୯୮୬ ଆଇନରେ ସେ ବିଷୟରେ ବିଶେଷ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ତେଣୁ ରୋଗର ଚିକିତ୍ସା ଅପେକ୍ଷା ନିବାରଣ ବ୍ୟବସ୍ଥା ଯେପରି ଅଧିକ ଶ୍ରେୟସ୍କର ଖାଉଟି ଆଇନ ସେଭଳି ହେବା ଦରକାର। ଖାଉଟି ଅଦାଲତଗୁଡ଼ିକର ସୀମିତ କ୍ଷମତା ଓ ପରିସର ଯୋଗୁଁ ଉପଭୋକ୍ତାର ସ୍ୱାର୍ଥ ସୁରକ୍ଷିତ ହେଉନାହିଁ। ସେହିଭଳି କେନ୍ଦ୍ରୀୟ ସ୍ତରରେ ଯେଉଁ ଖାଉଟି ସୁରକ୍ଷା ପରିଷଦ ରହିଛି ତାହା ବସ୍ତୁତ ଏକ ଦନ୍ତହୀନ ବାଘ। ଏହା କେବଳ ସୁପାରିସ କ୍ଷମତା ଉପଭୋଗ କରିଥାଏ।

ଖାଉଟି ସୁରକ୍ଷା ଆଇନରେ ଖାଉଟି ଛ'ଟି ଅଧିକାର ପାଇଥିଲେ ହେଁ ୧୯୮୬ ଆଇନରେ କେବଳ ଗୋଟିଏ ଅଧିକାର- ଖାଉଟିର ଆପତ୍ତି ଅଭିଯୋଗର ଶୁଣାଣି ଓ ତାହାର ଅପନୋଦନ ଛଡ଼ା ଏହା ଅନ୍ୟ ପାଞ୍ଚଟି ଅଧିକାରକୁ ଜାହିର କରିବାରେ ବିଫଳ। ଏହା କେବଳ କ୍ଷତିଭରଣା କରିଥାଏ ଏବଂ ଏହାର ଦଣ୍ଡବିଧାନ କ୍ଷମତା ନାହିଁ।



ଏଠାରେ ସୂଚନାଯୋଗ୍ୟ ଯେ ଭାରତରେ ଖାଉଟି ସୁରକ୍ଷା ଆଇନ ୧୯୮୬ରେ ଯେତେବେଳେ ପ୍ରଥମ କରି ପ୍ରସ୍ତୁତ ହେଲା ସେତେବେଳେ ଦେଶରେ ଆର୍ଥିକ ଉଦାରୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ନ ଥିଲା। ଏହାର ପ୍ରାୟ ପାଞ୍ଚବର୍ଷ ପରେ ଉଦାରୀକରଣ ଆସିଲା। ମୁକ୍ତ ବଜାର ଅର୍ଥନୀତିରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୁଏ। ଉତ୍ପାଦକ ଦ୍ରବ୍ୟ/ସେବାର ମାନ ଏବଂ ମୂଲ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଏହା ଶୁଳ୍କ ହ୍ରାସକୁ ମଧ୍ୟ ପ୍ରୋତ୍ସାହିତ କରେ। ଭାରତରେ ଟେଲି ଯୋଗାଯୋଗ ସମେତ ବିଭିନ୍ନ କ୍ଷେତ୍ରରେ ଆମେ ଏକଥା ଦେଖିଛନ୍ତି। ତେବେ ଏହି ମୂଲ୍ୟ ହ୍ରାସ ପ୍ରତିଯୋଗିତା ମଧ୍ୟରେ ଅସାଧୁ ଓ ଅନୈତିକ ବଜାର ଏବଂ ଠକ ବ୍ୟାବସାୟିକ ନୀତି ବୃଦ୍ଧି ପାଏ। ଏହାଦ୍ୱାରା ଖାଉଟି ବିଶେଷ କ୍ଷତିଗ୍ରସ୍ତ ହୁଅନ୍ତି।

ସେହିଭଳି ଡିଜିଟାଲ ଟେକ୍ନୋଲୋଜିର ଦ୍ରୁତ ବିକାଶ ଫଳରେ ଜ୍ଞାନର ସୀମା ପରିବ୍ୟାପ୍ତ ହୋଇଛି। ପୃଥିବୀ ଏକ ଛୋଟିଆ ଗାଁରେ ପରିଣତ ହୋଇ ବିଭିନ୍ନ ଦେଶର ଲୋକଙ୍କୁ ଅଧିକରୁ ଅଧିକ ନିକଟତର କରିଛି। ଏବେ ଆଉ କେତେକ ଠକେଇ ପ୍ରସାର ଲାଭ କରିଛି ଓ ସେସବୁ ହେଲା, 'ଅନ୍‌ଲାଇନ୍ ଫ୍ରଡ୍' ପରିଚୟ ଚୋରି, ଏଟିଏମ୍ କାର୍ଡ ସ୍କିମିଙ୍ଗ, କ୍ରେଡିଟ୍ କାର୍ଡ, କ୍ଲୋନିଂ ଇତ୍ୟାଦି। ଅତଏବ ପରିବର୍ତ୍ତିତ ପରିସ୍ଥିତିରେ ଖାଉଟିର ସୁରକ୍ଷା ଗୁରୁତ୍ୱ ଲାଭ କରିଛି। ଡିଜିଟାଲ ଯୁଗରେ ଖାଉଟିର ସ୍ୱାର୍ଥ ସୁରକ୍ଷା ପାଇଁ ଆବଶ୍ୟକ ସୁରକ୍ଷା ଓ ଆଇନଗତ ବ୍ୟବସ୍ଥା ଅପରିହାର୍ଯ୍ୟ ହୋଇଛି। ଏହାକୁ ଆଧୁନିକ ଯୁଗର ଖାଉଟି ସୁରକ୍ଷା କୁହାଯାଇପାରେ। ଏହାକୁ ଦୃଷ୍ଟିରେ ରଖି ନୂଆ ଖାଉଟି ସୁରକ୍ଷା ଆଇନ ପ୍ରଣୟନର ଆବଶ୍ୟକତା ପଡ଼ିଛି।

**ନୂଆ ପ୍ରଭାତ:**

ପ୍ରସ୍ତାବିତ ଆଇନର ପ୍ରମୁଖ ଦିଗଗୁଡ଼ିକ ହେଲା - ଏକ ଶୀର୍ଷ ନିୟନ୍ତ୍ରକ କର୍ତ୍ତୃପକ୍ଷ ଗଠନ। ତଦନୁସାରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା ପ୍ରାଧିକରଣ ଗଠନ

୧୯୮୬ର ଖାଉଟି ସୁରକ୍ଷା ଆଇନ ଏ କ୍ଷେତ୍ରରେ ଥିଲା ଦେଶର ପ୍ରଥମ ବୈଧାନିକ ବ୍ୟବସ୍ଥା। ଖାଉଟି ଅଧିକାରକୁ ସୁରକ୍ଷିତ କରିବା କ୍ଷେତ୍ରରେ ଏହା ଏକ ବୈପ୍ଳବିକ ପଦକ୍ଷେପ ଥିଲା। ଏହି ଆଇନରେ ପ୍ରଥମ ଥର ପାଇଁ ଖାଉଟିଙ୍କୁ ଛ'ଟି ଅଧିକାର ମିଳିଥିଲା। ସେଗୁଡ଼ିକ ଥିଲା -୧) ନିରାପଦ ସାମଗ୍ରୀ / ସେବା ପାଇବାର ଅଧିକାର, ୨) ସୂଚନା ପାଇବାର ଅଧିକାର, ୩) ପସନ୍ଦ କରିବାର ଅଧିକାର, ୪) ଖାଉଟିର ଆପତ୍ତି ଅଭିଯୋଗ ଶୁଣାଣି ହେବାର ଅଧିକାର, ୫) ଖାଉଟି ଶିକ୍ଷାର ଅଧିକାର ଓ ୬) ଖାଉଟିଙ୍କୁ ଠକେଇ ଓ ଶୋଷଣରୁ ରକ୍ଷା ପାଇଁ ନ୍ୟାୟ ପ୍ରଦାନର ଅଧିକାର। ଏହି ଆଇନରେ କେନ୍ଦ୍ରୀୟ ସ୍ତରରେ ଖାଉଟି ସୁରକ୍ଷା ପରିଷଦ ଏବଂ ରାଜ୍ୟ ଓ ଜିଲ୍ଲାସ୍ତରରେ ଖାଉଟି ଅଦାଲତର ବ୍ୟବସ୍ଥା ଥିଲା ଯାହା ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣି ସେମାନଙ୍କୁ ନ୍ୟାୟ ପ୍ରଦାନ କରି ଆସୁଛି।



କରାଯିବ। ଖାଉଟିର ଅଧିକାରକୁ ସାବ୍ୟସ୍ତ ଓ ପ୍ରୋତ୍ସାହିତ କରିବା ପାଇଁ ଏହାକୁ ବିଭିନ୍ନ ପ୍ରକାର କ୍ଷମତା ବିପୁଳ ଭାବେ ଦିଆଯିବ। ଏହି ପ୍ରାଧିକରଣର ମୁଖ୍ୟ ଭାବେ ଜଣେ ଆୟୁକ୍ତଙ୍କୁ ଅବସ୍ଥାପିତ କରାଯିବ। ତାଙ୍କ ଅଧୀନରେ ପାଞ୍ଚଜଣ ଉପାୟୁକ୍ତ କାର୍ଯ୍ୟ କରିବେ। ସେମାନେ ଦ୍ରବ୍ୟ ଓ ସେବାର ନିରାପତ୍ତା, ମାନ ଓ ଗୁଣର ଯାଞ୍ଚ ତଥା ନିର୍ଦ୍ଧାରଣ, ଖାଉଟି ଆଇନ ଓ ଅଧିକାରର ପ୍ରବର୍ତ୍ତନ, ଅସାଧୁ ବ୍ୟାବସାୟିକ କାରବାରର ନିରାକରଣ (ବିଜ୍ଞାପନ ସହିତ) ଏବଂ ଚୁକ୍ତିରେ ଖାଉଟି ସ୍ୱାର୍ଥ ବିରୋଧୀ ପ୍ରୟାସର ନିବାରଣ କାର୍ଯ୍ୟ ଆଦି ଦେଖିବେ।

ପ୍ରସ୍ତାବିତ ଆଇନରେ ଖାଉଟି ଅଦାଲତର ବ୍ୟବସ୍ଥା ରହିବ। ଏହାଛଡ଼ା ଖାଉଟି ମଧ୍ୟସ୍ଥତା 'ସେଲ୍' ଗଠନ କରାଯିବ। ସେହି ସେଲ ସବୁ ଖାଉଟି ଅଦାଲତ ସହ ସଂପୃକ୍ତ ହୋଇ କାର୍ଯ୍ୟ କରିବେ। ଖାଉଟିଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଖାଉଟି ଅଦାଲତଙ୍କର ପ୍ରଥମ କର୍ତ୍ତବ୍ୟ ହେବ। ପ୍ରସ୍ତାବିତ ଆଇନରେ ତ୍ରୁଟିପୂର୍ଣ୍ଣ ବା ବିପଜ୍ଜନକ ଦ୍ରବ୍ୟ / ସେବା ପାଇଁ ଉତ୍ପାଦକଙ୍କୁ ଦାୟୀ କରାଯିବ। ଏଥିରେ ଖାଉଟିଙ୍କ ମୃତ୍ୟୁ, ଆହତ, କ୍ଷୟକ୍ଷତି ଆଦି ଘଟଣା ପାଇଁ ସଂପୃକ୍ତ ଉତ୍ପାଦକ, ବିତରକ ଓ ଏଜେଣ୍ଟ ଦାୟୀ ହେବା ସହ କ୍ଷତିପୂରଣ ଦେବେ ଏବଂ ଆବଶ୍ୟକସ୍ଥଳେ ଦଣ୍ଡିତ ମଧ ହେବେ। ଯଦି ଠିକଣା ଭାବେ କାର୍ଯ୍ୟକାରୀ ହୁଏ ପ୍ରସ୍ତାବିତ ଆଇନ ଭାରତରେ ଖାଉଟି ସୁରକ୍ଷା କ୍ଷେତ୍ରରେ ଏକ ବିପ୍ଲବ ଆଣିବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।




| କ୍ରମିକ | ସଂସ୍ଥାଙ୍କ ନାମ | ଆରମ୍ଭରୁ ଦାଏର ମାମଲା | ଆରମ୍ଭରୁ ଫଇସଲା ହୋଇଥିବା ମାମଲା | ବିଚାରାଧୀନ ମାମଲା | ସମାଧାନ ହାର |
|---|---|---|---|---|---|
| ୧ | ଜାତୀୟ ଆୟୋଗ | ୧୧୩୧୧୭ | ୯୭୫୭୧ | ୧୫୫୪୬ | ୮୬.୨୬% |
| ୨ | ପ୍ରାଦେଶିକ ଆୟୋଗ | ୭୬୦୭୮୬ | ୬୫୧୬୯୭ | ୧୦୮୯୮୯ | ୮୫.୬୭% |
| ୩ | ଜିଲା ମଞ୍ଚ | ୩୯୯୫୦୮୮ | ୩୬୯୨୭୯୮ | ୩୦୨୨୯୦ | ୯୨.୪୩% |
|  | ମୋଟ | ୪୮୬୮୯୯୧ | ୪୪୪୨୧୬୬ | ୪୨୬୮୨୫ | ୯୧.୨୩% |

*ଖାଉଟି ସୁରକ୍ଷା ଆଇନ ୧୯୮୬ ଅନୁସାରେ ଲୋକ ଅଦାଲତରେ ଉତ୍ଥାପିତ ମାମଲାର ସ୍ଥିତି*

ଲେଖିକା ଜଣେ ଖାଉଟି ବିଶେଷଜ୍ଞ। ସେ ୨୦୧୫ ଖାଉଟି ସୁରକ୍ଷା ଚିଠା ଆଇନ କମିଟିର ସଦସ୍ୟା।

ବିଶେଷ ପ୍ରବନ୍ଧ

# ଖାଉଟି ବିବାଦର ସମାଧାନ: ପଦ୍ଧତି ଓ ଭବିଷ୍ୟତ

ବି. ସି. ଗୁପ୍ତା

ଖାଉଟି ସୁରକ୍ଷା ପାଇଁ ମିଳିତ ଜାତିସଂଘର ଯେଉଁ ନିର୍ଦ୍ଦେଶାବଳୀ ଥିଲା ନିକଟରେ ସେଥିରେ କେତେକ ପରିବର୍ତ୍ତନ କରାଯାଇଛି। ଖାଉଟି ସୁରକ୍ଷା ପାଇଁ ନ୍ୟାୟୋଚିତ, ସ୍ୱଳ୍ପ ଖର୍ଚ୍ଚ ସମ୍ବନ୍ଧିତ, ତ୍ୱରିତ ନ୍ୟାୟ ପ୍ରଦାନ ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ଏହାକୁ କାର୍ଯ୍ୟକାରୀ କରିବାକୁ ସଭ୍ୟରାଷ୍ଟ୍ରମାନଙ୍କୁ କୁହାଯାଇଛି। ଅତଏବ ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ସଂପୃକ୍ତ ରାଷ୍ଟ୍ରମାନେ ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ରହିଛି। ସେମାନେ ପ୍ରବର୍ତ୍ତିତ ବ୍ୟବସ୍ଥାକୁ ସମୀକ୍ଷା କରି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି, ଯଦ୍ୱାରା ଖାଉଟିଙ୍କୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ, ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ଏବଂ ଜଂଜାଳମୁକ୍ତ ହୋଇପାରିବ।

ଖାଉଟି ସୁରକ୍ଷା ନିର୍ଦ୍ଦେଶାବଳୀ ଜାତିସଂଘ ସାଧାରର ପରିଷଦରେ ୧୬.୪.୧୯୮୫ରେ ପ୍ରଥମେ ଗୃହୀତ ହୋଇଥିଲା। ପରେ ସାମାଜିକ ଓ ଅର୍ଥନୈତିକ ପରିଷଦ ଏହାକୁ ୨୬.୭.୧୯୯୯ରେ ସଂପ୍ରସାରିତ କଲା। ଏହି ନିର୍ଦ୍ଦେଶାବଳୀଟି ନିମ୍ନମତେ ଥିଲା।

"ଖାଉଟିର ବିବାଦ ସମାଧାନ କରି ତାକୁ ନ୍ୟାୟ ପ୍ରଦାନ କରିବାକୁ ସରକାର ପ୍ରଶାସନିକ କିମ୍ବା ଆଇନଗତ ପଦକ୍ଷେପ ଗ୍ରହଣ କରିବେ। ଖାଉଟି ବା ତତ୍‌ସମ ସଂସ୍ଥାଙ୍କୁ ଏହା ମାଧ୍ୟମରେ ଆନୁଷ୍ଠାନିକ/ଅଣଆନୁଷ୍ଠାନିକ ବ୍ୟବସ୍ଥାରେ ସେମାନଙ୍କ ଆପତ୍ତିର ଶୁଣାଣି କରାଇ ଯେପରି ଶୀଘ୍ର ନ୍ୟାୟ ପାଇବେ ସେଥିପାଇଁ ପଦକ୍ଷେପ ନେବାକୁ ହେବ। ଏଥିପାଇଁ ଅଭିଯୋଗକାରୀ (ଖାଉଟି)ଙ୍କୁ ଯେପରି ବିଶେଷ ଖର୍ଚ୍ଚାନ୍ତ ହେବାକୁ ନ'ପଡ଼େ ସେଥିପ୍ରତି ଆବଶ୍ୟକ ଦୃଷ୍ଟି ଦେବା ସହ ମାମଲାର ନ୍ୟାୟୋଚିତ ଓ ତ୍ୱରିତ ବିଚାର କରିବାକୁ ପଡ଼ିବ। ସବୁ ଖାଉଟିଙ୍କୁ ଆପତ୍ତି ଅଭିଯୋଗ କରିବାକୁ ସହଜ ଏବଂ ସୁଗମ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। ସ୍ୱଳ୍ପ ଆୟକାରୀ ଖାଉଟିଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ।"

୨୦୧୫ ଡିସେମ୍ବର ୨୨ରେ ପ୍ରସ୍ତାବ ସଂଖ୍ୟା (୭୦/୧୮୬) ଅନୁସାରେ ଗୃହୀତ ସାନି ନିର୍ଦ୍ଦେଶାବଳୀରେ ପୂର୍ବ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ କରାଯାଇଛି। ସାନି ନିର୍ଦ୍ଦେଶାବଳୀ ନିମ୍ନରେ ପ୍ରଦାନ କରାଗଲା।

**ଖାଉଟିର ଅଭିଯୋଗ ଓ ବିବାଦ:**

"ଖାଉଟି ଅଭିଯୋଗର ଶୁଣାଣି ଏବଂ ନ୍ୟାୟପ୍ରଦାନ ପାଇଁ ବ୍ୟବସାୟ/ବ୍ୟାପାର କର୍ତ୍ତୃପକ୍ଷଙ୍କୁ ବିଧିବଦ୍ଧ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ପଡ଼ିବ। ବିବାଦ ଶୁଣାଣି ବ୍ୟୟବହୁଳ ହେବନାହିଁ। ଏହା ନିରପେକ୍ଷ, ନ୍ୟାୟୋଚିତ, ସ୍ୱଚ୍ଛ, ତ୍ୱରିତ ଓ ଖାଉଟିର ସ୍ୱାର୍ଥ ଆଦିକୁ ଗୁରୁତ୍ୱ ଦେଉଥିବ। ବିବାଦ ସମାଧାନ କ୍ଷେତ୍ରରେ ବ୍ୟବସାୟ କର୍ତ୍ତୃପକ୍ଷ ଜାତୀୟ ଓ ଆନ୍ତର୍ଜାତିକ ମାନ ଓ ବ୍ୟବସ୍ଥା ଗ୍ରହଣ କରିବେ। ଆବଶ୍ୟକସ୍ଥଳେ ଖାଉଟିଙ୍କ ସନ୍ତୋଷ ପାଇଁ ନୀତିନିୟମ ଓ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଗ୍ରହଣ କରିପାରିବେ।"

"ସଭ୍ୟରାଷ୍ଟ୍ରମାନେ ଏଭଳି ଖାଉଟି ସୁରକ୍ଷା ନୀତି ଗ୍ରହଣ କରିବେ ଯାହା ସ୍ୱଳ୍ପ ଖର୍ଚ୍ଚରେ ତ୍ୱରିତ, ନିରପେକ୍ଷ ବିବାଦ ସମାଧାନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବ। ଦୁର୍ବଳବର୍ଗର ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ







ରାଷ୍ଟ୍ରମାନଙ୍କୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ପଡ଼ିବ।"

ଏହି ନିର୍ଦ୍ଦେଶାବଳୀରେ ଖାଉଟିଙ୍କ ସଂଜ୍ଞା ନିମ୍ନମତେ ନିର୍ଦ୍ଧାରଣ କରାଯାଇଛି।

"ଖାଉଟିର ଅର୍ଥ ସାଧାରଣ ଭାବେ ସେ ଜଣେ ସ୍ୱାଭାବିକ ବ୍ୟକ୍ତି ଯାହା ଜାତି / ଜାତୀୟତା ଉର୍ଦ୍ଧ୍ୱରେ। ସେ ନିଜର, ପରିବାରର କିମ୍ବା ଘରୋଇ ଆବଶ୍ୟକତା ପୂରଣ ପାଇଁ ଦ୍ରବ୍ୟ ସେବା କ୍ରୟ କରିଥାଏ।"

ଖାଉଟି ସୁରକ୍ଷା ଆଇନ ୧୯୮୬ ଭାରତରେ ୧୯୮୭ ଏପ୍ରିଲ ୧୫ରୁ କାର୍ଯ୍ୟକାରୀ ହୋଇଥିଲା। ଏଥିରେ ତ୍ରିସ୍ତରୀୟ ବିବାଦ ସମାଧାନ ବ୍ୟବସ୍ଥା ରହିଛି। ଜିଲା, ପ୍ରଦେଶ ଓ ଜାତୀୟ ସ୍ତରରେ ଏଥିପାଇଁ ଖାଉଟି ବିବାଦ ସମାଧାନ ମଞ୍ଚର ବ୍ୟବସ୍ଥା ଅଛି। ଜିଲା ଖାଉଟି ମଞ୍ଚରେ ଜିଲା ଜଜ୍ ପାହ୍ୟାର ଅଧିକାରୀ ଅଧ୍ୟକ୍ଷତା କରୁଥିବାବେଳେ ପ୍ରାଦେଶିକ ମଞ୍ଚର ମୁଖ୍ୟ ଭାବେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଅବସ୍ଥାପିତ କରାଯାଇଥାଏ। ସେହିଭଳି ଜାତୀୟ ଖାଉଟି ମଞ୍ଚ ବା ଅଦାଲତରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଅଧ୍ୟକ୍ଷତା କରିଥାନ୍ତି। ସ୍ଥାପନକାଳରୁ ଏସବୁ ଖାଉଟି ସୁରକ୍ଷା ମଞ୍ଚ ବିଭିନ୍ନ ସମୟରେ ଆଗତ ମାମଲା ମଧ୍ୟରୁ ପ୍ରାୟ ୯୦ ଶତାଂଶର ବିଚାର କରିପାରିଛନ୍ତି। ଏହାସତ୍ତ୍ୱେ ଅନେକ ମାମଲା ବିଚାର ନ'ହୋଇ ପଡ଼ିରହିଛି। ଏହାର କାରଣ ହେଲା ପାରମ୍ପରିକ ଶୈଳୀରେ ବିଚାର ଓ ଆବଶ୍ୟକ ଭିତ୍ତିଭୂମିର ଅଭାବ। ଅନେକସ୍ଥଳେ ଆଇନଜୀବୀମାନେ ଖାଉଟିବିବାଦକୁ ଦେୱାନ ମାମଲା ଢଙ୍ଗରେ ପରିଚାଳନା କରିବାରୁ ଏହା ବିଳମ୍ବିତ ହେଉଛି। ତଥ୍ୟ ପ୍ରମାଣ ଯୋଗାଡ଼, ଉପସ୍ଥାପନ, ପକ୍ଷ ଓ ସାକ୍ଷୀଙ୍କୁ ଜେରା, ଜବାବ ସୁଆଲ ଆଦି ପାଇଁ ସମୟ ଓ ଅର୍ଥ ବରବାଦ ସାର ହୋଇଛି। ସାମଗ୍ରୀ ଉତ୍ପାଦନ, ନିର୍ମାଣ, ବିକ୍ରେତା, ସେବା ପ୍ରଦାନକାରୀ ଏମାନେ ସମସ୍ତେ ପ୍ରାୟ ସ୍ୱଚ୍ଛଳବର୍ଗର। ତ୍ରୁଟିପୂର୍ଣ୍ଣ ସାମଗ୍ରୀ / ସେବା ସତ୍ତ୍ୱେ ସେମାନେ ମକଦ୍ଦମାରେ ହାରିଯାଇ କ୍ଷତିପୂରଣ ଦେବାକୁ ଚାହାନ୍ତି ନାହିଁ। ତେଣୁ ସେମାନେ ଓକିଲ ଲଗାଇ ମାମଲାକୁ ଦୀର୍ଘକାଳ ଗଡ଼ାଇ ନ୍ୟାୟପ୍ରାର୍ଥୀ ଖାଉଟିଙ୍କୁ ନୟାନ୍ତ କରିଥାନ୍ତି। ଏହାଫଳରେ ଖାଉଟିଙ୍କୁ ନ୍ୟାୟ ମିଳେନା। ଖାଉଟି ବିବାଦରେ ଓକିଲ ବିନା ମାମଲା ଦାଏର କରିହେବ। ତେବେ ପ୍ରତିପକ୍ଷ ବିଶେଷ କରି ବ୍ୟବସାୟ ଶ୍ରେଣୀର ଧନବଳ, ଓକିଲ ଓ ନ୍ୟାୟିକ ପରାମର୍ଶଦାତାଙ୍କ ଶକ୍ତି ଆଗରେ ଅଭିଯୋଗକାରୀ ଛିଡ଼ା ହୋଇ ନିଜ ପକ୍ଷ ଠିକଣାଭାବେ ଉପସ୍ଥାପନ କରିବାର ଶକ୍ତି ଓ ସାମର୍ଥ୍ୟ ପାଇ ନ ଥାଏ।

ବେଳେବେଳେ ଏପରି ହୁଏ ଯେଉଁଠି ଅଦାଲତ ଖାଉଟିଙ୍କୁ କ୍ଷତିପୂରଣ ବା ନ୍ୟାୟ ପ୍ରଦାନ ନିର୍ଦ୍ଦେଶ ଦେବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୁଏନା। ଦୋଷୀ ପକ୍ଷମାନେ ଏହାକୁ ଫାଙ୍କି ଦିଅନ୍ତି। ଫଳରେ ରାୟକୁ



କାର୍ଯ୍ୟକାରୀ କରିବାକୁ ଖାଉଟିଙ୍କୁ ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଥାଏ, ଯାହା ସମୟ ଓ ଅର୍ଥ ଅପଚୟ ଘଟାଇଥାଏ। ତେଣୁ ବିରକ୍ତ ଖାଉଟି ଅଦାଲତକୁ ନ ଯିବାକୁ ଶ୍ରେୟସ୍କର ମନେ କରିଥାଏ। ଏହି କାରଣରୁ ଖାଉଟି ଅଦାଲତ ଉପରୁ ଲୋକଙ୍କର ଭରସା ତୁଟୁଛି। ଲମ୍ବା ଆଇନଗତ ଲଢ଼େଇ ଯୋଗୁଁ ଅନେକ ମାମଲା ଝୁଲି ରହିଥିବାବେଳେ ବିଚାରପତି ଓ ଭିତ୍ତିଭୂମି ଅଭାବ ଯୋଗୁଁ ବହୁ ମାମଲା ବିଚାର ନ'ହୋଇ ପଡ଼ିରହିଛି। ମୂଳରୁ ଚୂଳ ପର୍ଯ୍ୟନ୍ତ ଏ ସ୍ଥିତି ପ୍ରାୟ ସମାନ।

ଜାତିସଂଘ ନିର୍ଦ୍ଦେଶାବଳୀରେ ଯେଉଁ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା କଥା କୁହାଯାଇଛି ସେଥିରେ ରହିଛି ମଧ୍ୟସ୍ଥତା, ବୁଝାମଣା, ଆପୋସ ସମାଧାନ, ବିଚାରବିଭାଗୀୟ ସମାଧାନ ଆଦି କଥା। ଅଦାଲତ ବାହାରେ ଉଭୟ ପକ୍ଷ ବସି ଏହି ଉପାୟରେ ମାମଲାର ସମାଧାନ କରିପାରିବେ। ଏହି ବିକଳ୍ପ ବିଚାର ବ୍ୟବସ୍ଥାର ତ୍ୱରିତ, ନିରପେକ୍ଷ, ସ୍ୱଚ୍ଛ ଓ ନିର୍ଦ୍ଧାରିତ ସମୟରେ ଅଭିଯୋଗକାରୀଙ୍କୁ ନ୍ୟାୟ ଦେବାର ଉଦ୍ଦେଶ୍ୟ ନିହିତ। ଭାରତରେ ଏହି ବିକଳ୍ପ ବିବାଦ ସମାଧାନକୁ ଏକ ଆଇଗତ ମାନ୍ୟତା ପ୍ରଦାନ କରାଯାଇଛି। ସିଭିଲ ପ୍ରୋସିଡିଓ୍ୱର କୋଡ୍‌ର ଧାରା ୮୯ ଏବଂ ୧୯୮୭ର ଲିଗାଲ ସର୍ଭିସ ଅଥରିଟିଜ୍ ଆକ୍ଟରେ ଏହା ସ୍ଥାନ ପାଇଛି। ତଦନୁସାରେ ଭାରତରେ ଆର୍ବିଟ୍ରେସନ, କନସିଲିଏସନ, ଜୁଡିସିଆଲ ସେଟଲମେଣ୍ଟ, ଲୋକଅଦାଲତ ଓ ମଧ୍ୟସ୍ଥତା ଆଦି ଦ୍ୱାରା ଖାଉଟି ବିବାଦର ସମାଧାନ କରାଯାଉଛି। ଏଥିପାଇଁ ଉଭୟ ଆଇନଗତ ଓ ପଦ୍ଧତିଗତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିଭଳି ଲିଗାଲ ସର୍ଭିସ ଅଥରିଟିଜ୍ ଆଇନ ୧୯୮୭ ଅନୁସାରେ ଲୋକ ଅଦାଲତରେ ଖାଉଟି ମାମଲାର ସମାଧାନ କରାଯାଉଛି। ଲୋକଅଦାଲତକୁ ସିଭିଲକୋର୍ଟର ମାନ୍ୟତା ଦିଆଯାଇ ଏହାର ରାୟ ବା ଡିକ୍ରିକୁ ପକ୍ଷଙ୍କ ପାଇଁ ଅବଶ୍ୟ ଗ୍ରହଣୀୟ କରାଯାଇଛି। ଏହା ଫଳରେ ରାୟ ବିରୋଧରେ ଅନ୍ୟ ଅଦାଲତରେ ଅପିଲ କରିହେବ ନାହିଁ। ଲୋକଅଦାଲତର ମାମଲା

> ଖାଉଟି ସୁରକ୍ଷା ଆଇନ ୧୯୮୬ ଭାରତରେ ୧୯୮୭ ଏପ୍ରିଲ ୧୫ରୁ କାର୍ଯ୍ୟକାରୀ ହୋଇଥିଲା। ଏଥିରେ ତ୍ରିସ୍ତରୀୟ ବିବାଦ ସମାଧାନ ବ୍ୟବସ୍ଥା ରହିଛି। ଜିଲା, ପ୍ରଦେଶ ଓ ଜାତୀୟ ସ୍ତରରେ ଏଥିପାଇଁ ଖାଉଟି ବିବାଦ ସମାଧାନ ମଞ୍ଚର ବ୍ୟବସ୍ଥା ଅଛି। ଜିଲା ଖାଉଟି ମଞ୍ଚରେ ଜିଲା ଜଜ୍ ପାହ୍ୟାର ଅଧିକାରୀ ଅଧ୍ୟକ୍ଷତା କରୁଥିବାବେଳେ ପ୍ରାଦେଶିକ ମଞ୍ଚର ମୁଖ୍ୟ ଭାବେ ହାଇକୋର୍ଟରେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଅବସ୍ଥାପିତ କରାଯାଇଥାଏ। ସେହିଭଳି ଜାତୀୟ ଖାଉଟି ମଞ୍ଚ ବା ଅଦାଲତରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଅଧ୍ୟକ୍ଷତା କରିଥାନ୍ତି। ସ୍ଥାପନକାଳରୁ ଏସବୁ ଖାଉଟି ସୁରକ୍ଷା ମଞ୍ଚ ବିଭିନ୍ନ ସମୟରେ ଆଗତ ମାମଲା ମଧ୍ୟରୁ ପ୍ରାୟ ୯୦ ଶତାଂଶର ବିଚାର କରିପାରିଛନ୍ତି।





ଶୁଣାଣିକୁ ବିଚାରବିଭାଗୀୟ ଶୁଣାଣି ତୁଲ୍ୟ ମର୍ଯ୍ୟାଦା ଦିଆଯାଇଛି । ଅଦାଲତଙ୍କର ସାକ୍ଷ୍ୟ ଗ୍ରହଣ, ତଥ୍ୟ ପ୍ରମାଣ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଜାରି ଓ ଅନ୍ୟାନ୍ୟ ରେକର୍ଡପତ୍ର ଯାଞ୍ଚ କରିବାର ଅଧିକାର ରହିଛି । ବ୍ୟବସ୍ଥାକୁ ଦେଖିଲେ ମୋଟମୋଟି ଧାରଣା ହୁଏ ଯେ ବିକଳ୍ପ ବିଚାର ବ୍ୟବସ୍ଥା ଓ ଲୋକ ଅଦାଲତରେ ଖାଉଟି ମାମଲାଗୁଡ଼ିକ ସୁବିଧାରେ ସହଜରେ ଶୁଣାଣି ହୋଇ ଆବେଦନକାରୀଙ୍କୁ ନ୍ୟାୟ ମିଳିଯାଉଥିବ । କିନ୍ତୁ ବାସ୍ତବରେ ଆନୁଷଙ୍ଗିକ ଜଟିଳତା ଯୋଗୁଁ ଏହା ହୋଇପାରେନା । ଏହି ବ୍ୟବସ୍ଥାରେ ନ୍ୟାୟ ପାଉ ନ ଥିବା ଖାଉଟି ଉପର ଅଦାଲତକୁ ଯିବାର ରାସ୍ତା ଓ ବ୍ୟବସ୍ଥା ମଧ୍ୟ ରହିଛି । ଜିଲାରୁ ରାଜ୍ୟ, ରାଜ୍ୟରୁ ଜାତୀୟ ଖାଉଟି ସୁରକ୍ଷା ପ୍ରାଧିକରଣକୁ ଯିବାର ବାଟ ଅଛି । ସର୍ବୋପରି ଆବଶ୍ୟକ ପଡ଼ିଲେ ମାମଲାକୁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟକୁ ମଧ୍ୟ ନେଇହେବ । ତେବେ ସର୍ବୋଚ୍ଚ ଅଦାଲତ ଏକ ରାୟରେ ସ୍ପଷ୍ଟ କରିଦେଇଛନ୍ତି ଯେ ହାଇକୋର୍ଟ କିମ୍ବା ସୁପ୍ରିକୋର୍ଟକୁ ଖାଉଟି ମାମଲା ଆଣିବା ପୂର୍ବରୁ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥାରେ ଏହାକୁ ଉପସ୍ଥାପନ କରିବା ବାଧ୍ୟତାମୂଳକ ।

ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ନ୍ୟାୟିକ ବ୍ୟବସ୍ଥାର ଏକ ଅଂଶଭାବେ ମାନ୍ୟତା ପାଇବା ପରେ ଲୋକଙ୍କର ଏହା ଉପରେ ବିଶ୍ୱାସ ବଢ଼ିଛି । ଏହାର ବିଚାରକଙ୍କୁ ଅର୍ଦ୍ଧ ବିଚାରବିଭାଗୀୟ ମାନ୍ୟତା ଓ ଅଧିକାର ଦିଆଯାଇଥିବାରୁ ସେମାନଙ୍କ ରାୟକୁ ଫାଙ୍କିବା ସହଜ ହେଉନାହିଁ ।




ଏସବୁ ଆଲୋଚନାରୁ ସ୍ପଷ୍ଟ ହୋଇଯାଉଛି ଯେ ଭାରତରେ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ କରିବା ପାଇଁ ଆବଶ୍ୟକ ଆଇନଗତ ଏବଂ ବିକଳ୍ପ ବିଚାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏସବୁ ମଧ୍ୟ ଜାତିସଂଘର ନିର୍ଦ୍ଦେଶାବଳୀ ଅନୁସାରେ ହୋଇଛି । ତେବେ ଏହାର ସଫଳ କାର୍ଯ୍ୟକାରିତା ଉପରେ ଖାଉଟିଙ୍କ ସ୍ୱାର୍ଥ ବିଶେଷ ଭାବେ ନିର୍ଭରଶୀଳ । ଖୁସିର କଥା ଯେ ନୂଆ ବ୍ୟବସ୍ଥାରେ ଯେଉଁ ଜିଲା ଫୋରମ୍ ଗଠନ କରାଯାଇଛି ତାହା ପ୍ରାୟ ଲୋକ ଅଦାଲତ ଢାଞ୍ଚାରେ ହୋଇଛି । ଜିଲା ଖାଉଟି ମଞ୍ଚର ମୁଖ୍ୟ ଭାବେ ଦୁଇଜଣ ବିଚାରବିଭାଗୀୟ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଥିବା ବେଳେ ଜଣେ ମହିଳାଙ୍କ ସମେତ ଅନ୍ୟ ଦୁଇ ଜଣ ସଦସ୍ୟଙ୍କୁ ଏଥିରେ ରଖାଯାଇଛି । ଏହି ଢାଞ୍ଚାରେ ଜାତୀୟ, ପ୍ରାଦେଶିକ ଓ ଜିଲା ଆଇନ ସେବା ପ୍ରାଧିକରଣମାନ ଲୋକ ଅଦାଲତ ଢାଞ୍ଚାରେ କାର୍ଯ୍ୟ କରିବାର ବ୍ୟବସ୍ଥା ହୋଇଛି । କେନ୍ଦ୍ରୀୟ

ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ପ୍ରାଦେଶିକ/ ଜିଲା ପ୍ରାଧିକରଣମାନ ପ୍ରତ୍ୟେକ ସପ୍ତାହର ଶେଷ କାର୍ଯ୍ୟ ଦିବସରେ ଲୋକ ଅଦାଲତମାନ ଆୟୋଜନ କରି ମାମଲା ବିଚାର / ଫୈସଲା କରିବାକୁ ଅଧିକୃତ ହୋଇଛନ୍ତି । ଏହି ଅଦାଲତର ଶୁଣାଣିବେଳେ ସ୍ଥାନୀୟ ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରି ସେମାନଙ୍କ ଉପସ୍ଥିତିରେ ବିବାଦର ସମାଧାନ କରିବାର ବ୍ୟବସ୍ଥା ହୋଇଛି । ଜିଲା / ପ୍ରାଦେଶିକ ପ୍ରାଧିକରଣଗୁଡ଼ିକର କାର୍ଯ୍ୟକୁ ଜାତୀୟ ପ୍ରାଧିକରଣ ନିରନ୍ତର ପର୍ଯ୍ୟବେକ୍ଷଣ କରୁଛନ୍ତି ।




ଶ୍ରମିକ ବିବାଦର ସମାଧାନ ପାଇଁ ମଧ୍ୟ ଅନୁରୂପ ବ୍ୟବସ୍ଥା ହୋଇଛି । ବିଶ୍ୱ ଶ୍ରମ ସଂଗଠନର ନିର୍ଦ୍ଦେଶକ୍ରମେ ନୂଆ ଆଇନ, ନୂଆ ବ୍ୟବସ୍ଥା ଜରିଆରେ 'ନୂଆ ବଜାର' (ନ୍ୟୁମାର୍କେଟ)ର ମାମଲାଗୁଡ଼ିକର ବିଚାର କରିବାକୁ ବ୍ୟବସ୍ଥା ହୋଇଛି । ଏଥିରେ ମଧ୍ୟ ବିକଳ୍ପ ବିବାଦ ସମାଧାନ ନୀତି ନିୟମ ଅଗ୍ରାଧିକାର ପାଇଛି । ଏହାର ସଫଳତା ପାଇଁ ସବୁପକ୍ଷଙ୍କର ସହଯୋଗ ଲୋଡ଼ା ।

ଇ-କମର୍ସ ଓ ଡିଜିଟାଲ ଯୁଗରେ ବିକଳ୍ପ ବିବାଦ ଶୁଣାଣି ବ୍ୟବସ୍ଥା ଗୁରୁତ୍ୱ ଓ ଆବଶ୍ୟକତା କେତେକ ସଫଳ ହେବ ତାହା କୁହାଯାଇ ନ'ପାରେ । ତେଣୁ ନୂଆ ଆବଶ୍ୟକତା ଓ ବିବାଦଗତ ଜଟିଳତାକୁ ଦୃଷ୍ଟିରେ ରଖି ଆନ୍ତର୍ଜାତିକ ସ୍ତରରେ ଏଥିପାଇଁ ପ୍ରୟାସ ଜାରି ରହିଛି । ବ୍ରିଟେନରେ ଦ୍ରବ୍ୟ ଓ ସେବା ସହିତ ଡିଜିଟାଲ ବିଷୟସୂଚୀ ବା କଣ୍ଟେଣ୍ଟକୁ ତୃତୀୟ ପର୍ଯ୍ୟାୟ ଉପାଦାନ ଭାବେ ଗ୍ରହଣ କରାଯାଇଛି । ତେଣୁ ଅନ୍‌ଲାଇନ୍ ରିଜୋଲ୍ୟୁସନ ମେଥଡ (ବିବାଦ ସମାଧାନ ମାର୍ଗ) ଆପଣାଇ ସୀମାପାର ବିବାଦଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଗୁରୁତ୍ୱ ଦେବାକୁ ହେବ । ଏ କ୍ଷେତ୍ରରେ ପ୍ରୟାସ ଆରମ୍ଭ ହୋଇଛି ଏବଂ ଏକ ଅନ୍‌ଲାଇନ୍ ମଧ୍ୟସ୍ଥତା କେନ୍ଦ୍ର ବେଙ୍ଗାଲୁରୁସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ଖୋଲାଯାଇଛି ।

ତେଣୁ ଜାତିସଂଘର ନିର୍ଦ୍ଦେଶାବଳୀକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ବିକଳ୍ପ ବିବାଦ ସମାଧାନ / ଅନ୍‌ଲାଇନ୍ ବିବାଦ ସମାଧାନ ବ୍ୟବସ୍ଥାକୁ ବ୍ୟାପକ ଓ ସୁସଂହତ କରି ଏହାକୁ ଏକ ବାସ୍ତବ ରୂପ ଦେବାକୁ ପଡ଼ିବ । ଏହା ଫଳରେ ଦେଶର କୋଣ ଅନୁକୋଣରେ ବାସ କରୁଥିବା ଖାଉଟିଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ସହ ସେମାନଙ୍କ ସ୍ୱାର୍ଥ ସୁରକ୍ଷା କରିବା ସହଜ ହୋଇପାରିବ ।

ଜାତିସଂଘ ନିର୍ଦ୍ଦେଶାବଳୀରେ ଯେଉଁ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା କଥା କୁହାଯାଇଛି ସେଥିରେ ରହିଛି ମଧ୍ୟସ୍ଥତା, ବୁଝାମଣା, ଆପୋସ ସମାଧାନ, ବିଚାରବିଭାଗୀୟ ସମାଧାନ ଆଦି କଥା । ଅଦାଲତ ବାହାରେ ଉଭୟ ପକ୍ଷ ବସି ଏହି ଉପାୟରେ ମାମଲାର ସମାଧାନ କରିପାରିବେ । ଏହି ବିକଳ୍ପ ବିଚାର ବ୍ୟବସ୍ଥାର ତ୍ୱରିତ, ନିରପେକ୍ଷ, ସ୍ୱଚ୍ଛ ଓ ନିର୍ଦ୍ଧାରିତ ସମୟରେ ଅଭିଯୋଗକାରୀଙ୍କୁ ନ୍ୟାୟ ଦେବାର ଉଦ୍ଦେଶ୍ୟ ନିହିତ । ଭାରତରେ ଏହି ବିକଳ୍ପ ବିବାଦ ସମାଧାନକୁ ଏକ ଆଇଗତ ମାନ୍ୟତା ପ୍ରଦାନ କରାଯାଇଛି । ସିଭିଲ ପ୍ରୋସିଡିୟୋର କୋଡ୍‌ର ଧାରା ୮୯ ଏବଂ ୧୯୮୭ର ଲିଗାଲ ସର୍ଭିସ ଅଥରିଟିଜ୍ ଆକ୍ଟରେ ଏହା ସ୍ଥାନ ପାଇଛି । ତଦନୁସାରେ ଭାରତରେ ଆର୍ବିଟ୍ରେସନ, କନସିଲିଏସନ, ଜୁଡିସିଆଲ ସେଟଲମେଣ୍ଟ, ଲୋକଅଦାଲତ ଓ ମଧ୍ୟସ୍ଥତା ଆଦି ଦ୍ୱାରା ଖାଉଟି ବିବାଦର ସମାଧାନ କରାଯାଉଛି । ଏଥିପାଇଁ ଉଭୟ ଆଇନଗତ ଓ ପଦ୍ଧତିଗତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହିଭଳି ଲିଗାଲ ସର୍ଭିସ ଅଥରିଟିଜ୍ ଆଇନ ୧୯୮୭ ଅନୁସାରେ ଲୋକ ଅଦାଲତରେ ଖାଉଟି ମାମଲାର ସମାଧାନ କରାଯାଉଛି ।

ଲେଖକ ଏନ୍‌ସିଡିଆର୍‌ସିର ଜଣେ ସଦସ୍ୟ ତଥା ଭାରତ ସରକାରଙ୍କ ପ୍ରାକ୍ତନ ଖାଦ୍ୟ ସଚିବ ।

ଫୋକସ୍

# ଆର୍ଥିକ ସେବାରେ ଖାଉଟିଙ୍କ ସଂପୃକ୍ତି: ସମସ୍ୟା ଓ ସମାଧାନ

**ଜି.ସୁନ୍ଦରମ୍**

ଖାଉଟିଙ୍କୁ ସ୍ୱାର୍ଥ ରକ୍ଷା ପାଇଁ ଫଳପ୍ରଦ ଆଇନ ପ୍ରଣୟନ, ଏହାର କାର୍ଯ୍ୟକାରିତା ନିମନ୍ତେ ଆବଶ୍ୟକ ସଂସ୍ଥା ବା ପ୍ରତିଷ୍ଠାନ ନିର୍ମାଣ, ଅଭିଯୋଗ ଅପନୋଦନ ବ୍ୟବସ୍ଥା ପ୍ରସ୍ତୁତି ଆଦି କ୍ଷେତ୍ରରେ ଜାତିସଂଘ ପକ୍ଷରୁ ଯେଉଁ ନିୟମାବଳୀ ପ୍ରସ୍ତୁତ କରାଯାଇଛି ତାହା ବିଭିନ୍ନ ରାଷ୍ଟ୍ରଙ୍କ ପାଇଁ ଏକ ଆଦର୍ଶ ଦସ୍ତାବିଜ। ୧୯୮୫ ଏପ୍ରିଲରେ ଜାତିସଂଘ ସାଧାରଣ ପରିଷଦର ୩୯/୨୪୮ ପ୍ରସ୍ତାବ ଅନୁସାରେ ଏହି ନିର୍ଦ୍ଦେଶାବଳୀ ପ୍ରଥମେ ଗୃହୀତ ହୋଇଥିଲା। ପରେ ୧୯୯୯ ଜୁଲାଇରେ ଆର୍ଥିକ ଓ ସାମାଜିକ ପ୍ରସ୍ତାବ ୧୯୯୯/୭ ଅନୁସାରେ ଏହାର ପରିସର ସଂପ୍ରସାରିତ ହେଲା। ୨୦୧୫ରେ ସାଧାରଣ ପରିଷଦ ବୈଠକର ଏକ ପ୍ରସ୍ତାବ ୭୦/୧୮୬ ଅନୁସାରେ ଏହି ନିର୍ଦ୍ଦେଶାବଳୀରେ ଆବଶ୍ୟକ ସଂଶୋଧନ ଅଣାଯାଇଥିଲା। ଏହି ମାର୍ଗଦର୍ଶିକା ବା ନିୟମାବଳୀକୁ ଯୁଗଉପଯୋଗୀ କରିବା ଥିଲା ଏହି ସଂଶୋଧନର ପ୍ରଥମ ଲକ୍ଷ୍ୟ।

ଜାତିସଂଘ ନିର୍ଦ୍ଦେଶାବଳୀ ୨୦୧୫ରେ ପ୍ରଥମ ଥର ପାଇଁ ଆର୍ଥିକ ସେବା ନିମନ୍ତେ ଏକ ଅଧ୍ୟାୟ ରହିଲା। ଏଥିରେ ଦାୟିତ୍ୱବାନ କରଜ ବ୍ୟବସ୍ଥା, ଆର୍ଥିକ କାରବାରରେ ଉଚିତ ପନ୍ଥା ଅବଲମ୍ବନ ଓ ତାହାକୁ ସ୍ୱଚ୍ଛ କରିବା, ଅର୍ଥ କାରବାରରେ ଠକେଇ ଓ କର ଚୋରି ଆଦିର ମୁକାବିଲା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ଆଦିର କଥା ଏଥିରେ ସ୍ଥାନ ପାଇଲା। ଏହି ଅଧ୍ୟାୟରେ ଅର୍ଥ ବ୍ୟବସ୍ଥାରେ ଖାଉଟିଙ୍କୁ ସଂପୃକ୍ତ କରିବା ସହ ସେମାନଙ୍କୁ ଆର୍ଥିକ କାରବାର ସଂକ୍ରାନ୍ତ ଶିକ୍ଷା ପ୍ରଦାନ ଓ ସେମାନଙ୍କ ସ୍ୱାର୍ଥ ରକ୍ଷା ଅଗ୍ରାଧିକାର ଲାଭ କଲା। ବିଶ୍ୱ ଆର୍ଥିକ ସଂକଟ ଓ ଖାଉଟିଙ୍କ ଉପରେ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ ୨୦୧୧ରେ ପ୍ରଥମ ନୀତି ନିର୍ଦ୍ଧାରିତ ହୋଇଥିଲା। ଆର୍ଥିକ ସେବାରେ ଖାଉଟି ଯେପରି ଠକାମିର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଖାଉଟିଙ୍କ ବିଶ୍ୱାସ ଓ ଭରସା, ଆର୍ଥିକ ସ୍ଥିରତା ତଥା ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ଏହାକୁ ସ୍ୱୀକାର କରି ସାଧାରଣ ପରିଷଦ ବୈଠକ ଏକ ଉତ୍ତମ ଅର୍ଥ ବ୍ୟବସ୍ଥାରେ ଖାଉଟି କିପରି ସୁରକ୍ଷିତ ହୋଇରହିବେ ସେଥିପାଇଁ ପ୍ରସ୍ତାବ ଗ୍ରହଣ କରିଥିଲା। ଅର୍ଥବଜାର ବା ବ୍ୟବସ୍ଥାରେ ସଂକଟ ଥାଉ ବା ନ ଥାଉ ଖାଉଟି ଯେପରି ସଦା ସୁରକ୍ଷିତ ରହିବେ ତାହା ନିଶ୍ଚିତ କରିବା ଏହି ପ୍ରସ୍ତାବରେ ମୂଳ ଲକ୍ଷ୍ୟ ଥିଲା। ସେଥିପାଇଁ ଉଭୟ ସରକାର ଓ ବେସରକାରୀ ସଂସ୍ଥାଙ୍କ ଉପରେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ତେଣୁ ଆର୍ଥିକ ସେବା ଓ କାରବାରରେ ଖାଉଟିଙ୍କ ସମ୍ପୃକ୍ତି, ସମାବେଶ ଓ ସଚେତନତା ଗୁରୁତ୍ୱ ଲାଭ କଲା।



ଖାଉଟି ଯେତେବେଳେ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ ହେବେ, ସେତେବେଳେ ସେମାନେ ଯାଇ ସଶକ୍ତ ହୋଇ ନିଜକୁ ସୁରକ୍ଷିତ କରିପାରିବେ। ସେଥିପାଇଁ



ବୋଧହୁଏ ଖାଉଟିଙ୍କୁ ସଚେତନ ଓ ଶିକ୍ଷିତ କରାଇବା ସବୁ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷଙ୍କ ପ୍ରଥମ ଦାୟିତ୍ୱ। ବ୍ୟବସାୟ ଓ ଖାଉଟିଙ୍କ ମଧ୍ୟରେ ଏକ ଭାରସାମ୍ୟ ରକ୍ଷା ତଥା ଆର୍ଥିକ କାରବାର ସଂକ୍ରାନ୍ତ ସବୁ ସୂଚନା ଖାଉଟିଙ୍କ ନିକଟରେ ପହଞ୍ଚାଇବା ଏଥିପାଇଁ ଏକାନ୍ତ ଅପରିହାର୍ଯ୍ୟ। ଏହା କହିବା ଯେତେ ସହଜ କରିବା ସେତେ ସହଜ ନୁହେଁ। ଖାଉଟି ସଚେତନତା କ୍ଷେତ୍ରରେ ବିଭିନ୍ନ ସଂପୃକ୍ତ ପକ୍ଷଙ୍କର ଗୁରୁଦାୟିତ୍ୱ ରହିଛି। ସେଥି ମଧ୍ୟରୁ ଖାଉଟି ସୁରକ୍ଷା ଓ ଖାଉଟି ଶିକ୍ଷା ବା ସଚେତନତା କର୍ତ୍ତୃପକ୍ଷ, ଶିକ୍ଷାବିତ୍ ଓ ଗଣମାଧ୍ୟମଙ୍କ ଦାୟିତ୍ୱ ଅଧିକ। ଏଥିରେ ଏବେକାର ଇ-କମର୍ସ ଓ ଡିଜିଟାଲ ବିଭାଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଆର୍ଥିକ ସେବା କ୍ଷେତ୍ର ଅଧିକ ଜଟିଳ। ଏ କ୍ଷେତ୍ରରେ ଅନେକ ଜଟିଳତା ରହିଛି ଯାହା ଖାଉଟିର ସ୍ୱାର୍ଥ ପରିପନ୍ଥୀ। ଖାଉଟିଙ୍କୁ ପ୍ରଲୋଭିତ କରିବା ପାଇଁ ଆଜିକାଲି ଇ-ମେଲର ଦୁରୁପଯୋଗ କରାଯାଇ ଖାଉଟିଙ୍କୁ ବିଭ୍ରାନ୍ତ କରାଯାଉଛି। ତାକୁ ଯେଉଁସବୁ ପ୍ରଲୋଭନ ଓ ପ୍ରସ୍ତାବମାନ ଦିଆଯାଉଛି ସେସବୁକୁ ଖାଉଟି କ୍ୱଚିତ୍ ବୁଝେ। ୧୯୮୬ରୁ ଭାରତରେ ଖାଉଟି ସୁରକ୍ଷା ଆଇନ ପ୍ରବର୍ତ୍ତିତ ହୋଇଆସୁଛି। ଏବେ ପ୍ରଶ୍ନ ଉଠୁଛି ଯେ ଖାଉଟି ସୁରକ୍ଷା ଆଇନ୍ ରହିଥିବାବେଳେ ଭାରତରେ ଆର୍ଥିକ ସେବା ପାଇଁ ଏକ ସ୍ୱତନ୍ତ୍ର ଖାଉଟି ଆଇନ୍‌ର ଆବଶ୍ୟକତା ଅଛି କି ?

ବିଭିନ୍ନ ସ୍ତରରେ କ୍ଷେତ୍ରଓ୍ୱାରୀ ଆଇନ୍‌କାନୁନ୍ ଓ ନୀତି ପ୍ରସ୍ତୁତ ହୋଇଛି। ତେବେ ତାହା କେତେଦୂର ସଫଳ ସେ ନେଇ ସାଧାରଣ ଖାଉଟି ସନ୍ଦିହାନ। ବର୍ତ୍ତମାନର ଖାଉଟି ସୁରକ୍ଷା ଆଇନକୁ ସଂଶୋଧିତ କରି ଖାଉଟିଙ୍କୁ ଉତ୍ତମ ଭାବେ ସୁରକ୍ଷିତ କରିବାକୁ ଉଦ୍ୟମ କରାଯାଉଛି। ତେବେ ଆର୍ଥିକ ସେବା କ୍ଷେତ୍ର ଅଧିକ ଜଟିଳ ଏବଂ ଏଥିରେ ବିଭିନ୍ନ ପକ୍ଷ ସଂପୃକ୍ତ। ବ୍ୟାଙ୍କ ସମୂହ ଏହି ଆର୍ଥିକ ସେବା କ୍ଷେତ୍ରର ୬୪% କାରବାର ଓ ସମ୍ପତ୍ତି ନିୟନ୍ତ୍ରଣ କରନ୍ତି। ଏହାଛଡ଼ା ଚାଟାର୍ଡ ଆକାଉଣ୍ଟାଣ୍ଟ, ଏଜେଣ୍ଟ, ଦଲାଲ, ପରାମର୍ଶଦାତା, ମଧ୍ୟସ୍ଥି ଆଦି ଅନେକ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ପକ୍ଷ ଏଥିରେ ସଂପୃକ୍ତ। ଜମା ସହିତ ଖାଉଟିର ସମସ୍ତ ପ୍ରକାର ସମ୍ପତ୍ତିର ସୁରକ୍ଷା ପାଇଁ ଉପଯୁକ୍ତ ନିୟନ୍ତ୍ରଣ ଓ ବୀମା ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ରହିଛି। ଏଥିପାଇଁ ଆର୍ଥିକ କାରବାର ସଂକ୍ରାନ୍ତ ଜ୍ଞାନ, ଶିକ୍ଷା ଓ ସଚେତନତା ମଧ୍ୟ ଜରୁରୀ। ଏ ନେଇ ଜାତିସଂଘ ଯେଉଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ତାହାକୁ ଅନୁଧ୍ୟାନ କରିବାର ଯଥାର୍ଥତା ରହିଛି।

ସୁଧହାର ନିର୍ଦ୍ଧାରଣ ବା ଆର୍ଥିକ ନୀତି ଘୋଷଣା ସମ୍ପର୍କରେ ଦେଶର କେନ୍ଦ୍ରୀୟ ବ୍ୟାଙ୍କ (ଭାରତୀୟ ରିଜର୍ଭ ବ୍ୟାଙ୍କ) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକର ଖାଉଟି (ଜମାକାରୀ ଓ ଋଣ ଗ୍ରହୀତା)ଙ୍କ ସହ ବ୍ୟାବସାୟିକ ସମ୍ପର୍କର ନୀତି ନିୟମ ନିର୍ଦ୍ଧାରଣ, ବ୍ୟାଙ୍କ ସମୂହର ଅନାଦାୟ ଋଣ (ଏନ୍‌ପିଏ) ସମସ୍ୟା ଆଦି କଥା ରିଜର୍ଭ ବ୍ୟାଙ୍କ ବୁଝେ। ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରତି ରାଜ୍ୟରେ ଜଣେ ଜଣେ ବ୍ୟାଙ୍କପାଳ (ବ୍ୟାଙ୍କ ଅମ୍ବୁଡ୍ସ୍‌ମ୍ୟାନ) ନିଯୁକ୍ତ କରିଛନ୍ତି। କ୍ଷତିଗ୍ରସ୍ତ ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବା ବ୍ୟାଙ୍କପାଳଙ୍କ ଦାୟିତ୍ୱ।

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ନିଷ୍ପତ୍ତି ଯାହା ଲୋକଙ୍କୁ ଅଧିକରୁ ଅଧିକ ଆର୍ଥିକ ଦୃଷ୍ଟିରୁ ସମାବେଶୀ କରିବାରେ ସଫଳ ହୋଇଛି। ଏହି ଯୋଜନାରେ ବ୍ୟାଙ୍କରେ ପ୍ରଥମ ଥର ଖାତା ଖୋଲି ଟଙ୍କା ଜମା କରିବାର ଲାଭ ୩୫୦ ନିୟୁତ ଲୋକଙ୍କୁ ମିଳିବା ସହ ସେମାନେ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ଏବେ ଏହି ଖାତା ଫଳରେ ସେମାନଙ୍କୁ ମିଳୁଥିବା ବିଭିନ୍ନ ସରକାରୀ ଲାଭ ବାବଦ ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି ଓ ଏହାର ବାଟମାରଣା ବନ୍ଦ ହୋଇଛି। ମଧ୍ୟସ୍ଥ ବା ଦଲାଲଙ୍କ ବିନା ସହାୟତାରେ ଏହି ଅର୍ଥ ସହଜରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଥିବାରୁ ସେମାନେ ସମାବେଶୀ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛନ୍ତି ଏବଂ ଏହା ଜାତୀୟ ବିକାଶରେ ସହାୟକ ହେଉଛି।

ବିତ୍ତୀୟ ବା ଆର୍ଥିକ ସେବାର ଅର୍ଥ ହେଲା ଯେଉଁ ଆର୍ଥିକ ଉଦ୍ୟୋଗ ଅଥବା ସଂସ୍ଥା ଖାଉଟିଙ୍କୁ ଋଣ, ଜମା, ସୁଧ, ବୀମା ତଥା ଦେଣନେଣ ଆଦି ଅର୍ଥ କାରବାର ଜନିତ ସେବା ଯୋଗାଏ। ଏହାର ପରିସର ବ୍ୟାପକ। ଏଥିରେ ବ୍ୟାଙ୍କ, କ୍ରେଡିଟକାର୍ଡ କମ୍ପାନୀ, ବୀମାକାରୀ ସଂସ୍ଥା, ଖାଉଟି ବିତ୍ତ କମ୍ପାନୀ, ଷ୍ଟକ ବ୍ରୋକରେଜ, ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ବା ପୁଂଜି ଲଗାଣ ପାଣ୍ଠି, ମ୍ୟୁଚୁଆଲ ଫଣ୍ଡ୍ ଆଦି ଅନ୍ତର୍ଭୁକ୍ତ। 'ଭଏସ୍ ସୋସାଇଟି' ଏ ସମ୍ପର୍କରେ ଏକ ତୁଳନାତ୍ମକ ଅଧ୍ୟୟନ କରିଛି ଯେଉଁଥିରେ କ୍ରେଡିଟ୍ କାର୍ଡ ସମେତ ୧୫୦ ଆର୍ଥିକ ସାମଗ୍ରୀ ରହିଛି।

ବୀମା, ପ୍ରତିଭୂତି, ପୁଂଜି ଲଗାଣ, ମ୍ୟୁଚୁଆଲ ଫଣ୍ଡ ଆଦିର କାର୍ଯ୍ୟ ତଦାରଖ କରିବା ପାଇଁ ଭାରତରେ କିଛି ଆନୁଷ୍ଠାନିକ ବା ସଂସ୍ଥାଗତ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି। ବୀମା ନିୟନ୍ତ୍ରକ ପ୍ରାଧିକରଣ, ପ୍ରତିଭୂତି ବିନିମୟ ବୋର୍ଡ (ସେବି), ଫରୱାର୍ଡ ମାର୍କେଟ କମିଶନ ଆଦି କେତେକ ସଂସ୍ଥା ଆର୍ଥିକ କାରବାର ଓ ସେବାକୁ ନିୟନ୍ତ୍ରଣ କରିଥାନ୍ତି। ଏହାସତ୍ତ୍ୱେ ଏସବୁ ନାନାଦି ସଂସ୍ଥା ଓ ନୀତି ନିୟମ ମଧ୍ୟରେ ବିଚରା ଖାଉଟି ଆଖୁ କିଆରିରେ ପଶି ବାଟବଣା ହେବା ଭଳି ପରିସ୍ଥିତିର ସମ୍ମୁଖୀନ ହୁଏ।

ତେଣୁ ଭାରତ ଭଳି ଏକ ଗ୍ରାମବହୁଳ, ଅଳ୍ପ ଶିକ୍ଷିତ ବିରାଟ ଦେଶରେ ଲୋକଙ୍କ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା ସହ ସେମାନଙ୍କୁ ସୁରକ୍ଷା ପ୍ରଦାନର ଗୁରୁତ୍ୱ ଅଧିକ। କେରଳ ଭଳି ଶିକ୍ଷିତ ଓ ସଚେତନ ରାଜ୍ୟରେ ଖାଉଟି ସଚେତନତା ସୃଷ୍ଟି ସହଜ ହୋଇପାରେ; ମାତ୍ର ଭାରତର ଏମିତି ଅନେକ ଅଞ୍ଚଳ ଅଛି ଯେଉଁଠି ବ୍ୟାଙ୍କ ଜମା ଖାତା ବିଷୟରେ ଲୋକେ ଏବେ ମଧ୍ୟ ଅଜ୍ଞ। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ନିଷ୍ପତ୍ତି ଯାହା ଲୋକଙ୍କୁ ଅଧିକରୁ ଅଧିକ ଆର୍ଥିକ ଦୃଷ୍ଟିରୁ ସମାବେଶୀ କରିବାରେ ସଫଳ ହୋଇଛି। ଏହି ଯୋଜନାରେ ବ୍ୟାଙ୍କରେ ପ୍ରଥମ ଥର ଖାତା ଖୋଲି ଟଙ୍କା ଜମା କରିବାର ଲାଭ ୩୫୦ ନିୟୁତ ଲୋକଙ୍କୁ ମିଳିବା ସହ ସେମାନେ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ଏବେ ଏହି ଖାତା ଫଳରେ ସେମାନଙ୍କୁ ମିଳୁଥିବା ବିଭିନ୍ନ ସରକାରୀ ଲାଭ ବାବଦ ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି ଓ ଏହାର ବାଟମାରଣା ବନ୍ଦ ହୋଇଛି। ମଧ୍ୟସ୍ଥ ବା ଦଲାଲଙ୍କ ବିନା ସହାୟତାରେ ଏହି ଅର୍ଥ ସହଜରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଥିବାରୁ ସେମାନେ ସମାବେଶୀ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛନ୍ତି ଏବଂ ଏହା ଜାତୀୟ ବିକାଶରେ ସହାୟକ ହେଉଛି।

ଏକଦା ଯୁବଛାତ୍ରଛାତ୍ରୀମାନେ ଆଇଟି ପଢ଼ିବାକୁ ଅଗ୍ରାଧିକାର ଦେଉଥିଲେ। ଏବେ କିନ୍ତୁ ସେମାନେ



ଆର୍ଥିକ ସେବା ପାଠ୍ୟକ୍ରମ ପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି। ଆଜିର ବିତ୍ତୀୟ ସେବା ଶିକ୍ଷ ଅନେକ ସେବା ଓ ଦ୍ରବ୍ୟ ଯୋଗାଇ ଉଭୟ ବ୍ୟକ୍ତିବିଶେଷ ଓ ଉଦ୍ୟୋଗ ଜଗତର ଅର୍ଥ ପରିଚାଳନାରେ ସହାୟକ ହେଉଛି।

ଆର୍ଥିକ ସେବା ଦରିଦ୍ରଙ୍କୁ ଉତ୍ତମ ଜୀବନ ଜିଇବା ପାଇଁ ପଥ ଦେଖାଉଛି। ଏହା ଅର୍ଥର ବୃଦ୍ଧି ଓ ସୁରକ୍ଷାର ସୁଯୋଗ ସୃଷ୍ଟି କରିଛି। ତେବେ ମୋ ମତରେ ଉତ୍ତମ ପରିଚାଳନା, ଖାଉଟି ସୁରକ୍ଷା ଏବଂ ତ୍ୱରିତ ଆପତ୍ତି ଅଭିଯୋଗର ଶୁଣାଣି ଉପରେ ଏ କ୍ଷେତ୍ରର ଭବିଷ୍ୟତ ନିର୍ଭରଶୀଳ।

**ଖାଉଟି ସୁରକ୍ଷା ସଂକ୍ରାନ୍ତ ଜାତିସଂଘ ନିର୍ଦ୍ଦେଶାବଳୀ-୨୦୧୬**

- ସଭ୍ୟ ରାଷ୍ଟ୍ରମାନେ ନିମ୍ନଲିଖିତ ବିଷୟବସ୍ତୁର ବ୍ୟବସ୍ଥା କରିବେ କିମ୍ବା ଏହାକୁ ପ୍ରୋତ୍ସାହିତ କରିବେ -

୧) ଆର୍ଥିକ ଖାଉଟି ସୁରକ୍ଷା ନିୟନ୍ତ୍ରଣ ଓ ପ୍ରବର୍ତ୍ତନ ବ୍ୟବସ୍ଥା।

୨) ଖାଉଟି ସୁରକ୍ଷା ପାଇଁ ତଦାରଖକାରୀ ସଂସ୍ଥା ବା ପ୍ରାଧିକରଣ ଗଢ଼ି ତାହାକୁ ଆବଶ୍ୟକ କ୍ଷମତା ଓ ସମ୍ବଳ ପ୍ରଦାନ।

୩) ଉପଯୁକ୍ତ ନିୟନ୍ତ୍ରଣ ଓ ବୀମା ବ୍ୟବସ୍ଥା ଗ୍ରହଣ ପୂର୍ବକ ଖାଉଟି ସ୍ୱାର୍ଥ ଓ ଜମାର ସୁରକ୍ଷା।

୪) ଆର୍ଥିକ ସାକ୍ଷରତା ବୃଦ୍ଧି ପାଇଁ ଉନ୍ନତ ଆର୍ଥିକ ଶିକ୍ଷା କୌଶଳର ପ୍ରବର୍ତ୍ତନ।

୫) ଆର୍ଥିକ ଅନୁଷ୍ଠାନ ଓ ସଂସ୍ଥା ସମୂହର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ। କୌଣସି ପରିସ୍ଥିତି ଓ କ୍ଷେତ୍ରରେ ଜମାକାରୀ ବା ଖାଉଟିର ସ୍ୱାର୍ଥ ଯେପରି ବ୍ୟାହତ ନ'ହୁଏ ସେଥିପାଇଁ ବୈଧାନିକ ଓ ଆନୁଷ୍ଠାନିକ ପ୍ରତିକାର ବ୍ୟବସ୍ଥା।

୬) ଆର୍ଥିକ ସଂସ୍ଥାଗୁଡ଼ିକ ଦ୍ୱାରା ସାଧୁ ଓ ସଚ୍ଚୋଟ ବ୍ୟବସାୟ ନୀତି ଅବଲମ୍ବନ। ଜମି ଓ ସାମଗ୍ରୀ ଆଦିର କ୍ରୟ ବିକ୍ରୟ କ୍ଷେତ୍ରରେ ଖାଉଟିଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବାର ବ୍ୟବସ୍ଥା କରିବା।

୭) ଖାଉଟିଙ୍କ ତଥ୍ୟାବଳୀର ସୁରକ୍ଷା ସହିତ ସେମାନଙ୍କୁ ସବୁ ସମ୍ଭାବ୍ୟ ଠକେଇ ଓ ଶୋଷଣରୁ ସୁରକ୍ଷିତ କରିବାର ବ୍ୟବସ୍ଥା।

୮) ଖାଉଟି ସୁରକ୍ଷାକୁ ଆର୍ଥିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା ଓ ସେଥିପାଇଁ ବୈଧାନିକ ସଂସ୍ଥା ଓ ଅନୁଷ୍ଠାନ ନିର୍ମାଣ।

୯) ଦେଶର ସାମାଜିକ, ଆର୍ଥିକ ଓ ଅନ୍ୟାନ୍ୟ ସ୍ଥିତିକୁ ବିଚାରକୁ ନେଇ ଖାଉଟିଙ୍କୁ ସେଥିରେ ସୁରକ୍ଷିତ କରି ରଖିବାର ବୈଧାନିକ ପଦକ୍ଷେପ।

୧୦) ସ୍ୱାସ୍ଥ୍ୟ ସେବା, ଖାଦ୍ୟ ଓ ପାନୀୟ, ଔଷଧପତ୍ର, ଜଳ, ଶକ୍ତି ଓ ଅନ୍ୟାନ୍ୟ ସର୍ବସାଧାରଣ ସେବା ବ୍ୟବସ୍ଥାରେ ଖାଉଟିର ସ୍ୱାର୍ଥ ଯେପରି ସର୍ବୋତ୍ ଭାବେ ସୁରକ୍ଷିତ ହୋଇପାରିବ ସେଥିପାଇଁ ଖାଉଟି ଆଇନ ପ୍ରସ୍ତୁତ କରିବା ସହ ତାହାର ଠିକଣା କାର୍ଯ୍ୟକାରିତା।

୧୧) ଦ୍ରବ୍ୟ ଓ ସେବାର ମାନ, ମାନ ନିୟନ୍ତ୍ରଣ ବ୍ୟବସ୍ଥା ଓ ପ୍ରବର୍ତ୍ତନ, ସଫଳ ତଦାରଖ ବ୍ୟବସ୍ଥା, ଖାଉଟିଙ୍କ ସୂଚନା ପ୍ରଦାନ, ସମସ୍ତଙ୍କ ପାଇଁ ଯୋଗାଣ ବ୍ୟବସ୍ଥା ସୃଷ୍ଟି, ମୂଲ୍ୟ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ଓ ନିରନ୍ତର ଦ୍ରବ୍ୟ ଯୋଗାଣ ଆଦି ସୁନିଶ୍ଚିତ କରିବାକୁ ଆଇନ୍‌ଗତ ପଦକ୍ଷେପ।



**ତେଣୁ ଭାରତ ଭଳି ଏକ ଗ୍ରାମବହୁଳ, ଅଳ୍ପ ଶିକ୍ଷିତ ବିରାଟ ଦେଶରେ ଲୋକଙ୍କ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା ସହ ସେମାନଙ୍କୁ ସୁରକ୍ଷା ପ୍ରଦାନର ଗୁରୁତ୍ୱ ଅଧିକ। କେରଳ ଭଳି ଶିକ୍ଷିତ ଓ ସଚେତନ ରାଜ୍ୟରେ ଖାଉଟି ସଚେତନତା ସୃଷ୍ଟି ସହଜ ହୋଇପାରେ; ମାତ୍ର ଭାରତର ଏମିତି ଅନେକ ଅଞ୍ଚଳ ଅଛି ଯେଉଁଠି ବ୍ୟାଙ୍କ ଜମା ଖାତା ବିଷୟରେ ଲୋକେ ଏବେ ମଧ୍ୟ ଅଜ୍ଞ।**

**ଲେଖକ ଭାରତ ସରକାରଙ୍କର ଖାଉଟି ବ୍ୟାପାର ମନ୍ତ୍ରଣାଳୟର ଅବସରପ୍ରାପ୍ତ ସଚିବ ଏବଂ 'ଭଏସ୍ ସୋସାଇଟି'ର ଅଧ୍ୟକ୍ଷ।**

# ଭାରତମାଳା: ଦେଶକୁ ଯୋଡ଼ିବାର ପ୍ରୟାସ

ଜି. ରଘୁରାମ

ଦେଶର ସଡ଼କ ଯୋଗାଯୋଗକୁ ଅଧିକ ବ୍ୟାପକ ଓ ସୁସଂହତ କରିବାକୁ କେନ୍ଦ୍ର ସରକାର ଭାରତମାଳା ଯୋଜନା ହାତକୁ ନେଇଛନ୍ତି। କେନ୍ଦ୍ର ସଡ଼କ ପରିବହନ, ରାଜମାର୍ଗ, ଜାହାଜ ଚଳାଚଳ, ଜଳ ସଂପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ଏକ ବଡ଼ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଭାରତମାଳା ଯୋଜନାରେ ଆଠ ଲକ୍ଷ କୋଟି ଟଙ୍କା ବ୍ୟୟରେ ଏହି କାର୍ଯ୍ୟ ୨୦୧୮ ଶେଷ ସୁଦ୍ଧା ଆରମ୍ଭ ହେବ। ଭାରତମାଳା ଏକ ନୂଆ ଛତ୍ରରୂପି କାର୍ଯ୍ୟକ୍ରମ ଯାହା ଅଧୀନରେ ଅନେକ କାମ ରହିବ। ଏଥିରେ ରାଜପଥ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯିବ ଏବଂ ଏ କ୍ଷେତ୍ରରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ଅଭାବ ରହିଛି ତାହାକୁ ପୂରଣ କରାଯିବ।

ଏହି କାର୍ଯ୍ୟକ୍ରମ ଦେଶର ଆର୍ଥିକ ଅଭିବୃଦ୍ଧିରେ ବିଶେଷ ସହାୟକ ହେବ। ପ୍ରଧାନମନ୍ତ୍ରୀଙ୍କ 'ନ୍ୟୁଇଣ୍ଡିଆ' ଲକ୍ଷ୍ୟ ସାକାରରେ ଏହା ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ। ସଡ଼କପଥର ବିକାଶ ହେଲେ ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ମଣିଷ ଓ ସାମଗ୍ରୀ ଆତଯାତ ଅଧିକ ସହଜ ଓ ସୁଗମ ହୋଇପାରିବ। ଅନଗ୍ରସର ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଯାହା ଯୋଗାଯୋଗ ଦୃଷ୍ଟିରୁ ଅତ୍ୟନ୍ତ ପଛୁଆ, ସେ ଅଞ୍ଚଳର ସଡ଼କ ସଂଯୋଗକୁ ଏଥିରେ ଅଗ୍ରାଧବକାର ପ୍ରଦାନ କରାଯାଇଛି। ଏହାଛଡ଼ା ଭାରତମାଳାରେ ଆର୍ଥିକ କାରବାରର ପେଣ୍ଠସ୍ଥଳ, ଧାର୍ମିକସ୍ଥଳ ଓ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ସୀମାନ୍ତ ଓ ତଟବର୍ତ୍ତୀ ଅଞ୍ଚଳକୁ ସଂଯୋଗ କରିବାର ବ୍ୟବସ୍ଥା କରାଯାଇଛି।

ଏବେ ଦେଶରେ ମାତ୍ର ଛ'ଟି ଜାତୀୟ ରାଜପଥ କରିଡ଼ର ରହିଛି। ଭାରତମାଳାରେ ସମଗ୍ର ଦେଶରେ ୫୦ ଜାତୀୟ କରିଡ଼ର ନିର୍ମାଣର ପରିକଳ୍ପନା କରାଯାଇଛି। ଏବେ ଜାତୀୟ ରାଜପଥରେ ମାତ୍ର ୪୦ ଶତାଂଶ ସାମଗ୍ରୀ ପରିବହନ ହେଉଛି। ସାଗରମାଳା ପ୍ରକଳ୍ପ ସଂମ୍ପୂର୍ଣ୍ଣ ହେଲେ ଏହି ଏହି ପରିବହନ ଅନୁପାତ ୭୦ ରୁ ୮୦ ଶତାଂଶକୁ ବୃଦ୍ଧି ପାଇବ। ଦେଶର ୫୫୦ଟି ଜିଲ୍ଲା ଜାତୀୟ ରାଜପଥ ଦ୍ୱାରା ସଂଯୁକ୍ତ ହେବ। ଏବେ ଦେଶର ମାତ୍ର ୩୦୦ ଜିଲ୍ଲାରେ ଜାତୀୟ ରାଜପଥ ରହିଛି। ସାଗରମାଳା ଯୋଜନାଦ୍ୱାରା ଅନେକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ସୁବିଧା ପାଇବେ ଏବଂ ରାଜପଥ ବିକାଶ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ।






ଭାରତମାଳାର ପ୍ରଥମ ପର୍ଯ୍ୟାୟରେ ମୋଟ୍ ୨୪,୦୦୦ କିମି ରାଜପଥ ନିର୍ମାଣର ପରିକଳ୍ପନା ରହିଛି। ଏହି ପର୍ଯ୍ୟାୟରେ ୧୦ହଜାର କିମି ଜାତୀୟ ରାଜପଥର ବଳକା ରାସ୍ତାର ବିକାଶ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ। ତେଣୁ ମୋଟ ୩୪,୦୦୦କିମି ରାଜପଥ ନିର୍ମାଣ ପାଇଁ ୫,୩୫,୦୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପାଞ୍ଚବର୍ଷ ମଧ୍ୟରେ, ଅର୍ଥାତ ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ଭାରତମାଳାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପର୍ଯ୍ୟାୟରେ କେଉଁ କାମ ପାଇଁ କେତେ ଖର୍ଚ୍ଚ ହେବ ଏହାର ଏକ ତାଲିକା ନିମ୍ନ ସାରଣିରେ ପ୍ରଦାନ କରାଯାଇଛି।

ଭାରତମାଳାର ଏକ ବଡ଼ ଉଦ୍ଦେଶ୍ୟ ହେଉଛି ସୁବର୍ଣ୍ଣ ଚତୁର୍ଭୁଜ ବ୍ୟବସ୍ଥାରେ ଥିବା ଜାତୀୟ କରିଡରର ଦକ୍ଷତା ବୃଦ୍ଧି କରିବା। ଏଥିପାଇଁ ଗହଳି ସ୍ଥାନରେ ଲେନ୍ ସଂପ୍ରସାରଣ, ରିଙ୍ଗରୋଡ୍ ନିର୍ମାଣ, ବାଇପାସ୍/ଏଲିଭେଟେଡ୍ କରିଡର ନିର୍ମାଣ ଓ ଲଜିଷ୍ଟିକ ପାର୍କମାନ ବିଭିନ୍ନ ଧାର୍ଯ୍ୟ ସ୍ଥାନରେ ତିଆରି କରାଯିବ। ଏହାଦ୍ୱାରା ସୁବର୍ଣ୍ଣ ଚତୁର୍ଭୁଜ ଅନ୍ତର୍ଗତ ଜାତୀୟ ରାଜମାର୍ଗର ଗହଳି ହ୍ରାସ ପାଇବ। ଭାରତମାଳାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦୦୦ କିମି ଜାତୀୟ କରିଡର (ରାଜମାର୍ଗ) ଏକ ଲକ୍ଷ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ସେହିଭଳି ଭାରତମାଳାରେ ପ୍ରାୟ ୨୬,୨୦୦ କିମି ଲମ୍ବର ଅର୍ଥନୈତିକ କରିଡର ନିର୍ମାଣର ଲକ୍ଷ୍ୟ ରହିଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୦୦୦ କିମି ରାଜପଥ ନିର୍ମିତ ହେବ। ଏଥିପାଇଁ ପ୍ରାୟ ୧୨୦,୦୦୦କୋଟି ଟଙ୍କା ବ୍ୟୟ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ରାସ୍ତା ନିର୍ଦ୍ଦିଷ୍ଟ ସ୍ଥାନରୁ ନିର୍ଦ୍ଦିଷ୍ଟ ସ୍ଥାନ ପର୍ଯ୍ୟନ୍ତ ଉଚ୍ଚମାନରେ ତିଆରି ହେବ। ଏଥିରେ ମାଲ ପରିବହନ ପାଇଁ କୌଣସି ସ୍ଥାନରେ ଗାଡ଼ି ଯେପରି ନ'ଅଟକେ ସେଥିପାଇଁ ବ୍ୟବସ୍ଥା କରାଯିବ।

ଟେବୁଲ - ୧

| କ୍ରମିକ ନଂ. | ଅଙ୍ଗ | ଦୈର୍ଘ୍ୟ-କିମିରେ | ବ୍ୟୟ ବରାଦ (କୋଟି ଟଙ୍କାରେ) |
|---|---|---|---|
| ୧ | ଅର୍ଥନୈତିକ କରିଡର ବିକାଶ | ୯୦୦୦ | ୧,୨୦,୦୦୦ |
| ୨ | ଇଷ୍ଟର୍ଣ୍ଣ କରିଡର, ଫିଡର ରୋଡ୍ | ୬୦୦୦ | ୮୦,୦୦୦ |
| ୩ | ଜାତୀୟ କରିଡର ଦକ୍ଷତା ବୃଦ୍ଧି | ୫୦୦୦ | ୧୦୦,୦୦୦ |
| ୪ | ସୀମାନ୍ତ ଓ ଆନ୍ତର୍ଜାତିକ ସଂଯୋଗ ପଥ | ୨୦୦୦ | ୨୫,୦୦୦ |
| ୫ | ଉପକୂଳ ଓ ବନ୍ଦର ସଂଯୋଗ ପଥ | ୨୦୦୦ | ୨୦,୦୦୦ |
| ୬ | ଏକ୍ସପ୍ରେସ୍ ରାଜପଥ | ୮୦୦ | ୪୦,୦୦୦ |
| | **ମୋଟ୍** | **୨୪,୮୦୦** | **୩୮୫,୦୦୦** |
| | ଜାତୀୟ ରାଜପଥ ବିକାଶ କାର୍ଯ୍ୟକ୍ରମର ବଳକା ରାସ୍ତା | ୧୦,୦୦୦ | ୧,୫୦,୦୦୦ |
| | **ମୋଟ୍** | | **୫,୩୫,୦୦୦** |

# ଭାରତମାଳାର ସଂକ୍ଷିପ୍ତ ରୂପରେଖ



ଦେଶରେ ୩୪,୮୦୦ କିମି
ରାସ୍ତା ନିର୍ମାଣ କରାଯିବ



ଏଥିପାଇଁ ବ୍ୟୟ ହେବ ମୋଟ
୫,୩୫,୦୦୦ କୋଟି ଟଙ୍କା


- ଆର୍ଥିକ କରିଡର - ୯୦୦୦କିମି
  (ଦେଶର ଆର୍ଥିକ ଦକ୍ଷତା ବୃଦ୍ଧି ପାଇଁ ନିର୍ମିତ ହେବ)
- ଇଣ୍ଟର୍ଣ୍ଣ କରିଡର ଓ ଫିଡର ରୋଡ୍ (୫୦୦୦କିମି)
  (ସାମଗ୍ରିକ ସଡ଼କ ସଂଯୋଗ ବୃଦ୍ଧି ପାଇଁ)
- ଜାତୀୟ କରିଡରର ଦକ୍ଷତା ବୃଦ୍ଧି (୫୦୦୦କମି)
  (ଜାତୀୟ ରାଜପଥ ସମୂହଙ୍କ ଦକ୍ଷତା ବୃଦ୍ଧି ପାଇଁ)
- ଉପକୂଳ ସଡ଼କ ଓ ବନ୍ଦର ସଂଯୋଗ (୨୦୦୦ କିମି)
  (ଉପକୂଳ ଓ ବନ୍ଦର ସଂଯୋଗ ପାଇଁ)
- ନୂତନ ରାଜପଥ ନିର୍ମାଣ (୮୦୦ କିମି)
  (ଜଂଜାଳମୁକ୍ତ ତ୍ୱରିତ ପରିବହନ ପାଇଁ)
- ବଳକା ଥିବା ଜାତୀୟ ରାଜପଥ ବିକାଶ (୧୦,୦୦୦କିମି)
  (ଦେଶର ସର୍ବାଙ୍ଗୀନ ସଡ଼କ ବିକାଶ ପାଇଁ)

ପରିବହନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଏହି ରାଜପଥ ନିର୍ମାଣର ଲକ୍ଷ୍ୟ। ଏହା ବାଦ୍ ପ୍ରାୟ ୮୦୦୦ କିମି ଇଣ୍ଟର କରିଡର ଓ ୭୫୦୦ କିମି ଫିଡର କରିଡର ନିର୍ମାଣ ପାଇଁ ଭାରତମାଳାରେ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮୦ ହଜାର କୋଟି ଟଙ୍କା ବ୍ୟୟରେ ୬୦୦୦ କିମି. ରାସ୍ତା ତିଆରି ହେବ। ଦୁଇଟି ବା ତତୋଧିକ ରାଜପଥ (କରିଡର)କୁ ସଂଯୁକ୍ତ କରୁଥିବା ରାଜପଥ ବା ଇଣ୍ଟର କରିଡର ଏବଂ ଏକ କିମ୍ବା ଦୁଇଟି ରାଜପଥକୁ ସଂଯୋଗ କରୁଥିବା ରାଜପଥକୁ ଫିଡର କରିଡରର ମାନ୍ୟତା ଦିଆଯାଇଛି। ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ବିକାଶ ଭାରତମାଳାରେ ଅଗ୍ରାଧିକାର ପାଇଛି।

ଭାରତମାଳାରେ ୩୩୦୦ କିମି ସୀମାନ୍ତ ରାଜପଥ ନିର୍ମାଣର ପରିକଳ୍ପନା ରହିଛି। ଏହା ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଅଞ୍ଚଳରେ ନିର୍ମିତ ହେବ, ଯାହା ଆନ୍ତର୍ଜାତିକ ସୀମାରେଖାକୁ ସ୍ପର୍ଶ କରୁଥିବ। ଏହାଛଡ଼ା ନେପାଳ, ଭୁଟାନ, ବାଂଲାଦେଶ ଓ ମ୍ୟାଁମାର ସହିତ ବାଣିଜ୍ୟ କାରବାର ପାଇଁ ୨୦୦୦ କିମି ଆନ୍ତର୍ଜାତିକ ସଡ଼କ ନିର୍ମାଣ କରାଯିବ। ଭାରତମାଳାର ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୨୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

ଭାରତମାଳାର ବନ୍ଦର ସଂଯୋଗ ଓ ଉପକୂଳ ରାଜପଥ ନିର୍ମାଣ ଯୋଜନାରେ ରହିଛି ଯଥାକ୍ରମେ ୨୦୦୦ କିମି ଓ ୨୧୦୦ କିମି ରାଜପଥ ନିର୍ମାଣ ପରିକଳ୍ପନା। ସେଥିରୁ ପ୍ରଥମ ପର୍ଯ୍ୟାୟରେ

ଭାରତମାଳାର ଏକ ବଡ଼ ଉଦ୍ଦେଶ୍ୟ ହେଉଛି ସୁବର୍ଣ୍ଣ ଚତୁର୍ଭୁଜ ବ୍ୟବସ୍ଥାରେ ଥିବା ଜାତୀୟ କରିଡରର ଦକ୍ଷତା ବୃଦ୍ଧି କରିବା। ଏଥିପାଇଁ ଗହଳି ସ୍ଥାନରେ ଲେନ୍ ସଂପ୍ରସାରଣ, ରିଙ୍ଗରୋଡ୍ ନିର୍ମାଣ, ବାଇପାସ୍/ଏଲିଭେଟେଡ୍ କରିଡର ନିର୍ମାଣ ଓ ଲଜିଷ୍ଟିକ ପାର୍କମାନ ବିଭିନ୍ନ ଧାର୍ଯ୍ୟ ସ୍ଥାନରେ ତିଆରି କରାଯିବ। ଏହାଦ୍ୱାରା ସୁବର୍ଣ୍ଣ ଚତୁର୍ଭୁଜ ଅନ୍ତର୍ଗତ ଜାତୀୟ ରାଜମାର୍ଗର ଗହଳି ହ୍ରାସ ପାଇବ। ଭାରତମାଳାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦୦୦ କିମି ଜାତୀୟ କରିଡର (ରାଜମାର୍ଗ) ଏକ ଲକ୍ଷ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ସେହିଭଳି ଭାରତମାଳାରେ ପ୍ରାୟ ୨୬,୨୦୦ କିମି ଲମ୍ବର ଅର୍ଥନୈତିକ କରିଡର ନିର୍ମାଣର ଲକ୍ଷ୍ୟ ରହିଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୦୦୦ କିମି ରାଜପଥ ନିର୍ମିତ ହେବ। ଏଥିପାଇଁ ପ୍ରାୟ ୧୨୦,୦୦୦କୋଟି ଟଙ୍କା ବ୍ୟୟ କରିବାର ଲକ୍ଷ୍ୟ ରଖାଯାଇଛି।



୨୦୦୦କିମି ସଡ଼କ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି ଓ ଏଥିପାଇଁ ୨୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ସେହିଭଳି ସମ୍ପୂର୍ଣ୍ଣ ନୂଆ ୧୯୦୦ କିମି ଏକ୍ସପ୍ରେସ ରାଜପଥ ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଏବଂ ଭାରତମାଳାର ପ୍ରଥମ ପର୍ଯ୍ୟାୟରେ ସେଥିରୁ ୮୦୦ କିମି ୪୦,୦୦୦କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ଜାତୀୟ ରାଜପଥ ବିକାଶ କାର୍ଯ୍ୟକ୍ରମରେ ଯେଉଁ ବଳକା ୧୦ହଜାର କିମି ସଡ଼କର ଉନ୍ନୟନ କାର୍ଯ୍ୟ ରହିଯାଇଛି ତାହାକୁ ୧,୫୦,୦୦୦କୋଟି ଟଙ୍କା ବ୍ୟୟରେ ଭାରତମାଳା କାର୍ଯ୍ୟକ୍ରମରେ ଶେଷ କରାଯିବ।

ପ୍ରଥମ ପର୍ଯ୍ୟାୟ ଭାରତମାଳାରେ ୫,୩୫,୦୦୦କୋଟି ଟଙ୍କାର ବ୍ୟୟ ବାଦ ଏବେ ଜାତୀୟ ରାଜପଥ ଓ ଏସ୍ଏଆର୍‌ଡିପିଏନ୍ଇ, ଇଏପି ଓ ଏଲଡବ୍ଲୁଇ ଯୋଜନାରେ ଯେଉଁସବୁ ବିକାଶମୂଳକ କାର୍ଯ୍ୟ ଚାଲିଛି ସେଥିପାଇଁ ୧,୫୭,୩୨୪ କୋଟି ଟଙ୍କାର ଆବଶ୍ୟକତା ରହିଛି। ତେଣୁ ପ୍ରବର୍ତ୍ତିତ ସବୁ ରାଜପଥ କାର୍ଯ୍ୟକ୍ରମ ଓ ଭାରତମାଳା ପାଇଁ ପାଞ୍ଚବର୍ଷ ନିମନ୍ତେ ୬,୯୨,୩୨୪ କୋଟିଟଙ୍କା ବ୍ୟୟ କରାଯିବ। ପ୍ରଚଳିତ ପ୍ରକଳ୍ପ ଓ ଭାରତମାଳା କାର୍ଯ୍ୟକ୍ରମ ପାଇଁ ବଜେଟରେ (୨୦୧୭-୧୮)ରୁ ୨୦୨୧-୨୨ ପର୍ଯ୍ୟନ୍ତ ଯେଉଁ ଅର୍ଥ ବରାଦ ହେବ ତାହାର ପରିମାଣ ୨,୩୭,୦୨୪ କୋଟି ଟଙ୍କାରେ ସୀମିତ ରଖାଯାଇଛି। ଏହି ଅର୍ଥ କେନ୍ଦ୍ରୀୟ ସଡ଼କ ପାଣ୍ଠିରୁ ଯୋଗାଇ ଦିଆଯିବ। ଏହାଛଡ଼ା ବଜେଟ ଅନୁଦାନରୁ ୫୯,୯୭୩ କୋଟି, ୩୪ ହଜାର କୋଟି ଟଙ୍କା ଟୋଲ୍ ସଂଗ୍ରହରୁ ଏବଂ ବାକି ୪୬,୦୪୮ କୋଟି ଟୋଲ୍ ପରମାନେଣ୍ଟ ବ୍ରିଜ୍ ଫି ପାଣ୍ଠିରୁ ଆସିବ। ଭାରତମାଳାରେ ପ୍ରାୟ ୬୦୦ପ୍ରକଳ୍ପକୁ ଚିହ୍ନଟ କରାଯାଇଛି। ଭାରତମାଳା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଅତ୍ୟାଧୁନିକ ଜ୍ଞାନ କୌଶଳ ଓ ପ୍ରଯୁକ୍ତିରେ ନିର୍ମିତ ହେବ ଏବଂ ଏଥିପାଇଁ ଜମି ଅଧିଗ୍ରହଣ, ପ୍ରକଳ୍ପ ଅନୁମୋଦନ, ପରିବେଶ ମଂଜୁରି ଆଦି କର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ଆଇନଗତ ଓ ଅନ୍ୟାନ୍ୟ ବ୍ୟବସ୍ଥା ଗ୍ରହଣ କରାଯାଉଛି।

ଏବେ ଦେଶରେ ମାତ୍ର ଛ'ଟି ଜାତୀୟ ରାଜପଥ କରିଡ଼ର ରହିଛି। ଭାରତମାଳାରେ ସମଗ୍ର ଦେଶରେ ୫୦ ଜାତୀୟ କରିଡ଼ର ନିର୍ମାଣର ପରିକଳ୍ପନା କରାଯାଇଛି। ଏବେ ଜାତୀୟ ରାଜପଥରେ ମାତ୍ର ୪୦ ଶତାଂଶ ସାମଗ୍ରୀ ପରିବହନ ହେଉଛି। ସାଗରମାଳା ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ଏହି ଏହି ପରିବହନ ଅନୁପାତ ୭୦ ରୁ ୮୦ ଶତାଂଶକୁ ବୃଦ୍ଧି ପାଇବ। ଦେଶର ୫୫୦ଟି ଜିଲ୍ଲା ଜାତୀୟ ରାଜପଥ ଦ୍ୱାରା ସଂଯୁକ୍ତ ହେବ। ଏବେ ଦେଶର ମାତ୍ର ୩୦୦ ଜିଲ୍ଲାରେ ଜାତୀୟ ରାଜପଥ ରହିଛି। ସାଗରମାଳା ଯୋଜନାଦ୍ୱାରା ଅନେକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ସୁବିଧା ପାଇବେ ଏବଂ ରାଜପଥ ବିକାଶ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

**ଲେଖକ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିଛନ୍ତି।**

# ‘ଇନ୍‌ଭେଷ୍ଟ ଇଣ୍ଡିଆ’- ‘ନ୍ୟୁ ଇଣ୍ଡିଆ’ର ଉଦାହରଣ

**ଅଜୟ ଶଙ୍କର**

କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଇନ୍‌ଭେଷ୍ଟ ଇଣ୍ଡିଆର ପରିକଳ୍ପନା କରାଯାଇଥିଲା। ଏହାର ପ୍ରଥମ ଲକ୍ଷ୍ୟ ଥିଲା ବିଦେଶୀ ପୁଂଜିନିବେଶକଙ୍କୁ ବୃତ୍ତିଗତ ସହାୟତା ଓ ସେବା ଯୋଗାଇବା। ଏହାର ଅନ୍ୟାନ୍ୟ ଲକ୍ଷ୍ୟଗୁଡ଼ିକ ଥିଲା - ୧) ଆଗ୍ରହୀ ବିଦେଶୀ ନିବେଶକଙ୍କୁ ଭାରତରେ ବାଣିଜ୍ୟ ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ସମ୍ପର୍କରେ ତଥ୍ୟ ଯୋଗାଇବା, ୨) ସୁବିଧା ସୁଯୋଗ ଯୋଗାଣରେ ସହାୟତା କରିବା ଓ ୩) ଭାରତକୁ ବିଦେଶୀ ପୁଂଜି ନିବେଶର ପ୍ରବାହ ବୃଦ୍ଧି କରାଇବା। ଇନ୍‌ଭେଷ୍ଟ ଇଣ୍ଡିଆର ଏହି ଲକ୍ଷ୍ୟର ସଫଳତା ଉପରେ ଅନେକ କିଛି ନିର୍ଭର କରୁଛି। ଏହାଦ୍ୱାରା ପୁଂଜି ଆକର୍ଷଣର ଯେଉଁ ସାମର୍ଥ୍ୟ ଦେଶର ରହିଛି ତାହାକୁ ସାକାର କରିହେବ ଏବଂ ନୂଆ ନୂଆ ଶିଳ୍ପ ଓ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରିବ। ବିଦେଶୀ ପ୍ରତ୍ୟକ୍ଷ ପୁଂଜି ନିବେଶ (ଏଫ୍‌ଡିଆଇ) ବଳରେ ଚୀନ ଏବେ ସମଗ୍ର ବିଶ୍ୱର କାରଖାନା ପାଲଟିଛି। ଭାରତରେ ଚୀନ ଭଳି ସମସ୍ତ ସୁବିଧା ସୁଯୋଗ ରହିଥିଲେ ହେଁ ତାହାର ଉପଯୁକ୍ତ ଫାଇଦା ଦେଶ ଏଯାଏ ଉଠାଇ ପାରିନାହିଁ।

ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର କରିବା ପାଇଁ ୨୦୧୫ରେ ଭାରତ ସରକାର ‘ଇନ୍‌ଭେଷ୍ଟ ଇଣ୍ଡିଆ’ କାର୍ଯ୍ୟକ୍ରମ ମାଧ୍ୟମରେ ଏଫ୍‌ଡିଆଇ ଆକର୍ଷଣରେ ଭାରତକୁ ଏକ ନମ୍ବର ଦେଶ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ସେଥିପାଇଁ ନିବେଶକଙ୍କ ନିମନ୍ତେ ଉଚ୍ଛ୍ୱସିତ ସ୍ୱାଗତ ବ୍ୟବସ୍ଥାର ଆୟୋଜନ କରାଯାଇ ତଦନୁସାରେ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଲା। ସ୍ଲୋଗାନ ହେଲା ରେଡ୍ ଟେପ୍‌କୁ ରେଡ୍ କାର୍ପେଟରେ ପରିବର୍ତ୍ତନ କର; ଅର୍ଥାତ୍ ସରକାରୀ ନାଲି ଫିତା (ବିଳମ୍ବ) କାରବାରର ଅବସାନ ଘଟାଇ ନିବେଶକଙ୍କୁ ଯଥାଶୀଘ୍ର ସମ୍ଭାବ୍ୟ ସବୁ ସୁବିଧା ସୁଯୋଗ ଯୋଗାଇଦିଅ। ଅତଏବ ଇନ୍‌ଭେଷ୍ଟ ଇଣ୍ଡିଆ ଦେଶର ସରକାରୀ ବ୍ୟବସ୍ଥା ମଧ୍ୟରେ ଉଦ୍ୟୋଗୀଙ୍କ ବିକାଶ ଏବଂ ପ୍ରୋତ୍ସାହନ ପାଇଁ ଏକ ଅନୁପମ କାହାଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ।



> ଇନ୍‌ଭେଷ୍ଟ ଇଣ୍ଡିଆ ଏକ ସମୟରେ ଦ୍ୱୈତ ଭୂମିକା ନିର୍ବାହ କରୁଛି। ଏହା ଆଗ୍ରହୀ ନିବେଶକ ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବାବେଳେ ନିବେଶକଙ୍କୁ ଆବଶ୍ୟକ ପରାମର୍ଶ ଓ ସୁବିଧା ସୁଯୋଗ ଯୋଗାଇବାରେ ସହାୟତା କରୁଛି। ଏହା ଆଗ୍ରହୀ ନିବେଶକଙ୍କୁ ବିଭିନ୍ନ କାର୍ଯ୍ୟ ଖସଡ଼ା, ଯୋଜନା ଓ ପରାମର୍ଶ ଯୋଗାଉଛି। ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପ୍ ନିର୍ମାଣରେ ଏହା ବୃତ୍ତିଗତ ସହାୟତା ଓ ଜ୍ଞାନକୌଶଳ ଯୋଗାଣରେ ପରାମର୍ଶ ମଧ୍ୟ ପ୍ରଦାନ କରୁଛି। ‘ସହଜ, ତ୍ୱରିତ ଏବଂ ଆନନ୍ଦଦାୟକ’ ଏହି ତିନିଟି ବିଷୟକୁ ଅଗ୍ରାଧିକାର ଦେଇ ଇନ୍‌ଭେଷ୍ଟ ଇଣ୍ଡିଆ ଆଗ୍ରହୀ ନିବେଶକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇଦେଉଛି।

ଜଣେ ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଦୀପକ ବାଗ୍‌ଲାଙ୍କ ନେତୃତ୍ୱରେ ଇନ୍‌ଭେଷ୍ଟ ଇଣ୍ଡିଆର ପରିଚାଳନା ପାଇଁ ଏକ ଦଳ କାର୍ଯ୍ୟ କରୁଛି ଯାହା ‘ବିଲିଭର୍ସ ଇନ୍ ଇଣ୍ଡିଆ’ ନାମରେ ପରିଚିତ। ଶ୍ରୀ ବାଗ୍‌ଲା ଜଣେ ପୁରୁଖା ଇନ୍‌ଭେଷ୍ଟର ବ୍ୟାଙ୍କର ଓ ଇକ୍ୟୁଇଟି ବୃତ୍ତିଧାରୀ। ଏହି ଟିମ୍‌ରେ ମୋଟ ୧୧୦ ଜଣ ସଦସ୍ୟ ଅଛନ୍ତି ଯେଉଁମାନଙ୍କର ହାରାହାରି ବୟସ ୨୯ ବର୍ଷ। ଏହି ସଦସ୍ୟମାନେ ଇନ୍‌ଭେଷ୍ଟମେଣ୍ଟ କ୍ଷେତ୍ରରେ ବେଶ୍ ଅଭିଜ୍ଞ ଏବଂ ଗୋଲ୍‌ଡମ୍ୟାନ୍ ସଚ୍‌ସ୍, ମ୍ୟାକେନ୍ସି ଆଣ୍ଡ ବେନ୍ସ ଭଳି ପ୍ରତିଷ୍ଠିତ କମ୍ପାନୀରେ କାର୍ଯ୍ୟ କରିବାର

# ଇନ୍‌ଭେଷ୍ଟ୍ ଇଣ୍ଡିଆ

**ଜାତୀୟ ପୁଞ୍ଜିନିବେଶ ପ୍ରୋତ୍ସାହନ ସଂସ୍ଥା**

ଅଭିଜ୍ଞତା ଏମାନଙ୍କର ଅଛି । ସେମାନେ ରାଷ୍ଟ୍ର ନିର୍ମାଣକୁ ଅଗ୍ରାଧିକାର ଦେଇ ଦେଶ ପାଇଁ କାମ କରୁଛନ୍ତି ଏବଂ ନିଜର ଯୋଗ୍ୟତା ତଥା ଦକ୍ଷତା ଅନୁସାରେ ବେତନ ଦେଉନାହାନ୍ତି ।

ବିଭିନ୍ନ ସଂପୃକ୍ତ ପକ୍ଷଙ୍କ ସହ ମିଶି ଇନ୍‌ଭେଷ୍ଟ ଇଣ୍ଡିଆ କାର୍ଯ୍ୟ କରୁଛି ଏବଂ ଦେଶର ନିବେଶ ପରିବେଶରେ ଏକ ବ୍ୟାପକ ପରିବର୍ତ୍ତନ ଆଣିବା ଏହାର ଲକ୍ଷ୍ୟ । ଘରୋଇ ଓ ବିଦେଶୀ ନିବେଶକମାନେ କେଉଁ କ୍ଷେତ୍ର, କେଉଁ ଉଦ୍ୟୋଗ, ଅଞ୍ଚଳ, ବଜାର ଓ ବ୍ୟବସାୟରେ ପୁଁଜି ନିବେଶ କରିବାକୁ ଆଗ୍ରହୀ ଏବଂ ସେମାନଙ୍କୁ କିପରି ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବା ଆବଶ୍ୟକ ସେଥିପାଇଁ ଇନ୍‌ଭେଷ୍ଟ ଇଣ୍ଡିଆ ଟିମ୍‌ରେ ବିଶେଷଜ୍ଞମାନେ ଅଛନ୍ତି । ୨୦୧୬ରେ ଇନ୍‌ଭେଷ୍ଟ ଇଣ୍ଡିଆ ତାହାର କାର୍ଯ୍ୟ ପାଇଁ ଅଙ୍କଟାର୍ଡ ନିବେଶ ପ୍ରୋତ୍ସାହନ ପୁରସ୍କାର ଲାଭ କରିଥିଲା । ୨୦୧୪ରେ ନ୍ୟୁଇଣ୍ଡିଆ ପରିକଳ୍ପନାର ରୂପାୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହାକୁ ଆନ୍ତର୍ଜାତିକ ବିଜେତା ପୁରସ୍କାର ମିଳିଥିଲା ।

ଇନ୍‌ଭେଷ୍ଟ ଇଣ୍ଡିଆ ଏକ ସମୟରେ ଦ୍ୱୈତ ଭୂମିକା ନିର୍ବାହ କରୁଛି । ଏହା ଆଗ୍ରହୀ ନିବେଶକ ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବାବେଳେ ନିବେଶକଙ୍କୁ ଆବଶ୍ୟକ ପରାମର୍ଶ ଓ ସୁବିଧା ସୁଯୋଗ ଯୋଗାଇବାରେ ସହାୟତା କରୁଛି । ଏହା ଆଗ୍ରହୀ ନିବେଶକଙ୍କୁ ବିଭିନ୍ନ କାର୍ଯ୍ୟ ଖସଡ଼ା, ଯୋଜନା ଓ ପରାମର୍ଶ ଯୋଗାଉଛି । ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପ୍ ନିର୍ମାଣରେ ଏହା ବୃତ୍ତିଗତ ସହାୟତା ଓ ଜ୍ଞାନକୌଶଳ ଯୋଗାଣରେ ପରାମର୍ଶ ମଧ୍ୟ ପ୍ରଦାନ କରୁଛି । 'ସହଜ, ତ୍ୱରିତ ଏବଂ ଆନନ୍ଦଦାୟକ' ଏହି ତିନିଟି ବିଷୟକୁ ଅଗ୍ରାଧିକାର ଦେଇ ଇନ୍‌ଭେଷ୍ଟ ଇଣ୍ଡିଆ ଆଗ୍ରହୀ ନିବେଶକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇଦେଉଛି । ଫଳରେ ଆନ୍ତର୍ଜାତିକ ସ୍ତରରେ ଏହାର ପ୍ରଭାବ ଅନୁଭୂତ ହୋଇଛି । ଡେନ୍‌ମାର୍କର ପ୍ରମୁଖ ଉଇଣ୍ଡ ଟର୍ବାଇନ୍ ନିର୍ମାତା 'ଭେସ୍‌ଟାସ୍' ଗୁଜରାଟରେ ଏକ ବ୍ଲେଡ୍ ଉତ୍ପାଦନ କାରଖାନା ପାଇଁ ଅର୍ଥ ନିବେଶ କରିଥିଲା । ନିବେଷର ୧୫ ମାସ ମଧ୍ୟରେ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହୋଇଛି । ଇନ୍‌ଭେଷ୍ଟ ଇଣ୍ଡିଆ ଆନ୍ତର୍ଜାତିକ ନିବେଶକ ବୋର୍ଡ ସହ ଉତ୍ତମ ସମ୍ପର୍କ ଓ ସମନ୍ୱୟ ରଖି କାର୍ଯ୍ୟ କରୁଛି । ଫଳରେ ଏହି ବୋର୍ଡର ସୁପାରିସରେ ଅନେକ ଆଗ୍ରହୀ ନିବେଶକ ଭାରତ ଆସୁଛନ୍ତି । ଚୀନରେ ବିଦେଶୀ ନିବେଶକ ଶିଳ୍ପ ସ୍ଥାପନ କରି ୧୭ ମାସରେ ଉତ୍ପାଦନ କରିବାର ଏକ ରେକର୍ଡ ଥିଲା । ଭାରତ ତାହାକୁ ଭାଙ୍ଗିଛି ।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ପୁଂଜି ନିବେଶ ପ୍ରକ୍ରିୟା ଭାରତରେ ତ୍ୱରାନ୍ୱିତ ହୋଇଛି ଏବଂ ୧୧ଟି ରାଜ୍ୟରେ ଏବେ ମେଡିସିଟି ପ୍ରକଳ୍ପ



ପ୍ରଧାନମନ୍ତ୍ରୀଙ୍କ ସଂସ୍କାର, ପ୍ରଦର୍ଶନ ଓ ପରିବର୍ତ୍ତନ (ରିଫର୍ମ, ପର୍ଫର୍ମ ଓ ଟ୍ରାନ୍ସଫର୍ମ) ଆହ୍ୱାନର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ଇନ୍‌ଭେଷ୍ଟ ଇଣ୍ଡିଆ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି। ଏହା ଉଭୟ କେନ୍ଦ୍ରୀୟ ଓ ପ୍ରାଦେଶିକ ସ୍ତରରେ ଏକ ନୂଆ ଔଦ୍ୟୋଗିକ ବାତାବରଣ ସୃଷ୍ଟି କରିଛି। ବିଦେଶୀ ପୁଂଜି ନିବେଶକ ଭାରତକୁ ଯେପରି ଉପଯୁକ୍ତ ଦେଖିବାକୁ ଚାହାନ୍ତି ତାହାର ରୂପରେଖ ପ୍ରସ୍ତୁତ କରିବାରେ ଏହା ସଫଳ ହୋଇଛି। ଗୋଟିଏ କଥା ଅନ୍ତତଃ ଏକ ପ୍ରକାର ପକ୍କା ହୋଇଛି ଯେ ବିଦେଶୀ ନିବେଶକ ଭାରତକୁ ନିଜର ଅନ୍ୟତମ ପ୍ରମୁଖ ନିବେଶ ଲକ୍ଷ୍ୟ ଭାବେ ଗ୍ରହଣ କରିନେଇଛନ୍ତି। ଏହାର ପ୍ରମାଣ ମଧ୍ୟ ମିଳିଛି। ସୁଗମ ବ୍ୟବସାୟ ସ୍ଥଳର ବିଶ୍ୱ ତାଲିକାରେ ଭାରତ ୩୦ ପାହାଚ ଉପରକୁ ଉଠି ଆଗୁଆ ରାଷ୍ଟ୍ର ସୂଚୀର ୧୦୦ରେ ପହଞ୍ଚିଛି। ସେହିଭଳି ଫାଇନାନ୍ସିଆଲ୍ ଟାଇମ୍‌ସ୍‌ର ତାଲିକାରେ ନୂଆ ପୁଂଜିନିବେଶ ଆକର୍ଷଣରେ ଭାରତ ନମ୍ବର ୱାନ୍ ମାନ୍ୟତା ପାଇଛି ଯାହା ଏକ ମର୍ଯ୍ୟାଦାଜନକ ଉପଲବ୍ଧି।

କାର୍ଯ୍ୟକାରୀ ହେଉଛି। ଇତିମଧ୍ୟରେ ଇନ୍‌ଭେଷ୍ଟ ଇଣ୍ଡିଆ ରେକର୍ଡ ପରିମାଣର ଏକ ଲକ୍ଷ ଆଗ୍ରହୀ ନିବେଶକଙ୍କ ବିଭିନ୍ନ ପ୍ରଶ୍ନ ଓ ଅନୁସନ୍ଧାନର ଉତ୍ତର ଦେଇ ଏକ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛି। ସେଥିମଧ୍ୟରୁ ସବୁଠୁ ଅଧିକ ନିବେଶକ ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି / ଆଇଟିଇଏସ୍, ଅକ୍ଷୟ ଶକ୍ତି, ଇଲେକଟ୍ରୋନିକ୍ସ ଓ ବୟନ ଶିଳ୍ପରେ ପୁଂଜି ଲଗାଇବାକୁ ଆଗ୍ରହୀ। ବର୍ତ୍ତମାନ ସୁଦ୍ଧା ଇନ୍‌ଭେଷ୍ଟ ଇଣ୍ଡିଆ ୩୦୦ଟି ପ୍ରକଳ୍ପ ଉପରେ ୮୦ ବିଲିୟନ ଡଲାରର ପୁଂଜି ନିବେଶ ପ୍ରସ୍ତାବକୁ ଚୂଡ଼ାନ୍ତ କରିଛି। ଏଥିରେ ସାତ ଲକ୍ଷରୁ ଅଧିକ ନିଯୁକ୍ତିର ସମ୍ଭାବନା ରହିଛି। ଏଥିରେ ଭିତ୍ତିଭୂମି ନିର୍ମାଣ, ଅଟୋମୋବାଇଲ, ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟ ସେବା ଓ ଖୁଚୁରା ବିକ୍ରୟ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ଏହି ନିବେଶ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ୭.୪ ବିଲିୟନ ଡଲାର ବିନିଯୋଗ ହେବ ୯୪ ହଜାର ଲୋକ ପ୍ରତ୍ୟକ୍ଷ ନିଯୁକ୍ତି ପାଇବେ।

ସଂପ୍ରତି ସରକାରର ବିଭିନ୍ନ କ୍ଷେତ୍ରରେ ଏକ ନିବେଶ ଅନୁକୂଳ ପରିବେଶ ଦୃଷ୍ଟିଗୋଚର ହେଉଛି। ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ଏ ନେଇ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ପୁଂଜି ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ଏହା ଏକ ବଡ଼ ଘଟଣା ଏବଂ ଏହାର ଉତ୍ତମ ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ। 'ଇନ୍‌ଭେଷ୍ଟ ଇଣ୍ଡିଆ' ବିଭିନ୍ନ ସହଯୋଗ ଯୋଗାଉଛି। ଫଳରେ ସରକାର ଓ ନିବେଶକଙ୍କ ମଧ୍ୟରେ ଆଲୋଚନା ଓ ବୁଝାମଣାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଆଗ୍ରହୀ ନିବେଶକଙ୍କୁ ନିବେଶର ସମସ୍ତ ପ୍ରକ୍ରିୟା ସବିଶେଷ ବୁଝାଇଦେବାକୁ ସରକାରଙ୍କ ସବୁ ବିଭାଗ ମିଳିମିଶି କାମ କରୁଛନ୍ତି। ବିଶ୍ୱ ସ୍ତରରେ ପ୍ରତିଯୋଗିତା ତୀବ୍ର ହେଉଥିବାରୁ ସମ୍ଭାବ୍ୟ ନିବେଶକଙ୍କୁ ଯେତେ ପ୍ରକାର ସୁବିଧା ସୁଯୋଗ ଓ ସହଯୋଗ ଯୋଗାଇହେବ ତାହାର ଖସଡ଼ା ପ୍ରସ୍ତୁତ କରାଯାଇ ଯୋଗାଇ ଦିଆଯାଉଛି। ଇନ୍‌ଭେଷ୍ଟ ଇଣ୍ଡିଆ ଡଜନେରୁ ଅଧିକ ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ଓ ନିବେଶ ଯୋଜନାର ଖସଡ଼ା ଏବଂ ରୂପରେଖ ପ୍ରସ୍ତୁତ କରିବାରେ ସହାୟତା ଯୋଗାଇଛି। ଭାରତରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଯେଉ ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକାରୀ ହେଉଛି ତାହା ଇନ୍‌ଭେଷ୍ଟ ଇଣ୍ଡିଆ ବୃହତ୍ତର ପ୍ରୟାସର ଏକ ଅଂଶ ବିଶେଷ। ଦେଶରେ ଏଯାବତ ପ୍ରତିଷ୍ଠା ହୋଇଥିବା



ଘରୋଇ ଓ ବିଦେଶୀ ଷ୍ଟାର୍ଟଅପ୍‌ଗୁଡ଼ିକର ସଫଳତା ଅନୁଭୂତ ହେଲାଣି। 'ସାଗର ଡିଫେନ୍ସ' ଷ୍ଟାର୍ଟଅପ୍‌ର ସଫଳତା ଏକ ଅନନ୍ୟ ଉଦାହରଣ। 'ଏହି ଷ୍ଟାର୍ଟଅପ୍ ମଣିଷବିହୀନ ପୋତ ନିର୍ମାଣ କରିଛି ଯାହା ସାମୁଦ୍ରିକ ସୀମାର ସୁରକ୍ଷା ପାଇଁ ସମର୍ଥ।

ପ୍ରଧାନମନ୍ତ୍ରୀଙ୍କ ସଂସ୍କାର, ପ୍ରଦର୍ଶନ ଓ ପରିବର୍ତ୍ତନ (ରିଫର୍ମ, ପର୍ଫର୍ମ ଓ ଟ୍ରାନ୍ସଫର୍ମ) ଆହ୍ୱାନର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ଇନ୍‌ଭେଷ୍ଟ ଇଣ୍ଡିଆ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି। ଏହା ଉଭୟ କେନ୍ଦ୍ରୀୟ ଓ ପ୍ରାଦେଶିକ ସ୍ତରରେ ଏକ ନୂଆ ଔଦ୍ୟୋଗିକ ବାତାବରଣ ସୃଷ୍ଟି କରିଛି। ବିଦେଶୀ ପୁଂଜି ନିବେଶକ ଭାରତକୁ ଯେପରି ଉପଯୁକ୍ତ ଦେଖିବାକୁ ଚାହାନ୍ତି ତାହାର ରୂପରେଖ ପ୍ରସ୍ତୁତ କରିବାରେ ଏହା ସଫଳ ହୋଇଛି। ଗୋଟିଏ କଥା ଅନ୍ତତଃ ଏକ ପ୍ରକାର ପକ୍କା ହୋଇଛି ଯେ ବିଦେଶୀ ନିବେଶକ ଭାରତକୁ ନିଜର ଅନ୍ୟତମ ପ୍ରମୁଖ ନିବେଶ ଲକ୍ଷ୍ୟ ଭାବେ ଗ୍ରହଣ କରିନେଇଛନ୍ତି। ଏହାର ପ୍ରମାଣ ମଧ ମିଳିଛି। ସୁଗମ ବ୍ୟବସାୟ ସ୍ଥଳର ବିଶ୍ୱ ତାଲିକାରେ ଭାରତ ୩୦ ପାହାଚ ଉପରକୁ ଉଠି ଆଗୁଆ ରାଷ୍ଟ୍ର ସୂଚୀର ୧୦୦ରେ ପହଞ୍ଚିଛି। ସେହିଭଳି ଫାଇନାନ୍ସିଆଲ୍ ଟାଇମ୍‌ସ୍‌ର ତାଲିକାରେ ନୂଆ ପୁଂଜିନିବେଶ ଆକର୍ଷଣରେ ଭାରତ ନମ୍ବର ୱାନ୍ ମାନ୍ୟତା ପାଇଛି ଯାହା ଏକ ମର୍ଯ୍ୟାଦାଜନକ ଉପଲବ୍ଧି।

ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର କରିବା ପାଇଁ ୨୦୧୫ରେ ଭାରତ ସରକାର 'ଇନ୍‌ଭେଷ୍ଟ ଇଣ୍ଡିଆ' କାର୍ଯ୍ୟକ୍ରମ ମାଧ୍ୟମରେ ଏଫ୍‌ଡିଆଇ ଆକର୍ଷଣରେ ଭାରତକୁ ଏକ ନମ୍ବର ଦେଶ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ସେଥିପାଇଁ ନିବେଶକଙ୍କ ନିମନ୍ତେ ଉଚ୍ଛ୍ୱସିତ ସ୍ୱାଗତ ବ୍ୟବସ୍ଥାର ଆୟୋଜନ କରାଯାଇ ତଦନୁସାରେ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଲା। ସ୍ଲୋଗାନ ହେଲା ରେଡ୍ ଟେପ୍‌କୁ ରେଡ୍ କାର୍ପେଟରେ ପରିବର୍ତ୍ତନ କର; ଅର୍ଥାତ୍ ସରକାରୀ ନାଲି ଫିତା (ବିଳମ୍ବ) କାରବାରର ଅବସାନ ଘଟାଇ ନିବେଶକଙ୍କୁ ଯଥାଶୀଘ୍ର ସମ୍ଭାବ୍ୟ ସବୁ ସୁବିଧା ସୁଯୋଗ ଯୋଗାଇଦିଅ। ଅତଏବ ଇନ୍‌ଭେଷ୍ଟ ଇଣ୍ଡିଆ ଦେଶର ସରକାରୀ ବ୍ୟବସ୍ଥା ମଧ୍ୟରେ ଉଦ୍ୟୋଗୀଙ୍କ ବିକାଶ ଏବଂ ପ୍ରୋତ୍ସାହନ ପାଇଁ ଏକ ଅନୁପମ କାହାଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ।



ଇନ୍‌ଭେଷ୍ଟ ଇଣ୍ଡିଆ ଅଳ୍ପ ଦିନ ମଧ୍ୟରେ ତାହାର କାର୍ଯ୍ୟକୁ କେବଳ ବହୁମୁଖୀ କରିନାହିଁ; ବରଂ ଏହାକୁ ମୂଲ୍ୟ ମିଶ୍ରିତ ଏବଂ ସଫଳ କରିବାରେ ସମର୍ଥ ହୋଇଛି। ଏହା ଭାରତକୁ ବିଦେଶୀ ପୁଂଜି ଆକର୍ଷଣର ପ୍ରମୁଖ ଲକ୍ଷ୍ୟ ସ୍ଥଳରେ ପରିଣତ କରିବାକୁ ସଂକଳ୍ପ ନେଇ କାର୍ଯ୍ୟ କରୁଛି। ଏହାର ଲକ୍ଷ୍ୟ ଏବଂ କାର୍ଯ୍ୟଧାରାରୁ ସୂଚନା ମିଳୁଛି ଯେ ଏହା ଆଗାମୀ ଦିନରେ ବିପୁଳ ସଫଳତା ହାତେଇବା ପ୍ରାୟ ନିଶ୍ଚିତ। ସଂକ୍ଷେପରେ ଇନ୍‌ଭେଷ୍ଟ ଇଣ୍ଡିଆ, ଯାହା ବସ୍ତୁତଃ ସରକାରଙ୍କର ଏକ ଷ୍ଟାର୍ଟଅପ୍, ତାହା ନିଜକୁ ନ୍ୟୁଇଣ୍ଡିଆର ଏକ ଉଦାହରଣରେ ପରିଣତ କରିପାରିଛି।

**ଲେଖକ ଭାରତ ସରକାରଙ୍କ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟରେ ସଚିବ ଭାବେ କାର୍ଯ୍ୟ କରିଛନ୍ତି।**

# ଖାଉଟି ସ୍ୱାର୍ଥ ରକ୍ଷାରେ ଭାରତୀୟ ମାନକ ସଂସ୍ଥା 'ବିସ୍'

ମହାତ୍ମା ଗାନ୍ଧୀ କହିଥିଲେ, 'ଆମ ପରିସରରେ ଜଣେ ଗ୍ରାହକ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ପରିଦର୍ଶକ।' ଅତଏବ ଖାଉଟି ହିଁ ଯେ କୌଣସି ପ୍ରତିଷ୍ଠାନର ସଫଳତାର ମୌଳିକ ଆଧାର। ଖାଉଟିର ଆବଶ୍ୟକତାକୁ ଚିହ୍ନଟ କରି ତାହାକୁ ପୂରଣ କରିବା ସବୁ ପ୍ରତିଷ୍ଠାନର ପ୍ରାଥମିକ ଲକ୍ଷ୍ୟ ଓ କୌଶଳ ହେବା ଉଚିତ। ସଂଗଠନ / ଅନୁଷ୍ଠାନର ପ୍ରତ୍ୟେକ ପର୍ଯ୍ୟାୟରେ ଖାଉଟିର ଗୁରୁତ୍ୱ ବିଚାରକୁ ନେଇ କାର୍ଯ୍ୟ କରାଗଲେ ତାହା ଉପଭୋକ୍ତାକୁ ଅଧିକ ସନ୍ତୋଷ ପ୍ରଦାନ କରିବା ସହ ବ୍ୟବସାୟର ଦୀର୍ଘମିଆଦୀ ଲକ୍ଷ୍ୟ ପୂରଣରେ ସହାୟକ ହୋଇଥାଏ।

ଭାରତର ବିପୁଳ ଜନସଂଖ୍ୟା ପ୍ରତ୍ୟେକ ଉତ୍ପାଦକ ଓ ବିପଣନକାରୀ ପ୍ରତିଷ୍ଠାନ ପାଇଁ ଏକ ବିରାଟ ବଜାର ସୃଷ୍ଟି କରିଛି। ଦେଶର ବିକାଶଶୀଳ ସ୍ଥିତି, ଜନସଂଖ୍ୟାରେ ବିଭିନ୍ନ ଆର୍ଥିକ ଶ୍ରେଣୀର ଉପସ୍ଥିତି ଯୋଗୁ ଏଠାରେ ବ୍ୟାବସାୟିକ ସଂସ୍ଥାଙ୍କ ପାଇଁ ଅସୀମ ସୁବିଧା ସୁଯୋଗ ଯୋଗାଇଥାଏ। ଏହାର ସୁଯୋଗ ନେଇ ମଧ୍ୟ ଅନୈତିକ ବ୍ୟବସାୟ ଓ ଗ୍ରାହକ ଠକେଇର ସମ୍ଭାବନା ବହୁ ଅଧିକ। ତେଣୁ ଖାଉଟି ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ଦେଶର ନେତୃମଣ୍ଡଳୀ ଅନେକ ବୈଧାନିକ ଓ ସଂସ୍ଥାଗତ କାର୍ଯ୍ୟାନୁଷ୍ଠାନ ଏ କ୍ଷେତ୍ରରେ ଗ୍ରହଣ କରିଯାଇଛନ୍ତି।

ସତୁରୀ ବର୍ଷ ତଳେ ଦେଶରେ ଏକ ମାନକ ପ୍ରତିଷ୍ଠାନ ଗଠନ କରାଯାଇଥିଲା। ଏହାର ପ୍ରଥମ ନାମ ଥିଲା ଭାରତୀୟ ମାନକ ପ୍ରତିଷ୍ଠାନ ବା ଆଇଏସ୍ଆଇ। ଇଣ୍ଡିଆନ ଷ୍ଟାଣ୍ଡାର୍ସ ଇନ୍‌ଷ୍ଟିଚ୍ୟୁସନ ୧୮୬୦ ସୋସାଇଟି ରେଜିଷ୍ଟ୍ରେସନ ଆଇନ ଦ୍ୱାରା ପଂଜୀକୃତ। ଦେଶର ସାମଗ୍ରୀ/ ସେବାର ମାନ ନିର୍ଦ୍ଧାରଣ କରିବାରେ ଏହା ସର୍ବୋଚ୍ଚ ଅନୁଷ୍ଠାନ। ଶିଳ୍ପ କାରଖାନାମାନ କେଉଁ ମାନର ସାମଗ୍ରୀ ଉତ୍ପାଦନ କରିବେ ତାହା ଏହି ସଂସ୍ଥା ଧାର୍ଯ୍ୟ କରିଥାଏ। ପରେ ଏହାର କାର୍ଯ୍ୟ ପରିସରକୁ ସଂପ୍ରସାରିତ କରାଯାଇ ଦ୍ରବ୍ୟର ପ୍ରମାଣନ ଦାୟିତ୍ୱ ଏହା ଉପରେ ନ୍ୟସ୍ତ କରାଯାଇଛି। ୧୯୫୨ ସାର୍ଟିଫିକେଶନ ମାର୍କ ଆଇନ ଅନୁସାରେ ଏହା ଉତ୍ପାଦିତ ସାମଗ୍ରୀ ସବୁର ମାନନେଇ ସାର୍ଟିଫିକେଟ ପ୍ରଦାନ କରିଥାଏ।

ଦେଶର ଶିଳ୍ପବାଣିଜ୍ୟ ପରିସର ଆଶାତୀତ ଭାବେ ବଢ଼ିଯିବା ପରେ ଭାରତୀୟ ମାନକ ପ୍ରତିଷ୍ଠାନ (ଆଇଏସ୍ଆଇ)ର ନାମକୁ ୧୯୮୭ରେ ବଦଳାଇ ଭାରତୀୟ ମାନକ ବ୍ୟୁରୋ କରାଗଲା ଯାହା ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ବା ସଂକ୍ଷେପରେ ବିସ୍ ନାମରେ ଏବେ ଖ୍ୟାତ। ଏହି ଅନୁଷ୍ଠାନର ସଫଳତା, ଲୋକପ୍ରିୟତା, ଅଭିବୃଦ୍ଧି ଏବଂ ପରିବର୍ତ୍ତିତ ବଜାର ପରିବେଶ ଦୃଷ୍ଟିରୁ ୨୦୧୬ର ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ ଆଇନ ପ୍ରବର୍ତ୍ତନ କରାଯାଇଛି। ବିଆଇଏସ୍ ମାନ ପ୍ରବର୍ତ୍ତନ କରିବା ସହ ଜାତୀୟ ଅର୍ଥନୀତିକୁ ନାନାଭାବେ ଉପକୃତ କରୁଛି। ଏହି ଅବଦାନ ସମୂହ ହେଲା - ନିରାପଦ, ବିଶ୍ୱସ୍ତ ଓ ଉଚିତମାନର ସେବା / ସାମଗ୍ରୀ ଖାଉଟିଙ୍କୁ ଯୋଗାଣ ଓ ସେମାନଙ୍କ ଧନଜୀବନର ସୁରକ୍ଷା, ସାମଗ୍ରୀ / ସେବାର ଉପଯୁକ୍ତ ମାନ ପରୀକ୍ଷା ନିରୀକ୍ଷା କରି ସାର୍ଟିଫିକେଟ ପ୍ରଦାନ। ଏହା ନକଲି ଜିନିଷପତ୍ରର ବିକ୍ରିବଟାକୁ ନିରୁତ୍ସାହିତ କରିବ ଏବଂ ସାମଗ୍ରୀର ମାନରେ ବ୍ୟତିକ୍ରମ ଘଟିବ ନାହିଁ।

'ବିସ୍' ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ :

୧) ମାନ ନିର୍ଦ୍ଧାରଣ

୨) ଉତ୍ପାଦ/ସାମଗ୍ରୀକୁ ପ୍ରମାଣପତ୍ର ପ୍ରଦାନ

ମାନକ: ପଥପ୍ରଦର୍ଶକ

୩) ବାଧ୍ୟତାମୂଳକ ପଂଜୀକରଣ ବ୍ୟବସ୍ଥା
୪) ବିଦେଶୀ ଉତ୍ପାଦନକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ
୫) ହଲ୍‌ମାର୍କ ଯୋଜନା
୬) ଲାବରେଟରୀ ସେବା
୭) ଲାବରେଟରୀ ମାନ୍ୟତା ଯୋଜନା
୮) ଭାରତୀୟ ମାନକର ବିକ୍ରି
୯) ଖାଉଟି ବ୍ୟାପାର କାର୍ଯ୍ୟକ୍ରମ
୧୦) ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ତାଲିମ ପ୍ରଦାନ ବ୍ୟବସ୍ଥା
୧୧) ସୂଚନା ସେବା

ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିସ୍)ର ସଦର କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିଛି। ଏହାଛଡ଼ା ଏହି ସଂସ୍ଥା ପାଞ୍ଚଟି ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ନିଜର ଦାୟିତ୍ୱ ନିର୍ବାହ କରୁଛି। ଏସବୁ ହେଲା କଲକାତା (ପୂର୍ବାଞ୍ଚଳ), ମୁମ୍ବଇ (ପଶ୍ଚିମାଞ୍ଚଳ), ଚଣ୍ଡିଗଡ଼ (ଉତ୍ତରାଞ୍ଚଳ), ଦିଲ୍ଲୀ (କେନ୍ଦ୍ରାଞ୍ଚଳ) ଓ ଚେନ୍ନଇ (ଦକ୍ଷିଣାଞ୍ଚଳ)। ଏହାର ବିଭିନ୍ନ ଶାଖା ଅଧିକାଂଶ ରାଜ୍ୟରେ ମଧ୍ୟ ରହିଛି। ପ୍ରାଦେଶିକ ସ୍ତରରେ ଥିବା ଶାଖା ଅଫିସଗୁଡ଼ିକ ସଂପୃକ୍ତ ଆଞ୍ଚଳିକ ଅଫିସ ମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାର, ଶିକ୍ଷ ସଂସ୍ଥା, ବୈଷୟିକ ଶିକ୍ଷାନୁଷ୍ଠାନ, ଖାଉଟି ସଂଗଠନ ଆଦି ସହ ସଫଳ ସମ୍ପର୍କ ରଖି ଏସବୁ ପ୍ରାଦେଶିକ ଦପ୍ତର ସାର୍ଟିଫିକେଟ ପ୍ରଦାନ ସେବା ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏକ ସାମଗ୍ରୀର ମାନ ଆଇନ ଅନୁସାରେ ଠିକ୍ ଅଛି କି ନାହିଁ ତାହା ଆକଳନ କରିବାକୁ 'ବିସ୍' ନିମ୍ନଲିଖିତ ପଦ୍ଧତି ଓ ବ୍ୟବସ୍ଥା ଗ୍ରହଣ କରିଛି।

**ଆଇଏସ୍ଆଇ ମାର୍କ:**

'ବିସ୍' ପକ୍ଷରୁ ଅଚାନକ କୌଣସି ଏକ କାରଖାନା ବା ଫାକ୍ଟ୍ରି ଯାଞ୍ଚ କରାଯାଇ କିଛି ଦ୍ରବ୍ୟ ନମୁନା ଆକାରରେ ସଂଗୃହୀତ ହୁଏ। ତାହାକୁ ପରୀକ୍ଷା କରି ମାନ ନିର୍ଦ୍ଧାରଣ କରାଯାଏ। ବଜାରରୁ ମଧ୍ୟ ସଂସ୍ଥା ନିଜେ ସାମଗ୍ରୀ କିଣି ତାହାର ମାନ ପରୀକ୍ଷା ପାଇଁ ଲାବରେଟରୀକୁ ପଠାଇଥାଏ। ଯଦି ଉତ୍ପାଦିତ ସାମଗ୍ରୀଟି ଧାର୍ଯ୍ୟ ମାନଠାରୁ ନିମ୍ନ ଧରଣର ବୋଲି ପ୍ରମାଣିତ ହୋଇଥାଏ, ତେବେ ଉତ୍ପାଦକ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୁଏ। ଉତ୍ପାଦକ ନିଜ ସାମଗ୍ରୀର ମାନ ନେଇ ଯେଉଁ ଆତ୍ମ ପ୍ରମାଣନ ଦେଇଥାଏ ତା'ଠାରୁ କମ୍‌ମାନର ସାମଗ୍ରୀ ଉତ୍ପାଦନ କରିବା କଥା ନୁହେଁ। ଅବଶ୍ୟ ଏହି ଆତ୍ମ ପ୍ରମାଣନ ବ୍ୟବସ୍ଥାଟି ଇଚ୍ଛାକୃତ। ତେଣୁ ପ୍ରସ୍ତାବିତ ନୂଆ ଆଇନ ଅନୁସାରେ ସରକାର ସବୁ ଉତ୍ପାଦକଙ୍କ ପାଇଁ ମାନ ପ୍ରମାଣପତ୍ର ବାଧ୍ୟତାମୂଳକ କରିବେ ଏବଂ ଆତ୍ମ ପ୍ରମାଣନ ବ୍ୟବସ୍ଥାର ଅବସାନ ଘଟିବ। ତେଣୁ ଏଲପିଜି ସିଲିଣ୍ଡର ରେଗୁଲେଟର ଓ ଭାଲଭ ଆଦି ଯେପରି ବାଧ୍ୟତାମୂଳକ ସାର୍ଟିଫିକେଟ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛି, ଅଧିକାଂଶ ସାମଗ୍ରୀକୁ ଖାଉଟିଙ୍କ ଦୃଷ୍ଟିରୁ ଅନୁରୂପ ଭାବେ ବା ବାଧ୍ୟତାମୂଳକ ସାର୍ଟିଫିକେଟ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯିବ। କେଉଁ ସାମଗ୍ରୀ ଏହି ତାଲିକାରେ ରହିବ 'ବିସ୍' ୱେବସାଇଟରେ ତାହାର ଉଲ୍ଲେଖ ରହିଛି।







**ହଲମାର୍କିଂ:**

ମୂଲ୍ୟବାନ ଧାତୁ କ୍ଷେତ୍ରରେ ହଲମାର୍କ ବ୍ୟବସ୍ଥାର କାର୍ଯ୍ୟକାରିତା ଦ୍ୱାରା 'ବିସ୍' ଏହାର ମାନ ଓ ଶୁଦ୍ଧତାର ପ୍ରମାଣପତ୍ର ପ୍ରଦାନ କରିଥାଏ। ଏହା ଫଳରେ ଭେଜାଲ ବା ନକଲି ଜିନିଷର କାରବାରକୁ ରୋକିହୁଏ। ହଲମାର୍କ ଥିବା ସାମଗ୍ରୀ କିଣିଲେ ଖାଉଟି ଠକିବାର ଅବକାଶ ନ ଥାଏ। ଭାରତରେ ଏବେ କେବଳ ସୁନା ଓ ରୁପାକୁ ହଲମାର୍କ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇଚି। 'ବିସ୍' ହଲମାର୍କିଂ ଯୋଜନା ଆନ୍ତର୍ଜାତିକ ମାନ ଅନୁସାରେ କାର୍ଯ୍ୟକାରୀ ହେଉଛି। ତଦନୁସାରେ ଗହଣାର ମାନ ଓ ଶୁଦ୍ଧତା କ୍ୟାରେଟ ଅନୁସାରେ ନିର୍ଣ୍ଣିତ ହେଉଛି। ଆଇଏସ୍ ୧୫୮୨୦ : ୨୦୦୯ ଛାପରେ ଏହି ଆସେଇଂ ଓ ହଲମାର୍କିଂ କେନ୍ଦ୍ର ଜରିଆରେ ଏହି ମାନ୍ୟତା ପ୍ରଦାନ କରାଯାଉଛି।

**ସିଆରଏସ୍ ସ୍କିମ୍:**

ଇଲେକଟ୍ରୋନିକ୍ସ ଓ ଇନ୍‌ଫରମେସନ ଟେକ୍‌ନୋଲୋଜି ବିଭାଗର ବିଜ୍ଞପ୍ତି ଅନୁସାରେ ୩୦ରୁ ଅଧିକ ଇଲେକଟ୍ରୋନିକ୍ସ ସମଗ୍ରୀ ପାଇଁ ବାଧ୍ୟତାମୂଳକ ପଂଜୀକରଣ ଯୋଜନା (ସିଆର୍‌ଏସ୍) ଆବଶ୍ୟକ। ଏହା ଇଲେକଟ୍ରୋନିକ୍ସ ଓ ଆଇଟି ସାମଗ୍ରୀର ନିରାପତ୍ତା ଏବଂ ମାନକୁ ପ୍ରମାଣସିଦ୍ଧ କରିବ। ଏହି ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟ 'ବିସ୍' ଉପରେ ନ୍ୟସ୍ତ। କେଉଁ ସାମଗ୍ରୀ ଏହି ତାଲିକାରେ ଅନ୍ତର୍ଭୁକ୍ତ ୱେବ୍‌ସାଇଟରେ ତାହା ଉଲ୍ଲେଖ କରାଯାଇଛି।

'ବିସ୍' ମଧ୍ୟ କେୟାର ନାମରେ ଖାଉଟି ଅନୁକୂଳ ଏକ ମୋବାଇଲ ଆପ୍ଲିକେସନ ବିକଶିତ କରିଛି। ଏହା 'ବିସ୍' ୱେବସାଇଟ / ଗୁଗୁଲ ପ୍ଲେଷ୍ଟୋରରେ ଉପଲବ୍ଧ। ସ୍ମାର୍ଟ ଫୋନ୍‌ଧାରୀ ଏହାକୁ ଡାଉନ୍‌ଲୋଡ୍ କରି ସବିଶେଷ ତଥ୍ୟ ପାଇପାରିବେ। ସେହି ଆପ୍ଲିକେସନ ମାଧ୍ୟମରେ 'ବିସ୍' ବିରୋଧରେ ମଧ୍ୟ ପ୍ରମାଣନ ବା ସାର୍ଟିଫିକେସନ ତ୍ରୁଟି ବିଚ୍ୟୁତି ନେଇ ଅଭିଯୋଗ ଦାଖଲ କରିହେବ।

'ବିସ୍' କେବଳ ଉତ୍ତମ ମାନର ସାମଗ୍ରୀ ବିକ୍ରିବଟା ବ୍ୟବସ୍ଥାକୁ ନିଶ୍ଚିତ କରୁନାହିଁ; ଏହା ମଧ୍ୟ ସେବା / ଦ୍ରବ୍ୟର ମାନ ଏବଂ ବିଶ୍ୱସନୀୟତା ପରଖିବା ପାଇଁ ଖାଉଟିଙ୍କୁ ନାନା ସୁଯୋଗ / ସୁବିଧା ଓ ବ୍ୟବସ୍ଥା ପ୍ରଦାନ କରୁଛି।

# ଅଳଙ୍କାରରେ ହଲ୍‌ମାର୍କିଂ




ୱେବସାଇଟ ଲିଙ୍କ ସମ୍ପର୍କରେ କିଛି ତଥ୍ୟ ନିମ୍ନ ତାଲିକାମତେ ପ୍ରଦାନ କରାଗଲା

| କ୍ରମିକ ସଂଖ୍ୟା | ବିଭିନ୍ନ ପ୍ରଶ୍ନ ଓ ସୂଚନା | ଲିଙ୍କ | ସବିଶେଷ |
|---|---|---|---|
| ୧ | ମାନ ଚିହ୍ନଟ | ଷ୍ଟାଣ୍ଡାର୍ଡ > ସର୍ଚ ଫର ଷ୍ଟାଣ୍ଡାର୍ଡ ଦେଖନ୍ତୁ | ଲେଫ୍ଟ ମେନୁବାର ବିସ୍ ୱେବସାଇଟର ଆର୍‌ଟି ଆଇ ତଳେ କ୍ଲିକ୍ କରନ୍ତୁ |
| ୨ | ଲାଇସେନ୍ସ ସଂକ୍ରାନ୍ତ ଆକ୍‌ସେସ୍ | ନଂ ଅଫ୍ ଲାଇସେନ୍ସ ଉପରେ କ୍ଲିକ୍ କରନ୍ତୁ | କ୍ଲିକ୍ କରିବା ପରେ ଏକ ପୂର୍ଣ୍ଣାଙ୍ଗ ତାଲିକା ମିଳିବ |
| ୩ | ନିର୍ଦ୍ଦିଷ୍ଟ ସାମଗ୍ରୀର ଲାଇସେନ୍ସ ସ୍ଥିତାବସ୍ଥା ଜାଣିବାକୁ | ସାମଗ୍ରୀ ସାର୍ଟିଫିକେସନ୍ ଅନ୍‌ଲାଇନ୍ ଇନ୍‌ଫରମେସନ୍ >> ଆପ୍ଲିକେସନ ଲାଇସେନ୍ସ | ଅନ୍ ଲାଇନ୍ ଇନ୍‌ଫରମେସନ୍ ଉପରେ କ୍ଲିକ୍ କଲେ ସବିଶେଷ ତଥ୍ୟ ମିଳିବ |
| ୪ | ବିସ୍ ଷ୍ଟାଣ୍ଡାର୍ଡ ମାର୍କ ବିରୋଧରେ ଅଭିଯୋଗ ପାଇଁ | କଂଜ୍ୟୁମର ଅନ୍ ଲାଇନ୍ କଂପ୍ଲେଣ୍ଟ ରେଜିଷ୍ଟ୍ରେସନ | ଅନ୍ ଲାଇନ୍ କଂପ୍ଲେଣ୍ଟ ରେଜିଷ୍ଟ୍ରେସନ ଜରିଆରେ ଜାଣି ହେବ |

# ଖାଉଟିଙ୍କ ପାଇଁ ଜିଏସ୍‌ଟିର ଭଲମନ୍ଦ

ଟି.ଏନ୍. ଅଶୋକ

ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ୨୦୧୭ ଜୁଲାଇ ପହିଲାରୁ ସମଗ୍ର ଦେଶରେ ଲାଗୁ ହୋଇଛି। ଗୋଟିଏ ଦେଶରେ ଗୋଟିଏ କର ବ୍ୟବସ୍ଥା ଲାଗୁ ସହ ଭାରତରେ ବେପାର ବଣିଜକୁ ସୁଗମ କରିବା ପାଇଁ ଏହା ମୁଖ୍ୟତଃ ଉଦ୍ଦିଷ୍ଟ। ତେଣୁ ଟିକସ ବ୍ୟବସ୍ଥାରେ ଏକ ଆନ୍ତର୍ଜାତିକ ମାନ ରକ୍ଷା ପାଇଁ ଏହାଦ୍ୱାରା ପ୍ରୟାସ କରାଯାଇଛି। ଇତିମଧ୍ୟରେ ଚାରି ମାସ ବିତିଯାଇଥିଲେ ହେଁ ଏହି ଟିକସ ନେଇ ଖାଉଟି ବିଶେଷ ଖୁସି ନୁହଁନ୍ତି। ଏହାଦ୍ୱାରା ମଧ୍ୟବିତ୍ତବର୍ଗ ଓ କ୍ଷୁଦ୍ର ବ୍ୟବସାୟୀ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି। ଜିଏସ୍‌ଟି ଲାଗୁ ହେବା ପରେ ବାହାରେ ଖାଇବା ଓ ଭ୍ରମଣ ଆଦି ମହଙ୍ଗା ହୋଇଥିବାବେଳେ ନୂଆ କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ ଜଟିଳ ତଥା ବିଭ୍ରାନ୍ତିକର ବ୍ୟବସାୟ ପ୍ରକ୍ରିୟା ଅସୁବିଧା ସୃଷ୍ଟି କରିଛି। ତେବେ ସେ ଯା'ହେଉ ଜିଏସ୍‌ଟି ପରିଷଦ ଏସବୁ ଅଭିଯୋଗର ତଥ୍ୟ ସଂଗ୍ରହ କରି ଏହାର ନିରାକରଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛି।

ଜିଏସ୍‌ଟିରେ ତ୍ରୁଟି ରହିଲା କେଉଁଠି ? ସତ କଥା କହିବାକୁ ଗଲେ ଜିଏସ୍‌ଟିରେ କୌଣସି ଭୁଲ ନାହିଁ। ଏହା ବିଶ୍ୱସ୍ତରୀୟ ମାନକ ବିଶିଷ୍ଟ ଏକ ବ୍ୟବସ୍ଥା ଯାହା ସହିତ କିଛି ନୂଆ ଉନ୍ନତ ନୀତି ନିୟମକୁ ଜିଏସ୍‌ଟି ଅନୁମୋଦନ କରିଛି। ଏହା ପଛରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମର୍ଥନ ଅଛି। ତେବେ ଅସୁବିଧାଟି ବୋଧହୁଏ ହେଲା- ଏହାର ଟିକସ ସ୍ତରକୁ ନେଇ। ଜିଏସ୍‌ଟିର ଦ୍ରବ୍ୟ ଓ ସେବା ସବୁକୁ ଚାରିଟି ବର୍ଗରେ ବିଭକ୍ତ କରାଯାଇଛି। କିଛି ଅତ୍ୟାବଶ୍ୟକ ଦ୍ରବ୍ୟକୁ ଟିକସମୁକ୍ତ କରାଯାଇଥିବାବେଳେ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ସେଗୁଡ଼ିକର ବର୍ଗ ଅନୁସାରେ ୫%, ୧୨%, ୧୮% ଓ ୨୮% ଟିକସ ହାରରେ ରଖାଯାଇଛି। ବ୍ୟାପକ ବିଚାରବିମର୍ଶ ପରେ ଜିଏସ୍‌ଟି ପରିଷଦ ଏହି ଟିକସ ହାର ଚୂଡ଼ାନ୍ତ କରିଛି। ଉଦ୍ଦେଶ୍ୟ ହେଲା ଟିକସ ଆଦାୟ କ୍ଷେତ୍ରରେ ଥିବା ତ୍ରୁଟି ବିଚ୍ୟୁତିର ବିଲୋପ ଘଟାଇବା ସହ ସାରା ଦେଶ ପାଇଁ ଏକକ ପରୋକ୍ଷ ଟିକସ ବ୍ୟବସ୍ଥା ପ୍ରଚଳନ କରି ଦେଶର ଅର୍ଥନୀତିକୁ ସମୃଦ୍ଧ କରିବା।

**ଜୋତା, ପୋଷାକ, ବିମାନଯାତ୍ରା ଉପରେ ପ୍ରଭାବ**

ଜିଏସ୍‌ଟିରେ ଏକାଧିକ ଟିକସ ସ୍ତର ରହିଥିଲେ ହେଁ ପ୍ରାୟ ୫୦ ଶତାଂଶ ଦ୍ରବ୍ୟ ଓ ସେବା ୧୮ ଶତାଂଶ ଟିକସ ସ୍ତରରେ ରହିଛି। ଏହି ଉଚ୍ଚ ଟିକସ ହାରରେ ଅଧିକାଂଶ ସାମଗ୍ରୀ ରହିଥିବାରୁ ଏହାର ପ୍ରଭାବ ଜନଜୀବନ ଓ ବ୍ୟବସାୟ ଉପରେ ସିଧାସଳଖ ପଡ଼ିଛି। ଖାଉଟିଙ୍କ ଏହାଦ୍ୱାରା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଜୋତା, ପୋଷାକ ଆଦି ବହୁଳ ବ୍ୟବହୃତ ସାମଗ୍ରୀ ଉପରେ ଜିଏସ୍‌ଟିର ପ୍ରଭାବ ପଡ଼ିଛି। ପାଞ୍ଚଶହ ଟଙ୍କା ମୂଲ୍ୟର ଜୋତା ଉପରେ ଆଗରୁ ୧୪.୪୧ ଶତାଂଶ ଟିକସ ପଡୁଥିଲା। ଜିଏସ୍‌ଟିରେ ଏହା ୧୮ ଶତାଂଶ ହୋଇଛି। ପାଞ୍ଚଶହ ଟଙ୍କାରୁ କମ୍ ମୂଲ୍ୟର ଜୋତା ଉପରେ ଟିକସ ପାଞ୍ଚ ଶତାଂଶକୁ କମାଇ ଦିଆଯାଇଛି। ଫଳରେ ୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ହଲେ ଜୋତା କିଣିବାକୁ ଜଣେ ଖାଉଟିକୁ ଏକାଧିକବାର ଚିନ୍ତା କରିବାକୁ ପଡ଼ିବ। ରେଡିମେଡ୍ ପୋଷାକ ଉପରେ ଆଗରୁ ୧୮.୧୬ ଶତାଂଶ ଟିକସ ଥିଲା। ଜିଏସ୍‌ଟିରେ ଏହାକୁ ୧୨ ଶତାଂଶ କରାଯାଇଛି। ଏହା ଫଳରେ ନୂଆନୂଆ ଡିଜାଇନ ଓ ପ୍ରକାରର ପୋଷାକ ପିନ୍ଧିବାରେ ଆଗ୍ରହ ରଖୁଥିବା ଯୁବବର୍ଗ ଉପକୃତ ହୋଇଛନ୍ତି। ସେହିଭଳି ଆଗରୁ ଅନ୍‌ଲାଇନ୍ କ୍ୟାବ୍ ବୁକିଂ ଉପରେ ୬ ଶତାଂଶ ଟିକସ ପଡୁଥିଲା। ଜିଏସ୍‌ଟିରେ ଏହାକୁ ୫ଶତାଂଶ କରାଯାଇଛି। ଫଳରେ ଓଲା ଓ ଉବେର ଭଳି କ୍ୟାବ୍ ବୁକିଂ ଶସ୍ତା ହୋଇଛି। ତେବେ ବିମାନ ଟିକଟ ଉପରେ ଦୁଇ ପ୍ରକାର ଟିକସ ଫଳରେ ଯାତ୍ରୀଙ୍କ ଉପରେ ମିଶ୍ର ପ୍ରଭାବ ପଡ଼ିଛି। ଇକୋନମି ଶ୍ରେଣୀର ଯାତ୍ରା ପାଇଁ ଟିକସ ହାର ୫ ଶତାଂଶ





ଜିଏସ୍‌ଟି ଲାଗୁପରେ ବାସ୍ତବ ଟିକସ ହାର ୪.୫ରୁ ୫%କୁ ବୃଦ୍ଧି ପାଇଛି । ଯେଉଁ ଯାତ୍ରୀମାନେ ବିଜ୍‌ନେସ୍ ଟ୍ରିପ୍‌ରେ ଯାତ୍ରା କରୁଛନ୍ତି ସେମାନେ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟରେ ଅତିରିକ୍ତ ଦେୟକୁ ଉଲ୍ଲେଖ କରି ନିଜର ବ୍ୟୟ ହ୍ରାସ କରିପାରିବେ । ଲୋକାଲ ଟ୍ରେନ୍ ବା ସ୍ଲିପରକ୍ଲାସରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଉପରେ ଜିଏସ୍‌ଟିର କୌଣସି ପ୍ରତିକୂଳ ପ୍ରଭାବ ନାହିଁ । ତେବେ ପ୍ରଥମ ଶ୍ରେଣୀ ଓ ଏସିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଅଧିକ ଦେୟ ଦେବାକୁ ପଡୁଛି । ଜିଏସ୍‌ଟି ଲାଗୁ ହେବା ପରେ ୧୦୦ଟଙ୍କାରୁ କମ୍ ସିନେମା ଟିକଟ ଉପରେ ୧୮ ଶତାଂଶ ଟିକସ



କରାଯାଇଥିବାବେଳେ ବିଜ୍‌ନେସ୍ ଶ୍ରେଣୀ ପାଇଁ ଏହି ହାର ୧୨ ଶତାଂଶ କରାଯାଇଛି । ତେଣୁ ବିଜ୍‌ନେସ୍ କ୍ଲାସ୍‌ର ଯାତ୍ରୀଙ୍କୁ ଟିକଟ ବାବଦରେ ଅଧିକ ଅର୍ଥ ଦେବାକୁ ପଡୁଛି । ତେବେ ସାଧାରଣ ବର୍ଗର ଯାତ୍ରୀଙ୍କ ପାଇଁ ସ୍ୱଳ୍ପ ଟିକସର ଯେଉଁ ବ୍ୟବସ୍ଥା ହୋଇଛି ତାହାର ଲାଭ ବିମାନଚଳାଚଳକାରୀ କମ୍ପାନୀ ଯାତ୍ରୀଙ୍କୁ ଦେଉଛନ୍ତି କି ନାହିଁ ତାହା ଏଯାଏ ଜଣାପଡ଼ିନାହିଁ ।

**ରେଳଯାତ୍ରା ଓ ସିନେମା ଟିକଟ:**

ଟ୍ରେନ୍ ଭଡ଼ା ଉପରେ ଜିଏସ୍‌ଟିର ସେଭଳି ଉଲ୍ଲେଖନୀୟ ପ୍ରଭାବ ଅନୁଭୂତ ହୋଇନାହିଁ ।




ଲାଗୁ ହୋଇଛି । ତେବେ ୧୦୦ଟଙ୍କାରୁ ଅଧିକ ଟିକଟ ଉପରେ ୨୮% ଟିକସ ବ୍ୟବସ୍ଥା କରାଯାଇଛି । ଏହା ଫଳରେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଭାରତର ବିଭିନ୍ନ ରାଜ୍ୟ ଯେଉଁଠି ସିନେମା ଟିକଟର ହାରାହାରି ମୂଲ୍ୟ ୧୭୫ରୁ ୩୦୦ ଟଙ୍କା ମଧ୍ୟରେ, ସେସବୁ ରାଜ୍ୟର ଦର୍ଶକଙ୍କୁ ଅଧିକ ବ୍ୟୟ କରିବାକୁ ପଡ଼ିବ । କେତେକ ରାଜ୍ୟରେ ସିନେମା ଟିକଟ ଉପରେ କିଛି ସ୍ଥାନୀୟ କର ଲାଗୁ ହୋଇଥାଏ । ଜନ ଅସନ୍ତୋଷକୁ ଦୃଷ୍ଟିରେ ରଖି ଜିଏସ୍‌ଟି ପରେ ସିନେମା ଟିକଟ ଠାରୁ ଏହି ସ୍ଥାନୀୟ ଟିକସ ଆଦାୟକୁ ତେଲଙ୍ଗାନା ସମେତ ଏକାଧିକ ସରକାର ସ୍ଥଗିତ ରଖିଛନ୍ତି ।

**ବୀମା ଦେୟ:**

ଜିଏସ୍‌ଟି ଲାଗୁ ହେବା ପରେ ଜୀବନବୀମା ଓ ଅନ୍ୟାନ୍ୟ ଏଣ୍ଡୋମେଣ୍ଟ ପଲିସିର ପ୍ରିମିୟମ ଉପରେ ଟିକସ ପରିମାଣ ବଢ଼ିଛି। ଫଳରେ ଜୀବନବୀମା, ସ୍ୱାସ୍ଥ୍ୟବୀମା ଏବଂ ସାଧାରଣ ବୀମା ଦେୟ ଉପରେ ବୀମାକାରୀଙ୍କୁ ଅଧିକ ଟିକସ ଦେବାକୁ ପଡୁଛି। ତେବେ ମ୍ୟୁଚୁଆଲ୍ ଫଣ୍ଡ୍ ରିଟର୍ଣ୍ଣ ଉପରେ ଜିଏସ୍‌ଟିର ପ୍ରଭାବ ମାମୁଲି ରହିଛି। ତଥାପି ବିଭିନ୍ନ କମ୍ପାନୀଙ୍କୁ ଏବାବଦରେ ୩ ଶତାଂଶ ଅଧିକ ଟିକସ ବାବଦରେ ଦେବାକୁ ପଡ଼ିବ।




**ଗହଣା ଓ ସମ୍ପତ୍ତିକ୍ରୟ:**

ଜିଏସ୍‌ଟି ପ୍ରଭାବରେ ସୁନାରେ ଅର୍ଥ ନିବେଶ କିଞ୍ଚିତ ମହଙ୍ଗା ହୋଇଛି; କାରଣ ସୁନା ଉପରେ ୩ ଶତାଂଶ ଏବଂ ଗଢ଼ା ମଜୁରି ଉପରେ ୫% ଜିଏସ୍‌ଟି ଲାଗୁ ହୋଇଛି। ପୂର୍ବରୁ ଅଧିକାଂଶ ରାଜ୍ୟରେ ସୁନା ଉପରେ ୨ ଶତାଂଶ ଟିକସ ଲାଗୁ ଥିଲା। ସମ୍ପତ୍ତି କ୍ରୟକୁ ମଧ୍ୟ ଜିଏସ୍‌ଟି ନାନା ଭାବେ ପ୍ରଭାବିତ କରିଛି। ନିର୍ମାଣାଧୀନ ଘର ଅପେକ୍ଷାକୃତ ଶସ୍ତା ହୋଇଥିବା ବେଳେ ତତ୍କାଳ ରହିବା ପାଇଁ ପ୍ରସ୍ତୁତ ଘର କିଣିବା ମହଙ୍ଗା ହୋଇଛି। ନିର୍ମାଣାଧୀନ ଘର ଉପରେ ୧୮ ଶତାଂଶ ଟିକସ ଲାଗିଥିବାବେଳେ ଇନ୍‌ପୁଟବାବଦ ଦେୟ ବିଯୋଗ ଫଳରେ ବାସ୍ତବରେ ଏହା ୧୨ ଶତାଂଶକୁ ହ୍ରାସ ପାଇଛି। ବିଲ୍‌ଡରଙ୍କୁ ଏହି ୬ ଶତାଂଶ ଇନ୍‌ପୁଟ ବ୍ୟୟର ଫାଇଦା ମିଳିବ।





**ଶିକ୍ଷା ଓ ସ୍ୱାସ୍ଥ୍ୟସେବା:**

ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଜିଏସ୍‌ଟି ପରିସରର ବାହାରେ ରଖାଯାଇଛି। ଉଭୟ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଜିଏସ୍‌ଟିମୁକ୍ତ ହୋଇଛି। ଏହାର ଅର୍ଥ ହେଲା ଖାଉଟି ସ୍ୱାସ୍ଥ୍ୟ ଓ ଶିକ୍ଷାବାବଦରେ ଯେଉଁ ଅର୍ଥ ଖର୍ଚ୍ଚ କରିବ ତାହା ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ତେବେ ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ନିଜର ବ୍ୟବହାର ପାଇଁ କିଣୁଥିବା କେତେକ ଜିନିଷପତ୍ର ଉପରେ ଜିଏସ୍‌ଟି ଦେଉଥିବାରୁ ସେମାନେ ସେବାବଦରେ ବ୍ୟୟକୁ ଖାଉଟିଙ୍କ ଉପରକୁ ଗଡ଼େଇ ଦେଇପାରନ୍ତି।



ହେବ। ତେବେ ହାଇବ୍ରିଡ୍ କାର୍ ଉପରେ ୨୮% ଜିଏସ୍‌ଟି ଲାଗୁ ହୋଇଥିବାରୁ ଏହା ମହଙ୍ଗା ହୋଇଛି। ଏହାଛଡ଼ା ଏସବୁ କାର୍ ଉପରେ ସ୍ଥଳ ବିଶେଷରେ ୧%, ୩% ଓ ୧୫% ଅତିରିକ୍ତ କର (ସେସ୍) ଲାଗୁର ବ୍ୟବସ୍ଥା ଅଛି। ତେଣୁ ଏସ୍‌ୟୁଭି, ଏମ୍‌ୟୁଭି, ସେଡାନ୍ ଆଦି କାର୍‌ର ମୂଲ୍ୟ ବଢ଼ିବ। ଗାଡ଼ି ନିର୍ମାତାମାନେ କ୍ଷୁଦ୍ର କାର୍ ଉପରେ ପାଉଥିବା ଟିକସ ରିଆତିକୁ ଖାଉଟିଙ୍କୁ କେତେ ମାତ୍ରାରେ ପ୍ରଦାନ କରୁଛନ୍ତି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଚାରି ଚକିଆ ଗାଡ଼ି ବଜାର କିଛି କାଳ ଧରି ମାନ୍ଦାବସ୍ଥା ଦେଇ ଗତି କରୁଥିଲା। ଜିଏସ୍‌ଟି ପ୍ରବର୍ତ୍ତନ ପରେ ଏହି ବଜାରର ସ୍ଥିତି ଏବେ କ'ଣ ହେବ ତାହା ଆକଳନ କରିବା କଷ୍ଟ।

**ହୋଟେଲ ରହଣି ଖର୍ଚ୍ଚ:**

ସେହିଭଳି ହୋଟେଲରେ ରହଣି ପାଇଁ ଏଣିକି ଅଧିକ ଦେୟ ଦେବାକୁ ପଡୁଛି। ଜିଏସ୍‌ଟି ଯୋଗୁଁ ତିନିରୁ ପାଞ୍ଚ ତାରକା ବିଶିଷ୍ଟ ହୋଟେଲରେ ଏଣିକି ରୁମ୍ ଭଡ଼ା ବୃଦ୍ଧି ପାଇଛି। ତେବେ ଯେଉଁଠି ରୁମ୍ ଭଡ଼ା ୧୦୦୦ଟଙ୍କାରୁ କମ୍ ସେଠାରେ ଜିଏସ୍‌ଟି ଲାଗିବ ନାହିଁ। ସେହିଭଳି ୫୦୦୦ଟଙ୍କାରୁ ଅଧିକ ଭଡ଼ା ବିଶିଷ୍ଟ ରୁମ୍ ପାଇଁ ୨୮%ଜିଏସ୍‌ଟି ଲାଗୁ ହୋଇଛି।



**କାର୍ କିଣା:**

ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ଭାରତୀୟ ବଜାରର ଅଧିକାଂଶ କାର, ବିଶେଷତଃ କ୍ଷୁଦ୍ର କାର ଶସ୍ତା

ଜିଏସ୍‌ଟି ପ୍ରବର୍ତ୍ତନକୁ ଉଭୟ ଦେଶୀ ଓ ବିଦେଶୀ ବ୍ୟବସାୟୀ ଓ ଶିଳ୍ପୋଦ୍ୟୋଗୀ ସ୍ୱାଗତ କରିଛନ୍ତି। ଏହା ଫଳରେ ଗୋଟିଏ ଦେଶ, ଗୋଟିଏ ବଜାର ଓ ଏକ ପ୍ରକାର କର ବ୍ୟବସ୍ଥା ପ୍ରବର୍ତ୍ତନ ହେବା ଫଳରେ ବାଣିଜ୍ୟ ବ୍ୟବସାୟ ସହଜ ଓ ସୁବିଧାରେ କରିବା ସମ୍ଭବ ହୋଇଛି। ଏହାଦ୍ୱାରା ପୁରୁଣା ବ୍ୟବସ୍ଥାର ଏକାଧିକ ଟିକସ, ପ୍ରତିବନ୍ଧକ ଓ ଜଟିଳତା ଦୂର ହୋଇଥିବା ବେଳେ ପୁଞ୍ଜିନିବେଶର ଏକ ନୂଆ ଧାରା ଖୋଲିଛି। ଭ୍ୟାଟ୍, ସେବାକର ଭଳି ଟିକସର ଅବସାନ ଘଟିଛି। ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ପାଇଁ ଏକ ନୂଆ ସୁଯୋଗ ଓ ସମ୍ଭାବନା ଆସିଛି। ସେମାନଙ୍କର ଟିକସ ଛାଡ଼ ସୀମା ୫ ଲକ୍ଷରୁ ୨୦ଲକ୍ଷକୁ ବଢ଼ିଛି। ଟିକସ ପୈଠ ବ୍ୟବସ୍ଥା ସହଜ ଓ ସରଳ ହୋଇଥିବାବେଳେ ନାନାବିଧ ଟିକସ ବ୍ୟବସ୍ଥାରୁ ସେମାନେ ମୁକ୍ତ ହୋଇଛନ୍ତି।

**ଅନ୍ୟାନ୍ୟ କ୍ଷେତ୍ର:**

ମୋବାଇଲ ଦେୟ, ବାହାରେ ପରିବାର ସହ ହୋଟେଲରେ ମଝିରେ ମଝିରେ ଖାଇବା, ଆଇପିଏଲ ଓ ଅନ୍ୟାନ୍ୟ ସଂଲଗ୍ନ ସେବା ଆଦି ଉପରେ ନୂଆ ଟିକସ ଜିଏସ୍‌ଟିରେ ଲାଗୁ ହୋଇଛି ଯାହା ପୂର୍ବାପେକ୍ଷା ୩ ରୁ ୧୦ ଶତାଂଶ ଅଧିକ। ତେଣୁ ଏହି ସେବା ଉପଯୋଗ କରୁଥିବା ଲୋକଙ୍କୁ ଅଧିକ ଟିକସ ଦେବାକୁ ପଡ଼ିବ। ତେବେ ଡିଟିଏଚ୍ ଓ କେବଲ ସେବା ଉପରେ ଏବେ ୧୮ ଶତାଂଶ ଟିକସ ଧାର୍ଯ୍ୟ ହୋଇଥିବାରୁ ଏହା ଶସ୍ତା ହେବ।



କାରଣ ପୂର୍ବରୁ ଏସବୁ ଟିକସ (ସେବା କର ମିଶାଇ) ୧୦ରୁ ୩୦% ଅଧିକ ଥିଲା। ସେହିଭଳି ମନୋରଂଜନ ପାର୍କର ଟିକଟ ଉପରେ ଆଗରୁ ୧୫ ଶତାଂଶ ଟିକସ ଥିବାବେଳେ ଜିଏସ୍‌ଟିରେ ଏହା ୨୮ ଶତାଂଶ ହୋଇଛି। ଏହା ଫଳରେ ଏହି କ୍ଷେତ୍ରର ସେବା ଉପଭୋଗକାରୀଙ୍କୁ ଅଧିକ ଅର୍ଥ ଗଣିବାକୁ ହେବ।

**ସଂପୂର୍ଣ୍ଣ ଟିକସମୁକ୍ତ ସାମଗ୍ରୀ:**

ଅଣ ପ୍ରଶୋଧିତ ଚାଉଳ, ଗହମ, ଅଟା ଓ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ, ପ୍ରକ୍ରିୟାକୃତ ହୋଇ ନ ଥିବା ଦୁଧ, ଟଟକା ପନିପରିବା, ମାଛ, ମାଂସ, ଅଣ୍ଡା, ବ୍ରାଣ୍ଡେଡ୍ ଅଟା, ବେସନ, ମଇଦା, ପିଲାଙ୍କ ରଙ୍ଗୀନ ବହି ଖାତା, ଡ୍ରଇଂଖାତା, ସିନ୍ଦୂର, ବିନ୍ଦି ଓ ଚୁଡ଼ି ଆଦି ଟିକସ ବ୍ୟବସ୍ଥାରୁ ମୁକ୍ତ ରହିଛି। ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ କେତେକ ସାମଗ୍ରୀର ମୂଲ୍ୟ ବଢ଼ିଥିବା ବେଳେ କେତେକର ଦାମ୍ କମିଛି। ଖାଉଟିଙ୍କ ଉପରେ ଏହାର ମିଶ୍ରିତ ପ୍ରଭାବ ପଡ଼ିଛି। ନୂଆ ଟିକସ ବ୍ୟବସ୍ଥାରୁ ଲୋକେ କିନ୍ତୁ ଅଧିକ କିଛି ସୁବିଧା ସୁଯୋଗ ପାଇବାର ଆଶା ରଖିଥିଲେ। ଯଥା ଭଲଯାଗାରେ ଖାଇବା, ବିଭିନ୍ନ ସ୍ଥାନ ଭ୍ରମଣ କରିବା, ଭଲ ହୋଟେଲରେ ରହିବା ଇତ୍ୟାଦି। ମାତ୍ର ଏସବୁ ମହଙ୍ଗା ହୋଇଛି।

**ବ୍ୟବସାୟ ଉଦ୍ୟୋଗ ଉପରେ ପ୍ରଭାବ:**

ଜିଏସ୍‌ଟି ପ୍ରବର୍ତ୍ତନକୁ ଉଭୟ ଦେଶୀ ଓ ବିଦେଶୀ ବ୍ୟବସାୟୀ ଓ ଶିଳ୍ପୋଦ୍ୟୋଗୀ ସ୍ୱାଗତ କରିଛନ୍ତି। ଏହା ଫଳରେ ଗୋଟିଏ ଦେଶ, ଗୋଟିଏ ବଜାର ଓ ଏକ ପ୍ରକାର କର ବ୍ୟବସ୍ଥା ପ୍ରବର୍ତ୍ତନ ହେବା ଫଳରେ ବାଣିଜ୍ୟ ବ୍ୟବସାୟ ସହଜ ଓ ସୁବିଧାରେ କରିବା ସମ୍ଭବ ହୋଇଛି। ଏହାଦ୍ୱାରା ପୁରୁଣା ବ୍ୟବସ୍ଥାର ଏକାଧିକ ଟିକସ, ପ୍ରତିବନ୍ଧକ ଓ ଜଟିଳତା ଦୂର ହୋଇଥିବା ବେଳେ ପୁଞ୍ଜିନିବେଶର ଏକ ନୂଆ ଧାରା ଖୋଲିଛି। ଭ୍ୟାଟ୍, ସେବାକର ଭଳି ଟିକସର ଅବସାନ ଘଟିଛି। ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ପାଇଁ ଏକ ନୂଆ ସୁଯୋଗ ଓ ସମ୍ଭାବନା ଆସିଛି। ସେମାନଙ୍କର ଟିକସ ଛାଡ଼ ସୀମା ୫ ଲକ୍ଷରୁ ୨୦ଲକ୍ଷକୁ ବଢ଼ିଛି। ଟିକସ ପୈଠ ବ୍ୟବସ୍ଥା ସହଜ ଓ ସରଳ ହୋଇଥିବାବେଳେ ନାନାବିଧ ଟିକସ ବ୍ୟବସ୍ଥାରୁ ସେମାନେ ମୁକ୍ତ ହୋଇଛନ୍ତି।

ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ଜିଏସ୍‌ଟି କେତେକ ସୁବିଧା ସୁଯୋଗ ଆଣିଛି। ଏଥିରେ ଦିଆଯାଇଥିବା ଟିକସ ରିଆତି ଏହି କ୍ଷେତ୍ରର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରେ। ତେବେ ଦେଶର କିଛି ପ୍ରମୁଖ ବିଲ୍‌ଡର ଏ ନେଇ ସଂଶୟ ମୁକ୍ତ ନୁହଁନ୍ତି। ସେମାନଙ୍କ ମତରେ ଜିଏସ୍‌ଟିରେ ସେମାନେ କେତେକ ରିଆତି ପାଇଥିଲେ ମଧ୍ୟ ଏହି ବ୍ୟବସ୍ଥା ଏବେ ପ୍ରାରମ୍ଭିକ ସ୍ତରରେ ରହିଛି। ଭବିଷ୍ୟତରେ କ'ଣ ହେବ ତାହା ଏବେଠୁ କହିହେବ ନାହିଁ ବୋଲି ସେମାନେ କହିଛନ୍ତି।

**ଉପସଂହାର:**


ଜିଏସ୍‌ଟି ପ୍ରବର୍ତ୍ତନ ପରେ ବିଶ୍ୱ ବ୍ୟାଙ୍କ ସହଜରେ ବେପାର ବଣିଜ କରିବା ତାଲିକାରେ ଭାରତର ସ୍ଥାନ ୧୩୦ ରୁ ୧୦୦କୁ ଉନ୍ନୀତ ହୋଇଛି। ଏହା ଯେ ଜିଏସ୍‌ଟିର ସଫଳତା ଏଥିରେ ସନ୍ଦେହର ଅବକାଶ ନାହିଁ। ଏହି ଲେଖା ପ୍ରସ୍ତୁତ ହେବା ବେଳକୁ ପ୍ରାୟ ୨୦୦ ସାମଗ୍ରୀର ଟିକସ ସ୍ତରକୁ ହ୍ରାସ କରିବାକୁ ନୂଆଦିଲ୍ଲୀରେ ଜିଏସ୍‌ଟି ପରିଷଦ ବୈଠକ ଚାଲିଥିଲା। ଏହା ହେବାର ସମ୍ଭାବନା ଅଧିକ ଏବଂ ଏହାଦ୍ୱାରା ଜିଏସ୍‌ଟିର କକ୍ଷଣ ଆହୁରି ଲାଘବ ହେବ ଏବଂ ଏହା ଉପଭୋକ୍ତାଙ୍କୁ ଅଧିକ ଲାଭ ଦେବ। ସର୍ବାଧିକ ଟିକସ ସ୍ତର (୨୮%)ରେ ଯଥାସମ୍ଭବ କମ୍ ସାମଗ୍ରୀ ରଖିବାକୁ ଜିଏସ୍‌ଟିର ସଦସ୍ୟମାନେ ଯେଉଁ ମତ ଦେଉଛନ୍ତି ତାହା ଅଧିକ ବାସ୍ତବବାଦୀ। ଏହା ଯୁକ୍ତିଯୁକ୍ତ ହେଲେ ବିଶ୍ୱସ୍ତରୀୟ ଟିକସ ବ୍ୟବସ୍ଥାର ସମକକ୍ଷ ହେବ। ପ୍ରାରମ୍ଭିକ ଅସୁବିଧାଗୁଡ଼ିକୁ ସଫଳତାର ସହ ଦୂର କରାଯାଇପାରିଲେ ଭବିଷ୍ୟତରେ ଏହା ଦେଶ ଓ ଜନତାଙ୍କ ପାଇଁ ବିଶେଷ ଉପକାରୀ ସାବ୍ୟସ୍ତ ହେବ।

**ସମ୍ବାଦ ସରବରାହ ସଂସ୍ଥା ପିଟିଆଇରେ ଲେଖକ ଜଣେ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି।**

# ଗ୍ରାମାଞ୍ଚଳ ଖାଉଟିଙ୍କୁ ଶିଖାଇବାର ସମୟ

**ରାହୁଲ ସିଂହ**

ଭାରତର ଗ୍ରାମିଣ ଖାଉଟିଙ୍କ କ୍ରୟଜନିତ ପସନ୍ଦ ଓ ଅଗ୍ରାଧିକାର ଦ୍ରୁତ ଗତିରେ ବଦଳୁଛି। ଏହା ପଛରେ ଆର୍ଥିକ, ମନସ୍ତାତ୍ତ୍ୱିକ ଓ ବୈଷୟିକ କାରଣମାନ ରହିଛି। ଗ୍ରାମାଞ୍ଚଳ ଖାଉଟିଙ୍କ ଆୟସ୍ତର କ୍ରମଶଃ ବଢୁଛି। ସେମାନେ ନିଜ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ନୂଆ ନୂଆ ସାମଗ୍ରୀ ଓ ସେବା କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ୨୦୧୦ରୁ ୧୨ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳ ଖାଉଟିଙ୍କ ମୁଣ୍ଡ ପିଛା ଆୟ ୧୭ ଶତାଂଶ ବୃଦ୍ଧି ପାଇଥିଲା। ଏହି ସମୟରେ ସହରାଞ୍ଚଳ ଖାଉଟିଙ୍କ ମୁଣ୍ଡପିଛା ଆୟ ୧୨ ଶତାଂଶ ବଢ଼ିଥିଲା। ଲୋକଙ୍କ ନିଟ୍ ବା ନିରୁତା ଆୟ ଯଥେଷ୍ଟ ବଢ଼ିଛି। ତେଣୁ ସେମାନଙ୍କର ଆଶା, ଆକାଂକ୍ଷାର ସ୍ତର ବୃଦ୍ଧି ପାଇଛି। ଏହା ଫଳରେ ସେମାନଙ୍କର କ୍ରୟ ଅଗ୍ରାଧିକାରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ୨୦୦୫ ବର୍ଷରେ ଜଣେ ଖାଉଟି ଯେତେ ଅର୍ଥ ଖର୍ଚ୍ଚ କରୁଥିଲା ସେଥିରେ ଅଣଖାଦ୍ୟ ଜନିତ ବ୍ୟୟ ଥିଲା ୪୦ ଶତାଂଶ। ୨୦୧୨ରେ ଏହି ବ୍ୟୟ ଅନୁପାତ ୫୦ ଶତଂଶକୁ ଟପିଯାଇଥିଲା। ଗ୍ରାମାଞ୍ଚଳ ଖାଉଟିଙ୍କ ମଧ୍ୟରେ ସଚେତନତା ସ୍ତର ଯଥେଷ୍ଟ ବୃଦ୍ଧି ପାଇଛି। ଗଣମାଧ୍ୟମର ପ୍ରସାର ଯୋଗୁଁ ସେମାନେ ବିଭିନ୍ନ ଦ୍ରବ୍ୟ ଓ ସେବା ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରିବାରେ ସଫଳ ହେଉଛନ୍ତି। ଗଣମାଧ୍ୟମ ଗ୍ରାମାଞ୍ଚଳ ମୂଲ୍ୟବୋଧ ଓ ବିଚାରରେ ବ୍ୟାପକ






ପରିବର୍ତ୍ତନ ଆଣିଛି । ଏହି ଆର୍ଥିକ ଧାରା, ସାମାଜିକ-ଆର୍ଥିକ ପରିବର୍ତ୍ତନ ଏବଂ ପ୍ରଯୁକ୍ତିର ବିକାଶ ଗ୍ରାମାଞ୍ଚଳ ଖାଉଟିଙ୍କ କ୍ରୟ ନିଷ୍ପତ୍ତିରେ ଏକ ବିରାଟ ପରିବର୍ତ୍ତନ ଆଣିଛି । ସେମାନେ କ'ଣ କିଣିବେ ଏବଂ କେଉଁଠୁ କିଣିବେ ଏନେଇ ଏକ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣରେ ସହଜରେ ଉପନୀତ ହୋଇପାରୁଛନ୍ତି ।

ଭାରତର ଗ୍ରାମାଞ୍ଚଳରେ ଦେଶର ପ୍ରାୟ ୭୦ ଶତାଂଶ ଲୋକ ଏବେ ବସବାସ କରୁଛନ୍ତି । ସେମାନେ ଯାହା ବ୍ୟବହାର ଓ ଉପଯୋଗ କରନ୍ତି ତାହା ଦେଶର ମୋଟ୍ ଉପଭୋଗର ୫୦ ଭାଗରୁ ଅଧିକ । ସହରାଞ୍ଚଳର ସଂପ୍ରସାରଣ ଏବଂ ଅଧିକରୁ ଅଧିକ ଗ୍ରାମାଞ୍ଚଳ ଲୋକ ଏବେ ସହରାମୁଖୀ ହେଉଥିବା ସତ୍ତ୍ୱେ ୨୦୨୫ ବେଳକୁ ତଥାପି ଗ୍ରାମାଞ୍ଚଳରେ ଦେଶର ଜନସଂଖ୍ୟାର ୬୩ ଶତାଂଶ ଲୋକ ବସବାସ କରୁଥିବେ ବୋଲି ଏକ ହିସାବରୁ ଜଣାଯାଇଛି । ଆର୍ଥିକ ଉତ୍ପାଦନକୁ ବିଚାରକୁ ନେଲେ ଜଣାଯାଏ ଯେ ଗ୍ରାମୀଣ ଭାରତ ଦେଶର ଅର୍ଥନୀତିକୁ ପ୍ରାୟ ଅଧା (୪୮%) ଅବଦାନ ଯୋଗାଏ । ଭାରତର ଗ୍ରାମାଞ୍ଚଳ ବଜାର ୨୦୨୦ ସୁଦ୍ଧା ୫୦୦ ବିଲିୟନ ଡଲାରରେ ପହଞ୍ଚିବାର ସାମର୍ଥ୍ୟ ରଖିଛି । ତେଣୁ ଗ୍ରାମୀଣ ଭାରତ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରହିଛି ଓ ରହିବ ମଧ୍ୟ ।

ବିଶ୍ୱାୟନ, ଉଦାରୀକରଣ ଏବଂ ଘରୋଇକରଣ ଭାରତୀୟ ଅର୍ଥନୀତିକୁ ଏକ ସମୃଦ୍ଧ, ଉତ୍ତାଳ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଖାଉଟି ବଜାରରେ ପରିଣତ କରିଛି । ଏହା ଫଳରେ ବଜାରରେ ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ସେବାର ଏକ ପ୍ଲାବନ ଦେଖାଦେଇଛି । ନାନା କିସମର ସାମଗ୍ରୀ ବଜାରରେ ଭର୍ତ୍ତି ହୋଇ ରହିବା ଫଳରେ ଖାଉଟିର କ୍ରୟ ପ୍ରକ୍ରିୟା ବଦଳୁଛି । ଏକଦା ଆନ୍ତର୍ଜାତିକ ସ୍ତରର ଉତ୍ପାଦକ କମ୍ପାନୀଗୁଡ଼ିକ ଭାରତର ଗ୍ରାମୀଣ ବଜାରକୁ ଉପେକ୍ଷା କରୁଥିଲେ । ଏବେ କିନ୍ତୁ ଏହା ସେମାନଙ୍କ ଅଗ୍ରାଧିକାର ତାଲିକାରେ ରହିଛି । ଲୋକଙ୍କ ହାତରେ ଖର୍ଚ୍ଚ କରିବାକୁ ଅଧିକ ଅର୍ଥ ରହୁଥିବାରୁ ବଡ଼ବଡ଼ ଉଦ୍ୟୋଗର ନୂଆ ସେବା ଓ ସାମଗ୍ରୀମାନ ଗ୍ରାମାଞ୍ଚଳ ବଜାରକୁ ବିପୁଳ ସଂଖ୍ୟାରେ ପ୍ରବେଶ କରୁଛି । ଏସବୁ ସତ୍ତ୍ୱେ ଦେଶର ଗ୍ରାମାଞ୍ଚଳରେ ଏକ ବଡ଼ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି । ଗ୍ରାମାଞ୍ଚଳରେ ବେକାରୀ ହାର ଅତି ଅଧିକ ଏବଂ ଲୋକଙ୍କ ସାକ୍ଷରତା ହାର କମ୍ । ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଖାଉଟି ସଚେତନତା ସ୍ତର ମଧ୍ୟ ଅନେକ ତଳେ । ଏଭଳି ପରିସ୍ଥିତିରେ ବିକ୍ରେତା ବା ଉତ୍ପାଦନକାରୀ ଖାଉଟିଙ୍କୁ ଶୋଷଣ କରିବାର ସମ୍ଭାବନା ଅଧିକ । ଶୋଷଣରୁ ସୁରକ୍ଷା ପାଇଁ ଭାରତୀୟ ଖାଉଟି ଅନେକ ବୈଧାନିକ ଓ ଅନ୍ୟାନ୍ୟ ଅଧିକାର ପାଇଥିଲେ ହେଁ ବିକ୍ରେତା, ଉତ୍ପାଦକମାନେ ନାନାଦି କାରସାଦି କରି ଖାଉଟିଙ୍କୁ ଠକୁଛନ୍ତି । ସେଥି ମଧ୍ୟରେ ରହିଛି ବେଆଇନ ମହଜୁଦ, କୃତ୍ରିମ ଅଭାବ, କଳାବଜାର, ଅଧିକ ଦରରେ ସାମଗ୍ରୀ ବିକ୍ରୟ । ଅତ୍ୟାବଶ୍ୟକ ଦ୍ରବ୍ୟ କ୍ଷେତ୍ରରେ ଏସବୁ ଅସାଧୁ କାରବାର ଅଧିକ ହୁଏ । ଗ୍ରାମାଞ୍ଚଳ ବଜାରରେ ନିମ୍ନମାନର ସାମଗ୍ରୀ ଓ ନକଲି ପଦାର୍ଥର ବିକ୍ରିବଟା ଅଧିକ ହୋଇଥାଏ । ପ୍ରତିଷ୍ଠିତ କମ୍ପାନୀଙ୍କ ଲେବଲ୍ ମାରି ନିକୃଷ୍ଟ ସାମଗ୍ରୀ ବିକ୍ରି କରାଯାଏ । ଗ୍ରାମୀଣ ବଜାରରେ ସାମଗ୍ରୀର ମାନ ଯାଞ୍ଚ, ତଦାରଖ ଆଦି ପ୍ରାୟତଃ ହୁଏନାହିଁ । ତେଣୁ ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ

ଖାଉଟି ବିଶାରଦ ୱେଲସ୍ ଆଣ୍ଡ ଆଥରଟନ୍‌ଙ୍କ ମତରେ – "ଖାଉଟି ଶିକ୍ଷାର ଅର୍ଥ, ଦକ୍ଷତା, ଜ୍ଞାନ ଓ ଅନୁଭବ ହାସଲର ଏକ ପ୍ରକ୍ରିୟା। ଏହା ଦ୍ୱାରା ଖାଉଟି ସଶକ୍ତ ଓ ସମର୍ଥ ହୋଇ ବୁଝିବିଚାରି ନିଜର ଦ୍ରବ୍ୟ ଓ ସେବା କିଣିବାରେ ଉଚିତ ପସନ୍ଦ ଓ ନିର୍ଣ୍ଣୟ ନେଇଥାଏ।" କେବଳ ଆଇନ ତିଆରି କରିଦେଲେ ତାହା ଖାଉଟିଙ୍କୁ ସୁରକ୍ଷିତ କରିପାରିବ ନାହିଁ। ଏହାର ଉପଯୁକ୍ତ ରୂପାୟନ ଲୋଡ଼ା ସେହିଭଳି ଖାଉଟି ସଂପୃକ୍ତ ଆଇନ ବିଷୟରେ ଭଲଭାବେ ଅବଗତ ହେବା ମଧ୍ୟ ଆବଶ୍ୟକ। ତେଣୁ ଗ୍ରାମାଞ୍ଚଳରେ ଖାଉଟି ଶିକ୍ଷା ଓ ସଚେତନତାକୁ ଅଗ୍ରାଧିକାର ଦେଇ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଜାତୀୟ ପ୍ରୟୋଗାତ୍ମକ ଅର୍ଥନୀତି ଗବେଷଣା ଆୟୋଗ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ଦେଶର ଗ୍ରାମାଞ୍ଚଳର ଅଭିବୃଦ୍ଧି ହାର ସହରାଞ୍ଚଳକୁ ଟପିଗଲାଣି। ଆସନ୍ତା ୧୦ବର୍ଷ ପର୍ଯ୍ୟନ୍ତ ଏହି ଧାରା ଅବ୍ୟାହତ ରହିବ।

ଖାଉଟିଙ୍କୁ ଠକିଥାନ୍ତି। ତେଣୁ ଗ୍ରାହକ କେବଳ ଠକାମିରେ ପଡ଼ନ୍ତି ନାହିଁ, ଅନେକ ସମୟରେ ନିମ୍ନମାନର ସାମଗ୍ରୀ କିଣି ନିଜର ଓ ନିଜ ପରିବାରର ଜୀବନ ବିପନ୍ନ ମଧ୍ୟ କରିଥାନ୍ତି। ସେବା କ୍ଷେତ୍ରର ସଂପ୍ରସାରଣ ଏହି ସମସ୍ୟାକୁ ଅଧିକ ଖରାପ କରିଛି। ବୀମା, ବ୍ୟାଙ୍କ, ବିଦ୍ୟୁତ୍, ମେଡିକାଲ ସେବା ଆଦି ଗ୍ରାମାଞ୍ଚଳକୁ ବହୁଳ ଭାବେ ନିର୍ବିଘ୍ନରେ ସଂପ୍ରସାରିତ ହୋଇଛି। ଏସବୁର ତଦାରଖ, ତନଖି କରିବାକୁ କେହି ନାହିଁ; ତେଣୁ ସଂପୃକ୍ତ ସେବା ପ୍ରଦାନକାରୀମାନେ ମନଇଚ୍ଛା ଖାଉଟିଙ୍କୁ ଶୋଷଣ କରିଥାନ୍ତି। ନିମ୍ନମାନର ସେବା ଦେଇ ଜନତାଙ୍କୁ ଭଣ୍ଡାଇଥାନ୍ତି।

ଅପମିଶ୍ରିତ, ବିଷାକ୍ତ ଓ ନିମ୍ନମାନର ଔଷଧ ଗ୍ରାମାଞ୍ଚଳ ବଜାରରେ ଅଧିକ ବିକ୍ରି ହୁଏ। ଏହାକୁ ବ୍ୟବହାର କରି ଅସଚେତନ ତଥା ଦୁର୍ବଳ ବର୍ଗର ଲୋକେ ବେଶୀ କ୍ଷତିଗ୍ରସ୍ତ ହୁଅନ୍ତି। ମହିଳା, ଶିଶୁ, ବୃଦ୍ଧ, ଚାଷୀଙ୍କ ପାଇଁ ଏହା ବଡ଼ ବିପଦ ସୃଷ୍ଟି କରିଥାଏ। ଚାଷୀଙ୍କୁ ତ୍ରୁଟିପୂର୍ଣ୍ଣ ବିହନ, ଅପମିଶ୍ରିତ କୀଟନାଶକ ଓ ଅନ୍ୟାନ୍ୟ ଭେଜାଲ ସାମଗ୍ରୀ ଯୋଗାଣ ଓ ବିକ୍ରି ଭାରତରେ ଏକ ସାଧାରଣ ଘଟଣା।

ଗଣମାଧ୍ୟମର ସଂପ୍ରସାରଣ ଭାରତର ଗ୍ରାମାଞ୍ଚଳରେ ଖାଉଟିବାଦକୁ ଅଧିକ ବ୍ୟାପକ ଓ ସଂପ୍ରସାରିତ କରିଛି। ତେଣୁ ଏବେ ଅନୁଭୂତ ହେଲାଣି ଯେ ଖାଉଟିଙ୍କ ଭାଗ୍ୟକୁ ଆଉ ବଜାର ଶକ୍ତି (ମାର୍କେଟ ଫୋର୍ସ) ଉପରେ ଛାଡ଼ି ଦେଇ ଚୁପ୍‌ଚାପ ବସିହେବ ନାହିଁ। ସେଥିପାଇଁ ଭାରତ ସରକାର ଅନେକ ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି। ଖାଉଟିର ସ୍ୱାର୍ଥ ଓ ଅଧିକାରକୁ ସୁରକ୍ଷିତ କରିବା ଏହି ସମସ୍ତ ପଦକ୍ଷେପର ପ୍ରମୁଖ ଲକ୍ଷ୍ୟ। ଆଇନଗତ ପଦକ୍ଷେପ ଏହା ମଧ୍ୟରେ ସର୍ବାଗ୍ରେ ରହିଛି। ୧୯୮୬ ଡିସେମ୍ବର ୨୪ରେ ପ୍ରଣିତ ଖାଉଟି ସୁରକ୍ଷା ଆଇନ ଖାଉଟିଙ୍କ ସ୍ୱାର୍ଥ ଓ ଅଧିକାର ସୁରକ୍ଷା କ୍ଷେତ୍ରରେ ଥିଲା ଭାରତ ପ୍ରଥମ ଆଇନଗତ ପଦକ୍ଷେପ। ଏଥିରେ ଶୋଷିତ ବା ପ୍ରବଂଚିତ ଖାଉଟିଙ୍କୁ ସ୍ୱଳ୍ପ ବ୍ୟୟରେ ଯଥା ଶୀଘ୍ର ସମ୍ଭବ ନ୍ୟାୟ ପ୍ରଦାନର ବ୍ୟବସ୍ଥା ରହିଥିଲା। ସାଧାରଣ ଖାଉଟିର ଅଭିଯୋଗ ବା ଆପତ୍ତି ଶୁଣି ନ୍ୟାୟ ପ୍ରଦାନ କରିବାର ବ୍ୟବସ୍ଥା ହୋଇଥିଲା।

ଏହି ଆଇନ ପ୍ରବର୍ତ୍ତନ ଫଳରେ କେତେଗୁଡ଼ିଏ ବିଷୟ ସ୍ପଷ୍ଟ ହୋଇଗଲା। କ୍ରେତା, ବିକ୍ରେତା, ଖାଉଟିର ସ୍ୱାର୍ଥ ଓ ଅଧିକାର, ବିକ୍ରେତାର କାରବାର ନୀତି, ସାମଗ୍ରୀ ବା ସେବାର ମାନ, ବିକ୍ରିବଟାରେ ସାଧୁତା ଓ ସଚ୍ଚୋଟତା




ଯେକୌଣସି ଖାଉଟି ଅଦାଲତରେ ଏକ ସାଧା କାଗଜରେ ନିଜର ନାଁ, ଠିକଣା ଏବଂ ଅଭିଯୋଗ ଓ ଅଭିଯୁକ୍ତଙ୍କ ସମ୍ପର୍କରେ ବିବରଣୀ ଦେଇ ଆବେଦନ କରାଯାଇପାରିବ।




**ବିନା କୌଣସି ଆଇନଜୀବୀଙ୍କ ସହାୟତାରେ ମଧ୍ୟ ଖାଉଟି ନିଜ ଅଭିଯୋଗ ଖାଉଟି ଅଦାଲତରେ ଦାୟର କରିପାରିବେ।**

ଅବଲମ୍ବନ, ଦ୍ରବ୍ୟ ବା ସେବାର ମାନ, ଚୁକ୍ତି ଏବଂ ବିବାଦ ସୃଷ୍ଟି ହେଲେ ଶୁଣାଣି ଏବଂ ନ୍ୟାୟ ବ୍ୟବସ୍ଥା ଏବଂ ସର୍ବୋପରି ଠକାମିରେ ପଡୁଥିବା ଖାଉଟିଙ୍କୁ କ୍ଷତିପୂରଣ ପ୍ରଦାନ ଆଦି କଥା ସ୍ପଷ୍ଟ ହୋଇଗଲା। 'ଖାଉଟି ହୁସିଆର' ସ୍ଲୋଗାନ ଏକ ବୃହତ୍ତର କ୍ଷେତ୍ରକୁ ସଂପ୍ରସାରିତ ହେଲା। ଏହି ଆଇନବଳରେ ଖାଉଟି ସୁରକ୍ଷା ପରିଷଦ କେନ୍ଦ୍ରୀୟ, ପ୍ରାଦେଶିକ ଓ ଜିଲ୍ଲାସ୍ତରରେ ଗଠିତ ହେବା ସହ ସ୍ୱତନ୍ତ୍ର ଖାଉଟି ବିବାଦ ସମାଧାନ ମଞ୍ଚ ଗଠିତ ହେଲା। ସମଗ୍ର ଦେଶରେ ଏହା ସମୟକ୍ରମେ ଖାଉଟି ଅଦାଲତ ନାମରେ ପରିଚିତ ହେଲା। ଏସବୁର କାର୍ଯ୍ୟଶୈଳୀ ଓ କ୍ଷମତା ପରିସର ବିଷୟରେ ଖାଉଟି ଅବଗତ କିମ୍ବା ସଚେତନ ନ ହେଲେ ଆଇନ ଓ ବ୍ୟବସ୍ଥା ନିରର୍ଥକ ସାବ୍ୟସ୍ତ ହେବ।

> ଅପମିଶ୍ରିତ, ବିଷାକ୍ତ ଓ ନିମ୍ନମାନର ଔଷଧ ଗ୍ରାମାଞ୍ଚଳ ବଜାରରେ ଅଧିକ ବିକ୍ରି ହୁଏ। ଏହାକୁ ବ୍ୟବହାର କରି ଅସଚେତନ ତଥା ଦୁର୍ବଳ ବର୍ଗର ଲୋକେ ବେଶୀ କ୍ଷତିଗ୍ରସ୍ତ ହୁଅନ୍ତି। ମହିଳା, ଶିଶୁ, ବୃଦ୍ଧ, ଚାଷୀଙ୍କ ପାଇଁ ଏହା ବଡ଼ ବିପଦ ସୃଷ୍ଟି କରିଥାଏ। ଚାଷୀଙ୍କୁ ତ୍ରୁଟିପୂର୍ଣ୍ଣ ବିହନ, ଅପମିଶ୍ରିତ କୀଟନାଶକ ଓ ଅନ୍ୟାନ୍ୟ ଭେଜାଲ ସାମଗ୍ରୀ ଯୋଗାଣ ଓ ବିକ୍ରି ଭାରତରେ ଏକ ସାଧାରଣ ଘଟଣା।

## ଗ୍ରାମାଞ୍ଚଳ ପାଇଁ ଆବଶ୍ୟକତା:

ସାଂପ୍ରତିକ କାଳରେ ବଜାର ବ୍ୟବସ୍ଥା ଅଧିକ ଜଟିଳ ହୋଇପଡ଼ିଥିବାରୁ ଖାଉଟି ଶିକ୍ଷା ଓ ସଚେତନତାର ଆବଶ୍ୟକତା ବଢ଼ିଛି। ଗ୍ରାମାଞ୍ଚଳରେ ଏହା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ବିଭିନ୍ନ ପ୍ରକାର ସାମଗ୍ରୀ ଓ ସେବା ବଜାରରେ ଉପଲବ୍ଧ ହେଉଥିବାରୁ ଖାଉଟିଙ୍କୁ ସେସବୁ ବିଷୟରେ ଆବଶ୍ୟକ ତଥ୍ୟ / ସୂଚନା ନମିଳିଲେ ସେ ଉଚିତ ପସନ୍ଦ ବା ନିର୍ଣ୍ଣୟରେ ବିଫଳ ହେବ। ତଥ୍ୟ ଅଭାବରୁ ସେ ଦ୍ୱନ୍ଦ୍ୱରେ ପଡ଼ିବ ଏବଂ ଠକାମିର ସମ୍ମୁଖୀନ ହୋଇପାରେ। ତେଣୁ ଖାଉଟି ବିଶାରଦ ୱେଲସ୍ ଆଣ୍ଡ ଆଥରଟନ୍‌ଙ୍କ ମତରେ – "ଖାଉଟି ଶିକ୍ଷାର ଅର୍ଥ, ଦକ୍ଷତା, ଜ୍ଞାନ ଓ ଅନୁଭବ ହାସଲର ଏକ ପ୍ରକ୍ରିୟା। ଏହା ଦ୍ୱାରା ଖାଉଟି ସଶକ୍ତ ଓ ସମର୍ଥ ହୋଇ ବୁଝିବିଚାରି ନିଜର ଦ୍ରବ୍ୟ ଓ ସେବା କିଣିବାରେ ଉଚିତ ପସନ୍ଦ ଓ ନିର୍ଣ୍ଣୟ ନେଇଥାଏ।" କେବଳ ଆଇନ ତିଆରି କରିଦେଲେ ତାହା ଖାଉଟିଙ୍କୁ ସୁରକ୍ଷିତ କରିପାରିବ ନାହିଁ। ଏହାର ଉପଯୁକ୍ତ ରୂପାୟନ ଲୋଡ଼ା ସେହିଭଳି ଖାଉଟି ସଂପୃକ୍ତ ଆଇନ ବିଷୟରେ ଭଲଭାବେ ଅବଗତ ହେବା ମଧ୍ୟ ଆବଶ୍ୟକ। ତେଣୁ ଗ୍ରାମାଞ୍ଚଳରେ ଖାଉଟି ଶିକ୍ଷା ଓ ସଚେତନତାକୁ ଅଗ୍ରାଧିକାର ଦେଇ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଜାତୀୟ ପ୍ରୟୋଗାତ୍ମକ ଅର୍ଥନୀତି ଗବେଷଣା ଆୟୋଗ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ଦେଶର ଗ୍ରାମାଞ୍ଚଳର ଅଭିବୃଦ୍ଧି ହାର ସହରାଞ୍ଚଳକୁ ଟପିଗଲାଣି। ଆସନ୍ତା ୧୦ବର୍ଷ ପର୍ଯ୍ୟନ୍ତ ଏହି ଧାରା ଅବ୍ୟାହତ ରହିବ। ବର୍ଷକୁ ୫ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଥିବା ୬୨.୯୭ ନିୟୁତ ପରିବାର ମଧ୍ୟରୁ ପ୍ରାୟ ୪୬ଭାଗ ବା ୨୮.୬୮ ନିୟୁତ ଗ୍ରାମାଞ୍ଚଳରେ ବାସ କରନ୍ତି। ଶୀଘ୍ର ବିକ୍ରିବଟା ହେଉଥିବା ଖାଉଟି ସାମଗ୍ରୀ (ଏଫ୍‌ଏମ୍‌ସିଜି) କ୍ଷେତ୍ରରେ ଭାରତର ଗ୍ରାମୀଣ ବଜାର ସହରାଞ୍ଚଳ ବଜାରକୁ ଖୁବ୍ ଶୀଘ୍ର ମାତ୍ ଦେବାକୁ ଯାଉଛି। ଏବେ ଭାରତର ଗ୍ରାମୀଣ




ଉପଭୋକ୍ତାଙ୍କ ବ୍ୟୟ ପରିମାଣ ଦେଶର ମୋଟ୍ ଖାଉଟି ବ୍ୟୟର ୬୦ ଶତାଂଶ। ସେ ଦୃଷ୍ଟିରୁ ଗ୍ରାମୀଣ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆଇନଗତ ଓ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିବାର ସମୟ ଉପଗତ। ଅଧିକରୁ ଅଧିକ କମ୍ପାନୀ ଗ୍ରାମାଞ୍ଚଳ ବଜାରକୁ ପଶି ନିଜର ଆସ୍ଥାନ ଜମାଇବା ପୂର୍ବରୁ ଗ୍ରାମାଞ୍ଚଳ ଖାଉଟିଙ୍କୁ ସେମାନଙ୍କ ଅଧିକାର ବିଷୟରେ ସଚେତନ କରିବା ସହ ସେମାନେ ଜିନିଷ ବା ସେବାଟିଏ କିଣିବାରେ ଯେଉଁ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହାର ମୂଲ୍ୟ ଯେମିତି ସେମାନଙ୍କୁ ମିଳେ ତାହା ନିଶ୍ଚିତ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ନିମ୍ନୋକ୍ତ କେତେକ ପ୍ରସ୍ତାବ ବିଚାର ସାପେକ୍ଷ।

- ଖାଉଟି ଶିକ୍ଷାରେ ମାର୍କେଟ ପ୍ଲେୟାର୍ସ ଓ ଷ୍ଟେକ୍ ହୋଲଡର୍ସମାନଙ୍କୁ ସକ୍ରିୟ ଭାବେ ସଂଶ୍ଳିଷ୍ଟ କରିବାକୁ ପଡ଼ିବ।
- ଖାଉଟି ସଂଗଠନ ଓ ଅନ୍ୟାନ୍ୟ ନାଗରିକ ଗୋଷ୍ଠୀ, ଯେଉଁମାନେ ଖାଉଟି ସ୍ୱାର୍ଥ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଏଥିରେ ସାମିଲ କରି ଖାଉଟି ଶିକ୍ଷା-ସଚେତନତାକୁ ବଢ଼ାଇବାକୁ ହେବ।
- ଖାଉଟି ଶିକ୍ଷା-ସଚେତନତାରେ ଶିଳ୍ପୋଦ୍ୟୋଗ ଓ ବାଣିଜ୍ୟିକ ଅନୁଷ୍ଠାନଗୁଡ଼ିକୁ ସାମିଲ କରିବାକୁ ପଡ଼ିବ।
- ଏଥିରେ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ସଂପୃକ୍ତି ଲୋଡ଼ା।
- ଶିକ୍ଷକ ସଂଘ, ପ୍ରଶିକ୍ଷକ, ପରିବାର ଓ ଅନ୍ୟାନ୍ୟ ଅନୁଷ୍ଠାନର ସହାୟତା ନିଆଯିବା ଆବଶ୍ୟକ।
- ଗଣମାଧ୍ୟମର ଏ କ୍ଷେତ୍ରରେ ଏକ ନିର୍ଣ୍ଣାୟକ ଭୂମିକା ରହିଥିବାରୁ ସବୁ ପ୍ରକାରର ଗଣମାଧ୍ୟମକୁ ଏଥିରେ ସଂପୃକ୍ତ କରାଯିବାର ଆବଶ୍ୟକତା ରହିଛି।

ବିଭ୍ରାନ୍ତିକର ବିଜ୍ଞାପନ, ଅପମିଶ୍ରଣ ଓ ଠକାମି ଆଦି ଦୂର କରିବାରେ ଗଣମାଧ୍ୟମର ଏକ ବିଶେଷ ଭୂମିକା ରହିଛି। ନୂଆ ଜ୍ଞାନ କୌଶଳ ଓ ପ୍ରଯୁକ୍ତିର ସହାୟତା ନେଇ ଉତ୍ପାଦକ, ନିର୍ମାତା ଖାଉଟିଙ୍କୁ ନାନା ଭାବେ ବିଭ୍ରାନ୍ତ କରୁଛନ୍ତି। ଏହି ବିଜ୍ଞାପନରେ ସତ କେତେ, ମିଛ କେତେ ତାହା ଗଣମାଧ୍ୟମ ଲୋକଲୋଚନକୁ ଆଣିବା ଦରକାର। ସୂଚନାଗତ ଅଭାବ ଅଧିକାଂଶ ଦେଶରେ ଗରିବ, ଗ୍ରାମାଞ୍ଚଳ ଲୋକଙ୍କ ଶୋଷଣର କାରଣ ହେଉଛି ବୋଲି ବିଶ୍ୱ ଉନ୍ନୟନ ରିପୋର୍ଟରେ କୁହାଯାଇଛି। ତେଣୁ ସୂଚନା ଯୋଗାଣରେ ଉନ୍ନତି ଆଣି ସେହିସବୁ ଲୋକଙ୍କ ଜୀବନକୁ ବଦଳାଯାଇ ପାରିବ। "ଜାଗୋ ଗ୍ରାହକ ଜାଗୋ" ଖାଉଟିଙ୍କୁ ସଚେତନ କରାଇବାର ଏକ ଭଲ ମାଧ୍ୟମ ହୋଇଥିଲେ ହେଁ ଏଥିରେ ଗ୍ରାମାଞ୍ଚଳ ଗ୍ରାହକ/ଖାଉଟିଙ୍କ ଆଶା-ଆକାଂକ୍ଷା ସମ୍ପୂର୍ଣ୍ଣ ପ୍ରତିଫଳିତ ହୋଇପାରୁନାହିଁ। ତେଣୁ ସେ ଦିଗରେ କାର୍ଯ୍ୟ କରିବାକୁ ହେବ। ସେହିଭଳି ଖାଉଟି ଅଦାଲତ ସମୂହ ଆଶାଜନକ ଭାବେ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ କରିବାରେ ବିଫଳ ହୋଇଛନ୍ତି। କଳାବଜାରୀ, ମହଜୁଦ, କୃତ୍ରିମ ଅଭାବ, ଅପମିଶ୍ରଣ, ମାପ ଓଜନରେ ଠକେଇ ଆଦି ଆଇନତଃ ଦଣ୍ଡନୀୟ ହୋଇଥିଲେ ହେଁ ଏହାକୁ ରୋକିବାରେ ବ୍ୟବସ୍ଥା ବିଫଳ ହୋଇଛି। ତଦାରଖ ଅଭାବ ଓ ପ୍ରବର୍ତ୍ତନ ଜନିତ ତ୍ରୁଟି ଯୋଗୁଁ ଏହା ହେଉଛି। ତେଣୁ କେବଳ ଆଇନ ପ୍ରଣୟନ ନୁହେଁ, ଏହାର ଉଚିତ ରୂପାୟନ ଉପରେ ଖାଉଟି ସ୍ୱାର୍ଥ ସୁରକ୍ଷା ନିର୍ଭର କରୁଛି। ଏଫପିଓ, ଆଗ୍‌ମାର୍କ, ଆଇଏସଆଇ ବ୍ୟବସ୍ଥା ପ୍ରବର୍ତ୍ତନ ସତ୍ତ୍ୱେ ବଜାରରେ ନିମ୍ନମାନର ସାମଗ୍ରୀ ଭର୍ତ୍ତି ହୋଇଛି ଓ ତାହାର ବିକ୍ରିବଟା ଚାଲିଛି।

**ସମାଧାନ ମାର୍ଗ:**

ଏଭଳି ସ୍ଥିତିରେ ଏହି ସମସ୍ୟାର ସମାଧାନ ମାର୍ଗ କ'ଣ ? ପ୍ରଥମ କଥା ହେଲା ତଦାରଖ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସତର୍କ କରିବା ଏବଂ ଆଇନଗତ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରି ଉଭୟ ଦଣ୍ଡବିଧାନ ଓ କ୍ଷତିପୂରଣ ବ୍ୟବସ୍ଥାକୁ ସୁସଂହତ କରିବା। ଜନସଚେତନତା ଓ ଶିକ୍ଷା ବିନା ଖାଉଟି ଆନ୍ଦୋଳନ ସଫଳ ହୋଇପାରିବ ନାହିଁ। ଏହାଛଡ଼ା ଏ କ୍ଷେତ୍ରରେ ଖାଉଟି ସହଯୋଗ ଏକାନ୍ତ ଅପରିହାର୍ଯ୍ୟ। ସଚେତନତା ସୃଷ୍ଟି ପାଇଁ ଖାଉଟି ଓ ଇଣ୍ଟରନେଟ୍‌ର ଉପଯୋଗ କରାଯାଇପାରେ। ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା




ଅଭିଯାନ, ଜାତୀୟ ଡିଜିଟାଲ ମିଶନ୍, ପଞ୍ଚାୟତିରାଜ, ଅଙ୍ଗନବାଡ଼ି ଓ ଅନ୍ୟାନ୍ୟ ବ୍ୟବସ୍ଥାର ଉପଯୋଗ କରାଯାଇପାରେ।

**ଆପତ୍ତି ଶୁଣାଣି ଓ ସମାଧାନ ଗୁରୁତ୍ୱପୂର୍ଣ୍ଣ:**

ଖାଉଟିର ଆପତ୍ତି ଶୁଣି ତାଙ୍କୁ ନ୍ୟାୟ ଦେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଏକ ଉପଯୁକ୍ତ ମଞ୍ଚ ପାଇବା ଖାଉଟି ପାଇଁ ଅଧିକ ଗୁରୁତ୍ୱ ରଖେ। ଅତଏବ ଖାଉଟି ଅଭିଯୋଗ ଶୁଣାଣି ପାଇଁ ଆମକୁ ବାସ୍ତବବାଦୀ ବ୍ୟବସ୍ଥା ଓ ମଞ୍ଚ ଗଠନ କରିବାକୁ ପଡ଼ିବ ଏବଂ ତାହା ଯେପରି ଯଥାର୍ଥ ଭାବେ କାର୍ଯ୍ୟ କରିପାରିବ ସେଥିପାଇଁ ଦୃଷ୍ଟି ଦେବାକୁ ହେବ। ଖାଉଟିର ବିଶ୍ୱାସ ନ'ରହିଲେ ସେ ବିବାଦକୁ ମଞ୍ଚ ବା ଅଦାଲତକୁ ନେବ ନାହିଁ କିମ୍ବା ନ୍ୟାୟ ପାଇଁ ବ୍ୟାକୁଳ ହେବନି। ଏଥିପାଇଁ ବିଶ୍ୱାସ ସୃଷ୍ଟି କରି ବ୍ୟବସ୍ଥା ଗ୍ରହଣର ଆବଶ୍ୟକତା ରହିଛି। ଗ୍ରାମାଞ୍ଚଳ ଭାରତର ବାସ୍ତବତା ଓ ବ୍ୟାପକତାକୁ ବିଚାରକୁ ନେଇ ସେଠାକାର ଖାଉଟିଙ୍କ ଆପତ୍ତି ଅଭିଯୋଗର ଶୁଣାଣି ଓ ସମାଧାନ ପାଇଁ ଭରସାଯୋଗ୍ୟ ବ୍ୟବସ୍ଥା ସରକାରୀ ସ୍ତରରେ ତିଆରି ନ'ହେଲେ ଗ୍ରାମୀଣ ଖାଉଟିଙ୍କ ସ୍ୱାର୍ଥ ଓ ଅଧିକାର ସୁରକ୍ଷିତ ରହିବା ସହଜ ନୁହେଁ; ତେଣୁ ବ୍ୟବସ୍ଥାକୁ ମଜବୁତ ଓ ଅଧିକ କ୍ରିୟାଶୀଳ କରିବା ଆବଶ୍ୟକ।

# ଜାତୀୟ ଗ୍ରାମୀଣ ଆଦିବାସୀ ଯୁବ ସମାବେଶ

ଦେଶ ଓ ଦୁନିଆ ବହୁ ଦ୍ରୁତ ଗତିରେ ବଢ଼ୁଛି। କିଏ କାହାକୁ ପ୍ରଭାବିତ କରୁଛି ତାହା ହେଉଛି ପ୍ରାଥମିକତାର ବିଷୟ । ସମାଜରେ ଶିକ୍ଷା କେଉଁ ଦିଗରେ ଯିବ, ବିଷୟ ବସ୍ତୁ କଣ ରହିବ ଏଥିରେ ଏନସିବିଆରଟିର ଗୁରୁତ୍ୱପର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଜାତୀୟ ଗ୍ରାମୀଣ ଆଦିବାସୀ ଯୁବ ସମାବେଶର ଉଦଘାଟନ ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଗ୍ରାମୀଣ ଆଦିବାସୀ ଯୁବ ସମାବେଶରେ ଯୁବପୀଢ଼ି ନିଜର ବିଚାର, କଳ୍ପନା ଓ ଅଭିନବୀକରଣ ଉପରେ ଆଲୋଚନା କରିବେ । ଏହି ସମ୍ମିଳନୀରୁ ସମାଜକୁ ନୂଆ ଦିଗ ଦେଲାଭଳି କିଛି ବିଚାର ଆଗକୁ ଆସିବ ଏବଂ ସମାଜ ଏହି ସମ୍ମିଳନୀରୁ ଉପକୃତ ହେବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି ।

ଦେଶରେ ପେଟ୍ରୋଲ, ଡିଜେଲ ଓ ଏଲପିଜିରେ ୧୦ ପତିଶ୍ରତ କ୍ୟାସଲେସ ଟ୍ରାଂଜାକ୍ସନ ହେଉଛି । ଆଗାମୀ ୧୦ ବର୍ଷ ପରେ ସମସ୍ତ ଜିନିଷ ମୋବାଇଲ୍ ମାଧ୍ୟମରେ ହେବ ଏବଂ କ୍ୟାସଲେସ୍ ହେବ। ଆମକୁ ନୂଆ ନୂଆ ଉଦ୍ଭାବନ କରିବାକୁ ପଡିବ ଏବଂ ଏଥିରେ ଯୁବପିଢ଼ୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

ଲେଖକ ହେଉଛନ୍ତି ଜଣେ ବ୍ୟବସାୟ ପରାମର୍ଶଦାତା।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଉଟି ସୁରକ୍ଷା


**ଚନ୍ଦ୍ରକାନ୍ତ ଲହରିୟା**

ଖାଉଟି ଜଣେ ବ୍ୟକ୍ତି / ସଂଗଠନ, ଯିଏକି କୌଣସି ଦ୍ରବ୍ୟ କିମ୍ବା ସେବା ନିଜର ବ୍ୟବହାର ପାଇଁ କ୍ରୟ କରିଥାଏ। ଏପରିକି ଡାକ୍ତରୀ ଚିକିତ୍ସା ଓ ପରାମର୍ଶ ନେବା କିମ୍ବା ହସ୍ପିଟାଲରେ ରହିବା ମଧ୍ୟ ଖାଉଟି ସେବା ବ୍ୟବସ୍ଥାର ଅନ୍ତର୍ଭୁକ୍ତ। ଅର୍ଥନୀତିରେ ଦ୍ରବ୍ୟ ଓ ସେବାର ବଦଳ ଜଣକୁ କ୍ରେତା ଓ ଅନ୍ୟକୁ ବିକ୍ରେତାରେ ପରିଣତ କରିଥାଏ। ଏଭଳି କାରବାରର ସ୍ଥିତିରେ ଏ କ୍ଷେତ୍ରରେ କେତେକ ସୂଚନାଗତ ଅମେଳ ଥାଏ। ଯଥା ଗୋଟିଏ ପକ୍ଷର, କ୍ରେତା ବା ବିକ୍ରେତାଙ୍କର ଦ୍ରବ୍ୟ ଏବଂ ସେବା ବାବଦରେ ଅନ୍ୟ ପକ୍ଷଠାରୁ ଅଧିକ ସୂଚନା ଓ ତଥ୍ୟାବଳୀ ଥାଇପାରେ। ଏହି ସୂଚନାଗତ ବିଷମତା ହିଁ ଉଭୟ କ୍ରେତା ଓ ବିକ୍ରେତାଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରେ ଯାହାକୁ ବଜାର ବିଫଳତା କୁହାଯାଏ। ସବୁ ଆଧୁନିକ ସମାଜର ଉଦ୍ଦେଶ୍ୟ ହେଲା ଉଚିତ ମୂଲ୍ୟରେ ଜିନିଷପତ୍ରର କ୍ରୟ ବିକ୍ରୟ ଏବଂ ଏକ କ୍ରିୟାଶୀଳ ବଜାର ବ୍ୟବସ୍ଥାର ପ୍ରବର୍ତ୍ତନ। ତେଣୁ ଉଭୟ ବିକ୍ରେତା / ଉତ୍ପାଦକ ଓ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ଲାଗି ଭାରତ ସମେତ ବିଭିନ୍ନ ସରକାର ବିଭିନ୍ନ ସ୍ତରରେ ପଦକ୍ଷେପମାନ ଗ୍ରହଣ କରିଛନ୍ତି। ଭାରତରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରୋଗୀ ବା ଖାଉଟିର ସ୍ୱାର୍ଥ ରକ୍ଷା ପାଇଁ କି ପ୍ରକାର ବ୍ୟବସ୍ଥାମାନ ଅଛି ଏହି ଲେଖାରେ ତାହା ଉଲ୍ଲେଖ କରାଯାଇଛି।

ଭାରତରେ ୧୯୮୬ରେ ଖାଉଟି ସୁରକ୍ଷା ଆଇନ ପ୍ରବର୍ତ୍ତିତ ହେବା ପରେ ବିଭିନ୍ନ ଅଦାଲତ ଏକାଧିକ ଯୁଗାନ୍ତକାରୀ ରାୟମାନ ଦେଇ ସ୍ୱାସ୍ଥ୍ୟସେବାକୁ ଏହାର ଅନ୍ତର୍ଭୁକ୍ତ କରିଛନ୍ତି। ଫଳରେ ଚିକିତ୍ସା ବ୍ୟବସାୟ, ମେଡିକାଲ, ଦନ୍ତ ଚିକିତ୍ସା, ଛୋଟବଡ଼ ଡାକ୍ତରଖାନା, କ୍ଲିନିକ୍, ନର୍ସିଂହୋମ୍ ଓ ଅନ୍ୟାନ୍ୟ ସଂପୃକ୍ତ ସେବା ଖାଉଟି ସୁରକ୍ଷା ଆଇନର ଧାରା ୨(୧)(୦)ର ଅନ୍ତର୍ଭୁକ୍ତ ହୋଇଛି। ଖାଉଟି ସୁରକ୍ଷା ଆଇନରେ ଦୁଇ ପ୍ରକାର ବ୍ୟବସ୍ଥା ଅଛି। ଗୋଟିଏ ସେବାର ଚୁକ୍ତି ବା କଣ୍ଟ୍ରାକ୍ଟ ଅଫ୍ ସର୍ଭିସ୍ ଏବଂ ଅନ୍ୟଟି ସେବା ପାଇଁ ଚୁକ୍ତି ବା କଣ୍ଟ୍ରାକ୍ଟ ଫର୍ ସର୍ଭିସ୍। ଚିକିତ୍ସା ସେବା ଖାଉଟି ସୁରକ୍ଷା ଆଇନର କଣ୍ଟ୍ରାକ୍ଟ ଫର୍ ସର୍ଭିସ୍ ନିୟମର ଅନ୍ତର୍ଭୁକ୍ତ।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବା ପ୍ରଦାନକାରୀ ବା ଉତ୍ପାଦକ ଓ ଉପଭୋକ୍ତାଙ୍କ ମଧ୍ୟରେ ସ୍ପଷ୍ଟ ବିଭାଗୀକରଣ କରିବା ସେତେ ସହଜ ନୁହେଁ। ସ୍ୱାସ୍ଥ୍ୟ ସେବାରେ ଜନତା ବାହ୍ୟ ହିତାଧିକାରୀ ବା ଖାଉଟି କେବଳ ନୁହଁନ୍ତି; ସେମାନେ ସ୍ୱାସ୍ଥ୍ୟ ସେବାର ସହ ଉତ୍ପାଦକ ମଧ୍ୟ। ଲୋକେ/ରୋଗୀ ଯାହା ବ୍ୟକ୍ତିଗତ ସ୍ତରରେ କରନ୍ତି ତାହା ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବାର ଫଳାଫଳକୁ






ପ୍ରଭାବିତ କରିଥାଏ। ସେମାନଙ୍କର ବ୍ୟବହାର (ଶାରୀରିକ କାର୍ଯ୍ୟ, ମଦ୍ୟପାନ ଓ ତମାଖୁ ବ୍ୟବହାର ଜନିତ ଅଭ୍ୟାସ) ଉପରେ ଅନେକ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟର ସ୍ଥିତି ନିର୍ଭର କରେ। ସେମାନେ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଉଚିତ ଔଷଧ ସେବନ କରିବା ସହ ଚିକିତ୍ସା ବ୍ୟବସ୍ଥାରେ ରହିଲେ ଶୀଘ୍ର ସ୍ୱାସ୍ଥ୍ୟ ଲାଭ କରନ୍ତି ଏବଂ ଏହାର ଫଳାଫଳ ସ୍ୱାସ୍ଥ୍ୟ ସେବା ଉପରେ ଅନୁକୂଳ ପ୍ରଭାବ ପକାଏ।

ଆଉ ମଧ କେତେକ ବିଷୟ ଅଛି ଯାହାର ପ୍ରଭାବ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ସିଧାସଳଖ ପଡ଼େ। ସେସବୁ ହେଲା ଚିକିତ୍ସା ସେବାର ଭିତ୍ତିଭୂମି, ସ୍ୱଳ୍ପ ମୂଲ୍ୟରେ ରୋଗୀଙ୍କୁ ସେବା ଯୋଗାଣ ଓ ସୁଲଭ ମୂଲ୍ୟରେ ଔଷଧ ପତ୍ର ଯୋଗାଣ ବ୍ୟବସ୍ଥା। ଏହା ମଧ୍ୟରୁ ସବୁ ଠିକ୍‌ଠାକ୍ ନ'ହେଲେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥାଏ। ଚିକିତ୍ସକ ଓ ଚିକିତ୍ସା କର୍ମଚାରୀଙ୍କ ଅଭାବ, ଚିକିତ୍ସାରେ ବ୍ୟବହୃତ ଯନ୍ତ୍ରପାତି, ଔଷଧ ଓ ଚିକିତ୍ସାଳୟ ଏ କ୍ଷେତ୍ରରେ ସର୍ବନିମ୍ନ ଆବଶ୍ୟକତା। ରୋଗୀ ଯଦି ତାହାର ଆୟ ବା ଆର୍ଥିକ ସ୍ଥିତି ଭିତରେ ସ୍ୱାସ୍ଥ୍ୟ ସେବାର ସୁଯୋଗ ନେବାରେ ବିଫଳ ହୁଏ ତେବେ ସ୍ୱାସ୍ଥ୍ୟ ସେବାର ଲକ୍ଷ୍ୟ ସାଧିତ ହୁଏ ନାହିଁ।

ଭାରତରେ ଏକ ଗ୍ରହଣଯୋଗ୍ୟ ସ୍ୱାସ୍ଥ୍ୟସେବା ଓ ରୋଗୀଙ୍କ ସାମର୍ଥ୍ୟ ଅନୁସାରେ ସେବା ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ସରକାରୀ ସ୍ୱାସ୍ଥ୍ୟ ମାନକ ଏଥିପାଇଁ ଧାର୍ଯ୍ୟ କରାଯାଇଛି। ଏହାସହିତ କ୍ଲିନିକ୍ ପଂଜୀକରଣ ଓ ନିୟନ୍ତ୍ରଣ ଆଇନ ୨୦୧୦ରୁ ଲାଗୁହୋଇଛି। ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ପାଇଁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଣ ନିମନ୍ତେ ଏଥିରେ ବ୍ୟବସ୍ଥା କରାଯାଇଛି। ଜାତୀୟ ହସ୍‌ପିଟାଲ ଓ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ଅଧିସ୍ୱୀକୃତି ପରିଷଦ (ଏନ୍‌ଏବିଏଚ୍) ଏଥିପାଇଁ ଗଠିତ ହୋଇଛି। ଏହି ପରିଷଦର ନିର୍ଦ୍ଦେଶ ମୁତାବକ ଦେଶରେ ଏକ ସର୍ବନିମ୍ନ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।

**ସାଂପ୍ରତିକ ପ୍ରୟାସ:**

ଯେକୌଣସି ବ୍ୟବସ୍ଥାରେ କେବଳ ଆଇନଗତ ପଦକ୍ଷେପ ବା ଏକମୁଖୀ ପ୍ରକ୍ରିୟା ଦ୍ୱାରା ଖାଉଟି ସୁରକ୍ଷା ନିୟମ ସଫଳତାର ସହ କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏଥିପାଇଁ ଅନ୍ୟାନ୍ୟ ପଦକ୍ଷେପ ଏକାନ୍ତ ଜରୁରୀ। ନିୟନ୍ତ୍ରଣ ବ୍ୟବସ୍ଥା ସହିତ ସ୍ୱାସ୍ଥ୍ୟସେବା ପ୍ରବର୍ତ୍ତନ ବା କାର୍ଯ୍ୟକାରିତାରେ ଦେଖାଦେଉଥିବା ତ୍ରୁଟି ବିଚ୍ୟୁତିର ତଦାରଖ ଏବଂ ସମାଧାନ ପାଇଁ ମଧ ଅନୁରୂପ ବ୍ୟବସ୍ଥା ଗ୍ରହଣକାରୀ କର୍ତ୍ତୃପକ୍ଷ ରହିବା ଆବଶ୍ୟକ। ତେବେ ଯାଇ ସ୍ୱାସ୍ଥ୍ୟସେବା ସଫଳ ହେବ। ଏଭଳି ଅବସ୍ଥାରେ ଯେଉଁମାନେ ସରକାରୀ, ଘରୋଇ କିମ୍ବା ଦାତବ୍ୟ ଚିକିତ୍ସାଳୟରୁ ନିଃଶୁଳ୍କ ଚିକିତ୍ସାସେବା ପାଉଛନ୍ତି ସେମାନେ ଖାଉଟି ଆଇନର ପରିସର ହେବେ କି ନାହିଁ ସେ ନେଇ ବିତର୍କ ଚାଲିଛି। ଏହାସତ୍ତ୍ୱେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଉଟିର ସ୍ୱାର୍ଥରକ୍ଷା ତଥା ରୋଗୀଙ୍କୁ ସୁରକ୍ଷା ଦେବା ପାଇଁ ଭାରତ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଗୁଡ଼ିକ ନିମ୍ନରେ ଦିଆଯାଇଛି।

ଖାଉଟି ସଚେତନତା ସୃଷ୍ଟି ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଉଟିର ଅଧିକାର ସାବ୍ୟସ୍ତ କରିବାରେ ଗଣମାଧ୍ୟମର ଭୂମିକା ଅନସ୍ୱୀକାର୍ଯ୍ୟ। ପାରମ୍ପରିକ ଗଣମାଧ୍ୟମ ସହିତ ସାମାଜିକ ଗଣମାଧ୍ୟମକୁ ଏଥିପାଇଁ ଉପଯୋଗ କରିବାକୁ ପଡ଼ିବ। ସୂଚନା ପ୍ରଯୁକ୍ତିର ବିକାଶ ଯୋଗୁଁ ଗଣ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ଏବଂ ପ୍ରଭାବଶାଳୀ ହୋଇଛି। ମୋବାଇଲଭିତ୍ତିକ ଜ୍ଞାନ ଓ ପ୍ରଯୁକ୍ତି ଏ କ୍ଷେତ୍ରରେ ବିପ୍ଳବ ଆଣିଛି। ତେଣୁ ତାହାର ଉପଯୋଗ କରି ଖାଉଟି ସଚେତନତା ବାର୍ତ୍ତା ପ୍ରେରଣ କରାଗଲେ ତାହା ଅଧିକ ପ୍ରଭାବଶାଳୀ ହେବ। ତେବେ ଏସବୁ ଅତ୍ୟାଧୁନିକ ଜ୍ଞାନକୌଶଳର ଦୁରୂପଯୋଗ ଯେପରି ନ'ହୁଏ ସେଥିପ୍ରତି ସତର୍କ ରହିବାକୁ ପଡ଼ିବ।



୧) କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟ (ପଂଜୀକରଣ ଓ ନିୟନ୍ତ୍ରଣ)-୨୦୧୦ : ଏହି ନିୟମ ଅନୁସାରେ ସବୁ ଚିକିତ୍ସାଳୟ, କ୍ଲିନିକ୍ ସର୍ବନିମ୍ନ ମୌଳିକ ମାନ ରକ୍ଷା କରିବାକୁ ବାଧ୍ୟ। ସେମାନଙ୍କୁ କର୍ତ୍ତୃପକ୍ଷଙ୍କ ନିକଟରେ ପଂଜିକୃତ ହେବାକୁ ପଡ଼ିବ ଓ ନୀତିନିୟମ ପାଳନ କରିବାକୁ ସେମାନେ ଅଙ୍ଗୀକୃତ ହେବେ। ରୋଗୀଙ୍କୁ ଅସାଧୁ ସ୍ୱାସ୍ଥ୍ୟ ସେବା ଯୋଗାଣକାରୀଙ୍କ କବଳରୁ ମୁକ୍ତ କରିବା ଓ ରୋଗୀ ଶୋଷଣକୁ ନିୟମନ୍ତ୍ରଣ କରିବା ଏହି ଆଇନର ପ୍ରମୁଖ ଲକ୍ଷ୍ୟ। ଏହା ଏକ କେନ୍ଦ୍ରୀୟ ଆଇନ। ସ୍ୱଳ୍ପ ସଂଖ୍ୟକ ରାଜ୍ୟ ଏହି ଆଇନକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରିଛନ୍ତି।

୨) ରାଜ୍ୟ ଭିତ୍ତିକ ନିୟନ୍ତ୍ରଣ ଆଇନ : ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ନିୟନ୍ତ୍ରଣ ପାଇଁ ଅନେକ ରାଜ୍ୟ ନିଜ ନିଜର ଆଇନ ପ୍ରଣୟନ କରିଛନ୍ତି। ଏଥିରେ ସର୍ବନିମ୍ନ ସେବା ଯୋଗାଣ, ଖର୍ଚ୍ଚ, ଭିତ୍ତିଭୂମି, ରୋଗୀ ସୁରକ୍ଷା, ନିୟମ ଉଲ୍ଲଙ୍ଘନ କଲେ ଦଣ୍ଡବିଧାନ ଆଦି ବ୍ୟବସ୍ଥା ରହିଛି। ଏହାଦ୍ୱାରା ସ୍ୱାସ୍ଥ୍ୟ ସେବାରେ ଖାଉଟିଙ୍କ ସ୍ୱାର୍ଥ ଅନେକାଂଶରେ ସୁରକ୍ଷିତ ହୋଇପାରିଛି।

୩) ଔଷଧ ମୂଲ୍ୟ ନିୟନ୍ତ୍ରଣ ନିୟମ -୨୦୧୩ : ୧୯୯୫ର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁସାରେ ସରକାର ଔଷଧପତ୍ରର ମୂଲ୍ୟ ନିୟନ୍ତ୍ରଣ ପାଇଁ ଏକ ସରକାରୀ ନିର୍ଦ୍ଦେଶାବଳୀ ଲାଗୁ କରିଛନ୍ତି। ଏହା ବସ୍ତୁତଃ ଏକ ଆଇନ ନ ହେଲେ ମଧ୍ୟ ଏକ ଅଧିନିୟମ। ଏହି ନିୟମ ଅନୁସାରେ ବିଭିନ୍ନ ପ୍ରକାରର ଔଷଧପତ୍ରର ମୂଲ୍ୟ ନିୟନ୍ତ୍ରଣ ଅଧିକାର ସରକାର ପାଇଛନ୍ତି। ଭାରତରେ ସ୍ୱାସ୍ଥ୍ୟସେବାର ମୋଟ୍ ବ୍ୟୟର ଦୁଇ-ତୃତୀୟାଂଶ କେବଳ ଔଷଧ ପାଇଁ ରୋଗୀଙ୍କୁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ସେଦୃଷ୍ଟିରୁ ଔଷଧପତ୍ରର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଭାରତରେ ଗୋଟିଏ ପ୍ରକାରର ଔଷଧ ବିଭିନ୍ନ କମ୍ପାନୀଦ୍ୱାରା ପ୍ରସ୍ତୁତ ହୁଏ ଯାହାର ମୂଲ୍ୟ ଭିନ୍ନଭିନ୍ନ ହୋଇଥାଏ। ତେଣୁ ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥା ଦ୍ୱାରା ରୋଗୀଙ୍କ ସ୍ୱାର୍ଥ ସୁରକ୍ଷିତ ହୋଇପାରୁଛି। ଅତ୍ୟାବଶ୍ୟକ ଔଷଧର ଏକ ତାଲିକା ସରକାର ନିୟମିତ ବ୍ୟବଧାନରେ ପ୍ରସ୍ତୁତ କରି ପ୍ରତ୍ୟେକ ଔଷଧର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେହିଭଳି 'ଷ୍ଟେଣ୍ଟ୍' ଓ ଅନ୍ୟାନ୍ୟ ଉପକରଣର ମୂଲ୍ୟକୁ ସରକାର ନିୟନ୍ତ୍ରିତ କରିବା ସହ ଏହାକୁ ଶସ୍ତା ଓ ସୁଲଭ କରିଛନ୍ତି। ଏହା ଫଳରେ ରୋଗୀ ଅଯଥା ଖର୍ଚ୍ଚ ଓ ଶୋଷଣରୁ ସୁରକ୍ଷିତ ହେଉଛନ୍ତି।

୪) ଗତ କିଛି ବର୍ଷ ଧରି ସରକାର ଜେନେରିକ ଔଷଧ ଅଧିକରୁ ଅଧିକ ପରିମାଣରେ ପ୍ରଚଳନ କରିବାକୁ ଉଦ୍ୟମ କରୁଛନ୍ତି। ଅଯଥା ଦାମୀ / ନାମୀ କମ୍ପାନୀର ଔଷଧ ନ'ଲେଖି ଶସ୍ତା ଓ ସୁଲଭମୂଲ୍ୟରେ ଜେନେରିକ ଔଷଧ ରୋଗୀଙ୍କ ପାଇଁ ଲେଖିବାକୁ ଚିକିତ୍ସକମାନଙ୍କୁ ପରାମର୍ଶ ଦିଆଯାଉଛି। ଏହା ଫଳରେ ରୋଗୀ ଅଯଥା ବ୍ୟୟ ଓ ଶୋଷଣରୁ ରକ୍ଷା ପାଉଛି।

**ଅଧିକ କ'ଣ କରାଯାଇପାରିବ ?:**

ଖାଉଟି ସୁରକ୍ଷା କ୍ଷେତ୍ରରେ ଭାରତର ପ୍ରଗତି ଉଲ୍ଲେଖନୀୟ ହୋଇଛି। ଏହା ସତ୍ତ୍ୱେ ସବୁ କ୍ଷେତ୍ରରେ ଖାଉଟିଙ୍କ ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ କରିବା ପାଇଁ ଦେଶକୁ ଆହୁରି ଯଥେଷ୍ଟ କିଛି ହାସଲ କରିବାକୁ ଅଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ କ'ଣ କରାଯାଇପାରିବ ଏବଂ ରୋଗୀଙ୍କୁ କିପରି ସୁରକ୍ଷିତ ରଖିହେବ ସେଥିପାଇଁ ନିମ୍ନରେ କେତେକ ପ୍ରସ୍ତାବ ବିଚାରଯୋଗ୍ୟ।

ଭାରତରେ ଏକ ଗ୍ରହଣଯୋଗ୍ୟ ସ୍ୱାସ୍ଥ୍ୟସେବା ଓ ରୋଗୀଙ୍କ ସାମର୍ଥ୍ୟ ଅନୁସାରେ ସେବା ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ସରକାରୀ ସ୍ୱାସ୍ଥ୍ୟ ମାନକ ଏଥିପାଇଁ ଧାର୍ଯ୍ୟ କରାଯାଇଛି। ଏହାସହିତ କ୍ଲିନିକ୍ ପଂଜୀକରଣ ଓ ନିୟନ୍ତ୍ରଣ ଆଇନ ୨୦୧୦ରୁ ଲାଗୁହୋଇଛି। ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ପାଇଁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଣ ନିମନ୍ତେ ଏଥିରେ ବ୍ୟବସ୍ଥା କରାଯାଇଛି। ଜାତୀୟ ହସ୍‌ପିଟାଲ ଓ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ଅଧିସ୍ୱୀକୃତି ପରିଷଦ (ଏନ୍‌ଏବିଏଚ୍) ଏଥିପାଇଁ ଗଠିତ ହୋଇଛି। ଏହି ପରିଷଦର ନିର୍ଦ୍ଦେଶ ମୁତାବକ ଦେଶରେ ଏକ ସର୍ବନିମ୍ନ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।

୧) ଏକ ବୃହତ୍ତର ଆଭିମୁଖ୍ୟ ଲୋଡ଼ା : ସ୍ୱାସ୍ଥ୍ୟସେବାରେ ଖାଉଟି ସ୍ୱାର୍ଥ ସୁରକ୍ଷା ପାଇଁ ସବୁଠୁ ବଡ଼ କଥା ହେଲା ଆଇନଗତ ବ୍ୟବସ୍ଥା ଓ ଜନସଚେତନତା। ସ୍ୱାସ୍ଥ୍ୟ ଶିକ୍ଷାର ଏ କ୍ଷେତ୍ରରେ ଏକ ବଡ଼ ଭୂମିକା ରହିଛି। ଲୋକେ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସଚେତନ ହେଲେ ଶୋଷଣରୁ ଅନେକାଂଶରେ ରକ୍ଷା ପାଇପାରିବେ। ତେଣୁ ସ୍ୱାସ୍ଥ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ସାକ୍ଷରତା ଓ ସ୍ୱାସ୍ଥ୍ୟ ସଚେତନତାର ତ୍ରିମୁଖୀ ପ୍ରୟାସ ପ୍ରଥମ ଆବଶ୍ୟକତା।

୨) ନାଗରିକ ସମାଜର ସଂପୃକ୍ତି : ସ୍ୱାସ୍ଥ୍ୟ ସେବା ଓ ରୋଗୀ ସୁରକ୍ଷା କ୍ଷେତ୍ରରେ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାକୁ ଅଧିକ ବ୍ୟାପକ, ପ୍ରଭାବଶାଳୀ ଓ ତ୍ୱରାନ୍ୱିତ କରିବା ପାଇଁ ବେସରକାରୀ ସ୍ତରରେ ସହଯୋଗ ଲୋଡ଼ା। ନାଗରିକ ସମାଜର ପ୍ରତ୍ୟକ୍ଷ ଏବଂ ନିରନ୍ତର ସାହାଯ୍ୟ ସହଯୋଗ ବିନା ଏହି କାମଟି ହୋଇପାରିବ ନାହିଁ। ସହରାଞ୍ଚଳ ଜାତୀୟ ସ୍ୱାସ୍ଥ୍ୟମିଶନ ଅଧୀନରେ ମହିଳା ଆରୋଗ୍ୟ ସମିତି ଓ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଆଶା କର୍ମୀମାନେ କାର୍ଯ୍ୟ କରୁଛନ୍ତି। ନାଗରିକ ସମାଜର ସହଯୋଗ ସେଭଳି ହେଲେ ଏ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ସାଧିତ ହୋଇପାରିବ।

୩) ଗଣମାଧ୍ୟମର ସହଯୋଗ : ଖାଉଟି ସଚେତନତା ସୃଷ୍ଟି ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଉଟିର ଅଧିକାର ସାବ୍ୟସ୍ତ କରିବାରେ ଗଣମାଧ୍ୟମର ଭୂମିକା ଅନସ୍ୱୀକାର୍ଯ୍ୟ। ପାରମ୍ପରିକ ଗଣମାଧ୍ୟମ ସହିତ ସାମାଜିକ ଗଣମାଧ୍ୟମକୁ ଏଥିପାଇଁ ଉପଯୋଗ କରିବାକୁ ପଡ଼ିବ। ସୂଚନା ପ୍ରଯୁକ୍ତିର ବିକାଶ ଯୋଗୁଁ ଗଣ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ଏବଂ ପ୍ରଭାବଶାଳୀ ହୋଇଛି। ମୋବାଇଲଭିତ୍ତିକ ଜ୍ଞାନ ଓ ପ୍ରଯୁକ୍ତି ଏ କ୍ଷେତ୍ରରେ ବିପ୍ଳବ ଆଣିଛି। ତେଣୁ ତାହାର ଉପଯୋଗ କରି ଖାଉଟି ସଚେତନତା ବାର୍ତ୍ତା ପ୍ରେରଣ କରାଗଲେ ତାହା ଅଧିକ ପ୍ରଭାବଶାଳୀ ହେବ। ତେବେ ଏସବୁ ଅତ୍ୟାଧୁନିକ ଜ୍ଞାନକୌଶଳର ଦୁରୂପଯୋଗ ଯେପରି ନ'ହୁଏ ସେଥିପ୍ରତି ସତର୍କ ରହିବାକୁ ପଡ଼ିବ।

୪) ପାଠ୍ୟକ୍ରମ - କଲେଜ ଓ ସ୍କୁଲ ପାଠ୍ୟକ୍ରମରେ ଖାଉଟି ଅଧିକାର ସଂକ୍ରାନ୍ତ ବିଷୟବସ୍ତୁ ପ୍ରବର୍ତ୍ତନର ଆବଶ୍ୟକତା ରହିଛି। ଏହାଦ୍ୱାରା ପିଲାମାନେ ସଚେତନ ହେବା ସହ ସେମାନଙ୍କର ପରିବାର ମଧ୍ୟ ଉପକୃତ ହୋଇପାରିବେ। ବାସ୍ତବ ଜୀବନରେ ଏହି ଶିକ୍ଷା ସେମାନଙ୍କୁ ବିଶେଷ ସାହାଯ୍ୟ କରିବ।

**ଉପସଂହାର:**

ଜନସାଧାରଣ ସ୍ୱାସ୍ଥ୍ୟସେବାର ଅବିଚ୍ଛେଦ୍ୟ ଅଙ୍ଗ; ସେମାନେ କେବଳ ବାହ୍ୟ ହିତାଧିକାରୀ ନୁହଁନ୍ତି। ତେଣୁ ସେଥିପାଇଁ ସ୍ୱାସ୍ଥ୍ୟସେବାକୁ ତଦନୁସାରେ ତିଆରି କରିବାକୁ ହେବ ଏବଂ ଖାଉଟିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇନ ତଆିରି କରିବାକୁ ପଡ଼ିବ। ସ୍ୱାସ୍ଥ୍ୟ କ୍ଷେତ୍ରର ଏକ ବିଚିତ୍ର ସ୍ଥିତି ହେଲା ଏଠାରେ ଜନତା ଉଭୟ ଉପଭୋକ୍ତା ଓ ସେବାର ସହଯୋଗୀ ଉତ୍ପାଦକ। ତେଣୁ ଆଇନପ୍ରସ୍ତୁତ ବେଳେ ଖାଉଟିର ଅଧିକାର ସହିତ କର୍ତ୍ତବ୍ୟ ପ୍ରତି ମଧ୍ୟ ଆବଶ୍ୟକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହି କ୍ଷେତ୍ର ସହିତ ସଂପୃକ୍ତ ସମସ୍ତ ପକ୍ଷଙ୍କୁ ବୈଧାନିକ ଓ ଅଣବୈଧାନିକ ଉଭୟ କ୍ଷେତ୍ରରେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ହେବ। ତେବେ ଯାଇଁ ସ୍ୱାସ୍ଥ୍ୟସେବାରେ ଖାଉଟିର ଅଧିକାର ଓ ସ୍ୱାର୍ଥ ସୁରକ୍ଷିତ ହୋଇପାରିବ। ଭାରତ ସରକାର ନୂଆ ସ୍ୱାସ୍ଥ୍ୟନୀତି-୨୦୧୭ ପ୍ରକାଶ କରିଛନ୍ତି। ଏଥିରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ପ୍ରଦାନ ବ୍ୟବସ୍ଥା ରଖିବାକୁ ବିତର୍କ ଚାଲିଛି। ଲୋକଙ୍କ ପୂର୍ଣ୍ଣ ସହଯୋଗ ନ'ରହିଲେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସଫଳ ହୋଇପାରିବ ନାହିଁ। ଏଥିରେ ଖାଉଟି ସଚେତନତାର ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ।

**ସ୍ୱାସ୍ଥ୍ୟ ସେବା ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ଖାଉଟି (ଆଇନଗତ ବ୍ୟବସ୍ଥା)**

୧) ମାନସିକ ସ୍ୱାସ୍ଥ୍ୟ ଆଇନ-୨୦୧୭

୨) ଏଚ୍.ଆଇ.ଭି / ଏଡ୍ସ ଆଇନ-୨୦୧୭

୩) ଖାଦ୍ୟ ନିରାପତ୍ତା ମାନ ଆଇନ-୨୦୦୬

୪) ମାନବଅଙ୍ଗ ପ୍ରତିରୋପଣ ଆଇନ-୧୯୯୪

୫) ଶିଶୁଖାଦ୍ୟ, ଫିଡିଙ୍ଗ ବୋତଲ ଓ ବିକଳ୍ପ ଶିଶୁଖାଦ୍ୟ ଉତ୍ପାଦନ ଓ ନିୟନ୍ତ୍ରଣ ଆଇନ-୧୯୯୨

୬) ଖାଉଟି ସୁରକ୍ଷା ଆଇନ - ୧୯୮୬

୭) ଖାଦ୍ୟ ଅପମିଶ୍ରଣ ନିରୋଧ ଆଇନ-୧୯୫୪

୮) ଔଷଧ ଓ ପ୍ରସାଧନ ଆଇନ-୧୯୪୦

ଲେଖକ ଦିଲ୍ଲୀ ସ୍କୁଲ ଅଫ୍ ଇକନମିକ୍ସର ଜଣେ ପୂର୍ବତନ ପ୍ରଫେସର।

# ଆପଣ ଜାଣନ୍ତି କି ?


**ଜଳର ହିସାବ ଯାଞ୍ଚ ବା ୱାଟର ଅଡିଟ୍:**

ଜଳ ହିଁ ଜୀବନ। ଏହା ସତ୍ତ୍ୱେ ଏହି ପଦାର୍ଥଟିକୁ ଯେତେ ଗୁରୁତ୍ୱ ଦିଆଯିବା କଥା ତାହା ଆମେ ଦେଉନା; କାରଣ ଆମର ଧାରଣା ଯେ ଏହା ସୁଲଭ ତଥା ପ୍ରଚୁର ପରିମାଣରେ ମିଳୁଛି ଏବଂ ଏହାର ଅଭାବ ନାହିଁ। ଜଳ ସଂରକ୍ଷଣ ପାଇଁ ବିଶେଷ ପ୍ରୋତ୍ସାହନ ମିଳେନା। ବାସ୍ତବତା କିନ୍ତୁ ଭିନ୍ନ। ସମଗ୍ର ଦୃଶ୍ୟପଟ ଏବେ ସଂପୂର୍ଣ୍ଣ ବଦଳିଯାଇଛି। ଜଳାଭାବ ଏବେ ସମଗ୍ର ବିଶ୍ୱର ଏକ ପ୍ରମୁଖ ସମସ୍ୟା। ୨୦୩୦ ବେଳକୁ ବିଶ୍ୱର ମଧୁର ଜଳ ଆବଶ୍ୟକତା ବର୍ତ୍ତମାନ ତୁଳନାରେ ୪୦ ଶତାଂଶ ଅଧିକ ହେବ। ସେତେବେଳକୁ ବିଶ୍ୱର ଅର୍ଦ୍ଧାଧିକ ଜନସଂଖ୍ୟା ଗୁରୁତର ଜଳକଷ୍ଟ ଅଞ୍ଚଳରେ ବାସ କରୁଥିବେ। ଜନସଂଖ୍ୟା ଓ ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଭାରତ ଖୁବ୍‌ଶୀଘ୍ର ଜଳାଭାବ ପରିସ୍ଥିତିର ସମ୍ମୁଖୀନ ହେବ। ତେଣୁ ଉକ୍ତ ଜଳସଂକଟ ସୃଷ୍ଟି ହେବା ପୂର୍ବରୁ ଆମ ସମସ୍ତଙ୍କୁ ଜଳ ନିରାପତ୍ତା ଦିଗରେ ମିଳିତ ଭାବେ କାମ କରିବାକୁ ପଡ଼ିବ। ଏଭଳି ସ୍ଥିତିର ମୁକାବିଲା କରିବାର ମନ୍ତ୍ର ହେଲା ଜଳର ବ୍ୟବହାରକୁ ହ୍ରାସ କରିବା ଏବଂ ଏହାର ଉତ୍ତମ ପରିଚାଳନା ସହ ଅପଚୟ ବନ୍ଦ କରି ପ୍ରତ୍ୟେକ ବିନ୍ଦୁର ସୁବିନିଯୋଗ କରିବା। ଜଳ ଅପଚୟ ରୋକିବା ସହ ଏହାର ଉପଯୁକ୍ତ ବିନିଯୋଗ ପାଇଁ ଜଳ ବ୍ୟବହାରର ହିସାବ ଯାଞ୍ଚ ବା ଅଡିଟ୍ ଏକ ସଫଳ ମାଧ୍ୟମ। ଯେତିକି ପାଣିର ଆବଶ୍ୟକତା ସେତିକି ବ୍ୟବହାର କରିବା ସହ ଅପଚୟ ବନ୍ଦ କରିବାକୁ ହେବ। ଏଥିସହିତ ଜଳର ସଂରକ୍ଷଣ, ପୁନଃ ଉପଯୋଗ ଓ ସୁପରିଚାଳନା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ।



ଏହା ଜଳ ଅଡିଟ୍‌ର ପ୍ରଥମ ଉଦ୍ଦେଶ୍ୟ। ଘରୋଇ, ସରକାରୀ, ଶିକ୍ଷ ସଂସ୍ଥା ଓ ଉର୍ଜା କ୍ଷେତ୍ର ପ୍ରତ୍ୟେକ ସ୍ଥାନରେ ଜଳ ଅଡିଟ୍‌ର ଆବଶ୍ୟକତା ରହିଛି।

ଜଳ ଅଡିଟ୍ ବ୍ୟବସ୍ଥାରେ ଜଳ ବ୍ୟବହାରକାରୀଙ୍କ ପାଇଁ ଆବଣ୍ଟନ ପ୍ରଣାଳୀର ସବିଶେଷ ରୂପରେଖ ରହିଛି। ତଦନୁସାରେ ଜଳ ବ୍ୟବହାର କଲେ ଏହାର ଅପଚୟ ହ୍ରାସ ପାଇବ ଓ ଏହାକୁ ଭବିଷ୍ୟତ ପାଇଁ ବଞ୍ଚାଇ ହେବ।



## ଏହାର ବିଭିନ୍ନ ପର୍ଯ୍ୟାୟ:

ଜଳ ଅଡିଟ୍‌ରେ ବ୍ୟବହାରକାରୀଙ୍କ ପାଇଁ ଜଳ ଉତ୍ସ, ବଣ୍ଟନ, ନେଟୱାର୍କ, ସେବା, ଯୋଗାଣ ଏବଂ ଅତ୍ୟଧିକ ଜଳ / ବ୍ୟବହୃତ ଜଳର ନିଷ୍କାସନ ଆଦିର ଏକ ନକ୍ସା ରହିଛି। ସେଥିରେ ଜଳ ଉତ୍ସର ସାମର୍ଥ୍ୟ ଓ ବ୍ୟବହାରକାରୀଙ୍କ ଆବଶ୍ୟକତାକୁ ହିସାବକୁ ନିଆଯାଏ। ତାହାକୁ ଦୃଷ୍ଟିରେ ରଖି ଜଳ ଉତ୍ତୋଳନ ଓ ପାଇପ ଯୋଗେ ଜଳ ଯୋଗାଣର ବ୍ୟବସ୍ଥା କରାଯାଏ। ଘରୋଇ, ଔଦ୍ୟୋଗିକ ଓ ବ୍ୟବସାୟିକ କ୍ଷେତ୍ରର ଆବଶ୍ୟକତା ଏବଂ ଜଳ ଉତ୍ସର ସାମର୍ଥ୍ୟକୁ ଦେଖି ତଦନୁସାରେ ବଣ୍ଟନ ନୀତି ପ୍ରସ୍ତୁତ ହୁଏ। ସେହିଭଳି ଜଳ ଉତ୍ସର ଜଳସ୍ତରକୁ ବ୍ୟବହାରକାରୀଙ୍କ ଆବଶ୍ୟକତା ଅନୁସାରେ ରଖିବାକୁ ପୁନଃକ୍ଷରଣ, ବର୍ଷା ଜଳର ଅମଳ, ବର୍ଜ୍ୟ ଜଳର ପୁନଃ ପ୍ରକ୍ରିୟାକରଣ ଏବଂ ଜଳସଂରକ୍ଷଣ ବ୍ୟବସ୍ଥାମାନ କରାଯାଇଥାଏ।

## ପ୍ରକ୍ରିୟା ଅଧ୍ୟୟନ:

ଜଳ ଅପଚୟକୁ ରୋକିବା ପାଇଁ ଯୋଗାଣ ପାଇପ ଲାଇନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପ୍ରବାହ ମାପ ବ୍ୟବସ୍ଥା (ଯନ୍ତ୍ର) ଲଗାଯାଏ। ସେହିଭଳି ଜଳର ପୁନଃ କ୍ଷରଣ ଓ ଜଳ ଅମଳ ପାଇଁ ବିଭିନ୍ନ ଉପାୟ କରାଯିବା ସହ ବ୍ୟବହୃତ ଜଳର ପୁନଃ ପ୍ରକ୍ରିୟାକରଣ ନିମନ୍ତେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରି ପରିଷ୍କୃତ ପାଣିକୁ ଉତ୍ସକୁ ଛଡ଼ାଯାଏ। ଲୋକେ ଯେପରି ବିଶୁଦ୍ଧ ପାଣି ଆବଶ୍ୟକତା ଅନୁସାରେ ପାଇବେ ସେଥିପାଇଁ ବିଶୋଧକ ପ୍ଲାଣ୍ଟ କରି ସମୟ ଅନୁସାରେ ନିର୍ଦ୍ଦିଷ୍ଟ ଅବଧି ପାଇଁ ପାଣି ପାଇପ ଯୋଗେ ଯୋଗାଇ ଦିଆଯାଏ। ଯେଉଁଠି ପାଇପ ଲାଇନର ସୁବିଧା ନାହିଁ ସେଠାରେ ଟ୍ୟାଙ୍କର ଯୋଗେ ଦୈନିକ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଏ।

## ଜଳର ମାନ:

ବଣ୍ଟନ ବ୍ୟବସ୍ଥାରେ ବିଶୁଦ୍ଧ ଓ ଉତ୍ତମମାନର ପାଣି ଯୋଗାଣ ହେଉଛି କି ନାହିଁ ତାହାର ମଧ୍ୟ ଆବଶ୍ୟକ ତଦାରଖ ଅଡିଟ୍ ବ୍ୟବସ୍ଥାରେ କରାଯାଇଥାଏ। ସେଥିପାଇଁ ବିଭିନ୍ନ ସ୍ଥାନରେ ପାଇପ ଲାଇନ୍‌ରେ ମାନ ମାପକ ବ୍ୟବସ୍ଥା ରହେ। ଜଳର ମାନକୁ ବିଚାରକୁ ନେଇ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଯାଇଥାଏ ଏବଂ ଏହାର ପ୍ରବାହ ମଧ୍ୟ ମପାଯାଏ।

**ବ୍ୟବସ୍ଥାର ଯାଞ୍ଚ:**

ବିଭିନ୍ନ କ୍ଷେତ୍ରରେ ଜଳର ଉପଯୋଗ ହେଉଛି। କୃଷି, ଶିଳ୍ପ, ଘରୋଇ, ବ୍ୟାବସାୟିକ ଓ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଜଳର ଉପଯୁକ୍ତ ବିନିଯୋଗ ହେଉଛି କି ନାହିଁ ସେ ବ୍ୟବସ୍ଥାର ଯାଞ୍ଚ ମଧ୍ୟ କରାଯାଉଛି। ସଂପୃକ୍ତ କ୍ଷେତ୍ର ବା ଉଦ୍ୟୋଗର ଜଳ ପରିଚାଳନା ଦକ୍ଷତା ଏବଂ ଭିତ୍ତିଭୂମିର ସ୍ଥିତି, ରକ୍ଷଣାବେକ୍ଷଣ ଆଦିକୁ ମଧ୍ୟ ତନଖିବାର ବ୍ୟବସ୍ଥା ରହିଛି। ଆବଶ୍ୟକତାଠାରୁ ଯଦି କିଏ ଅଧିକ ଜଳ ନେଉଥାଏ ଏବଂ ତାହାକୁ ନଷ୍ଟ କରୁଥାଏ ସେଥିପାଇଁ ଯାଞ୍ଚ ବ୍ୟବସ୍ଥା ଅଛି। ଜଳ ମିଟର ବ୍ୟବସ୍ଥାରେ ଶୁଳ୍କ ନିର୍ଦ୍ଧାରଣ କରାଯାଉଥିବାବେଳେ ସମୟକ୍ରମେ ଅଧିକ ବା କମ୍ ଜଳ ବ୍ୟବହାରକାରୀଙ୍କୁ ବ୍ୟବସ୍ଥା ବଦଳାଇବାର ସୁଯୋଗ ଦିଆଯାଇଛି। ଜିଲ୍ଲା, ସହର ବା ଅଞ୍ଚଳ ପାଇଁ ବଲକ୍ ମିଟରିଂ ଏବଂ ଘରୋଇ ଆବଶ୍ୟକତା ପାଇଁ ବ୍ୟକ୍ତିଗତ ମିଟରିଂ ଯୋଗେ ପାଣି ଯୋଗାଣ କରାଯାଇ ମାପ ଅନୁସାରେ ଅର୍ଥ ଆଦାୟ କରାଯାଏ, ଏହା ଫଳରେ ଜଳ ଅପଚୟ ରୋକି ହୁଏ।

**ବର୍ଜ୍ୟ ଜଳ ଅନୁଶୀଳନ:**

ଘରୋଇ ବର୍ଜ୍ୟଜଳ, କୃଷି କ୍ଷେତ୍ରରୁ ଆସୁଥିବା ବଳକା ପାଣି ଏବଂ ଶିଳ୍ପ ସଂସ୍ଥାର ଆବର୍ଜନା ମିଶ୍ରିତ ପାଣିର ମାନକୁ ଯାଞ୍ଚ କରି ଏହା ପରିବେଶ ପ୍ରତି କେତେ ପରିମାଣରେ କ୍ଷତିକାରକ ତାହା ନିର୍ଣ୍ଣୟ କରାଯାଏ। ତଦନୁସାରେ ଏହାର ବିଶୋଧନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ପୁନଃ ପ୍ରକ୍ରିୟାକୃତ ଜଳକୁ ବ୍ୟବହାରରେ ଲଗାଯାଇପାରୁଛି।

**ଜଳ ଅଡିଟ୍ ରିପୋର୍ଟ:**

ଜଳ ଅଡିଟର ସଫଳ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ଉପଯୁକ୍ତ ଯୋଜନା, ଉପଯୁକ୍ତ ମାନର ବ୍ୟବସ୍ଥା ଓ ନୀତିନିୟମ ପ୍ରସ୍ତୁତି ଲୋଡ଼ା। ଏହା ନ'ହେଲେ ଜଳର ପ୍ରକୃତ ଅଡିଟ୍ ହୋଇପାରିବ ନାହିଁ। ବ୍ୟବସ୍ଥା ଠିକ୍ ରହିଲେ ଜଳର ପ୍ରକୃତ ଆବଶ୍ୟକତା, ଅପଚୟ ଓ ବର୍ଜ୍ୟଜଳର ପୁନଃ ପ୍ରକ୍ରିୟାକରଣ ନିମନ୍ତେ ବ୍ୟବସ୍ଥା କରିବା ବିଷୟରେ ସଠିକ ତଥ୍ୟ ମିଳିପାରିବ।

କୃଷି କ୍ଷେତ୍ରରେ ସର୍ବାଧିକ ଜଳ ବା ଏବେ ପ୍ରାୟ ୮୩ ଶତାଂଶ ବ୍ୟବହୃତ ହେଉଛି। ତେଣୁ ଏହି କ୍ଷେତ୍ରରେ ଜଳର ସୁପରିଚାଳନା ଓ ସଂରକ୍ଷଣ ବିଶେଷ ଜରୁରୀ। 'ପ୍ରତି ବିନ୍ଦୁରେ ଅଧିକ ଫସଲ' ଯୋଜନାରେ କେନ୍ଦ୍ର ସରକାର ଅଳ୍ପ ପାଣିରେ ଅଧିକ ଅମଳ ଉପରେ ଯେଉଁ ଗୁରୁତ୍ୱ ଦେଉଛନ୍ତି ତାହା କୃଷି କ୍ଷେତ୍ରରେ ଜଳ ସୁପରିଚାଳନା ଓ ସଂରକ୍ଷଣ ଦିଗରେ ଏକ ଉଚିତ ପଦକ୍ଷେପ। କୃଷି କ୍ଷେତ୍ରରେ ଜଳର ସାମାନ୍ୟ ସୁବିନିଯୋଗ ଓ ସଂରକ୍ଷଣ ହେଲେ ପ୍ରଚୁର ପାଣି ବଞ୍ଚିପାରିବ। ସେହି ବଳକା ପାଣିକୁ ଜଳକଷ୍ଟ ଅଞ୍ଚଳର କୃଷି ପାଇଁ ବ୍ୟବହାର କରିହେବ। କେବଳ କୃଷି କ୍ଷେତ୍ର ନୁହେଁ ଜଳ ଉପରେ ନିର୍ଭରଶୀଳ ପ୍ରତ୍ୟେକ କ୍ଷେତ୍ର ଓ ଉଦ୍ୟୋଗରେ ଜଳର ସୁବିନିଯୋଗ ଓ ସଂରକ୍ଷଣ ହେଲେ ପ୍ରକୃତିର ଏହି ଅମୂଲ୍ୟ ସମ୍ପଦଟି ସୁରକ୍ଷିତ ହୋଇପାରିବ।





# ୧୨୫ କୋଟି ଭାରତୀୟ ଲଢ଼ିଲେ କଳାଧନ ଓ ଦୁର୍ନୀତି ବିରୋଧରେ ଏକ ନିର୍ଣ୍ଣାୟକ ଲଢ଼େଇ ଲଢ଼ିଲେ ଏବଂ ବିଜୟୀ ହେଲେ !

## ବିମୁଦ୍ରାୟନ – ଏକ ଐତିହାସିକ ଓ ବହୁମୁଖୀ ସଫଳତା

### ଭାରତର ସର୍ବାଧିକ ଠାବ :

ଭାରତର ଜନସଂଖ୍ୟାର ୦.୦୦୦୧୧% ଲୋକ ଦେଶର ମୋଟ ଟଙ୍କାର ପ୍ରାୟ ୩୩% ଜମା ରଖିଥିଲେ !

୧୭.୭୩ ଲକ୍ଷ ମାମଲାରେ ଟିକସ ତଥ୍ୟ ଅନୁସାରେ ଅର୍ଥ କାରବାରର ତାଳମେଳ ନାହିଁ।

୨୩.୨୨ ଲକ୍ଷ ଆକାଉଣ୍ଟରେ ସନ୍ଦେହଜନକ ଭାବେ ୩.୬୮ ଲକ୍ଷ କୋଟି ଟଙ୍କା ଜମା କରାଯାଇଛି।

ଉଚ୍ଚ ମୂଲ୍ୟର ନୋଟ ପ୍ରଚଳନ ପରିମାଣ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି।

### ଆତଙ୍କବାଦ ଓ ନକ୍ସଲବାଦକୁ ଶକ୍ତ ଧକ୍କା :

କାଶ୍ମୀରରେ ପଥର ଫିଙ୍ଗା ଘଟଣା ୭୫% ହ୍ରାସ ପାଇଛି

ଉଗ୍ର ବାମପନ୍ଥୀ କାର୍ଯ୍ୟକଳାପ ଓ ହିଂସାକାଣ୍ଡ ୨୦%ରୁ ଅଧିକ କମିଛି

୭.୬୨ ଲକ୍ଷ ନକଲି ନୋଟ୍ ଠାବ ହୋଇଛି।

### ଭାରତୀୟ ଅର୍ଥ ବ୍ୟବସ୍ଥାର ବଡ଼ଧରଣର ସଫେଇ :

କଳାଧନ ଓ ହାୱଲା କାରବାରରେ ଲିପ୍ତ ଅନେକ ସୁପ୍ତ (ସେଲ୍) କମ୍ପାନୀ ଠାବ।

ସେଲ କମ୍ପାନୀ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ କରାଯାଇ ୨.୨୪ ଲକ୍ଷ ଏଭଳି ସଂସ୍ଥାର ପଂଜୀକରଣ ବାତିଲ କରାଯାଇଛି।

ବିମୁଦ୍ରାୟନ ପରେ ୦.୧୭ ହଜାର କୋଟି ଟଙ୍କା କାରବାର କରିଥିବା ୩୫ ହଜାର ସେଲ୍ କମ୍ପାନୀର ୫୮ ହଜାର ବ୍ୟାଙ୍କ ଆକାଉଣ୍ଟ ଠାବ।

### ଔପଚାରିକତା ପାଇଁ ବଡ଼ ସୁଯୋଗ, ଗରିବଙ୍କ ପାଇଁ ଉତ୍ତମ ନିଯୁକ୍ତି :

ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସେମାନଙ୍କ ମଜୁରିର ସିଧା ପ୍ରେରଣ

୧.୦୧ କୋଟି କର୍ମଚାରୀ ଇପିଏଫ୍ଓ ବ୍ୟବସ୍ଥାରେ ପଂଜିକୃତ

ଏସିକ ବ୍ୟବସ୍ଥାରେ ୧.୩ କୋଟି ଶ୍ରମିକ ପଂଜିକୃତ ହେବା ସହ ସାମାଜିକ ନିରାପତ୍ତା ଓ ସ୍ୱାସ୍ଥ୍ୟସେବା ଦ୍ୱାରା ଉପକୃତ

### ବିମୁଦ୍ରାୟନ ଯୋଗୁଁ ଟିକସ ପ୍ରଦାନରେ ଅଭୂତପୂର୍ବ ବୃଦ୍ଧି :

- ନୂଆ ଟିକସଦାତାଙ୍କ ସଂଖ୍ୟାରେ ୨୬.୬% ବୃଦ୍ଧି, ୨୦୧୫-୧୬ରେ ଏହା ୬୬.୫୩ ଲକ୍ଷ ଥିବାବେଳେ ୨୦୧୬-୧୭ରେ ୮୪.୨୧ ଲକ୍ଷକୁ ବୃଦ୍ଧି।
- ଇ-ରିଟର୍ଣ୍ଣ ଫାଇଲ ସଂଖ୍ୟାରେ ୨୭.୯୫% ବୃଦ୍ଧି। ୨୦୧୬-୧୭ରେ ଏହା ୨.୩୫ କୋଟି ଥିବାବେଳେ ୨୦୧୭-୧୮ରେ ୩.୦୧ କୋଟିରେ ପହଞ୍ଚିଛି।

### ସ୍ୱଳ୍ପ ନଗଦ ବ୍ୟବହାର ମନୋବୃତ୍ତି ପ୍ରବର୍ତ୍ତନ କରି ଦେଶର ଅର୍ଥନୀତିକୁ ସ୍ୱଚ୍ଛ କରିବାର ପ୍ରୟାସ :

- ୨୦୧୭ ଅଗଷ୍ଟରେ ଡିଜିଟାଲ କାରବାର ସଂଖ୍ୟା ୧୩୮ କୋଟିରେ ପହଞ୍ଚିଥିବାବେଳେ ୨୦୧୬ ଅଗଷ୍ଟରେ ଏହି ସଂଖ୍ୟା ଥିଲା ୮୭ କୋଟି। ଏ କ୍ଷେତ୍ରରେ ୫୮% ବୃଦ୍ଧି ଘଟିଛି।
- ବିମୁଦ୍ରାୟନ ପର୍ଯ୍ୟନ୍ତ ଦେଶରେ ମୋଟ ପିଓଏସ୍ ସଂଖ୍ୟା ୧୫.୧୧ ଲକ୍ଷ ଥିଲା। ମାତ୍ର ଗୋଟିଏ ବର୍ଷରେ ଅଧିକ ୧୩ ଲକ୍ଷ ପିଏସ୍ଓ ଏଥିରେ ସାମିଲ ହୋଇଛି।

**ବିମୁଦ୍ରାୟନ ପଦକ୍ଷେପ ଫଳରେ କମ୍ ସୁଧ ହାରରେ ଋଣ, ରିୟଲ ଇଷ୍ଟେଟ୍ ମୂଲ୍ୟରେ ହ୍ରାସ, ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକର ଆୟ ବୃଦ୍ଧି ଆଦି ନାନାବିଧ ସୁଫଳ ଲୋକଙ୍କୁ ମିଳିଛି।**

## ବିମୁଦ୍ରାୟନରୁ ଆପଣଙ୍କୁ କ'ଣ ମିଳିଲା ?

ଅଧିକ ଜାଣିବାକୁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ।

# ହସ୍ପିଟାଲିଟି ଉଦ୍ୟୋଗୀମାନଙ୍କ ଦକ୍ଷତା ବିକାଶ ପାଇଁ ଏୟାର୍‌ବିଏନ୍‌ବି ସହ ସ୍ୱାକ୍ଷରିତ ହେଲା ତ୍ରିପାକ୍ଷିକ ଚୁକ୍ତି




କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଦେଶରେ ହସପିଟାଲିଟି ଉଦ୍ୟୋଗୀମାନଙ୍କର ଦକ୍ଷତା ବିକାଶ ପାଇଁ ଏୟାର୍‌ବିଏନ୍‌ବି ସହ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟର ନ୍ୟାସନାଲ ସ୍କିଲ ଡେଭଲପ୍‌ମେଣ୍ଟ କର୍ପୋରେସନ (ଏନଏସଡିସି), ଟୁରିଜିମ ଏଣ୍ଡ ହସପିଟାଲ ସେକ୍ଟର ସ୍କିଲ କାଉନସିଲ (ଟିଏଚଏସସି) ବିଶ୍ୱର ଅଗ୍ରଣୀ ହସପିଟାଲିଟି କମ୍ପାନୀ ଏୟାରବିଏନବି ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ସହଭାଗିତା ଜରିଆରେ ଦକ୍ଷତା ବିକାଶ ମନ୍ତ୍ରଣାଳୟ, ଏୟାରଏନବି, ଏନଏସଡିସି ଓ ଟିଏଚଏସସି ମିଶି ହସପିଟାଲିଟି କ୍ଷେତ୍ରରେ ଉଦ୍ୟୋଗୀ ମାନଙ୍କ ପାଇଁ ଦକ୍ଷତା ବିକାଶ ମଡ୍ୟୁଲ ତିଆରି କରିବେ । ଏହା ମାଧ୍ୟମରେ ହସପିଟାଲିଟି ଉଦ୍ୟୋଗରେ ୫୦ ହଜାର ଉଦ୍ୟମୀଙ୍କ ଦକ୍ଷତା ବିକାଶ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଛି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଭାଗିଦାରୀ ଫଳରେ ଭାରତରେ ଦକ୍ଷତା ବିକାଶ ମିଶନକୁ ତ୍ୱରାନ୍ୱିତ କରାଯାଇ ପାରିବ ଓ ହସପିଟାଲିଟି କ୍ଷେତ୍ରରେ କ୍ଷୁଦ୍ର ହସପିଟାଲିଟି ଉଦ୍ୟୋଗୀ ମାନଙ୍କର ପ୍ରଶିକ୍ଷଣ କ୍ଷେତ୍ରରେ ଲାଭ ମିଳି ପାରିବ । ଭାରତରେ ଘରୋଇ ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି ଓ ଏହି ସହଭାଗିତା ଦ୍ୱାରା ମହିଳା ଓ ଯୁବକ ମାନଙ୍କ ପାଇଁ ଏହି କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି ।

# ଝାରସୁଗୁଡାରେ ଅଏଲ ଟର୍ମିନାଲ ଲୋକାର୍ପିତ




ପୂର୍ବ ଭାରତରେ ଓଡିଶା ଏବଂ ଝାରସୁଗୁଡା ଜିଲ୍ଲାରେ ଅପାର ସମ୍ଭାବନା ଅଛି ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବ ଭାରତ ବିକାଶ ପ୍ରାଥମିକତାରେ ଏହି ଜିଲ୍ଲା ସମ୍ପୂର୍ଣ୍ଣଭାବେ ପୂର୍ବ ଭାରତର ବିକାଶରେ ଏକ ପ୍ରମୁଖ ଅଞ୍ଚଳ ହୋଇପାରିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଝାରସୁଗୁଡା ଠାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇଣ୍ଡିଆନ ଅଏଲ ଟର୍ମିନାଲ ସମେତ ପାରାଦୀପ – ରାୟପୁର– ରାଞ୍ଚି ପାଇପଲାଇନ, ଜଟଣୀର ପରିବର୍ଦ୍ଧିତ ତଥା ଝାଡଖଣ୍ଡର ରାଞ୍ଚି ଅଏଲ ଟର୍ମିନାଲ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ପେଟ୍ରୋଲ, ଡିଜେଲ ଓ କିରୋସିନ ସଡକ ମାର୍ଗରେ ପରିବହନ ପରିବର୍ତ୍ତେ ଏହି ପାଇପ୍‌ଲାଇନ ଯୋଗେ ସହଜରେ ଓ କମ ଖର୍ଚ୍ଚରେ ପରିବହନ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବିକାଶର ପ୍ରମୁଖ ମାପଦଣ୍ଡ ମଧ୍ୟରେ ଶକ୍ତିର ଗୁରୁତ୍ୱ ଯଥେଷ୍ଟ ଅଧିକ ରହିଛି । ଝାରସୁଗୁଡା ଠାରେ ଏହି ଟର୍ମିନାଲକୁ ପାରାଦୀପ – ରାୟପୁର– ରାଞ୍ଚି ପାଇପ୍ ଲାଇନ ଦ୍ୱାରା ସଂଯୁକ୍ତ କରାଯିବ । କାରଣ ଓଡିଶାର ସମ୍ପୂର୍ଣ୍ଣ ପଶ୍ଚିମାଞ୍ଚଳରେ ନିରନ୍ତର ଓ କମ୍ ମୂଲ୍ୟରେ ଇନ୍ଧନ ଯୋଗାଣ ସୁଗମ ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଖୁବ ଶୀଘ୍ର ଏଚ୍‌ପିସିଏଲ୍ ଓ ବିପିସିଏଲ୍ ଦ୍ୱାରା ଆଉ ଗୋଟିଏ ଅଏଲ ଟର୍ମିନାଲ ଝାରସୁଗୁଡା ଜିଲ୍ଲାରେ ପ୍ରତିଷ୍ଠା ହେବ ।

# ସାମ୍ପ୍ରତିକୀ

ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୮୦୦ କୋଟି ଟଙ୍କା ପାଇପ୍‌ଲାଇନ ଓ ଟର୍ମିନାଲରେ ଖର୍ଚ୍ଚ ହେଉଥିବାବେଳେ କେବଳ ଝାରସୁଗୁଡା ଟର୍ମିନାଲ ପ୍ରକଳ୍ପରେ ୧୪୦ କୋଟି ଟଙ୍କା ଖର୍ଚ୍ଚ ହେଉଛି । ପାରାଦୀପ ପରିବର୍ତ୍ତେ ଝାରସୁଗୁଡାରୁ ଟ୍ରକ ଯୋଗେ ଓଡିଶାର ପଶ୍ଚିମାଞ୍ଚଳ ଜିଲ୍ଲାକୁ ପେଟ୍ରୋଲ, ଡିଜେଲ ଓ କିରୋସିନ୍ ଯିବ । ଏହା ଦ୍ୱାରା ସ୍ଥାନୀୟ ଲୋକମାନେ ବ୍ୟବସାୟ ଓ ନିଯୁକ୍ତି ସୁଯୋଗ ପାଇବା ସହ ସ୍ଥାନୀୟ ଅର୍ଥନୀତି ପାଇଁ ଏହା ଦୃଢ ସହାୟକ ହେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବ ଭାରତରେ ଯିବାକୁ ଥିବା ନ୍ୟାଚୁରାଲ ଗ୍ୟାସ ପାଇପଲାଇନ ଉତ୍ତର ପ୍ରଦେଶର ଫୁଲପୁରଠାରୁ ବାହାରି ବିହାର, ଝାରଖଣ୍ଡ, ପଶ୍ଚିମବଙ୍ଗ ଓ ଓଡିଶା ଦେଇ ଯିବାବେଳେ ଝାରସୁଗୁଡା ଜିଲ୍ଲା ମଧ୍ୟ ଏଥିରେ ସଂଯୁକ୍ତ ରହିବ । ପାଇପ ଯୋଗେ ଘରକୁ ପାଣି ଆସିବା ପରି ଘର ଘରକୁ ଶସ୍ତା ମୂଲ୍ୟରେ ରୋଷେଇ ଗ୍ୟାସ୍ ପହଂଚାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଝାରସୁଗୁଡାରେ ନୂଆ ରେଳ ଡିଭିଜନ ଦାବି ପରିପ୍ରେକ୍ଷୀରେ ଓଡିଶାର ଯେଉଁ ଯେଉଁ ଅଂଚଳ ପୂର୍ବ ତଟ ରେଳ ଜୋନ୍ ବାହାରେ ରହିଛନ୍ତି ସେ ଅଂଚଳକୁ ନେଇ ଓଡିଶାରେ ନୂଆ ରେଳ ଜୋନ୍ ଖୋଲିବା ସପକ୍ଷରେ ଶ୍ରୀ ପ୍ରଧାନ ମତ ଦେଇଛନ୍ତି ।

ମୋଦି ସରକାରଙ୍କର ବିକାଶମୂଳକ ଯୋଜନାର ହିସାବ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାର ଆସିବା ବେଳେ ରାଜ୍ୟରେ ମୋଟ କୋଟିଏ ଘରୁ ୨୦ ଲକ୍ଷ ଘରେ ଏଲପିଜି ପହଞ୍ଚିଥିବା ବେଳେ ଏବେ ଏହି ସଂଖ୍ୟା ୫୫ ଲକ୍ଷରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ରାଜ୍ୟରେ ୧୭ ଲକ୍ଷ ମାଗଣା ଏଲପିଜି ସଂଯୋଗ ଯୋଗାଇ ଦିଆ ଯାଇଛି । ୨୦୧୭ ଶେଷ ସୁଦ୍ଧା ଆଉ ଗୋଟିଏ ମାସରେ ସବୁ ଗାଁରେ ବିଜୁଳି ପହଂଚିବାକୁ ଲକ୍ଷ୍ୟ ରଖା ଯାଇଥିବା ବେଳେ ୨୦୧୮ ମସିହା ଶେଷ ସୁଦ୍ଧା ସବୁ ଘରେ ବିଜୁଳି ପହଞ୍ଚା ଯିବାର ଯୋଜନା ତିଆରି କରାଯାଇଛି । ଓଡିଶାରେ ଆଜି ଦିନରେ ୩୦-୩୫ ଲକ୍ଷ ଘରେ ବିଜୁଳି ପହଞ୍ଚି ନ' ଥିବା ପରିପ୍ରେକ୍ଷୀରେ ସବୁ ଘରେ ବିଜୁଳି ପହଞ୍ଚିବ ବୋଲି ମୋଦି ସରକାର ବ୍ୟୟବରାଦ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ସ୍ୱାଧୀନତାର ୭୦ ବର୍ଷ ପରେ ଘରେ ପାଇଖାନା ନ ଥିବା କାରଣରୁ ସୂର୍ଯ୍ୟାସ୍ତ ପରେ ହିଁ ମହିଳାମାନେ ଶୌଚ ହେବା ପାଇଁ ବାହାରୁ ଥିଲେ । ମୋଦି ଗରୀବ ଘରୁ ଆସିଥିବା କାରଣରୁ ଚୁଲି ଧୁଆଁରୁ ମୁକ୍ତି ହେଉ ବା ଘରେ ଶୌଚାଳୟ ପରି ଯୋଜନା ପ୍ରବର୍ତ୍ତନ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ମୋଦିଙ୍କ ଗରୀବ କଲ୍ୟାଣ ଯୋଜନା ଯୋଗୁଁ ସେ ଜନସାଧାରଣଙ୍କ ପ୍ରିୟ ହୋଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ



କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ତାଙ୍କ ସୁନ୍ଦରଗଡ଼ ଜିଲ୍ଲା ୪ ଦିନିଆ ଗସ୍ତ ଅବସରରେ ଯାଇ ରାଜଗାଙ୍ଗପୁର ଓ କୁତ୍ରା ବ୍ଲକରେ ସାଂସଦ ପାଣ୍ଠିରୁ ଅନୁଦାନ କରିଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ମନ୍ତ୍ରୀ ଶ୍ରୀ ଓରାମ ରାଜଗାଙ୍ଗପୁର ପୌରପାଳିକାର ୬ ନମ୍ବର ୱାର୍ଡ଼ ବଗିଚାପଡ଼ା ଠାରେ ୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଗାଧୁଆ ଘାଟର ଶୁଭ ଉଦ୍‌ଘାଟନ କରିଥିଲେ । ପରେ ରାଜଗାଙ୍ଗପୁର ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ୨୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ମିଟିଙ୍ଗ ହଲର ଶୁଭ ଉଦ୍‌ଘାଟନ କରିଥିଲେ ।

ଏହି ଅବସରରେ ଆୟୋଜିତ ଏକ ସଭାରେ ମନ୍ତ୍ରୀ ଶ୍ରୀ ଓରାମ ଉଦ୍‌ବୋଧନ ଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ସୁନ୍ଦରଗଡ଼ର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ । ପୂର୍ବରୁ ଜିଲ୍ଲା ଖଣିଜ ଫାଉଣ୍ଡେସନ ପାଣ୍ଠି ରାଜ୍ୟ

# ସାମ୍ପ୍ରତିକୀ

ସରକାର ଖର୍ଚ୍ଚ ନିଜ ଇଚ୍ଛାମୁତାବକ କରୁଥିଲେ । କିନ୍ତୁ ବର୍ତ୍ତମାନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆସିବା ପରେ ଏହି ନିୟମକୁ ପରିବର୍ତ୍ତନ କରାଯାଇ ଯେଉଁ ଜିଲ୍ଲାରୁ ସଂଗୃହିତ ଖଣିଜ ପାଣ୍ଠି ସେହି ଜିଲ୍ଲାରେ ଖର୍ଚ୍ଚ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଯାହାଫଳରେ ସୁନ୍ଦରଗଡ଼ ଜିଲ୍ଲାରେ ଏହି ଦୁଇ ବର୍ଷରେ ୧୧ଶହ କୋଟି ଟଙ୍କା ଖର୍ଚ୍ଚ ହେବ । ସୁନ୍ଦରଗଡ଼କୁ ଅମୃତ ଯୋଜନା ଓ ରାଉଲକେଲାକୁ ସ୍ମାର୍ଟ ସିଟ୍ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି । ଏହାଦ୍ୱାରା ଜିଲ୍ଲାର ସାମଗ୍ରିକ ଭାବରେ ବହୁତ ଉନ୍ନତି ଘଟିବ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସୁନ୍ଦରଗଡ଼ ଜିଲ୍ଲା ପାଇଁ ୬୦୦ କୋଟି ଟଙ୍କା ବ୍ୟୟରେ ୨୯୨ ଟି ରାସ୍ତା (ଦୀର୍ଘ ୩୦୮ କି.ମି.) ଅର୍ନ୍ତଭୁକ୍ତ କରାଯାଇଛି ବୋଲି ଶ୍ରୀ ଓରାମ ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ଓରାମ ଲି ୍ଲଇ ଠାରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଷ୍ଠି କେନ୍ଦ୍ର ଓ ପାଚେରୀର ଉଦ୍‌ଘାଟନ ଏବଂ କୁତ୍ରା ବ୍ଲକ ଅନ୍ତର୍ଗତ ଫିରିଙ୍ଗଟୋଲା ଠାରେ ଏକ ଗୋଷ୍ଠି କେନ୍ଦ୍ର ଶିଳାନ୍ୟାସ କରିଥିଲେ । ପରେପରେ କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡାରେ ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ ।

ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଯାଇ ଲହୁଣୀପଡ଼ା ଏବଂ ଗୁରୁଣ୍ଡିଆଠାରେ ଗୋଟିଏ ଦିନରେ ୧୦୧ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରଛନ୍ତି । ରାଉଲକେଲା ଭଞ୍ଜଭବନଠାରେ ଅନୁଷ୍ଠିତ ମୁଣ୍ଡାରୀ ଭୂମିଜ ସମାଜର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜର ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବା ସହିତ ଏହି ଭାଷାର ଡ଼ିଜିଟାଲ ହେବା ଆବଶ୍ୟକ ବୋଲି ସେ ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ । ସେମାନଙ୍କ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଦାବି ପୂରଣ ପାଇଁ ସେ ଚେଷ୍ଟା କରିବେ ବୋଲି କହିଥିଲେ । ତତ୍‌ସହିତ ଏହି ସମାଜର ପ୍ରାଚୀର ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେବା ପାଇଁ ଘୋଷଣା କରିଥିଲେ । ସେହପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ରାଉଲକେଲା କଳିଙ୍ଗ ଇଂରାଜୀ ବିଦ୍ୟାଳୟ , ସେକ୍ଟର- ୧୫ ଦ୍ୱାରା ଅନୁଷ୍ଠିତ ବିଜ୍ଞାନ ଓ ହସ୍ତଶିଳ୍ପ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ । ରାଉରକେଲା ଫର୍ଟିଲାଇଜର ଟାଉନସିପ୍‌ସ୍ଥିତ ଇନ୍ଦିରାପାଲିକୁ ଯାଇ ଗତ ଅଗଷ୍ଟ ମାସରେ ଗ୍ୟାସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପରିବାରବର୍ଗଙ୍କୁ ଭେଟି ହିନ୍ଦୁସ୍ଥାନ ପେଟ୍ରୋଲିୟମ କମ୍ପାନୀ ତରଫରୁ ୨୩ ଲକ୍ଷ ୧୫ ହଜାର ଟଙ୍କାର ବୀମା ରାଶିର ଚେକ ପ୍ରଦାନ କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ଓରାମ ଲାଠିକଟା ବ୍ଲକ ଅନ୍ତର୍ଗତ ଫର୍ଟିଲାଇଜର ସାଇମନ୍ଦିର ରାସ୍ତାର କଂକ୍ରିଟକରଣ ପାଇଁ ତାଙ୍କ ସାଂସଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ରାସ୍ତାର ଉଦ୍‌ଘାଟନ କରିଥିଲେ । ସେହପରି ରାଉଲକେଲା ଫର୍ଟିଲାଇଜର ସ୍ଥିତ ଗୋପବନ୍ଧୁ ପ୍ରଗତି ପରିଷଦଠାରେ ତାଙ୍କ ସାଂସଦ ପାଣ୍ଠିରୁ ୩ ଲକ୍ଷର ଟଙ୍କା ବ୍ୟୟରେ ନିର୍ମିତ ସେଡ଼୍‌କୁ ମଧ୍ୟ ଉଦ୍‌ଘାଟନ କରିଥିଲେ ।

# ଓଡିଶାର ଆତ୍ମା କୃଷିରେ ଓ ଓୟୁଏଟିରେ ରହିଛି କୃଷିର ଆତ୍ମା: ଧର୍ମେନ୍ଦ୍ର ପ୍ରଧାନ

ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଓଡିଶାର କୃଷି ବିକାଶର ମୂଳ ପିଣ୍ଡ ହେବାର ଆବଶ୍ୟକତା ଅଛି ବୋଲି ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ ବିପିସିଏଲ ଓ ଓୟୁଏଟି ମଧ୍ୟରେ ଓୟୁଏଟି ଠାରେ ଜୈବ ଇନ୍ଧନ ଚେୟାର ପ୍ରତିଷ୍ଠା ନେଇ ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡିଶାର ପରିବେଶ ସୁରକ୍ଷା ଓ ଓଡିଆ ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ ପାଂଚ କୋଟି ଟଙ୍କା ବ୍ୟୟରେ ଏହି ଚେୟାର ପ୍ରତିଷ୍ଠା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାର ବରଗଡ ଜିଲ୍ଲାରେ ୭୫୦ କୋଟି ଟଙ୍କା ବ୍ୟୟରେ କୃଷି ବର୍ଜ୍ୟରୁ ଇଥାନଲ ପ୍ରସ୍ତୁତ ପାଇଁ ରାଷ୍ଟ୍ରାୟତ ଉଦ୍ୟୋଗ ବିପିସିଏଲ ଏକ ଶିଳ୍ପ ପ୍ରତିଷ୍ଠା କରୁଛି । ବିପିସିଏଲ ସହାୟତାରେ ଓୟୁଏଟି କୃଷକ ମାନଙ୍କୁ ଅଧିକ ଅମଳକ୍ଷମ ଧାନ ସହ ଅଧିକ ଉର୍ଜା ଥିବା ନଡା ଉତ୍ପାଦନ ପାଇଁ ଅନୁସନ୍ଧାନ କରି କୃଷକ ମାନଙ୍କ ରୋଜଗାରରେ ସହାୟତା କରିବା ଏହି ବୁଝାମଣାର ଉଦ୍ଦେଶ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଟଳ ବିହାରୀ ବାଜପେୟୀ ଓ ତତ୍କାଳୀନ ତୈଳ ମନ୍ତ୍ରୀ ରାମ ନାଏକଙ୍କ ନେତୃତ୍ୱରେ ଆଖୁରୁ ଇଥାନଲ ଉତ୍ପାଦନ ହୋଇ ପେଟ୍ରୋଲ-ଡିଜେଲରେ ମିଶ୍ରଣ କରାଯାଉଥିଲା । ଭାରତୀୟ ବୈଜ୍ଞାନିକ ମାନେ କୃଷି ବର୍ଜ୍ୟରୁ ଇଥାନଲ ବାହାର କରିବାର ପ୍ରାମାଣିକ ଜ୍ଞାନକୌଶଳ ଉଦ୍ଭାବନ କରି ସାରିଛନ୍ତି ।

ଦେଶରେ ଆଜି ଦିନରେ ୩ ହଜାର କୋଟି ଲିଟର ଡିଜେଲ- ପେଟ୍ରୋଲର ଆବଶ୍ୟକତା ଥିବା ବେଳେ ୨୦୨୨ ସୁଦ୍ଧା ଏହା ୫ ହଜାର କୋଟି ଲିଟରରେ ପହଂଚିବ । ଯଦି ଦେଶର ଇନ୍ଧନ ଆବଶ୍ୟକତାର ୨୦ ପ୍ରତିଶତ ଦେଶର କୃଷି ବର୍ଜ୍ୟରୁ ଉତ୍ପାଦିତ ହୋଇ ପାରିବ ୭ ଲକ୍ଷ କୋଟି ଟଙ୍କାର ବିଦେଶରୁ ଆମଦାନୀ ହେବାକୁଥିବା ଉତ୍ପାଦରୁ ୧ ଲକ୍ଷ କୋଟି ଟଙ୍କାର ଆମଦାନୀକୁ ବନ୍ଦ କରାଯାଇ ପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଦେଶରେ ହେଉଥିବା ଆଖୁ ଉତ୍ପାଦନରୁ ଏହି ଆବଶ୍ୟକତାକୁ ପୂରଣ କରାଯାଇ ପାରିବ ନାହିଁ । ତେଣୁ ଧାନ ଓ ଅନ୍ୟାନ୍ୟ କୃଷି ବର୍ଜ୍ୟରୁ ଏହି ଉତ୍ପାଦନ ପ୍ରକ୍ରିୟାରେ

# ସାମ୍ପ୍ରତିକୀ

ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହି ପାରିବ ବୋଲି ସେ କହିଛନ୍ତି ।

ଓଡିଶାର ସହରାଂଚଳରେ ସହରୀ ବର୍ଜ୍ୟ ଉପକଣ୍ଠରେ ଫୋପାଡିବା କାରଣରୁ ଯେଉଁ ସାମାଜିକ ବିବାଦ ଓ ପରିବେଶ ପ୍ରଦୂଷଣ ହେଉଛି ଏଥି ପାଇଁ ବିପିସିଏଲ ଆଉ ଏକ ଶିଳ୍ପ ପ୍ରତିଷ୍ଠା କରି ସହରୀ ବର୍ଜ୍ୟରୁ ଇଥାନଲ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହା ସହ ଓୟୁଏଟି ନେତୃତ୍ୱରେ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ କୃଷି ବିପଣନ ସମ୍ବନ୍ଧୀୟ ବିଶ୍ୱ ମାନର ଇନକ୍ୟୁବେସନ ସେଂଟରର ବ୍ୟବସ୍ଥା କରି ଓଡିଶାର କୃଷି ଉତ୍ପାଦନକୁ ବିଶ୍ୱ ବଜାର ସହ ଯୋଡିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଏଥି ପାଇଁ ଆବଶ୍ୟକ ୨୫-୩୦ କୋଟି ଟଙ୍କାର ବ୍ୟବସ୍ଥା ତାଙ୍କ ବିଭାଗ ତରଫରୁ କରାଯିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।

କୃଷି ଓଡିଶାର ଆତ୍ମା ଓ ଓୟୁଏଟିକୁ କୃଷିର ଆତ୍ମା ଭାବରେ ବର୍ଣ୍ଣନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାର ସଦ୍ୟତମ ଇକୋନୋମିକ ସର୍ଭେରେ ଓଡିଶାର ମୋଟ ୩ ଲକ୍ଷ ୮୦ ହଜାର କୋଟି ଜିଡିପିରେ ୨୦ ପ୍ରତିଶତ ଚାଷରୁ ଆସିଛି । କୃଷିରୁ ଆସୁଥିବା ସମୁଦାୟ ଜିଡିପିରୁ ଧାନରୁ ୪୦-୪୧ ପ୍ରତିଶତ,ଜଙ୍ଗଲରୁ ୧୨ ପ୍ରତିଶତ, ଉଦ୍ୟାନ କୃଷିରୁ ୨୨ ପ୍ରତିଶତ. ସାମୁଦ୍ରିକ ଉତ୍ପାଦନରୁ ୮.୫ ପ୍ରତିଶତ ରହିଛି । ଏପରି ପରିସ୍ଥିତିରେ କୃଷିକୁ ନୂଆ ଦୃଷ୍ଟିରେ ଦେଖିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

ଓଡିଶାର କୃଷି ଧାନ ଚାଷ କୈନ୍ଦ୍ରିକ ହୋଇ ରହିଛି । ଆନ୍ଧ୍ରରୁ ମାଛ ଆସୁଛି, ପନି ପରିବା, ଅଣ୍ଡା ଆଦି ଆସୁଛି । ଓଡିଶାରେ ୩୦ରୁ ୩୫ ଲକ୍ଷ ପଂଜୀକୃତ ଚାଷୀ । ଏହା ବାହାରେ ବି ଆଉ କେତେ ପରିବାର କୃଷି ଉପରେ ନିର୍ଭରଶୀଳ ଥିବେ । ଏତେ ସମ୍ଭାବନା ସତ୍ୱେ ଓଡିଶାର ଚାଷୀ ସଂକଟରେ କାହିଁକି ରହିଛି ? ଏହି ମିସିଂ ଲିଙ୍କକୁ ବୁଝି ସେ ଅନୁସାରେ କୃଷି ବିକାଶର ଯୋଜନା ଓ ବଜାର ସଂଯୋଗୀକରଣରେ ଓୟୁଏଟିର ଏକ ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଛନ୍ତି ।

୫୫ ବର୍ଷର ଓୟୁଏଟି କେବଳ ଅନୁସନ୍ଧାନ ଓ ପାଠପଢା ନୁହେଁ କୃଷକର ରୋଜଗାର ବୃଦ୍ଧିରେ ଜ୍ଞାନ ଓ କୌଶଳର ସାର୍ବଜନୀନକରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଓଡିଆ ଯୁବକଙ୍କୁ କେବଳ ଚାକିରି ନୁହେଁ, ଉଦ୍ୟମୀ ହେବାର ଆତ୍ମବିଶ୍ୱାସ ଓ ସୁଯୋଗ ସୃଷ୍ଟି କରିବାର ଆବଶ୍ୟକ ବୋଲି ସେ କହିଛନ୍ତି ।

## ସାମ୍ପ୍ରତିକୀ

# ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ପତ୍ର

ରାଜ୍ୟରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ଆର୍ଥିକ ଅନୁଦାନରେ ପୁରୀରେ ପ୍ରସାଦ ଓ ସ୍ୱଦେଶ ଦର୍ଶନ ଯୋଜନାର ଗତି ମନ୍ଥର ହେବା ନେଇ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ କେ.ଜେ. ଆଲଫୋନ୍ସଙ୍କ ସମୀକ୍ଷା ଓ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ମନ୍ତ୍ରୀ ଶ୍ରୀ ଆଲଫୋନ୍ସଙ୍କୁ ଏକ ପତ୍ର ଲେଖି ଶ୍ରୀ ପ୍ରଧାନ କହିଛନ୍ତି ଡିସେମ୍ବର ୧୯ରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ଅଧିକାରୀ ମାନେ ଓଡିଶାରେ ଚାଲୁଥିବା ମନ୍ତ୍ରଣାଳୟର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ତାଙ୍କୁ ଅବଗତ କରାଇଥିଲେ ।

ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ କହିଛନ୍ତି ଯେ ପ୍ରସାଦ ଯୋଜନାରେ ପୁରୀ ପାଇଁ ୨୬ ମାର୍ଚ୍ଚ, ୨୦୧୫ରେ ୫୦ କୋଟି ଟଙ୍କା ଖର୍ଚ୍ଚ ପାଇଁ ଅନୁମୋଦନ କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଷ୍ଟାଲ ରେଗୁଲାଟେରି ଜୋନ କ୍ଲିୟରାନ୍ସ ମିଳି ନ ଥିବାରୁ ଏହାର ପ୍ରଗତି ମନ୍ଥର ହୋଇଛି । ଏହି ପ୍ରକଳ୍ପର ଅଗ୍ରଗତିକୁ ବ୍ୟକ୍ତିଗତ ଭାବେ ସମୀକ୍ଷା କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

ସେହିପରି ସ୍ୱଦେଶ ଦର୍ଶନ ଯୋଜନାରେ ଗୋପାଳପୁର- ବରକୁଲ-ସାତପଡା- ଚମପଡା କୋଷ୍ଟାଲ ସର୍କିଟର ବିକାଶ ପାଇଁ ୭୬.୪୯ କୋଟି ଟଙ୍କା ଅନୁମୋଦନ କରାଯାଇଛି ଓ ଓଟିଡିସି ଏହାକୁ କାର୍ଯ୍ୟକାରୀ କରୁଛି । ୨୦୧୬ ସେପ୍ଟେମ୍ବର ମାସରେ ଅନୁମୋଦନ କରାଯାଇଥିବା ବେଳେ ଏହାର କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି । ଓଟିଡିସି ଦ୍ୱାରା ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ କାରଣରୁ ଏହି କାମ ବିଳମ୍ବିତ ହେଉଛି । ସ୍ୱଦେଶ ଦର୍ଶନ ଯୋଜନାରେ ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ହସ୍ତକ୍ଷେପ କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ମନ୍ତ୍ରୀ ଶ୍ରୀ କେ.ଜେ ଆଲଫୋନ୍ସଙ୍କୁ ଅନୁରୋଧ କରିଛନ୍ତି ।

ସ୍ୱଦେଶ ଦର୍ଶନ ଯୋଜନା ପାଇଁ ଅତିରିକ୍ତ ପାଂଚଟି ପ୍ରକଳ୍ପକୁ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟକୁ ପ୍ରସ୍ତରବ ପଠାଯାଇଛି । ଓଡିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏହି ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବାକୁ ଶ୍ରୀ ପ୍ରଧାନ ଏହି ପତ୍ରରେ ଅନୁରୋଧ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଦକ୍ଷତା ବିକାଶ ମନ୍ତ୍ରୀ ଭାବେ ସେ ରାଜ୍ୟରେ ହସପିଟାଲିଟି କ୍ଷେତ୍ରରେ ଦକ୍ଷତା ବିକାଶ ନିମନ୍ତେ ଅର୍ଥ ବିନିଯୋଗ କରିବାକୁ ବ୍ୟବସ୍ଥା କରିଛନ୍ତି । ପର୍ଯ୍ୟଟନ ଓ ହସପିଟାଲିଟି କ୍ଷେତ୍ରରେ ଆବଶ୍ୟକୀୟ ଦକ୍ଷତା ବିକାଶ କରିବା ପାଇଁ ଦକ୍ଷତା ବିକାଶ ମନ୍ତ୍ରଣାଳୟ ସହ ଏକ ବିସ୍ତୃତ ସହଭାଗିତା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହା ଦ୍ୱାରା ଯୁବକ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ପର୍ଯ୍ୟଟକମାନଙ୍କ ପାଇଁ ଆବଶ୍ୟକ ମାନବ ସମ୍ବଳର ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ସେ କହିଛନ୍ତି ।

ଏହି ଉଦ୍ୟମକୁ ଆଗକୁ ନେବା ପାଇଁ ଭୁବନେଶ୍ୱର ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଏଣ୍ଡ ଟ୍ରାଭେଲ ମ୍ୟାନେଜମେଂଟ ଠାରେ ମିଳିତ ଭାବେ ସେବା ପ୍ରଦାନକାରୀ ମାନଙ୍କୁ ନେଇ ଏକ ଚିନ୍ତନ ବୈଠକ କରିବାକୁ ଶ୍ରୀ ପ୍ରଧାନ ଏହି ପତ୍ରରେ ଅନୁରୋଧ କରିଛନ୍ତି । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଆଲଫୋନ୍ସଙ୍କ ସହାୟତାରେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଆସିଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ଦୃତ ହେବ ବୋଲି ଶ୍ରୀ ପ୍ରଧାନ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ।


ପ୍ରକାଶନ ବିଭାଗ ପାଖରେ ରହିଛି ୨୦୦ରୁ ଊର୍ଦ୍ଧ୍ୱ ଇ-ପୁସ୍ତକ
ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ
ବିକ୍ରୟ :
play. google.com
kobo.com
amazon.in
BUILDERS OF MODERN INDIA
Lokmanya Bal Gangadhar Tilak
THE GOSPEL OF BUDDHA
SARDAR PATEL
A PICTORIAL BIOGRAPHY
GREAT MEN GREAT DEEDS
AFTER PARTITION
ऐसे थे बापू
विवेकानन्द चित्रावली
BELIEF IN THE BALLOT
LEGENDS OF INDIAN SILVER SCREEN
Art & Science of PLAYING TABLA
Vijay Shanker Mishra
ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଇ-ପୁସ୍ତକ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚୀ: Publicationsdivision.nic.inରେ ଉପଲବ୍ଧ

**YOJANA (Odia) : Monthly** **December 2017** **RNI No. 57203/93**
ISSN 0971-8346
**Total Number of Pages (76)**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସୁଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash